# ଧରିତ୍ରୀ DHARITRI

ସମ୍ବଲପୁର, ବୁଧବାର, ଜାନୁୟାରୀ ୨/୨୦୧୯ (୨୦ ପୃଷ୍ଠା) Sambalpur, Wednesday, January 2/ 2019 ★★

୧୫ଶ ଭାଗ ୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






KP GROUP
Quality Since 1965
ବର୍ଷ ବିତି ଚାଲିଲା
ବିଶ୍ୱାସ
ବଢ଼ି ଚାଲିଲା
54 ବର୍ଷରେ ପ୍ରତ୍ୟେକ ଜିନିଷର ଅର୍ଥ ବଦଳି ଯାଇଛି,
ମାପଦଣ୍ଡ ବଦଳି ଯାଇଛି,
ଏପରିକି ଦୁନିଆ ହିଁ ବଦଳି ଯାଇଛି, କିନ୍ତୁ
କମଲା ପସନ୍ଦ
ର ଉତ୍କୃଷ୍ଟତାର ମାପଦଣ୍ଡ ବଦଳି ନାହିଁ ।
कमला पसन्द
20% EXTRA
अनोखा स्वाद
कमला पसन्द
कमला पसन्द
Anokha Swad
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। (NOTFORMINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : YouTube

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଜାନୁୟାରୀ ୨/୨୦୧୯ Sambalpur, Wednesday, January 2/ 2019






## ଦାୟିତ୍ୱ ଗ୍ରହଣ କଲେ ପ୍ରଣବ କୁମାର

କେନ୍ଦ୍ରୀୟ ପରୋକ୍ଷ ତଥା ସୀମା ଟିକସ ବୋର୍ଡ(ସିବିଆଇସି) ଅଧକ୍ଷ ଭାବେ ବରିଷ୍ଠ ଓଡ଼ିଆ ଅଧିକାରୀ ପ୍ରଣବ କୁମାର ଦାସ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି।

୧୫

୧୧

## ଭେନସ୍‌ଙ୍କ ବିଜୟ ଅଭିଯାନ

ଆମେରିକାର ଷ୍ଟାର ଟେନିସ ଖେଳାଳି ଭେନସ୍ ୱିଲିୟମ୍ସ ଭିକ୍ଟୋରିଆ ଆଜାରେଙ୍କାଙ୍କୁ ପରାସ୍ତ କରି ଅକ୍‌ଲାଣ୍ଡ କ୍ଲାସିକରେ ତାଙ୍କ ବିଜୟ ଅଭିଯାନ ଆରମ୍ଭ କରିଛନ୍ତି ।








## ୧୯ ସହରରେ ପାରଦ ୧୦ ଡିଗ୍ରୀ ତଳେ

**ଭୁବନେଶ୍ୱର,୧।୧(ବ୍ୟୁରୋ)**

ଗତ କିଛିଦିନ ହେବ ସମଗ୍ର ରାଜ୍ୟକୁ ଶୀତ ଥରାଉଛି। ଦିନ ଓ ରାତିରେ କୌଣସି ଫରକ ପଡୁନାହିଁ। ଶୀତବସ୍ତ୍ର ବ୍ୟତୀତ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ପାରଦ ୪ ଡିଗ୍ରୀ ତଳକୁ ଖସି ଯାଉଛି। ପ୍ରଚଣ୍ଡ ଶୀତରେ ଦେହମୁଣ୍ଡ କୋଲା ମାରି ଯାଉଛି। ମଙ୍ଗଳବାର ରାଜ୍ୟର ୨୦ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଉତ୍ତର-ପୂର୍ବ ଦିଗରୁ ପ୍ରବାହିତ ଶୀତଳ ବାୟୁ ରାଜ୍ୟବାସୀଙ୍କୁ କାଲୁଆ କରିପକାଇଛି। ସଞ୍ଜ ହେବା ମାତ୍ରେ ମାଡିଆସୁଛି ଶୀତ। ସକାଳ ୧୧ଟା ଯାଏ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଦାରିଙ୍ଗବାଡ଼ିର ☞ପୃଷ୍ଠା-୨



ନୂଆବର୍ଷ ୨୦୧୯ର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ ।

**ଆଜିର ସମ୍ପାଦକୀୟ**

**ସ୍ଥାନୀୟଙ୍କୁ ଗୁରୁତ୍ୱ**

**ଆଜିର ମନ୍ତବ୍ୟ**

"ଉଭୟ ବାହ୍ୟ ଓ ଆଭ୍ୟନ୍ତରୀଣ ନିରାପତ୍ତା କ୍ଷେତ୍ରରେ ଭାରତ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି।

**-ଜେନେରାଲ ବିପିନ ରାୱତ୍, ସ୍ଥଳସେନା ମୁଖ୍ୟ**

**କିଛି ତଥ୍ୟ**

୨୦୧୮-୧୯ ମାର୍କେଟିଂ ଋତୁରେ ସରକାର ୨୩୮.୮ ଲକ୍ଷ ଟନର ଚାଉଳ ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି। **- ଏଫ୍‌ସିଆଇ**






# ୬ ସହରର ପ୍ରଦୂଷଣ ସଙ୍ଗିନ

**ଭୁବନେଶ୍ୱର,୧।୧(ବ୍ୟୁରୋ)**

**ଭୁବନେଶ୍ୱର, କଟକ, ବାଲେଶ୍ୱର, ଅନୁଗୋଳ, ରାଉରକେଲା ଏବଂ ତାଳଚେରରେ ଶ୍ୱାସରୁଦ୍ଧ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା। ଏୟାର କ୍ୱାଲିଟି ଇଣ୍ଡେକ୍ସ ୨୦୦ ଟପିଲାଣି।**

ଦେଶର ରାଜଧାନୀ ନୂଆଦିଲ୍ଲୀ ଭଳି ଓଡ଼ିଶାର ୬ ପ୍ରମୁଖ ସହର ଭୁବନେଶ୍ୱର, କଟକ, ବାଲେଶ୍ୱର, ଅନୁଗୋଳ, ରାଉରକେଲା ଏବଂ ତାଳଚେରର ପ୍ରଦୂଷଣ ସଙ୍ଗିନ୍ ହେଲାଣି। ନିର୍ମାଣ କାର୍ଯ୍ୟ ସାଙ୍ଗକୁ ଯାନବାହନ ବୃଦ୍ଧି ଓ ଶିଳ୍ପାଞ୍ଚଳରୁ ବାହାରୁଥିବା ଧୂଆଁ ମିଶା ଧୂଳି ପରିବେଶକୁ ବିଗାଡ଼ିବାରେ ଲାଗିଛି। ଧୂଳିମିଶା ଧୂଆଁ ସହରାଞ୍ଚଳ ଜନସ୍ୱାସ୍ଥ୍ୟକୁ ଅତି ଭୟଙ୍କର ଭାବେ ବିପଦ ଆଡ଼କୁ ଠେଲି ନେଇଯାଉଛି। ସରକାର, ଜନସାଧାରଣ ସଚେତନ ହେଉ ନ ଥିବାରୁ ପ୍ରଦୂଷଣ ବେଳକୁବେଳ ଅଣାୟତ୍ତ ହେବାକୁ ଲାଗିଲାଣି। ଏହି ୬ ସହରର ପରିବେଶ ଆଉ କିଛିବର୍ଷ ମଧ୍ୟରେ ଶ୍ୱାସରୁଦ୍ଧ ଅବସ୍ଥାକୁ ଆସିଯିବା ନେଇ ପରିବେଶବିତ୍ ସତର୍କ କରାଇଲେଣି। ଉକ୍ତ ସହରାଞ୍ଚଳରେ ବଢୁଥିବା ପ୍ରଦୂଷଣକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଧୂଳିଜନିତ ପ୍ରଦୂଷଣକୁ ରୋକା ନ ଗଲେ ସହରାଞ୍ଚଳରେ ଶୁଦ୍ଧବାୟୁ ପାଇବା ସାତସପନ ହୋଇଯିବ।

ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ସହରଗୁଡ଼ିକରେ ଧୂଳିର ପରିମାଣ ଗତ ୧୦ ବର୍ଷ ମଧ୍ୟରେ ୩୦ରୁ ୪୫% ବଢିଯାଇଛି। ବାୟୁମଣ୍ଡଳରେ ପ୍ରତି କ୍ୟୁବିକ୍ ମିଟରରେ ୬୦ ମାଇକ୍ରୋଗ୍ରାମ ଧୂଳିକଣା ରହିଲେ ତାହା ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରି ନ ଥାଏ। ତେବେ ଭୁବନେଶ୍ୱରରେ ୨୦୦୮ରେ ପ୍ରଦୂଷଣମାତ୍ରା ୨୫.୯% ଥିବାବେଳେ ୨୦୧୭ରେ ଏହା ୪୫%କୁ ବୃଦ୍ଧିପାଇଛି। ସେହିପରି ଅନୁଗୋଳରେ ୨୦୦୮ରେ ଏହା ୨୮.୯୫% ଥିବାବେଳେ ୨୦୧୭ରେ ୩୪.୧୬%, ତାଳଚେର ୯.୬୫% ଥିବାବେଳେ ୨୦୧୭ରେ ୪୫%, ବାଲେଶ୍ୱରରେ ୩% ଥିବାବେଳେ



- **ନୂଆଦିଲ୍ଲୀକୁ ବଳିଯିବ**
- **ଏନ୍‌ଜିଟି କ୍ଷୁବ୍ଧ**
- **ଆକ୍ସନ ପ୍ଲାନ ପ୍ରସ୍ତୁତ କଲେ ରାଜ୍ୟ ସରକାର**

୨୦୧୭ରେ ୬.୨୫%କୁ ବୃଦ୍ଧି ପାଇଛି। କଟକ ଓ ରାଉକେଲାରେ ପ୍ରଦୂଷଣମାତ୍ରା କମିଥିଲେ ମଧ୍ୟ ଚିନ୍ତାଜନକ ରହିଛି। ୨୦୦୮ରେ କଟକରେ ୨୮% ଥିବାବେଳେ ୨୦୧୭ରେ ୨୫.୯୫% ଏବଂ ରାଉରକେଲାରେ ୫୪% ଥିବାବେଳେ ୪୫%କୁ ହ୍ରାସ ପାଇଛି।

କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ସ୍ୱାସ୍ଥ୍ୟ ପାଇଁ ଜାରି କରାଯାଇଥିବା ପରାମର୍ଶ (ଆଡଭାଇଜରି) ଅନୁଯାୟୀ ଏୟାର କ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ୦-୫୦ ମଧ୍ୟରେ ରହିଲେ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ନୁହେଁ। ତେବେ ଏହି ପରିମାଣ ୫୧ରୁ ୧୦୦ ହେଲେ ପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେବ। ଶ୍ୱାସରୋଗୀ ଏବଂ ହୃଦ୍‌ରୋଗୀ, ଶିଶୁ, ଗର୍ଭବତୀ ମହିଳା ଏବଂ ବୃଦ୍ଧାବୃଦ୍ଧମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଏହି ଇଣ୍ଡେକ୍ସ ୪୦୧ରୁ ୫୦୦ ହେଲେ ସ୍ୱାସ୍ଥ୍ୟବାନ ଲୋକମାନେ ମଧ୍ୟ ରୋଗାକ୍ରାନ୍ତ ହୋଇପଡ଼ିବେ। ତେବେ ଉପରୋକ୍ତ ସହରାଞ୍ଚଳରେ ଏକ୍ୟୁଆଇ ୨୦୦ରୁ ଟପିଗଲାଣି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଏ ଦିଗରେ ତତ୍ପର ହୋଇଛନ୍ତି। ପ୍ରଦୂଷଣକୁ କିପରି ନିୟନ୍ତ୍ରଣ କରାଯିବ ସେ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ବିସ୍ତୃତ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ଏହି ପ୍ଲାନକୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ନିକଟକୁ ପଠାଯାଇଛି। ସିପିସିବି ଅନୁମୋଦନ ମିଳିବା ପରେ ତାହାକୁ ଉକ୍ତ ୬ ସହରରେ କାର୍ଯ୍ୟକାରୀ କରାଯିବ। ପ୍ରତ୍ୟେକ ସହରର ☞ପୃଷ୍ଠା-୨

ରାମମନ୍ଦିର ଅଧ୍ୟାଦେଶ ନେଇ ମୋଦି କହିଲେ

# ନ୍ୟାୟିକ ପ୍ରକ୍ରିୟା ଶେଷ ହେଉ

**ନୂଆଦିଲ୍ଲୀ,୧।୧**

ଅଯୋଧ୍ୟାସ୍ଥିତ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦର ଶୁଣାଣି କେବେ ଆରମ୍ଭ ହେବ ସୁପ୍ରିମକୋର୍ଟ ସେନେଇ ଏଇ ସପ୍ତାହରେ ଘୋଷଣା କରିବେ। ଏହି ମାମଲା ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ ଥିବାରୁ ନ୍ୟାୟିକ ପ୍ରକ୍ରିୟା ଶେଷ ହେବା ପରେ ଏ ସଂକ୍ରାନ୍ତ ଅଧ୍ୟାଦେଶ ନେଇ କେନ୍ଦ୍ର ସରକାର ବିଚାର କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆବର୍ଷରେ ଏହା ସ୍ପଷ୍ଟ କରିଛନ୍ତି। ମୋଦି ଏକ ଜାତୀୟ ନ୍ୟୁଜ୍ ଏଜେନ୍ସିକୁ ମଙ୍ଗଳବାର ସାକ୍ଷାତ୍‌କାର ଦେଇ ରାମମନ୍ଦିର ସମ୍ପର୍କରେ ନୀରବତା ଭଙ୍ଗ କରିଛନ୍ତି। ସେ କହିଛନ୍ତି, ଅଯୋଧ୍ୟା ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ଯାଏ ଏନେଇ ଅଧ୍ୟାଦେଶ ଜାରି କରାଯାଇ ପାରିବ ନାହିଁ। ନ୍ୟାୟିକ ପ୍ରକ୍ରିୟା ଶେଷ ହେବା ପରେ ସରକାର ନିଜ ଦାୟିତ୍ୱ ତୁଲାଇବାକୁ ଯାଇ ☞ପୃଷ୍ଠା-୨



- **ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିବା ଯାଏ ଅଧ୍ୟାଦେଶ ଆଣିବନାହିଁ କେନ୍ଦ୍ର**
- **ବିଚାର ପ୍ରକ୍ରିୟାକୁ ୭୦ ବର୍ଷ ଧରି ବାଧା ଦେଇଛି କଂଗ୍ରେସ**

## ବିଶିଷ୍ଟ ଅଭିନେତା କାଦର ଖାନ୍‌ଙ୍କ ପରଲୋକ

**ମୁମ୍ବାଇ,୧।୧(ଆଇଏଏନ୍ଏସ୍)**

ବଲିଉଡ୍‌ର ବରିଷ୍ଠ ଅଭିନେତା, ନିର୍ଦ୍ଦେଶକ, ଲେଖକ ତଥା ହାସ୍ୟାଭିନେତା କାଦର ଖାନ୍ ଆଉ ଇହଜଗତରେ ନାହାନ୍ତି। ଦୀର୍ଘଦିନ ଧରି ଶ୍ୱାସଜନିତ ରୋଗରେ ପୀଡ଼ିତ ଥାଇ କାନାଡାସ୍ଥିତ ଟରଣ୍ଟୋ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବାବେଳେ ମଙ୍ଗଳବାର ଭୋର ୪ଟା (ଭାରତୀୟ ସମୟ)ରେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା। ତାଙ୍କର ସ୍ତ୍ରୀ ହାଜରା, ପୁଅ ସରଫ୍‌ରାଜ୍, ବୋହୂ ଏବଂ ନାତିନାତୁଣୀମାନେ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଅନ୍ତ୍ୟେଷ୍ଟିକ୍ରିୟା ଟରଣ୍ଟୋ କବରସ୍ଥଳୀଠାରେ ଅନୁଷ୍ଠିତ ହେବ। ଖାନ୍‌ଙ୍କଅବସ୍ଥା ଅତ୍ୟନ୍ତ ସଂକଟଜନକ ଥିବାରୁ ତାଙ୍କୁ ☞ପୃଷ୍ଠା-୨




**CBSE**
**Exam Mate**
**ପୃଷ୍ଠା-୧୩**



NECC NATIONAL EGG CO-ORDINATION COMMITTEE 01.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 75 | 126 | 136 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


## ଆନ୍ଧ୍ର ପାଇଲା ହାଇକୋର୍ଟ

**ଅମରାବତୀ,୧।୧(ପି.ଟି.)**

ତେଲେଙ୍ଗାନା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବାର ସାଢ଼େ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିବା ପରେ ଆନ୍ଧ୍ରପ୍ରଦେଶକୁ ମିଳିଛି ହାଇକୋର୍ଟ। ନୂଆ ବର୍ଷରେ ଆନ୍ଧ୍ରପ୍ରଦେଶରେ ନୂଆ ହାଇକୋର୍ଟ ଆରମ୍ଭ ହୋଇଛି। ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଇଏସ୍‌ଏଲ୍ ନରସିଂହା ମଙ୍ଗଳବାର ବିଜୟୱାଡ଼ାରେ ଆୟୋଜିତ ଏକ ଉତ୍ସବରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସି. ପ୍ରବୀଣ କୁମାର ଏବଂ ଅନ୍ୟ ୧୩ ବିଚାରପତିଙ୍କୁ ଶପଥପାଠ କରାଇଛନ୍ତି।

ଜାନୁୟାରୀ ୧ରୁ ଆନ୍ଧ୍ରପ୍ରଦେଶରେ ସ୍ୱତନ୍ତ୍ର ଭାବେ ହାଇକୋର୍ଟ କାର୍ଯ୍ୟକ୍ଷମ ହେବ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗତ ୨୭ ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ୨୦୧୪ ଜୁନ୍ ୨ରେ ଆନ୍ଧ୍ରପ୍ରଦେଶରୁ ଅଲଗା ହୋଇ ତେଲେଙ୍ଗାନା ସ୍ୱତନ୍ତ୍ର ରାଜ୍ୟ ଗଠନ ହେବା ଦିନଠାରୁ ଦୁଇ ରାଜ୍ୟ ପାଇଁ ଗୋଟିଏ ହାଇକୋର୍ଟ ଥିଲା। ଏହା ତେଲେଙ୍ଗାନା ରାଜଧାନୀ ହାଇଦ୍ରାବାଦରେ ଅବସ୍ଥିତ। ଆନ୍ଧ୍ର ହାଇକୋର୍ଟକୁ ମିଶାଇ ଦେଶରେ ହାଇକୋର୍ଟ ସଂଖ୍ୟା ୨୫ରେ ପହଞ୍ଚିଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ☞ପୃଷ୍ଠା-୨




# ସବୁ ଦଳ ନିର୍ବାଚନୀମୁହାଁ

**ଭୁବନେଶ୍ୱର,୧।୧(ବ୍ୟୁରୋ)**

ଦିନ ଗଡ଼ିବା ସହ କ୍ୟାଲେଣ୍ଡର ବଦଳିଛି। ସାଧାରଣ ନିର୍ବାଚନକୁ ପାଖାପାଖି ୧୦୦ ଦିନ ରହିଥିବା କୁହାଯାଉଛି। ଏବେଠୁ ରାଜ୍ୟର ସମସ୍ତ ରାଜନୈତିକ ଦଳ ନିର୍ବାଚନ ପାଇଁ ସଜବାଜ ହେଲେଣି । ରାଜ୍ୟରେ ଏକ ସଙ୍ଗରେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ହେବାକୁ ରହିଛି। ତେଣୁ ରାଜନୀତି ଦିନକୁ ଦିନ ସରଗରମ ହେବାରେ ଲାଗିଛି। ଶାସକ ବିଜେଡି ପାଇଁ କ୍ଷମତା ବଜାୟ ରଖିବା ମୁଖ୍ୟ ଆହ୍ୱାନ ହୋଇଛି। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ନିଜ ଅସ୍ତିତ୍ୱକୁ ବଞ୍ଚାଇ ପୂର୍ବ ସଫଳତା ବଜାୟ ରଖିବାକୁ ସମ୍ଭବତଃ ଚେଷ୍ଟା କରିବ। ସେହିପରି ୨୦୧୭ ପଞ୍ଚାୟତ ନିର୍ବାଚନ ବେଳର ସଫଳତାକୁ ସାଧାରଣ ନିର୍ବାଚନରେ ପ୍ରତିଫଳିତ କରିବା ଭାଜପା ପାଇଁ ଚ୍ୟାଲେଞ୍ଜ ହେବ।

ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୟୂରଭଞ୍ଜ ଜିଲାର ବାରିପଦା ଗସ୍ତରେ ଆସୁଛନ୍ତି। ସେ କିଛି ସରକାରୀ ଉଦ୍‌ଘାଟନ କାର୍ଯ୍ୟକ୍ରମ ସହ ଦଳୀୟ ସାଧାରଣ ସଭାରେ ଯୋଗାଦେବାର କାର୍ଯ୍ୟକ୍ରମ ରହିଛି। ମୋଦି ନିଜ ପୂର୍ବ ସଭାରେ ରାଜ୍ୟ ସରକାରଙ୍କ ପ୍ରତି ଏତେଟା କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରି ନ ଥିଲେ। ହେଲେ ବାରିପଦାରେ ସେଥିରେ ପରିବର୍ତ୍ତନ ଦେଖାଦେଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଗୋଟିଏ ଦିନ ପରେ ଅର୍ଥାତ୍ ଜାନୁୟାରୀ ୬ରେ ବିଜୁ କୃଷକ ଜନତା ଦଳ ଟ୍ରେନ୍ ଯୋଗେ ଦିଲ୍ଲୀ ଗସ୍ତ କରିବ। ୮ରେ ନୂଆଦିଲ୍ଲୀର ତାଲ୍‌କୋଟ୍ରା ଷ୍ଟାଡିୟମ୍‌ରେ କେନ୍ଦ୍ରର କୃଷି ବିରୋଧୀ ନୀତି ନେଇ ଦଳ ବିକ୍ଷୋଭ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହି ସମାନ ଦିନ ଚାଷୀ ପ୍ରସଙ୍ଗରେ ଭାଜପା ଓଡ଼ିଶା ସଚିବାଳୟ ଘେରାଉ ଚେତାବନୀ ଦେଇଛି। କଂଗ୍ରେସ ମଧ୍ୟ ଜିଲା ମହକୁମା ଏବଂ ବ୍ଲକସ୍ତରରେ ଘେରାଉ କରିବା ପାଇଁ ଘୋଷଣା କରିଛି। ଏହି ୩ ପ୍ରମୁଖ ରାଜନୈତିକ ଦଳକୁ ଛାଡ଼ି ଅନ୍ୟ କେତେକ ଛୋଟ ଦଳ ଏବଂ କୃଷକ ସଙ୍ଗଠନ ମଧ୍ୟ ସମାନ ଦିନ ଆନ୍ଦୋଳନ କରିବେ। ତେଣୁ ଆସନ୍ତା ୮ ତାରିଖ ଦିନ ସବୁ ଦଳର ସମାବେଶ ରାଜନୀତି ଦେଖିବାକୁ ମିଳିବ। ଆନ୍ଦୋଳନ ଉକ୍ତ ଦିନ ସମାପ୍ତ ହେଲେ ବି ପ୍ରସଙ୍ଗକୁ ନେଇ ରାଜନୈତିକ ଆରୋପ-ପ୍ରତ୍ୟାରୋପ ଜାରି ରହିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଲଗାତର ଦ୍ୱିତୀୟ ଥର ☞ପୃଷ୍ଠା-୨

- **ଜାନୁୟାରୀ ୫ ଓ ୧୬ରେ ଆସୁଛନ୍ତି ମୋଦି**
- **୮ରେ ପ୍ରତ୍ୟେକ ଦଳର କୃଷି ସମସ୍ୟାକୁ ନେଇ ଆନ୍ଦୋଳନ**
- **ବିଜେଡି କରିବ ଏସ୍‌ସି ସମାବେଶ**




# ୮ରେ ନବୀନ ନିବାସ ଘେରିବ ଭାଜପା

**ଭୁବନେଶ୍ୱର,୧୧(ବ୍ୟୁରୋ)–** ରାଜ୍ୟରେ କୃଷକମାନଙ୍କ ସମସ୍ୟା ଦିନକୁ ଦିନ ଜଟିଳ ହେବା ସହ ସେମାନଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ହେଉଛି। ହେଲେ ୧୯ବର୍ଷ ଧରି ରାଜ୍ୟରେ ଶାସନ କ୍ଷମତାରେ ଥିବା ବିଜେଡି ସରକାର ସମାଧାନର ରାସ୍ତା କାଢିବା ବଦଳରେ ମିଛ ନାଟକବାଜିରେ ବ୍ୟସ୍ତ ରହିଛି। କେତେବେଳେ କାଳିଆ ଯୋଜନା ନାଁରେ ଭଣ୍ଡାଉଛନ୍ତି ତ କେତେବେଳେ ମଣ୍ଡି ନ ଖୋଲି ଚାଷୀମାନଙ୍କୁ ହଇରାଣ କରୁଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୮ତାରିଖରେ ସାରା ରାଜ୍ୟରୁ ଚାଷୀମାନେ ଭୁବନେଶ୍ୱର ଆସି ନିଜ ହକ୍ ଦାବିରେ ମେଳି କରିବା ସହ ସଚିବାଳୟ ଆଗରେ ଓ ନବୀନ ନିବାସ ଆଗରେ ବିକ୍ଷୋଭ କରିବେ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ମଙ୍ଗଳବାର ଏନେଇ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତିଙ୍କ ସଭାପତିତ୍ୱରେ ଓ କୃଷକମୋର୍ଚ୍ଚା ପ୍ରଭାରି ତଥା ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କର ଉପସ୍ଥିତିରେ ଏହି ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ ସରକାର ଓ ଅସାଧୁ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକାରେ କାହିଁକି ଚାଷୀମାନେ ୧୦୦୦ରୁ ୧୧୦୦ ଟଙ୍କାରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି ଏ ସମ୍ବନ୍ଧରେ ଚାଷୀମାନେ ରାଜ୍ୟ ସରକାରଙ୍କୁ ଜବାବ ମାଗୁଛନ୍ତି। ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଏବଂ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଜିଲାରେ ଧାନର ସବୁଠୁ ଅଧିକ ଅଭାବୀ ବିକ୍ରି ଦେଖାଯାଉଛି। ଚାଷୀମାନଙ୍କ ସମସ୍ୟା ପ୍ରତିବାଦରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସୂର୍ଯ୍ୟ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯିବ। ମୁଖ୍ୟମନ୍ତ୍ରୀ କୃଷି ଋଣ ଛାଡ଼ ସରକାରଙ୍କ ବିଚାରାଧୀନ ରହିଛି ବୋଲି ସାର୍ବଜନୀନ ବକ୍ତବ୍ୟ ଦେଇଛନ୍ତି। ତେଣୁ ସରକାର ତୁରନ୍ତ କୃଷି ଋଣ ଛାଡ଼ କରନ୍ତୁ ବୋଲି ସମୀର ଦାବି କରିଛନ୍ତି।




■ ପିପିଲି ଗଣବଳାତ୍କାର ମାମଲା ପ୍ରସଙ୍ଗ

# ଭାଜପା କର୍ମୀ-ପୋଲିସ ଧସ୍ତାଧସ୍ତି

**ଭୁବନେଶ୍ୱର, ୧୧ (ବ୍ୟୁରୋ)**


ଜଣେ ଭାଜପାକର୍ମୀଙ୍କୁ ପୋଲିସ ଗିରଫ କରି ନେଉଛି।

ମହିଳାମାନଙ୍କ ପାଇଁ ରାଜ୍ୟ ସରକାର କରୁଥିବା ଯୋଜନା ଏବଂ ଦେଉଥିବା ପ୍ରତିଶ୍ରୁତି ପାଣିର ଗାର ପାଲଟିଛି । ପୋଲିସ ଶାସକ ଦଳର ଚାପରେ କାର୍ଯ୍ୟ କରୁଥିବା ଭାଜପା ଅଭିଯୋଗ କରିଛି। ପିପିଲି ଗଣବଳାତ୍କାର ଘଟଣାରେ ବରିଷ୍ଠ ମନ୍ତ୍ରୀ ପ୍ରଦୀପ ମହାରଥୀ ଦେଇଥିବା ମନ୍ତବ୍ୟକୁ ନେଇ ଭାଜପା ମହିଳା ମୋର୍ଚ୍ଚା ଜୋର୍‌ଦାର ଆନ୍ଦୋଳନ ଚଳାଇଛି। ଏହି ପ୍ରସଙ୍ଗରେ ମହାରଥୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ପାଇଁ ଉଭୟ ଭାଜପା ଏବଂ କଂଗ୍ରେସ ଦାବି କରିଛି। ମଙ୍ଗଳବାର ଏହି ଦାବିରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ନବୀନ ନିବାସ ଘେରାଉ କରିବାକୁ ଉଦ୍ୟମ କରାଯାଇଥିଲା। ଅନ୍ୟପଟେ ଆସନ୍ତା ଗୁରୁବାର ମହିଳା କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ନବୀନ ନିବାସ ଘେରାଉ ସମୟରେ ଭାଜପା ମହିଳା ମୋର୍ଚ୍ଚା କର୍ମୀ ଏବଂ ପୋଲିସ୍ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ଏନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସରକାରଙ୍କୁ ଟୁଇଟ୍ କରି ସମାଲୋଚନା କରିଛନ୍ତି।

ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ବହିଷ୍କାର ଏବଂ ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ସିବିଆଇ ତଦନ୍ତ ଦାବି କରି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ନବୀନ ନିବାସ ଘେରାଓ କରିବାକୁ ମଙ୍ଗଳବାର ଉଦ୍ୟମ କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ ମହିଳା କର୍ମୀ ରାଲିରେ ବାହାରି ନବୀନ ନିବାସ ଅଭିମୁଖେ ଯାତ୍ରା କରିଥିଲେ। ଏହି ସମୟରେ ଏୟାରପୋର୍ଟ ଟ୍ରାଫିକ ନିକଟରେ ପୋଲିସ ମୁତୟନ ରହିଥିଲେ। ସେଠାରେ ମହିଳା କର୍ମୀ ଏବଂ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସେଠାରୁ ୨୫ଜଣ ମହିଳା କର୍ମୀଙ୍କୁ ପୋଲିସ ଉଠାଇ ନେଇ ରିଜର୍ଭରେ ୪ଘଣ୍ଟା ପର୍ଯ୍ୟନ୍ତ ଅଟକ ରଖିଥିଲା। ଏହାପରେ ପୋଲିସ ସେମାନଙ୍କୁ ଛାଡି ଦେଇଥିବା ଜଣାପଡିଛି। ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଭାତୀ କହିଛନ୍ତି ଯେ, ପିପିଲି ଘଟଣାରେ ବିଜେଡି ନେତାଙ୍କ ସମ୍ପୃକ୍ତି ଥିବା ପ୍ରମାଣିତ ହେଉଛି। ପୂର୍ବରୁ କୁନ୍ଦୁଲି ପୀଡିତା ଗଣବଳାତ୍କାରର ଶିକାର ହୋଇ ନ୍ୟାୟ ନ ପାଇ ଆତ୍ମହତ୍ୟା କରିବା ଏବଂ ପିପିଲି ବଳାତ୍କାର ଘଟଣାରେ

■ ୩ରେ ନବୀନ ନିବାସ ଘେରିବ କଂଗ୍ରେସ

■ ଲୋକଙ୍କର ଜବାବ ମାଗିବାକୁ ପୂରା ଅଧିକାର ରହିଛି: ଧର୍ମେନ୍ଦ୍ର

କ୍ରାଇମବ୍ରାଞ୍ଚ ତଥ୍ୟ ପ୍ରମାଣ ଅଭାବରୁ ଦୋଷୀ ନିର୍ଦ୍ଦୋଷରେ ଖଲାସ ହେବା, ଏହା ପ୍ରମାଣିତ କରୁଛି। ମହାରଥୀ ଏହି ଘଟଣାରେ ଯେଉଁଭଳି ବୟାନବାଜି କରିଥିଲେ ତାହା ସମଗ୍ର ମହିଳା ଜାତିକୁ ଅପମାନିତ କରିଛି। ମୁଖ୍ୟମନ୍ତ୍ରୀ ତୁରନ୍ତ ମହାରଥୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ଭୟାନକ ହେବ ବୋଲି ପ୍ରଭାତୀ କହିଛନ୍ତି।

ଆସନ୍ତା ୩ତାରିଖ ମଧ୍ୟରେ ମହାରଥୀ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦିଅନ୍ତୁ, ନଚେତ୍ ଆସନ୍ତା ଗୁରୁବାର ମହିଳା କଂଗ୍ରେସ ନବୀନ ନିବାସ ଘେରାଉ କରିବା ସହ ଯେଉଁସବୁ ସ୍ଥାନକୁ ମନ୍ତ୍ରୀ ଯିବେ ସେଠାରେ ମହିଳା କଂଗ୍ରେସ ବିରୋଧ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି, ପିପିଲି ଗଣବଳାତ୍କାର ଘଟଣାର ଅଭିଯୁକ୍ତ ପ୍ରମାଣ ଅଭାବରୁ ଖଲାସ ହେବା ପ୍ରସଙ୍ଗରେ ଭାଜପା ମହିଳା ମୋର୍ଚ୍ଚା କର୍ମୀମାନେ ଆନ୍ଦୋଳନ କରୁଥିଲେ। ସେମାନଙ୍କ ଉପରେ ପୋଲିସର ମାତ୍ରାଧିକ ବଳ ପ୍ରୟୋଗ ନିନ୍ଦନୀୟ। ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଦାବି ଜଣାଇବାକୁ ଯିବାରେ କ'ଣ କିଛି ପ୍ରତିବନ୍ଧକ ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଲୋକମାନଙ୍କର ଜବାବ ମାଗିବାର ପୂରା ଅଧିକାର ରହିଛି ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ ମହାରଥୀ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।

# ଶିମିଳିପାଳରେ ତୁଷାରପାତ

**ବାରିପଦା ଅଫିସ,୧୧**


ଶିମିଳିପାଳରେ ତୁଷାରପାତର ଦୃଶ୍ୟ।

ସମଗ୍ର ରାଜ୍ୟରେ ହଡଭଙ୍ଗା ଶୀତ ହେଉଥିବା ବେଳେ ମୟୂରଭଞ୍ଜ ଜିଲାର ପ୍ରସ୍ତାବିତ ଜାତିୟ ଉଦ୍ୟାନ ଶିମିଳିପାଳରେ ତୁଷାରପାତ ହେଉଛି। ଏଠାରେ କିଛି ଦିନ ଧରି ସର୍ବନିମ୍ନ ତାପାମାତ୍ରା ୨ କିମ୍ବା ୩ ଡିଗ୍ରୀ ସେଲସିୟସ ରହୁଛି। ତେବେ ଏଥିଯୋଗୁ ବନ୍ୟପ୍ରାଣୀଙ୍କର କୌଣସି ସଦସ୍ୟା ହେଉନାହିଁ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣା ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି କହିଛନ୍ତି। ବାରାହାମୁଡା ଅଞ୍ଚଳରେ ୨ ଡିଗ୍ରୀ ସେଲସିୟସ ରହୁଥିବା ବେଳେ ନଅଣା ଓ ଚହଲା ଆଦି ସ୍ଥାନରେ ୩ ଡିଗ୍ରୀ ସେଲସିୟସ ତାପାମାତ୍ରା ରହୁଛି। ତେବେ ଏହି ଶୀତରେ ମଧ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ହେଉଛି। ସେହିପରି ବାରିପଦା ସହରରେ ମଙ୍ଗଳବାର ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଝାରସୁଗୁଡା ଜିଲ୍ଲା, ଓଡ଼ିଶା
୨୫ ବର୍ଷ
୧୯୯୪ - ୨୦୧୯

**ଝାରସୁଗୁଡା ଜିଲ୍ଲା ଗଠନର ରୌପ୍ୟ ଜୟନ୍ତୀ**
ତଥା
**ଜିଲ୍ଲା ମହୋତ୍ସବ "ଦୁଲ୍ ଦୁଲି" ୨୦୧୯**
ମନମୋହନ ସ୍କୁଲ ପଡ଼ିଆ, ଝାରସୁଗୁଡା
(୧ ଜାନୁଆରୀରୁ ୫ ଜାନୁଆରୀ ପର୍ଯ୍ୟନ୍ତ)
ନବବର୍ଷ ତଥା ଜିଲ୍ଲା ଗଠନର ୨୫ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଅଭିନନ୍ଦନ।
**ବିଭୂତି ଭୂଷଣ ପଟ୍ଟନାଏକ**
ଜିଲ୍ଲାପାଳ - ତଥା - ଅଧ୍ୟକ୍ଷ
ଜିଲ୍ଲା ସଂସ୍କୃତି ପରିଷଦ, ଝାରସୁଗୁଡା

# ୧୧ ସର୍ଜେଣ୍ଟଙ୍କ ପଦୋନ୍ନତି, ବଦଳିଲେ ୭ ଆର୍‌ଆଇ

କଟକ ଅଫିସ, ୧ା୧-ଓଡ଼ିଶା ପୋଲିସର କାର୍ଯ୍ୟରତ ୧୧ ସର୍ଜେଣ୍ଟଙ୍କ ରିଜର୍ଭ ଇନ୍ସପେକ୍ଟର (ଆର୍‌ଆଇ) ର୍‍ୟାଙ୍କ୍‌କୁ ପଦୋନ୍ନତି ହୋଇଥିବାବେଳେ ୭ ଆରଆଇଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏନେଇ ମଙ୍ଗଳବାର ଓଡ଼ିଶା ପୋଲିସ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ସର୍ଜେଣ୍ଟମାନେ ହେଲେ ଅନିମି ବିଘ୍ନେଶ୍ୱର ରାଓ, ନୀଳମାଧବ ସ୍ୱାଇଁ, ଗଗନ କଲିୟାର ମହନ୍ତ, କବି ରଞ୍ଜନ ସେଠୀ, ଭଗବାନ ପାଣିଗ୍ରାହୀ, ଟୁନୁ ସାହୁ, ଅମରେନ୍ଦ୍ର ପାଣିଗ୍ରାହୀ, ମଳୟ ମହାନ୍ତି, ସୁଶାନ୍ତ ସାହୁ, ଲୋଲ୍ଲା ବିଜୟ ରତ୍ନମ ଓ ଦିଲୀପ ବେହେରା। ଅନ୍ୟପକ୍ଷରେ ଆର୍‌ଆଇ କିଶୋର ପ୍ରଧାନଙ୍କୁ ବଲାଙ୍ଗୀର ଓ ବିବେକାନନ୍ଦ ବାଗେଙ୍କୁ ଖୋର୍ଦ୍ଧା ହୋମ୍‌ଗାର୍ଡ ବିଭାଗକୁ ବଦଳି କରାଯାଇଥିବାବେଳେ ରଞ୍ଜିତ ବାର୍ଲାଙ୍କୁ ଅନୁଗୋଳ ପିଟିସି, ଗଙ୍ଗାଧର ଡାଙ୍ଗରଙ୍କୁ ଗଞ୍ଜାମ, ଜୋତି ରଞ୍ଜନ ନାୟକଙ୍କୁ ବରଗଡ଼, ମଧୁସୂଦନ ମହାପାତ୍ରଙ୍କୁ ସମ୍ବଲପୁର ଜିଲାକୁ ବଦଳି କରାଯାଇଛି।







**SAHARAYN UNIVERSAL MULTIPURPOSE SOCIETY LIMITED**
(Formerly Known as Saharayn E-Multipurpose Society Limited) (Regd. No.-MSCS/CR/935/2014)
Regd. Office: 195, Zone-1, In Front of D.B. Mall, M.P. Nagar, Bhopal, Madhya Pradesh-462011
Tel.: 0755-4296180, Email Id: sumsl.cooperative@sumsl.in, sumsl.cooperative@gmail.com

**NOTICE**

To all members, notice is hereby given for conducting the Election of Delegates in terms of the provisions of Bye-Laws and subsidiary rules for Constituting a Smaller Representative General Body of Saharayn Universal Multipurpose Society Ltd., election programme is as under:-

| | | |
|---|---|---|
| 1. | Place of filing nominations: | At respective polling places. |
| 2. | Date & Time of filling nominations: | **Part A**- 16/01/2019 till 12:00 Noon & **Part B**- 17/01/2019 till 12:00 Noon |
| 3. | Date and Time of Scrutiny and publication of list of nominations: | **Part A**- 16/01/2019 till 02:00 P.M. & **Part B**-17/02/2019 till 02:00 PM |
| 4. | Last Date, Time of withdrawal of nominations: | **Part A**- 16/01/2019 till 05:00 P.M. & **Part B**- 17/01/2019 till 05:00 PM |
| 5. | Date of declaration of list of final valid nominations: | **Part A**- 16/01/2019 till 06:00 P.M. & **Part B**-17/01/2019 till 06:00 PM |
| 6. | Date, Time & Place of voting: at venues mentioned below. | **Part A**-18/01/2019 till 02:00 P.M. **Part B**- 19/01/2019 till 02:00 PM |

| S.No. | Place of Election | Address |
|---|---|---|
| | | **Part A** |
| 1. | Vijaywada | Smt&Sri Nandamuri Trivikrama Rao Municipal Corporation Community Building, Nagarjuna Nagar, Vijaywada. |
| 2 | Raipur | Chhattisgarh Chamber Of Commerce Industries,Second Floor Bombey Market Raipur. |
| 3. | Ahemdabad | Hotel Naeeka, Near Shahi Bagh, Under Bridge Shahi Baug, Ahmedabad, Gujrat. |
| 4. | Ambala | Sanatan Dharm, Shiv Mandir Dharamshala, Behind Sainik Aram Gah, Lal Kurti Bazar. Opp. Railway Stn, Ambala Cantt, Ambala, Haryana. |
| 5. | Delhi | N.D. Tiwari Bhawan, Near Ito New Delhi. |
| 6. | Bhopal | Hotel Amar Vilas-2 Hig-20, Shivaji Nagar, Behind Hotel Motel Shiraz, Bhopal, M.P. |
| 7. | Jaipur | Rawat Public School, Sector-17, Pratap Nagar, Opp. Mewar Apartment, Sanganer, Jaipur, Rajasthan. |
| 8. | Jodhpur | Blooming Lotus School, 16/505 Chopasani Housing Board, Jodhpur, Rajasthan. |
| 9. | Sambalpur | Bonvenon, Tangerpali, Near St.Jhon's School, Sambalpur, Odisha. |
| 10. | Bhuvaneshwar | Institure of Engineers, Sachivalaya Marg, Unit - 4 Bhubaneswar, Disha. |
| 11. | Ranchi | Budhh Smriti Bhawan[Kushwah Dharmshala], Pragati Path Makchund Toli,Near Oxford School Chutia, Ranchi, Jahrkhand. |
| 12. | Bokaro | Modak Complex, Near Neelam Nursing Home, Jodhadih More, Chas, Bokaro, Jharkhand. |
| 13. | Siliguri | Hma Hall Smriti Dham Building, Sevoke Road, Siliguri, West Bengal. |
| 14. | Kolkata | Sujata Sadan 7 No, Hazra Road Kolkata, West Bengal. |
| 15. | Dehradoon | Hindi Sahitya Bhavan, Near Pared Ground, Dehradoon, Uk |
| 16. | Mumbai | All India Institute Of Local Self Government, Sthanik Raj Bhawan, C.D. Barfiwala Marg, Juhu Lane Andheri (West),Mumbai. |
| 17 | Patna | B.D. Public School, Buddha Colony, Patna, Bihar. |
| 18. | Mujaffarpur | Asha Business Centre, Part2 Ground Floor Brahmpura Muzaffarpur, Bihar. |
| 19. | Lahariya Sarai | Kanha Vivah Bhawan, Barhetta Road, Kali Asthan Saidnagar Laheriyasarai Bihar. |
| 20. | Hajipur | Utsav Marriage Hall, Gandhi Ashram Near Railway Station Hazipur, Vaishali, Bihar. |
| 21. | Navada | Pink Garden, Gaya Road Sadbhawna Chowk, Nawadah, Bihar. |
| 22. | Shimla | Kalibadi, The Mall Road Shimla, Himachal Pradesh |
| | | **Part B** |
| 1. | Mohali | Gyan Jyoti Management Institute & Sr. Sec School, Near Bassi Theatre, Phase 2 Mohali, Punjab. |
| 2 | Hazaribagh | Jan Vikash Kendra, Julu Park Hazaribag, Jharkhand. |
| 3. | Tata Nagar | Teli Chaurasi Panchayat , Sahu Dharamshala Sewasadan Road, Jugsalai Dist East Singhbhum, Jamshedpur, Jharkhand. |
| 4. | Gaya | Prem Parmeshwar Bhawan, Near T.O.P. Nai Sadak, Chandchaura, Gaya, Bihar. |
| 5. | Samastipur | Fun & Learn School Nachari Jha, Path Near Petrol Pump, W.N.27 Bahadurpu, Samastipur Bihar. |
| 6. | Motihari | Monalisha Hall Pani Tanki Near Bank Of Baroda Motihari Champaran Bihar. |
| 7. | Siwan | Indira Smriti, Rajendra Ashram Sewa Sansthan, Rajeev Nagar Gaushala Road, Siwan, Bihar. |
| 8. | Bhagalpur | Durga Charan High School, Manik Sarkar, Near Lajpatpark, Bhagalpur, Bihar. |

Counting will be done immediately after the polling is over on 18th & 19th January 2019 and the Assistant Returning Officer will declare the result & submit the same along with election record to the under signed.

**Note:**
1. Nomination process and voting will commence in the morning at 10:00 A.M on respective dates.
2. At the time and place of election, members are requested to bring their photo-ID card with them.
3. The nomination paper will be made available at the respective centres.
4. Members who are eligible as per provisions of the act and whose names are included in the list of members published by the Returning Officer, only be entitled to vote in the election.
5. List of valid candidates shall be published at the respective centres of the Society.

Date: 10.12.2018
Place: Bhopal

For and on behalf of **Saharayn Universal Multipurpose Society Limited**
S/d
Returning Officer




# ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ,୧୧**


ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରରୁ ଶ୍ରୀଜୀଉଙ୍କ ଦର୍ଶନ ସାରି ଫେରୁଛନ୍ତି।

ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ସଡ଼କ ପଥରେ ଆସି ମଧ୍ୟାହ୍ନ ୧୨ଟା ୧୩ରେ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ କୁମାର ମହାପାତ୍ର, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ସାର୍ଥକ କୁମାର ଷଡ଼ଙ୍ଗୀ, ବିଧାୟକ ସଞ୍ଜୟ ଦାସବର୍ମା, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ସିଂହଦ୍ୱାର ନିକଟରେ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଯୋଗୁ ମୁଖ୍ୟମନ୍ତ୍ରୀ ସିଂହଦ୍ୱାର ଗୁମୁଟରେ ପତିତପାବନଙ୍କୁ ଦର୍ଶନ କରି ମଧ୍ୟାହ୍ନ ୧୨ଟା ୨୦ରେ ଫେରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନୂଆବର୍ଷର ଅଭିନନ୍ଦନ ଜଣାଇବା ସହ ରାଜ୍ୟବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ପରେ ସ୍ୱର୍ଗଦ୍ୱାର ଯାଇ ତାଙ୍କ ପିତା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଦେଇ ପ୍ରଣାମ ଜଣାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିଯାଇଥିଲେ।

■ ରାଜ୍ୟବାସୀଙ୍କ ସୁଖ, ଶାନ୍ତି କାମନା କଲେ

■ ଭିତରକୁ ଗଲେନି, ସିଂହଦ୍ୱାର ଗୁମୁଟରୁ ଫେରିଲେ

# ସ୍ଥାନୀୟଙ୍କୁ ଗୁରୁତ୍ୱ

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ସଦ୍ୟ ଦାୟିତ୍ୱ ନେଇଥିବା କମଲନାଥ ରାଜ୍ୟର ଉଦ୍ୟୋଗୀମାନଙ୍କୁ ସେମାନଙ୍କ ସଂସ୍ଥାରେ ୭୦ ପ୍ରତିଶତ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ପରାମର୍ଶ ଦେଇଛନ୍ତି। ଏହା ହେଲେ କମ୍ପାନୀଗୁଡ଼ିକୁ ଅଧିକ ପ୍ରୋତ୍ସାହନ ଦିଆଯିବ ବୋଲି ସେ ସର୍ତ୍ତ ରଖିଛନ୍ତି। କୁହାଯାଉଛି ମଧ୍ୟପ୍ରଦେଶରେ ଉତ୍ତରପ୍ରଦେଶ ଓ ବିହାର ଲୋକମାନେ ବହୁଳ ମାତ୍ରାରେ ରହି କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ସ୍ଥାନୀୟ ଅଧିବାସୀ ନିଯୁକ୍ତି ପାଇବାରୁ ବଞ୍ଚିତ ହେଉଥିବାରୁ କମଲନାଥ ଉଦ୍ୟୋଗୀମାନଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅତୀତରେ ଉତ୍ତରପ୍ରଦେଶ ଓ ବିହାରର ଲୋକମାନେ ମହାରାଷ୍ଟ୍ରରେ ଅତ୍ୟଧିକ ମାତ୍ରାରେ କାର୍ଯ୍ୟ କରି ସେମାନଙ୍କ ରୋଜଗାର ଛଡ଼ାଇ ନେଉଛନ୍ତି ବୋଲି ମରାଠୀମାନେ ଅଭିଯୋଗ କରିଥିଲେ। ସେତେବେଳେ ଅନେକ ସ୍ଥାନରେ ଉତ୍ତର ଭାରତୀୟ ଲୋକଙ୍କ ଉପରେ ଆକ୍ରମଣ ହୋଇଥିଲା। ସେହି ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ଉତ୍ତର ପୂର୍ବାଞ୍ଚଳ ଲୋକେ ମଧ ଦକ୍ଷିଣ ଭାରତରେ ଅସ୍ୱାଭାବିକ ପରିସ୍ଥିତିର ସାମ୍ନା କରିଥିଲେ। କିନ୍ତୁ ଉତ୍ତର ପୂର୍ବାଞ୍ଚଳର ଯୁବତୀଯୁବକ ଭାରତର ବିଭିନ୍ନ ଜାଗାରେ ଯେଉଁ କାର୍ଯ୍ୟ କରୁଛନ୍ତି ସେଥିରେ ସ୍ଥାନୀୟ ଲୋକଙ୍କର ସ୍ଥାନ ରହିବା ସମ୍ଭବପର ହୋଇ ନ ଥାଏ। ଏବେ କମଲନାଥଙ୍କ ବିବୃତି ସ୍ଥାନୀୟ ଯୁବକଙ୍କ ମଧ୍ୟରେ ଉତ୍ତର ଭାରତୀୟଙ୍କ ପ୍ରତି ଅସନ୍ତୋଷ ସୃଷ୍ଟି କଲାଣି। ହେଲେ ଅନେକେ ଯୁକ୍ତି ବାଢୁଛନ୍ତି ଯେ, ଏକ ରାଷ୍ଟ୍ର ମଧ୍ୟରେ ନାଗରିକ ଯେଉଁଠାରେ ରହି ଜୀବିକା ଉପାର୍ଜନ ପାଇଁ କର୍ମସଂସ୍ଥାନ ଖୋଜିପାରିବେ। ଏହା ସେମାନଙ୍କର ମୌଳିକ ଅଧିକାର। କିନ୍ତୁ ଜନସଂଖ୍ୟାବହୁଳ ଉତ୍ତରପ୍ରଦେଶ ଓ ବିହାରରୁ ଅନେକ ଯୁବତୀଯୁବକ ଦେଶର ବିଭିନ୍ନ ଭାଗକୁ ଯାଇ ସ୍ଥାନୀୟ ନିଯୁକ୍ତି ବଜାରରେ ଭାଗ ବସାଉଛନ୍ତି। କୁହାଯାଉଛି ନିଯୁକ୍ତି ପାଇବା ପରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ସମ୍ପୃକ୍ତ ସଂସ୍ଥା ପ୍ରତି ଉତ୍ତରଦାୟୀ ଥିବା ଭଳି ମନେହେଉ ନାହିଁ। କେବଳ ସେତିକି ନୁହେଁ, ବିଭିନ୍ନ ପ୍ରକାର ରାଜନୈତିକ ହିଂସାକାଣ୍ଡରେ ସେମାନେ ସମ୍ପୃକ୍ତ ରହୁଥିବା ପରିଲକ୍ଷିତ ହେଉଛି। ଅପରପକ୍ଷେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦିଆଗଲେ ରାଜ୍ୟର ବେକାର ଯୁବତୀଯୁବକଙ୍କ ସଂଖ୍ୟା କମିବା ସହିତ କମ୍ପାନୀ ପ୍ରୀତି ବଢ଼ନ୍ତା, ଯାହାର ସୁଫଳ ପରୋକ୍ଷରେ ହେଲେ ବି ଜନସାଧାରଣଙ୍କ ପାଖରେ ପହଞ୍ଚିପାରନ୍ତା। ଏହି ଦୃଷ୍ଟିରୁ ବିଚାର କଲେ କମଲନାଥଙ୍କ ଚିନ୍ତାଧାରାକୁ କେତେକେ ବିରୋଧ କରୁଥିବା ସତ୍ତ୍ୱେ ଆମେ ସ୍ୱାଗତ କରୁଛୁ।

ଓଡ଼ିଶା କଥା ଚିନ୍ତା କଲେ ରାଜ୍ୟର ବିଭିନ୍ନ ସ୍ଥାନରେ ଗଢ଼ି ଉଠିଥିବା ଶିଳ୍ପ କାରଖାନାଗୁଡ଼ିକରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଛି। କମ୍ପାନୀ ଖୋଲିବା ପାଇଁ ଯେଉଁମାନଙ୍କଠାରୁ ଜମି ନିଆଯାଇଛି ସେମାନଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ମିଳୁନାହିଁ। ଫଳରେ ଅସନ୍ତୋଷ ଦାନା ବାନ୍ଧୁଛି। ସେଭଳି କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ କେତେଜଣଙ୍କୁ ତଳିଆ କାମରେ ନିୟୋଜିତ କରାଯାଉଛି। ଟପ୍ ପୋଷ୍ଟରେ ଚାକିରି ପାଉଛନ୍ତି ରାଜ୍ୟ ବାହାରର ଲୋକ। ଏଭଳିସ୍ଥଳେ ପ୍ରତିବାଦ କରାଗଲେ କମ୍ପାନୀ କର୍ତ୍ତୃପକ୍ଷ ଯୁକ୍ତି ବାଢୁଛନ୍ତି ଯେ, ଦକ୍ଷତାକୁ ଅଗ୍ରାଧିକାର ଦିଆଯାଉଛି। ଦେଖିବାକୁ ଗଲେ କେହି ମା' ପେଟରୁ ସବୁ ଶିଖି ଆସି ନ ଥାନ୍ତି। ସୁଯୋଗ ମିଳିଲେ ଜଣେ ଉତ୍କର୍ଷ ପ୍ରତିପାଦନ କରିପାରିବେ। ସବୁବେଳେ ନ୍ୟୂନ ଦୃଷ୍ଟିରେ ସ୍ଥାନୀୟ ନିଯୁକ୍ତି ଆଶାୟୀଙ୍କୁ ହତାଦର କରାଗଲେ ମହାରାଷ୍ଟ୍ର ଓ ନିକଟରେ ଗୁଜରାଟରେ ଉପୁଜିଥିବା ପରିସ୍ଥିତି ସୃଷ୍ଟି ହେବ।

ସାମାନ୍ୟ ପ୍ରସଙ୍ଗ ବାହାରକୁ ଯାଇ ଏକ ବିଷୟ ଉପରେ ନଜର ପକାଯାଇପାରେ। ପୂର୍ବରୁ କାଉଡ଼ିଆ ବା ବୋଲବମ୍ ଭଳି ଅନୁଶାସନହୀନ ଗୋଷ୍ଠୀ ଭୁବନେଶ୍ୱରର ଲିଙ୍ଗରାଜ ସମେତ ରାଜ୍ୟର ବିଭିନ୍ନ ଶୈବପୀଠରେ ଦେଖିବାକୁ ମିଳୁ ନ ଥିଲେ। ଗତ କିଛି ବର୍ଷ ହେବ ସେମାନଙ୍କ ପ୍ରାଦୁର୍ଭାବ ବଢ଼ିଛି । କାଉଡ଼ିଆଙ୍କଠାରୁ ଆରମ୍ଭ କରି ଛଟ୍ ପୂଜା ପାଳନ କରୁଥିବା ବ୍ୟକ୍ତିଙ୍କୁ ଦେଖିଲେ ସେମାନେ ଓଡ଼ିଶାର ସ୍ୱାଭାବିକ ଶାନ୍ତ ପରିସ୍ଥିତିକୁ ଯଥେଷ୍ଟ ବିଚଳିତ କରିଦେଇପାରିଛନ୍ତି। ଓଡ଼ିଆମାନେ ଏହା ବୁଝି ନ ପାରିବା ସତ୍ତ୍ୱେ ସେମାନଙ୍କୁ ମନେରଖିବାକୁ ହେବ ଯେ ଏହିଭଳି ଆମଦାନୀ ହେଉଥିବା ଉତ୍ତର ଭାରତୀୟ ସଂସ୍କୃତି ଆମ ରାଜ୍ୟର ଐତିହ୍ୟକୁ ଧ୍ୱଂସ କରିଦେବ। ତେଣୁ ସେଥିପ୍ରତି ସଜାଗ ଦୃଷ୍ଟି ଦିଆଯିବା ଆମ ପାଇଁ ମଙ୍ଗଳ ହେବ।

କମଲନାଥ ମଧ୍ୟପ୍ରଦେଶ ଶାସନ ଗାଦିରେ ବସୁବସୁ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ତାଙ୍କ ରାଜ୍ୟର ହିତ ପାଇଁ ସକାରାତ୍ମକ। କମ୍ପାନୀ ବା ସଂସ୍ଥା ସ୍ଥାପନ ଲାଗି ଏକ ରାଜ୍ୟ ଭିତ୍ତିଭୂମିଠାରୁ ଆରମ୍ଭ କରି ସମସ୍ତ ପ୍ରକାର ସୁବିଧା ସୁଯୋଗ ରିହାତିରେ ଯୋଗାଇ ଦେଉଥିବାବେଳେ ମାନବ ସମ୍ବଳ କ୍ଷେତ୍ରରେ ସ୍ଥାନୀୟ ଯୁବତୀଯୁବକଙ୍କୁ ଅଗ୍ରାଧିକାର କାହିଁକି ଦିଆଯିବ ନାହିଁ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ। ସକାରାତ୍ମକ ଭାବେ ଚିନ୍ତା କଲେ କମଲନାଥଙ୍କ ଚିନ୍ତାଧାରା ଓଡ଼ିଶା ଭଳି କେତେକ ଶିଳ୍ପାଭିମୁଖୀ ରାଜ୍ୟ ପାଇଁ ଅନୁସରଣୀୟ। ଓଡ଼ିଶା ଭଳି ମଧ୍ୟପ୍ରଦେଶ ଏକ କୃଷିଭିତ୍ତିକ ରାଜ୍ୟ। ଏକ ପରିବର୍ତ୍ତନ ଆଣିବାକୁ ହେଲେ ଓଡ଼ିଶା ସରକାରଙ୍କୁ ମଧ ଅତ୍ୟନ୍ତ କଠୋର ସାମାଜିକ ନିଷ୍ପତ୍ତି ନେବାକୁ ପଡ଼ିବ। ଦୁଃଖର କଥା ଯେ ଓଡ଼ିଶାରେ ସେଭଳି କୌଣସି ରାଜନୈତିକ ଇଚ୍ଛାଶକ୍ତି ଦେଖିବାକୁ ମିଳୁନାହିଁ। ଏହା ରାଜ୍ୟ ପାଇଁ କ୍ଷତିକାରକ ସାଜୁଛି।

# ସୁଯୋଗ୍ୟ ଭାରତ



ରଞ୍ଜନ କୁମାର ଦାସ

କିଛିଦିନ ତଳେ ଲେଖକ କାର୍ଯ୍ୟ କରୁଥିବା ସରକାରୀ ଦପ୍ତରରେ ଖାଲିଥିବା କିଛି ପଦବୀରେ ସରକାରଙ୍କ ଦ୍ୱାରା ମନୋନୀତ କିଛି ପ୍ରାର୍ଥୀ ଯୋଗଦେବା ପାଇଁ ଆସିଥିଲେ। ୧୨ ଜଣ ଅତିରିକ୍ତ ତହସିଲଦାର ପଦବୀରେ ଯୋଗଦେଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୮ ଜଣ ଥିଲେ ବିଭିନ୍ନ ବର୍ଗର ଇଞ୍ଜିନିୟର। ସେଇଭଳି ୨୨ଜଣ ଅଙ୍ଗନୱାଡି ସୁପରଭାଇଜରଙ୍କ ମଧ୍ୟରୁ ୧୬ଜଣ ଥିଲେ ଇଞ୍ଜିନିୟର ଏବଂ ଜଣେ ଥିଲେ ବାୟୋଟେକ୍ନୋଲୋଜି ଛାତ୍ରୀ। ଆଉ ଜଣେ କରୁଥିଲେ ପିଏଚ୍‌ଡି। ସେଇଭଳି ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ୮ଜଣଙ୍କ ଭିତରୁ ୬ଜଣ ଥିଲେ ଇଞ୍ଜିନିୟର। ୮ଟି ଡାଟା ଏଣ୍ଟ୍ରି ଅପରେଟର ପଦବୀରେ ୨ଜଣ ଥିଲେ ଇଞ୍ଜିନିୟର। ମଝିରେ ସେମିତି ଖାଲିଥିବା ପାଞ୍ଚ ସାତଟି ପିଅନ ପଦବୀ ପୂରଣ କରିବା ବେଳେ ଦେଖାଗଲା ଯେ ଆବେଦନ କରିଥିବା ଚାରିଶହ ପ୍ରାର୍ଥୀଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ପ୍ରାର୍ଥୀ ସ୍ନାତକ କିମ୍ବା ସ୍ନାତକୋତ୍ତର ଡିଗ୍ରୀଧାରୀ। ଏପରି କି ମୋ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଯେଉଁଦିନ ଦେଖିଲି ଜଣେ ଦନ୍ତଚିକିତ୍ସକ ଆସି ଖାଲିଥିବା ଏକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀରେ ଯୋଗଦେଲେ। ସେମାନଙ୍କୁ ସମସ୍ତଙ୍କୁ ମୁଁ ପଚାରିଥିଲି ଆପଣମାନେ କାହିଁକି ନିଜ ଯୋଗ୍ୟତାଠାରୁ ନ୍ୟୂନ ଲାଗୁଥିବା ପଦବୀରେ ଯୋଗଦେବାକୁ ଇଚ୍ଛା କରିଛନ୍ତି। ଏ କାମ କରିବାକୁ କ'ଣ ସତରେ ଆପଣମାନଙ୍କୁ ଭଲ ଲାଗିବ? ସମସ୍ତଙ୍କର ସେଇ ଏକା ଉତ୍ତର ଥିଲା, ଆଜିକାଲି ତ ଚାକିରି ବାକିରି ମିଳୁନି। ଯାହା ମିଳୁଛି ବରଂ ତାକୁ ଗ୍ରହଣ କରିନେବା ବିଜ୍ଞତାର ପରିଚାୟକ। ଅନ୍ତତଃ ପାଠଶାଠ ପଢି ବେକାର ବସିଛି ବୋଲି ତ କେହି କହିବେ ନାହିଁ। ତା' ଛଡା ଆମ ବିବାହ ବଜାରରେ ସରକାରୀ ଦପ୍ତରରେ ଯେତେ ଛୋଟ ଚାକିରି କରିଥିବା ପ୍ରାର୍ଥୀଟିଏ ହେଉ ପଛେ ତା'ର ଭାଉ ଅଲଗା। ସରକାରୀ ଚାକିରିଆ ବରଟିଏ ମିଳିଗଲେ ଯେତେ ଭଲ ବ୍ୟବସାୟ ବା କଳକାରଖାନା କରିଥିବା ପାତ୍ରଙ୍କୁ ଆଉ ଲୋକେ ପଚାରନ୍ତିନି।

ଏସବୁ କଥା ଶୁଣିଶୁଣି ମୁଁ ଚିନ୍ତାକଲି ଦେଶ ଏତେ ପ୍ରଗତି କରୁଛି। ଏତେ କଳକାରଖାନା, ବ୍ୟବସାୟ ଖୋଲୁଛି। ରାସ୍ତାଘାଟ, ଦପ୍ତର, କୋଠାବାଡି ତିଆରି ହେଉଛି। କମ୍ପ୍ୟୁଟରୀକରଣ, ଟେଲି ଯୋଗାଯୋଗର ସୁଯୋଗ ସୃଷ୍ଟି ହେଉଛି। ଏତେ ସବୁ ହେବା ସତ୍ତ୍ୱେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଇଞ୍ଜିନିୟରିଂ ପାଠ ପଢିଥିବା ପିଲାମାନେ କାହିଁକି ତାଙ୍କ ପାଠ ମୁତାବକ ମନଲାଖି ଚାକିରିଟିଏ ପାଉନାହାନ୍ତି ଏବଂ ଯାହା ଛୋଟମୋଟ ଚାକିରି ମିଳିଗଲେ ତାକୁ ଗ୍ରହଣ କରି ନେଉଛନ୍ତି? ଏପରି କି ବହୁ ଇଞ୍ଜିନିୟରିଂ ପାଠପଢା ପିଲା କଣ୍ଟ୍ରାକ୍ଟ କରିବାକୁ ବି କୁଣ୍ଠାବୋଧ କରୁନାହାନ୍ତି। ତାଙ୍କ ଭିତରୁ କିଏ ଫଙ୍ଗ୍‌ଶ୍ୱେ, ବାସ୍ତୁ ଦୋକାନ କଲାଣି ତ କିଏ ହୋଟେଲ ରେଷ୍ଟୁରାଣ୍ଟ ଖୋଲିଲାଣି। କିଏ ଇ-କମର୍ସ ସାଇଟ୍ ଖୋଲି ରିଟେଲ ବିଜ୍‌ନେସ କଲାଣି ତ କିଏ ବୟସ ଗଡିବା ଯାଏ ଚାକିରି ଖୋଜିଖୋଜି ଶେଷରେ ଟ୍ୟୁଟୋରିଆଲ ଖୋଲି କୋଚିଙ୍ଗ୍ ଦେଉଛି। ଏମିତିରେ ବହୁତ ଚିହ୍ନାଜଣା ଅଭିଭାବକ ମତେ ଅନୁରୋଧ କରନ୍ତି ଟିକେ କୋଉଠି କୁହାବୋଲା କରି ତାଙ୍କ ପିଲାକୁ ଅଳ୍ପ ଦରମାରେ ହଉ ପଛେ ରଖେଇ ଦେବାପାଇଁ। କୁହାକୁହି କରି ତାଙ୍କୁ ଇଣ୍ଟରଭ୍ୟୁ ଦେବାକୁ ପଠେଇଲେ ବି ସେଠି ସେମାନେ ପାସ୍ କରିପାରନ୍ତି ନାହିଁ। ନିଜ ଦକ୍ଷତା ବା ନିଜ ଭାଗ୍ୟକୁ ଦୋଷ ନ ଦେଇ, ସେମାନେ ବରଂ ଆମକୁ ଦୋଷ ଦିଅନ୍ତି ଯେ ଇଏ ବୋଧହୁଏ ଆମ ପାଇଁ ଜୋର୍ ଦେଇ କହିଲେନି, ଯେଉଁଥିପାଇଁ ଚାକିରିଟା ହେଲା ନାହିଁ।

ଏକ ପରିସଂଖ୍ୟାନ ଅନୁସାରେ ଭାରତରେ ପ୍ରତିବର୍ଷ ପ୍ରାୟ ପଚାଶ ଲକ୍ଷରୁ ଊର୍ଦ୍ଧ୍ୱ ସ୍ନାତକ ବା ସ୍ନାତକୋତ୍ତର ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୁଅନ୍ତି। ତାଙ୍କ ଭିତରୁ ଅର୍ଦ୍ଧାଧିକ ଇଞ୍ଜିନିୟରିଂ କିମ୍ବା ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ର। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଭାଗ୍ୟ ଏଇଭଳି ହୋଇଥାଏ। ଏତେ ଭଲ ଘରର ପିଲା ଏମାନେ। ଅର୍ଥ ପ୍ରତିପତ୍ତି ବା ସ୍ମାର୍ଟନେସ୍‌ରେ ଏମାନେ ପଛୁଆ ନୁହନ୍ତି। ମାତ୍ର କାହିଁକି ଏମାନେ ଏଭଳି ପରିସ୍ଥିତି ଭୋଗନ୍ତି? ଏହାର ଉତ୍ତର ଖୋଜୁଖୋଜୁ ଦିନେ ନାସ୍‌କମ୍ ମୁଖ୍ୟଙ୍କର ଏକ ବୟାନ ଦୃଷ୍ଟିଗୋଚର ହେଲା। ନାସ୍‌କମ୍ ହେଲା ୧୯୮୮ ମସିହାରେ ପ୍ରତିଷ୍ଠିତ ଏକ କନ୍‌ଫେଡେରେଶନ ଯାହା ଭାରତୀୟ ଶିଳ୍ପମାନଙ୍କର ପ୍ରତିନିଧିତ୍ୱ କରେ। ଆଇଟି ଏବଂ ବିପିଏମ୍ ଇଣ୍ଡଷ୍ଟ୍ରିଗୁଡ଼ିକର ମିଳିତ ୧୫୪ ବିଲିୟନ୍ ଡଲାରର ଯେଉଁ ବିଶାଳ ଭିତ୍ତିଭୂମି ତା'ର ସର୍ବୋଚ୍ଚ ସ୍ତରରେ ପ୍ରତିନିଧିତ୍ୱ କରୁଥିବା ଏଇ ସଂସ୍ଥାର ମୁଖ୍ୟଙ୍କର କହିବା କଥା ହେଲା ଆମର ଉତ୍ତୀର୍ଣ୍ଣ ହେଉଥିବା ଇଞ୍ଜିନିୟରିଂ ବା ମ୍ୟାନେଜମେଣ୍ଟ ଗ୍ରାଜୁଏଟ୍‌ମାନଙ୍କ ମଧ୍ୟରୁ ପ୍ରାୟ ୨୫% ସମ୍ପୂର୍ଣ୍ଣଭାବେ ଅଣନିୟୋଜନଯୋଗ୍ୟ। ଏମାନେ ନାଁକୁ କେବଳ ଡିଗ୍ରୀ ହାସଲ କରିଥିବା କିଛି ଅପଦାର୍ଥ ଓ ଅଯୋଗ୍ୟ ବ୍ୟକ୍ତି। ଏମାନଙ୍କ ଦ୍ୱାରା କିଛି ହୋଇପାରିବ ନାହିଁ। ତେଣୁ କୌଣସି ଶିଳ୍ପ ବା ବ୍ୟବସାୟ ପ୍ରତିଷ୍ଠାନ ତାଙ୍କୁ କେବେ ନିୟୋଜନ କରି ନିଜର କ୍ଷତି କରିବାକୁ ଚାହିଁବେନି। ଚିନ୍ତା କଲି, ଏଇଥିରେ ଆମେ ବିଶ୍ୱଗୁରୁ ହେବାର ଆସ୍ଫାଳନ କରୁଛୁ? ନଲେଜ ସୁପରପାୱାର ହେବାର ଆସ୍ପର୍ଦ୍ଧା କରୁଛୁ!

ପ୍ରକୃତରେ ଆମର ବାସ୍ତବ ପରିସ୍ଥିତି ସମ୍ପୂର୍ଣ୍ଣ ଅଲଗା। ଆମର ଶିକ୍ଷା ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ। ଆମ ଦେଶରେ ଗବେଷଣା ପାଇଁ ପରିବେଶ ନାହିଁ। ଗବେଷଣା ପାଇଁ ଏଠି କେହି କାହାକୁ ଉତ୍ସାହିତ କରନ୍ତି ନାହିଁ। ବାପ ମା' ସବୁବେଳେ ଚାହାନ୍ତି ତାଙ୍କ ପିଲା ବେଶି ପଣ୍ଡିତ ନ ହୋଇ ବରଂ ବେଶି ରୋଜଗାରିଆ ହେଉ। ଏଟିଏମ୍ ମେଶିନ ଭଳି ଅହରହ ତା' ମୁଣିରୁ ପଇସା ବାହାରିବାର କ୍ଷମତା ଅର୍ଜନ କରୁ। ତେଣୁ ତାକୁ ଏଭଳି ପାଠ ପଢାଉ ଯେଉଁଥିରେ ଭବିଷ୍ୟତରେ ଭଲ ପଇସା ଅର୍ଜନ କରିବାର ସୁଯୋଗ ଥିବ। ବନ୍ଧୁବାନ୍ଧବ ଦେଖିଲେ ପଚାରନ୍ତି ପୁଅ କେତେ ଦରମା ପାଉଛି। ତେଣୁ ଏଭଳି ମାନସିକତାରେ ଆମେ ଚାହୁଁ ପୁଅ ଶୀଘ୍ର ପଢା ସାରୁ, ଏଭଳି ମାର୍କ ରଖୁ ଯେମିତି କ୍ୟାମ୍ପସରୁ ଏକାଥରେ କମ୍ପାନୀ ତାକୁ ଡାକିନେବ। ଯେନତେନ ପ୍ରକାରେ ଘୋଷାଘୋଷି କରି ବା କପି କରି ୯୫ ପ୍ରତିଶତ ମାର୍କ ରଖିଦେଲେ ଆମେ ସଫଳତାର ଶୀର୍ଷରେ ପହଞ୍ଚିଗଲୁ ବୋଲି ଭାବିନେଉ। ଆମକୁ ମନେରଖିବାକୁ ହେବ ଯେ ଘୋଷାଘୋଷି ବା କପି କରି ଅଧିକ ମାର୍କ ରଖିହୁଏ, କିରାଣି ବା ପିଅନ ହୋଇହୁଏ ମାତ୍ର ଗବେଷକ, ବୈଜ୍ଞାନିକ ବା ଦାର୍ଶନିକ ହୋଇହୁଏନି। ବେଳେ ବେଳେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ବିଦେଶରେ ସ୍କୁଲ ଛାତ୍ରମାନେ ଗବେଷଣା କରି ନୂଆନୂଆ ଜିନିଷ ଉଦ୍ଭାବନ କରୁଛନ୍ତି, ଅଳ୍ପ ବୟସର ପିଲାଏ ଷ୍ଟାର୍ଟ-ଅପ୍ ବିଜ୍‌ନେସ କରି ଅଠର-କୋଡିଏ ବର୍ଷରେ ବି କୋଟିପତି ବନିପାରୁଛନ୍ତି। ମାତ୍ର ଆମ ଦେଶରେ ଚାଳିଶ ବର୍ଷ ଯାଏ ପୁଅ ବାପାର ପେନ୍‌ସନ ପଇସାରେ ଚଳିଚଳି ବୁଢ଼ା ହୋଇଯାଉଛି ପଛେ ନିଜେ କିଛି କରିପାରୁନି। ଏପରି କି ତା' ସ୍ତ୍ରୀ ପିଲାଛୁଆଙ୍କ ଦାୟିତ୍ୱ ମଧ ବୁଢ଼ା ବାପାକୁ ନେବାକୁ ପଡୁଛି।

ଏଥିରେ ଦୋଷ କାହାର? ଆମ ସମାଜରେ ପିଲା ବଢିବଢି ପଚିଶ ସତେଇଶ ବର୍ଷର ହେବାଯାଏ ତାକୁ ପିଲା ବୋଲି ଗଣାଯାଏ। ମା' ତାକୁ ସବୁବେଳେ ପଣତକାନିରେ ଘୋଡେଇ ରଖିବାକୁ ଚିନ୍ତାକରେ। ପଚିଶ ବର୍ଷର ହେବାଯାଏ ମା' ଭାବେ ପୁଅ ମୋର ମାଛ, ମାଂସ ପରିବା ଆଦି କିଣି ଜାଣିବନି, ତେଣୁ ତା' ବାପା ଯାଇ ପରିବା କିଣି ଆଣନ୍ତୁ। ପୁଅ ମୋର ସକାଳ ନଅଟା ଯାଏ ଘୋଡିଘାଡି ହୋଇ ଶେଯରେ ଉଷୁମ ଟାଣୁଥାଉ। ଚାକିରି କି ଇଣ୍ଟରଭ୍ୟୁ ପାଇଁ ପୁଅ ଗଲେ, ମା' ଭାବେ ପୁଅ ମୋର କାଳେ ହଜିଯିବ ତାକୁ ଡେଉଁରିଆ ବାନ୍ଧିକି ଛାଡେ। ରକ୍ତଦାନ ଶିବିରକୁ ଡାକରା ଆସିଲେ ମା' କୁହେ ପୁଅ ମୋର ଶୁଖିଯିବ। ସ୍ୱଚ୍ଛ ଭାରତ ଅଭିଯାନକୁ ଡକାଗଲେ ମା' କହେ ପୁଅକୁ ମୋର ଇନ୍‌ଫେକ୍‌ଶନ ହୋଇଯିବ। ଗେଲବସରରେ ଏଭଳି ବଢିଥିବା ପୁଅ ପରବର୍ତ୍ତୀ ସମୟରେ ଜୀବନର ନିଷ୍ଠୁର ସତ୍ୟକୁ କିଭଳି ସାମ୍ନା କରିପାରିବ? ଗ୍ରାଜୁଏଟ୍ ହୋଇଥିବା ପିଲା ବ୍ୟାଙ୍କକୁ ଯାଇ ଟଙ୍କା ଡିପୋଜିଟ୍ କରିବା ପାଇଁ ଫର୍ମଟିଏ ପୂରଣ କରିପାରେ ନାହିଁ। ପାଣି କି ଇଲେକ୍ଟ୍ରିକ୍ ଲାଇନ ପାଇଁ ଦରଖାସ୍ତଟିଏ ଲେଖିପାରେ ନାହିଁ। ଝିଅ ବାହାହୋଇ ଶାଶୁଘରକୁ ଗଲାଯାଏ ଚା' ଟିକେ କରିବା ଶିଖି ନ ଥାଏ। ଅଧିକାଂଶ ପାଠକ ଲକ୍ଷ୍ୟ କରିଥିବେ ଆଜିକାଲି ଆମେ ଅତି ଆଗ୍ରହରେ ଆମ ପିଲାଙ୍କୁ ପଢାଉଥିବା ଇଂଲିଶ ମିଡ଼ିୟମ ସ୍କୁଲ୍‌ରେ ଛାତ୍ରୀଛାତ୍ରଙ୍କୁ ଅନେକ ଟାସ୍କ ଓ ପ୍ରୋଜେକ୍ଟ କରିବାକୁ ଦିଆଯାଇଥାଏ। କିନ୍ତୁ ସେ ଟାସ୍କ ବା ପ୍ରୋଜେକ୍ଟ କେତେ ପିଲା ନିଜେ କରନ୍ତି? ପିଲା କେବେ କେବେ ଆମକୁ ଖୋଳିତାଡି କିଛି ପଚାରିଲେ ଆମେ କହୁ ତୋର ଏତେ କଥା ଜାଣିବା ଦରକାର ନାହିଁ, ଯେତିକି ବହିରେ ଲେଖାହୋଇଛି ସେତିକି ପଢ଼, ବଡ଼ହେଲେ ସେସବୁ ଜାଣିବୁ। ଅର୍ଥାତ୍ ଘୋଷାଘୋଷି କରି ମଣିଷ ହୋଇଯା। ମାତ୍ର ଏହା ଭିତରେ ଆମେ ସତରେ ତାକୁ ମଣିଷ ନ କରି ଗଧ ବନେଇଦେଉ। ବଡ଼ ହେଲା ପରେ ସେ ଗଧଠାରୁ ଆମେ ଗୋଟେ ଘୋଡା ଭଳି କାମ ଯଦି ଆଶା କରି ବସିବା ତାହା ଆମର ମୂର୍ଖତା ନୁହେଁ ତ ଆଉ କ'ଣ? ଏଭଳି ଏକ ମୂର୍ଖ ଜନମାନସରୁ କେବେ ଏକ ବିଜ୍ଞ ଭାରତର ଅଭ୍ୟୁଦୟ ହେବ, ତାହା କେବଳ ସମୟ ହିଁ କହିବ।

ମୋ- ୯୪୩୭୨୮୬୫୧୨,
ranjank.das@rediffmail.com

# ବରଗଛ ଓ ମଣିଷ



ଅରୁଣ ଦାସ

ଭୁବନେଶ୍ୱରରୁ ଆମ ଗାଁର ଦୂରତା ପ୍ରାୟ ଶହେ କିଲୋମିଟର। ଗାଁକୁ ଗଲାବେଳେ ବାଟରେ ପଡ଼େ ଏକ ବିଶାଳ ବରଗଛ। ଏହାର ଶାଖାପ୍ରଶାଖା ଯେମିତି ବିସ୍ତୃତ, ଛାଇ ମଧ ସେମିତି ବହଳ। ଚଢ଼େଇମାନଙ୍କ ରାବରେ ଜାଗାଟି ପ୍ରାୟତଃ ମୁଖରିତ ହୋଇଥାଏ। ସେଇ ବାଟଦେଇ ଯିବାଆସିବା ବେଳେ କିଛି ସମୟ ପାଇଁ ମୁଁ ସେଠାରେ ଅଟକିଯାଇ ନୀରବରେ ଛିଡ଼ାହୋଇ ରୁହେ। ଭାରି ଭଲ ଲାଗେ ମୋତେ ସେଇ ଗଛତଳର ଶୀତଳ ଛାଇ ଓ ମୁକ୍ତ ପବନ। ସେଦିନ କିନ୍ତୁ ମୋତେ ଏକ ତିକ୍ତ ଓ ହୃଦୟବିଦାରକ ଦୃଶ୍ୟକୁ ସାମ୍ନା କରିବାକୁ ହେଲା। ରାସ୍ତା ଚଉଡ଼ା ପାଇଁ ଚାଲିଥିଲା ଶହ ଶହ ସଂଖ୍ୟାରେ ଗଛକଟା। ଏଇ ବରଗଛଟି ସେଥିରୁ ବାଦ୍ ପଡ଼ନ୍ତା କେମିତି? ଡୋଜର ସାହାଯ୍ୟରେ ଉପଡ଼ା ଯାଇ ଗଣ୍ଡିଟି ଏହାର ତଳେ ଗଡୁଥାଏ। ଏ ଦୃଶ୍ୟ ସହି ନ ପାରି ଜୋରରେ ବାଇକ୍ ଛୁଟାଇ ଦେଇଥିଲି ଘରଆଡ଼େ।

ଭାରତରେ ବରଗଛକୁ ଜାତୀୟ ବୃକ୍ଷର ମାନ୍ୟତା ମିଳିଛି। ବହୁ ପ୍ରାଚୀନ କାଳରୁ ଏହି ବୃକ୍ଷ ପ୍ରାଣିଜଗତ ସହ ଓତପ୍ରୋତ ଭାବରେ ଜଡ଼ିତ। ବିଶେଷକରି ଏହି ବୃକ୍ଷ ମଣିଷର ଯାବତୀୟ ଆବଶ୍ୟକତା ପୂରଣ କରିବା ସହ ବହୁମାତ୍ରାରେ ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ଦେଇଥାଏ। ଆଗ ଯୁଗରେ ହିନ୍ଦୁ ନାରୀମାନେ ଦୀର୍ଘ ବୈବାହିକ ଜୀବନ କାମନା କରି ବରଗଛକୁ ପୂଜା କରୁଥିଲେ। ହଠାତ୍ ଦେହରେ କ୍ଷତ ସୃଷ୍ଟି ହେଲେ ବାହାରୁଥିବା ରକ୍ତକୁ ବନ୍ଦ କରିବା ପାଇଁ ବର କ୍ଷୀରକୁ ଅଠା ଭାବରେ ବ୍ୟବହାର କରି କ୍ଷତ ସ୍ଥାନ ଉପରେ ଏକ ଲେପ ଦିଆଯାଉଥିଲା। ସେହିପରି ବର ଚେରରୁ ନିର୍ମିତ ଟନିକ୍ ବ୍ୟବହାର କଲେ ଶରୀରର ତାପମାତ୍ରା ନିୟନ୍ତ୍ରିତ ହେବା ସହ ମଧୁମେହ ରୋଗ ପାଇଁ ପ୍ରସ୍ତୁତ ଔଷଧରେ ମଧ କିଛିମାତ୍ରାରେ ବର ଛେଲି ଓ ଚେରର ମିଶ୍ରଣ ହୋଇଥାଏ। ଏହା ସହ ଦାନ୍ତ ଓ ମାଢ଼ିକୁ ଶକ୍ତ କରିବା ପାଇଁ ଭାରତର କିଛି ଅଞ୍ଚଳରେ ଏହାର ଚେରକୁ ବାଟି ଘସିବାର ଦେଖିବାକୁ ମିଳିଥାଏ। ବରଗଛ ଓହଳରେ ଥିବା କଅଁଳିଆ ଚେରକୁ ନେଇ ଭାରତ ଓ ନେପାଳ ସୀମାନ୍ତରେ ବସବାସ କରୁଥିବା ମହିଳାମାନେ ସେମାନଙ୍କ ମୁଣ୍ଡ ବାଳରେ ପ୍ରଲେପ ଭାବରେ ବ୍ୟବହାର କରନ୍ତି। କାରଣ ଏହାକୁ ଲଗାଇବା ଦ୍ୱାରା ସେମାନଙ୍କ ମୁଣ୍ଡବାଳ ଆହୁରି ଶକ୍ତ ଓ ଚିକ୍କଣ ହୋଇଥାଏ। ଅନେକ ସ୍ଥାନରେ ଦୁଇରୁ ଚାରି ଏକର ପର୍ଯ୍ୟନ୍ତ ଏହି ଗଛ ତା'ର କାୟା ବିସ୍ତାର କରିଥିବାର ଦେଖିବାକୁ ମିଳିଥାଏ। କୋଲକାତାର ହାଓଡ଼ା ପାଖରେ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ ଇଣ୍ଡିଆନ ବଟାନିକ୍ ଗାର୍ଡେନରେ ୪.୬୭ ଏକର ଜାଗା ଉପରେ ଥିବା ବିଶାଳ ବଟବୃକ୍ଷ ୨୫୦ରୁ ଅଧିକ ବର୍ଷର ପୁରୁଣା ବୋଲି ବିଶ୍ୱାସ କରାଯାଏ।

ଧର୍ମୀୟ ଭାବନା ଅନୁସାରେ ବଟବୃକ୍ଷକୁ ନେଇ ମଧ ନାନା କିମ୍ବଦନ୍ତୀ ରହିଛି। ଶ୍ରୀକୃଷ୍ଣ କୁଆଡ଼େ ସର୍ବପ୍ରଥମେ ଏଇ ବୃକ୍ଷମୂଳେ ଛିଡାହୋଇ ଗୀତାର ବାଣୀ ଶୁଣାଇଥିଲେ। ସେହିପରି ଖ୍ରୀଷ୍ଟିୟାନମାନେ ବିଶ୍ୱାସ କରନ୍ତି ଯେ ଆଦମ୍ ଓ ଇଭ୍ ବରର ଛେଲିରୁ ବକ୍କଳ କରି ପ୍ରଥମେ ପିନ୍ଧିଥିଲେ।

ହେଲେ ଦୁର୍ଭାଗ୍ୟର ବିଷୟ, ଏତେ ମାତ୍ରାରେ ମାନବ ଜୀବନ ସହିତ ଜଡିତ ବରଗଛ ଆଜି ସଙ୍କଟରେ ପଡିଛି। ଡେଙ୍ଗା ମୁଣ୍ଡରେ ଠେଙ୍ଗା ପରି ଏଇ ସର୍ବବୃହତ୍ ଗଛ ଆଜି ଚାରିଆଡ଼େ ବହୁଳ ମାତ୍ରାରେ କଟା ଚାଲିଛି। ଜନସଂଖ୍ୟା ବଢିବା ସହ ଅଧିକରୁ ଅଧିକ ଘର ଓ ରାସ୍ତାଘାଟ ନିର୍ମାଣ ହେଉଛି। ଫଳରେ ବରଗଛକୁ ହିଁ ପ୍ରଥମ ଶିକାର ହେବାକୁ ପଡୁଛି। ନେପାଳ ସାଧାରଣତଃ ହିମାଳୟ ପାଦଦେଶରେ ହୋଇଥିବାରୁ ଭାରତୀୟ ସମତଳ ଭୂମି ତୁଳନାରେ ଏଠାରେ କମ୍ ସଂଖ୍ୟାରେ ଏଇ ଗଛ ଦେଖାଯାଇଥାଏ। ନେପାଳୀମାନେ ଏହାର ଫଳଠାରୁ ଆରମ୍ଭ କରି ଚେର ପର୍ଯ୍ୟନ୍ତ କୋଡିଏରୁ ଅଧିକ ପ୍ରକାର ଔଷଧରେ ବ୍ୟବହାର କରନ୍ତି। ଏହି ଗଛରେ ଦେବତାଗଣ ବାସ କରନ୍ତି ବୋଲି ସେମାନେ ବିଶ୍ୱାସ କରିଥାଆନ୍ତି। କିନ୍ତୁ ଚିନ୍ତାର ବିଷୟ, ଏବେ ନେପାଳରେ ହିଁ ଅଧିକ ସଂଖ୍ୟାରେ ବରଗଛ କଟାଚାଲିଛି। ଆଗେ ବରଗଛଟିଏ ଲଗାଇବାକୁ ପୁଣ୍ୟକାର୍ଯ୍ୟ ବୋଲି ଲୋକେ ବିଶ୍ୱାସ କରୁଥିବା ବେଳେ ଆଜି ସେଇ ଭାବନା କୁଆଡ଼େ ବଦଳିଗଲାଣି। ଫଳରେ ପରିବେଶ ଅସନ୍ତୁଳିତ ହୋଇ ବାୟୁମଣ୍ଡଳରେ ଅସ୍ୱାଭାବିକ ଭାବରେ ଉତ୍ତାପ ବଢିବାରେ ଲାଗିଛି। ଏହାର ପ୍ରଭାବରେ ଦିନକୁ ଦିନ ଭୟାବହ ରୋଗ ମଧ ସୃଷ୍ଟି ହେବାରେ ଲାଗୁଛି। ବିଭିନ୍ନ ପ୍ରକାର ପକ୍ଷୀ ଓ ଛୋଟ ଛୋଟ ଚଢ଼େଇ, ଯେଉଁମାନେ ବରଡାଳରେ ବସବାସ କରନ୍ତି ଓ ମଣିଷର ବିଭିନ୍ନ ଉପକାରରେ ଆସନ୍ତି, ଧୀରେ ଧୀରେ ସେମାନଙ୍କ ସଂଖ୍ୟା ହ୍ରାସ ହେବାରେ ଲାଗିଲାଣି। ଏବେ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମମାନ କରାଯାଉଛି। ହେଲେ ବରଗଛ ଲଗାଇବା ପାଇଁ କେହି ଆଗଭର ହେଉନାହାନ୍ତି। କାରଣ ବରଗଛଟିଏ ବଢ଼ିଲେ ଅନେକ ଜାଗା ମାଡିବସିବ। ପଡ଼ିଆଗୁଡିକ ମଧ ହ୍ରାସ ପାଇ ଅନେକାଂଶରେ ଚାଷଜମିରେ ପରିଣତ ହେଲାଣି। ଗାଁଠାରୁ ସହର ଯାଏ ଖୋଲା ସ୍ଥାନଟିଏ ମିଳିବା କଷ୍ଟକର। ତେଣୁ ବରଗଛ ଆଉ କେଉଁଠି ସୃଷ୍ଟି ହେବ? ତେବେ ଉଦ୍ଭିଦ ଜଗତରୁ ବରଗଛ କ'ଣ ପୂରାପୂରି ଲୋପ ପାଇଯିବ? ସମସ୍ତେ ଆଜି ବରଗଛର ବଂଶରକ୍ଷା ପାଇଁ ଚିନ୍ତା ପ୍ରକଟ କରିବା ଉଚିତ। କାରଣ ଏଇ ବୃକ୍ଷ ପ୍ରବଳ ଛାଇ ଦେବା ସହ ଏହାର ଆଖପାଖରେ ଶୀତଳତା ବଜାୟ ରଖି ବାୟୁମଣ୍ଡଳକୁ ବିଶୋଧିତ କରିଥାଏ। ଉପଯୋଗୀ ସ୍ଥାନ ଦେଖି ଚାରିଆଡ଼େ ବରଗଛ ରୋପଣ କରିବା ଏବେ ନିହାତି ଜରୁରୀ ହୋଇପଡିଛି। ଅତି ଜରୁରୀ ନ ହେଲେ ଏହାକୁ କାଟିବା ବନ୍ଦ କରି ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ସହ ନୂଆ ବରଗଛ ଲଗାଇଲା ବେଳେ ସମସ୍ତେ ସହଯୋଗ କରିବା ଉଚିତ।

ବରମୁଣ୍ଡଳୀ, ଜଗତ୍‌ସିଂହପୁର, ମୋ-୭୮୭୩୭୧୯୦୫୬

## ଏଇ ଭାରତରେ

ଛୋଟ ପିଲା କାନ୍ଦିଲେ ଯେ କୌଣସି ମହିଳାର ହୃଦୟ ବିଗଳି ଉଠିବା ସ୍ୱାଭାବିକ। କିନ୍ତୁ ମାତୃସ୍ତନ୍ୟରୁ ବଞ୍ଚିତ ଶିଶୁକୁ ଆଉ ଜଣେ ମହିଳା ସ୍ତନ୍ୟପାନ କରାଇ ତାକୁ ସାନ୍ତ୍ୱନା ଦେବା ବିରଳ ଘଟଣାଗୁଡିକ ମଧ୍ୟରୁ ଅନ୍ୟତମ। ହାଇଦ୍ରାବାଦରେ ଏପରି ଏକ ଘଟଣା ଘଟିଛି। ଦୁଇମାସର ଶିଶୁକନ୍ୟାକୁ ମା' ଛାଡି ଚାଲିଯାଇଥିବା ବେଳେ ତାକୁ ଜଣେ ମହିଳା ପୋଲିସ ଅଧିକାରୀ ସ୍ତନ୍ୟପାନ କରାଇ ମାତୃ ହୃଦୟର ପରିଚୟ ଦେଇଛନ୍ତି। ପ୍ରିୟଙ୍କା ନାମ୍ନୀ ଏହି ମହିଳା କର୍ମଚାରୀ ହାଇଦ୍ରାବାଦର ବେଗମ୍‌ପେଟ ଥାନାରେ ଏବଂ ତାଙ୍କ ସ୍ୱାମୀ ଏମ୍. ରବୀନ୍ଦ୍ର ସ୍ଥାନୀୟ ଅଫଜଲ୍‌ଗଞ୍ଜ ଥାନାରେ କାର୍ଯ୍ୟ କରନ୍ତି। ଓସ୍‌ମାନିଆ ହସ୍ପିଟାଲ ସମ୍ମୁଖରେ ଜଣେ ମହିଳା ତାଙ୍କ ଦୁଇମାସର ଶିଶୁକନ୍ୟାକୁ ମହମ୍ମଦ ଇରଫାନ୍ ନାମକ ଜଣେ ବ୍ୟକ୍ତିଙ୍କୁ କିଛି ସମୟ ଧରିବାକୁ କହି କେଉଁଆଡେ ଚାଲିଯାଇଥିଲେ। ଭୋକରେ ଶିଶୁକନ୍ୟା ରାହା ଧରି କାନ୍ଦିବାରେ ଲାଗିଲା। ଇରଫାନ୍ ଶିଶୁକୁ ଧରି ଅଫଜଲ୍‌ଗଞ୍ଜ ଥାନାରେ ପହଞ୍ଚିଲେ। ଏହା ଦେଖି ରବୀନ୍ଦ୍ର ସ୍ତ୍ରୀ ପ୍ରିୟଙ୍କାଙ୍କୁ ଖବର ଦେଇଥିଲେ। ପ୍ରିୟଙ୍କା ଖବର ପାଇ ଥାନାରେ ପହଞ୍ଚି ଶିଶୁକନ୍ୟାକୁ ସ୍ତନ୍ୟପାନ କରାଇଥିଲେ। ପରେ ଶିଶୁକନ୍ୟାର ମା' ଶବାନା ବେଗମ୍‌ଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରିଥିଲେ। ସେ ନିଶାରେ ଥିବାରୁ ଏପରି କରିଥିବା ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି। ଏବେ ପ୍ରିୟଙ୍କାଙ୍କ ଉଦାରତା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ରୋପିଥିଲ ଯେ ପାଦପ ଧରମର
ଅକ୍ଷୟ ମହତ
କାଳର ପ୍ରଭାବେ ଯେବେ ହେଲା ତା'ର
ଜୀର୍ଣ୍ଣତା ଆଗତ।
ଆଚାର ବିଧାନ ତା'ର ପଡ଼େ ଝଡ଼ି
ଶୁଷ୍କପତ୍ର ସମ
ବିଲୋକି ସେ ଦଶା ତବ ପ୍ରାଣେ ଜାଗେ
ଯାତନା ପରମ।

(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | D | | | | | | 1 | | | | | | |
| 1 | | | 5 | B | 8 | | 9 | A | | | 6 | | | |
| | 4 | 5 | | | | | | | | | | 0 | 7 | 9 |
| | 9 | | | | | 8 | | D | 3 | E | | | C | |
| | | | | | | | B | 7 | | | 4 | | A | 3 |
| | 6 | | | | A | | | B | | | 8 | C | | 2 |
| E | | | | | 0 | | 1 | 8 | | | B | | 9 | |
| | 8 | | D | 6 | | | | 3 | | | A | | | 1 |
| | 1 | B | | | E | | | | 2 | 5 | | | | 0 |
| | | 7 | | | 2 | | | | | | | 4 | 6 | |
| | | 3 | | | | | D | 2 | | | | 5 | 0 | |
| D | 5 | 2 | | | | | | | | 9 | | | | 4 |
| | 7 | | | | | | E | | 6 | 0 | D | | | |
| | | 9 | | | 4 | | 6 | | | 8 | | | | E |
| 0 | | 4 | | | | B | | | | C | 1 | 6 | D | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | D | 5 | B | 6 | 3 | 8 | 4 | E | 7 | 1 | 9 | 0 | C | 2 |
| 0 | 4 | 7 | 1 | E | C | B | 5 | 2 | A | 6 | 3 | D | 9 | 8 |
| C | 8 | 1 | 0 | 9 | 4 | D | A | 3 | 5 | 2 | E | B | 6 | 7 |
| B | E | 3 | 8 | 2 | A | 9 | 6 | 7 | D | C | 0 | 5 | 4 | 1 |
| 6 | 9 | 2 | D | 7 | 5 | 0 | 1 | C | 8 | B | 4 | 3 | A | E |
| 7 | C | 9 | 4 | 3 | 8 | 5 | 0 | B | 2 | A | D | 1 | E | 6 |
| 2 | 1 | 8 | 5 | A | D | 7 | 9 | 6 | E | 0 | B | 4 | 3 | C |
| E | A | 0 | 9 | 1 | 6 | 4 | 3 | D | C | 7 | 5 | 2 | 8 | B |
| D | B | 6 | C | 0 | 7 | E | 2 | 8 | 3 | 4 | 1 | A | 5 | 9 |
| 3 | 5 | 4 | E | B | 2 | A | C | 1 | 6 | 9 | 8 | 7 | D | 0 |
| 4 | 2 | C | 3 | 8 | 1 | 6 | 7 | 9 | B | D | A | E | 0 | 5 |
| 9 | 0 | D | 6 | C | B | 1 | E | A | 4 | 5 | 2 | 8 | 7 | 3 |
| 8 | 3 | B | 7 | 5 | 0 | 2 | D | 4 | 9 | E | C | 6 | 1 | A |
| 5 | 7 | E | A | 4 | 9 | 3 | B | 0 | 1 | 8 | 6 | C | 2 | D |
| 1 | 6 | A | 2 | D | E | C | 8 | 5 | 0 | 3 | 7 | 9 | B | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମା'ବାପା ସଚେତନ ହେବେ କି

ମହାଶୟ,

ଆମ ଦେଶରେ ବହୁଳଭାବେ ବ୍ୟବହୃତ ବେବି ପାଉଡର ଓ ଶାମ୍ପୁରେ କର୍କଟକାରକ ଉପାଦାନ ଅଛି ବୋଲି ନିକଟଅତୀତରେ ଗଣମାଧ୍ୟମରେ ପ୍ରକାଶ ପାଇଛି, ଯାହା ସତ ହୋଇଥିଲେ ସାଂଘାତିକ। କିଛିବର୍ଷ ତଳେ ଆମ ଦେଶର ଜଣେ ବୈଜ୍ଞାନିକ ସୁନୀତା ନାରାୟଣନ୍ ପରୀକ୍ଷା କରି ଜଣାଇଥିଲେ ଯେ ପେପ୍‌ସି ଓ କୋଲା ପରି ମୃଦୁପାନୀୟରେ ଯଥେଷ୍ଟ ବିଷାକ୍ତ ଉପାଦାନ ଥିଲା, ଯାହା ଅଷ୍ଟିଓ ପୋରୋସିସ୍ ପରି ରୋଗ କରିବାରେ ସାହାଯ୍ୟ କରୁଥିଲା। ଏହାକୁ ନେଇ ସେ ସମୟରେ ତୁମ୍ବିତୋଫାନ ହୋଇଥିଲା। ତଦନ୍ତ କମିଟି ଅନୁସନ୍ଧାନ କରି ପ୍ରାୟ ୧ ବର୍ଷ ପରେ ମୃଦୁପାନୀୟକୁ କ୍ଲିନ୍‌ଚିଟ୍ ଦେଇଥିଲା। ଏବେ ମଧ ସେହି ମୃଦୁପାନୀୟକୁ ଆମେରିକାର ସ୍କୁଲମାନଙ୍କରେ ବାରଣ କରାଯାଇଥିଲେ ମଧ ଆମ ଦେଶରେ ତାହା ଆଭିଜାତ୍ୟର ଚିହ୍ନ ଭାବେ ପରିଗଣିତ ହେଉଛି। ସେହିପରି ପ୍ରାୟ ୨ ବର୍ଷ ତଳେ ନେସ୍‌ଲେ କମ୍ପାନୀର ମାଗି କ୍ଷେତ୍ରରେ ମଧ ଏ ପ୍ରକାର ହୋଇଥିଲା। ଆମ ଦେଶରେ ୧୯୮୬ରେ ଗ୍ରାହକ ସୁରକ୍ଷା ଆଇନ ପ୍ରଣୀତ ହୋଇଥିଲେ ମଧ ଜନସାଧାରଣ ସେ ସମ୍ପର୍କରେ ସଚେତନ ନ ଥିବାରୁ ବହୁ ଦେଶୀ ଓ ବିଦେଶୀ କମ୍ପାନୀ ଏ ପ୍ରକାର କୁକାର୍ଯ୍ୟ କରିଚାଲିଛନ୍ତି। କେହି ଏ ବିଷୟରେ ଆଇନର ସହାୟତା ନେଲେ ମଧ ଆମ ଦେଶରେ ବିଚାର ବିଭାଗର ବିଳମ୍ବ ପାଇଁ ସେ ପ୍ରସଙ୍ଗ ଉପରୁ ଜନସାଧାରଣଙ୍କ ନଜର ହଟିଯାଇଥାଏ। ତେଣୁ ଲୋଭନୀୟ ବିଜ୍ଞାପନରେ ଆକର୍ଷିତ ନ ହୋଇ ନିଜ ପିଲାଙ୍କର ସୁରକ୍ଷିତ ଭବିଷ୍ୟତ ପାଇଁ ମା'ବାପାମାନେ ସଚେତନ ହେବା ନିହାତି ଦରକାର। ଏ ପ୍ରସଙ୍ଗରେ ଧରିତ୍ରୀ (୨୫।୧୨)ରେ ପ୍ରକାଶିତ ସହଦେବ ସାହୁଙ୍କ 'ଗ୍ରାହକ ସୁରକ୍ଷା ଗଣତନ୍ତ୍ର ରକ୍ଷା' ପ୍ରଣିଧାନଯୋଗ୍ୟ।

ଡ. ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର

### ଟିଭି ଓ ମୋବାଇଲର କୁଫଳ

ଦୂରଦର୍ଶନ ଓ ମୋବାଇଲର ଅରୁଚିକର ଦୃଶ୍ୟଗୁଡ଼ିକ କୋମଳମତି ପିଲାଙ୍କୁ ଭୁଲ ବାଟକୁ ଟାଣି ନେଉଛି। କିଛି ପତ୍ରପତ୍ରିକାର ଲେଖା ମଧ ପିଲାଙ୍କୁ ସତ୍‌ଶିକ୍ଷାଠାରୁ ଦୂରେଇ ଦେଉଛି। ବିଭିନ୍ନ ଉତ୍ତେଜକ ଦୃଶ୍ୟ ଓ ମାରପିଟ ଦୃଶ୍ୟଗୁଡିକ କ୍ଷତିକାରକ। ଉପାଦେୟ ଶିଶୁ ସାହିତ୍ୟ ମାଧ୍ୟମରେ ପିଲାଙ୍କୁ ଶିକ୍ଷା ଦିଆଯାଉ ଏବଂ ଯେତେଦୂର ସମ୍ଭବ ସେମାନଙ୍କୁ ଟିଭି ଓ ମୋବାଇଲଠାରୁ ଦୂରରେ ରଖାଯାଉ।

ନିର୍ଭୟ କୁମାର ପାଣି, ବିଜିଗୋଳ, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଜାନୁୟାରୀ ୨/୨୦୧୯



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ନୂଆବର୍ଷ ପିକ୍‌ନିକ୍: ପୋଖରୀରେ ବୁଡ଼ି ଯୁବକ ନିଖୋଜ

**ଝାରସୁଗୁଡା ଅଫିସ,୧।୧-**ପିକ୍‌ନିକ୍ କରିବାକୁ ଯାଇ ଜଣେ ଯୁବକ ପୋଖରୀରେ ବୁଡ଼ିଯାଇଛନ୍ତି। ବଡମାଲ ଥାନା ଅଧୀନ ବେହେରାପାଲି ଠାରେ ଏହି ଦୁର୍ଘଟଣା ଘଟିଥିବାବେଳେ ଯୁବକଙ୍କ ପତା ମିଳିପାରି ନାହିଁ। ତେବେ ସନ୍ଧ୍ୟା ହୋଇଯିବାରୁ ଯୁବକଙ୍କୁ ଉଦ୍ଧାର କରାଯାଇପାରି ନ ଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି। ମଙ୍ଗଳବାର ନୂଆବର୍ଷ ପାଳନ କରିବାକୁ ସରବାହାଲର କେତେକ ଯୁବକ ବେରୋପାଲି ଅଞ୍ଚଳକୁ ଯାଇଥିଲେ। ଭୋଜିଭାତ ଶେଷ ହେବା ପରେ ରୋଷେୟା ଏବଂ ସହଯୋଗୀ ବାସନ ମାଜିବାକୁ ଏକ ନିକଟସ୍ଥ ପୋଖରୀକୁ ଯାଇଥିଲେ। ଗୋଟିଏ ବାସନ ଭାସିଯିବାରୁ ରୋଷେୟାଙ୍କ ସହଯୋଗୀ ପୋଖରୀ ଭିତରକୁ ଆଣିବାକୁ ଯାଇଥିଲେ। କିନ୍ତୁ ହଠାତ୍ ପୋଖରୀ ଗାଡରେ ଫସିଯିବାରୁ ପହଁରି ନ ପାରି ବୁଡି ଯାଇଥିଲେ। ଖବରପାଇ ବଡମାଲ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ସନ୍ଧ୍ୟା ସୁଦ୍ଧା ଉଦ୍ଧାର ହୋଇ ନ ଥିବା ଜଣାଯାଇଛି।



### ହାଡଭଙ୍ଗା ଶୀତରେ ଜନଜୀବନ ଅସ୍ତବ୍ୟସ୍ତ

**କୋଲାବିରା,୧।୧(ଡି.ଏନ.ଏ.)** -ହାଡଭଙ୍ଗା ଜାଡରେ ଥରୁଛି ସାରା ରାଜ୍ୟ। ଗାଁ ଠୁ ସହର ସବୁଠି ଜାଡ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ରାତି ଯେତିକି ବଢୁଛି ଥଣ୍ଡା ମଧ ସେତିକି ଅନୁପାତରେ ବଢ଼ିବାରେ ଲାଗୁଛି। ସ୍ଥିତି ଏପରି ଯେ, କୋଲାବିରା ଅଞ୍ଚଳରେ ପାରଦ ୯ଡିଗ୍ରୀ ତଳକୁ ଖସି ଆସିଲାଣି। ଗତ ତିନି ଦିନ ହେଲା ଜିଲାରେ ତାପମାତ୍ରା ହ୍ରାସ ପାଇବା ସହ ପ୍ରବଳ ଶୀତ ଲହରି ଜାରି ରହିଛି। ଘରେ ବାହାରେ ରାସ୍ତାଘାଟ, ଛକରେ ନିଆଁ ଜାଳି ରହୁଛନ୍ତି ଲୋକେ। ସେହିପରି ଗାଁ ଗଣ୍ଡାରେ ଲୋକେ କାଠଗଣ୍ଡି ଜାଳି ବସି ରହୁଛନ୍ତି। ଅନେକ ଲୋକ ଘରେ ଅନ୍ତରା ଜାଳି ରହୁଛନ୍ତି। ଶୀତ ଯୋଗୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ବୟସ୍କ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକଙ୍କ କଷ୍ଟ ଦ୍ୱିଗୁଣିତ ହେଇଯାଉଛି। ଶୀତର ପ୍ରକୋପ ଯୋଗୁ ଲୋକଙ୍କ ଯାତାୟତ କମିଯାଇଛି ରାସ୍ତାଘାଟ ଶୁନ୍‌ଶାନ ଲାଗୁଛି। ଦିନ ତମାମ କୋହଲାପାଗ ବୋହିବା ସହ ସନ୍ଧ୍ୟା ହେଲେ ଲୋକେ ଘର ତାଟି କବାଟବନ୍ଦ କରି ଦେଉଛନ୍ତି। ଆଉ କିଛି ଦିନ ଧରି ଏଭଳି ଶୀତର ପ୍ରକୋପ ଜାରି ରହିଲେ ଅଞ୍ଚଳବାସୀଙ୍କ ଦୁଃଖ ବଢ଼ିବାର ସମ୍ଭାବନା ରହୁଛି। ଡିସେମ୍ବର ମାସରେ ଏତେ ମାତ୍ରାରେ ତାପମାତ୍ରା ଖସିବା ୨୫ବର୍ଷର ରେକର୍ଡ ବୋଲି କୁହାଯାଉଛି। ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରୁଛି, ଆସନ୍ତାକାଲିଠାରୁ ୩ତାରିଖ ପର୍ଯ୍ୟନ୍ତ ଭୀଷଣ ଶୀତର ଲହରି ଓଡିଶାକୁ ମାଡି ଆସିବାର ସମ୍ଭାବନା ରହିଛି। ଏହାପରେ ସ୍ଥିତିରେ ସାମାନ୍ୟ ସୁଧାର ଆସିପାରେ। ମାତ୍ର ୫ତାରିଖ ଯାଏ ଥଣ୍ଡାରୁ ମୁକ୍ତି ପାଇବାର ଆସା ଦେଖାଯାଉ ନାହିଁ। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଅଧିକାରୀଙ୍କ କହିବାନୁଯାୟୀ, ଚଳିତ ବର୍ଷ ପ୍ରଥମ ଥର ପାଇଁ ଏଭଳି ସ୍ଥିତି ହୋଇଛି।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।



ଦୁଲ୍‌ଦୁଲି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ଜିଲା ଗଠନକୁ ୨୫ ବର୍ଷ: ଦୁଲ୍‌ଦୁଲି ମହୋତ୍ସବ ଆରମ୍ଭ

# ସଂସ୍କୃତି ଯୁକ୍ତ ବିକାଶ ସମାଜକୁ ଋଦ୍ଧିମନ୍ତ କରେ

**ଝାରସୁଗୁଡା ଅଫିସ,୧।୧–**ଝାରସୁଗୁଡା ଜିଲା ଗଠନର ୨୫ବର୍ଷ ଉପଲକ୍ଷେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ଆରମ୍ଭ ହୋଇଛି ୧୭ତମ ଝାରସୁଗୁଡା ଜିଲା ମହୋତ୍ସବ 'ଦୁଲ୍‌ଦୁଲି'। ଝାରସୁଗୁଡା ବିଧାୟକ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ସମାହାର ଯୁକ୍ତ ବିକାଶ ହିଁ ଜିଲାକୁ ଋଦ୍ଧିମନ୍ତ କରେ ବୋଲି କହିଥିଲେ। ସେ କହିଥିଲେ ଯେ, କେବଳ ଉନ୍ନତ ଭିତ୍ତିଭୂମି, ତ୍ୱରାନ୍ୱିତ ସେବା ଓ ସୁବିଧା ଉପଲବ୍ଧ ହେଲେ ଆମେ ବିକଶିତ ହୋଇପାରିବା ନାହିଁ। ବିକାଶ ସହ ଭାଇଚାରା, ସ୍ନେହ, ଶ୍ରଦ୍ଧା ଓ ସାଂସ୍କୃତିକ ବାତାବରଣ ହିଁ ପୂର୍ଣ୍ଣତାର ପରିଚୟ ବୋଲି ବିଧାୟକ ଦାସ କହିଥିଲେ। ଜିଲା ସଂସ୍କୃତି ପରିଷଦର ଅଧକ୍ଷ ତଥା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କହିଥିଲେ କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ଏବଂ ପ୍ରଦର୍ଶନ ପାଇଁ ଝାରସୁଗୁଡା ମହୋତ୍ସବ ଦୁଲ୍‌ଦୁଲି ଏକ ଉତ୍ତମ ପ୍ଲାଟଫର୍ମ ଯୋଗାଇବ। ଏହି ମଞ୍ଚ ସହାୟତାରେ ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ, ଗ୍ରାମାଞ୍ଚଳ କଳା, କୌଶଳ ବିକାଶ ହୋଇପାରିବ ବୋଲି ଅନ୍ୟତମ ଅତିଥି ଜିଲା ପରିଷଦ ଅଧକ୍ଷ ଲକ୍ଷ୍ମୀନାରାୟଣ ପଟେଲ, ଲଇକେରା ବ୍ଲକ୍ ଅଧକ୍ଷା ରୋଜାଲିନ୍ ପଟେଲ, କୋଲାବିରା ବ୍ଲକ୍ ଅଧକ୍ଷା ଜୟନ୍ତୀ ବାହୁକ, ଝାରସୁଗୁଡା ବ୍ଲକ୍ ଅଧକ୍ଷ ଦିଗମ୍ବର ଭୋଇ ପ୍ରମୁଖ କହିଥିଲେ। ଉଦ୍‌ଘାଟନୀ ଦିବସରେ ଇଷ୍ଟଦେବ ଝାଡେଶ୍ୱର ବାବାଙ୍କ ମନ୍ଦିରରୁ ପୂର୍ଣ୍ଣ କଳସ ଶୋଭାଯାତ୍ରା ବାହାରି ଷ୍ଟେଶନ ଛକ ସ୍ଥିତ ଦୁର୍ଗାମନ୍ଦିରରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ପରେ କଳସକୁ ମହୋତ୍ସବ ମଞ୍ଚରେ ସ୍ଥାପନ କରାଯାଇଥିଲା। ଉଦ୍‌ଘାଟନୀ ଅବସରରେ ସମ୍ପାଦିକା ମନ୍ଦାକିନୀ ଶତପଥୀ ଏବଂ ଅନ୍ୟ ଅତିଥିମାନେ ମହୋତ୍ସବର ସ୍ମରଣିକା 'ଦୁଲ୍‌ଦୁଲି' ଉନ୍ମୋଚନ କରିଥିଲେ। ଅତିଥିମାନେ ୨୯୪ଟି ଷ୍ଟଲ୍ ବୁଲି ଦେଖିଥିଲେ। ମନମୋହନ ସ୍କୁଲ ପଡିଆରେ ୫ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ୪୭ଟି ଟିମ୍‌ର ୭୭୧କଳାକାର ଏବଂ ଦିନ ବେଳା ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରାୟ ୧୩୦୦କଳାକାର ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରେ ଝାରସୁଗୁଡା ସୃଜନୀ ପରିବାର ତରଫରୁ ଭର୍‌ନି, ଟୁକୁନା ମିଶ୍ର ଆଣ୍ଡ ଗ୍ରୁପ୍, ଫକୀର ପଟ୍ଟନାୟକ ସଙ୍ଗୀତ ଏବଂ ଗବେଷଣା କେନ୍ଦ୍ରର ଚୁଟ୍‌କୁଚୁଟା, ଭୁବନେଶ୍ୱର ନୃତ୍ୟ ସାଧନାର ମାହାରି ନୃତ୍ୟ, କୁଚିଣ୍ଡା କଳା ସଂସ୍କୃତି ଅନୁଷ୍ଠାନର ବାଉଲା ଝୁମ୍ପା ପରିବେଷଣ ହୋଇଥିଲା। ଦୁଲ୍‌ଦୁଲି କୋର କମିଟିର ତାପସରାୟ ଚୌଧୁରୀ ମଞ୍ଚ ସଞ୍ଚାଳନ କରିଥିବା ପ୍ରଫେସର ଟହଲୁ ସାହୁ ଧନ୍ୟବାଦ ଦେଇଥିଲେ। ସୌଭାଗ୍ୟ ପଟେଲ, ଆକାଂକ୍ଷା ନାୟକ, ସାଇମନ ପ୍ରଧାନ, ସୁଚିସ୍ମିତା ଗୁରୁ, ପଦ୍ମନାଭ ମାଳି, ଡ. ମୀନା ସୋନି, ଚଞ୍ଚଳ ଦୁଆ, ପ୍ରତୀକ୍ଷା ତ୍ରିପାଠି, ଅହଲ୍ୟା ନାଏକ, ମଧୁସ୍ମିତା ପଟେଲ ପ୍ରମୁଖ ମଞ୍ଚ ସଞ୍ଚାଳନ ଦାୟିତ୍ୱ ନେଇଛନ୍ତି।

### ଟାଇଗର କ୍ଲବ, ଡ଼ିୱାଇଏମ୍‌ଏ ବିଜୟୀ

**ବେଲପାହାଡ଼,୧।୧(ଡ଼ି.ଏନ୍.ଏ.)**

ବେଲପାହାଡ଼ସ୍ଥିତ ଟିଆର୍‌ଏଲ ଷ୍ଟାଡ଼ିୟମଠାରେ ଚାଲିଥିବା ଗୌତମ ବହିଦାର କ୍ରିକେଟ ଲିଗର ପଞ୍ଚମ ଦିନରେ ଅମରଜ୍ୟୋତି କ୍ଲବ୍ ଓ ଟାଇଗର କ୍ଲବ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଟାଇଗର କ୍ଲବ ଟସ୍ ଜିତିଲା ପରେ ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତି ନେଇଥିଲା । ୩ ଉଇକେଟ ହରାଇ ୧୭୬ରନ୍ ସଂଗ୍ରହ କରିଥିଲା । ଘନଶ୍ୟାମ ପଟେଲ ୪୭ବଲରେ ସର୍ବାଧିକ ୮୦ରନ ଏବଂ ରାଜନ ସାହୁ ୩୮ବଲରେ ୪୯ରନ୍ କରିଥିଲେ । ଜବାବରେ ଅମର ଜ୍ୟୋତି କ୍ଲବ ୮ଉଇକେଟ ହରାଇ ୧୩୧ରନ ସଂଗ୍ରହ କରି ପରାସ୍ତ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ଦୁଇ ପୂର୍ବବିଜେତା ଦଳ ଟାଇଗର ଲିଜେଣ୍ଡ ଓ ଡ଼ିୱାଇଏମ୍‌ଏ ପରସ୍ପରକୁ ଭେଟିଥିଲେ। ଟାଇଗର ଲିଜେଣ୍ଡ ପ୍ରଥମେ ବ୍ୟାଟିଂ କରି ୭ଉଇକେଟରେ ୧୨୨ରନ କରିଥିଲା। ଦଳର ବ୍ୟାଟ୍ସମ୍ୟାନ ସୁମିତ ପଣ୍ଡା ୩୫ବଲରେ ସର୍ବାଧିକ ୪୫ରନ୍ ଏବଂ ସରୋଜ ପାତ୍ର ୩୩ବଲରେ ୨୩ରନ୍ ସଂଗ୍ରହ କରିଥିଲେ । ଏହାର ଜବାବରେ ଡ଼ିୱାଇଏମଏ ଦଳ ୬ ଉଇକେଟ ହରାଇ ୧୨୩ରନ୍ କରି ମ୍ୟାଚ୍ ବିଜୟୀ ହୋଇପାରିଥିଲା । ପଥମ ମ୍ୟାଚ୍‌ରେ ଶିବରାମ ମହାରଣା ଓ ସଂଜୟ ସିଂ ଅମ୍ପେୟାରିଂ କରିଥିଲେ । ଦ୍ୱିତୀୟ ମ୍ୟାଚ୍‌ରେ ପ୍ରତ୍ୟୁଷ ଦାଶ ଓ ସତ୍ୟାନନ୍ଦ ଅମ୍ପେୟାରିଂ କରିଥିଲେ।

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତୁଷୁରା**
**ଜିଲ୍ଲା: ବଲାଙ୍ଗୀର**
**- ନବବର୍ଷ ଶୁଭେଚ୍ଛା-**
ବିଜ୍ଞାପିତ ଅଞ୍ଚଳ ପରିଷଦ, ତୁଷୁରା ତରଫରୁ ସହରବାସୀଙ୍କୁ ନବବର୍ଷ ୨୦୧୯ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା।



ଶ୍ରୀ ବିପିନ ବିହାରୀ ଦୀପ (ଓ.ଆର୍.ଏସ୍.)
କାର୍ଯ୍ୟନିର୍ବାହୀ ଅଧିକାରୀ



ଶ୍ରୀ ଦୀନଦୟାଲ ଶର୍ମା
ଉପ-ନଗରପାଳ



ଶ୍ରୀମତୀ ଭାଗ୍ୟଶ୍ରୀ ନାଗ
ନଗରପାଳ

**ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା**
୧. ଶ୍ରୀ ଭକ୍ତବନ୍ଧୁ ଭୋଇ, ସଭ୍ୟ ୱାର୍ଡ ନଂ.୧
୨. ଶ୍ରୀ ପ୍ରଦୀପ କୁମାର ସାହୁ, ସଭ୍ୟ ୱାର୍ଡ ନଂ.୨
୩. ବିନୋଦିନୀ ମାହାଲିଙ୍ଗ, ସଭ୍ୟା ୱାର୍ଡ ନଂ.୩
୪. ଶ୍ରୀମତୀ ଜ୍ୟୋସ୍ନାମୟୀ ପୁଟା, ସଭ୍ୟା ୱାର୍ଡ ନଂ.୪
୫. ଶ୍ରୀମତୀ ଚାନ୍ଦ ବାଗ, ସଭ୍ୟା ୱାର୍ଡ ନଂ.୫
୬. ଶ୍ରୀ ପ୍ରମୋଦ କୁମାର ନନ୍ଦ, ସଭ୍ୟ ୱାର୍ଡ ନଂ.୮
୯. ଶ୍ରୀମତୀ ସବିତା ରଣା, ସଭ୍ୟା ୱାର୍ଡ ନଂ.୯
୧୦. ଶ୍ରୀମତୀ ମୀନାରାଣୀ ସାହୁ, ସଭ୍ୟା ୱାର୍ଡ ନଂ.୧୦
୧୧. ଶ୍ରୀ ସୁରେନ୍ଦ୍ର ରଣା, ସଭ୍ୟ ୱାର୍ଡ ନଂ.୧୧
**ବିଜ୍ଞାପିତ ଅଞ୍ଚଳ ପରିଷଦ, ତୁଷୁରା**
**ସ୍ୱଚ୍ଛ ତୁଷୁରା ସୁସ୍ଥ ତୁଷୁରା**

■ ଏମ୍‌ସିଏଲ୍ ଜମିହୀନ ବିସ୍ଥାପିତଙ୍କୁ ଲଖନପୁରରେ ଥଇଥାନ

# କମ୍ପାନୀ ଜମି ଅକ୍ତିଆରକୁ ଗ୍ରାମବାସୀଙ୍କ ବିରୋଧ

**ଲଖନପୁର,୧।୧(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ଲଖନପୁର କୋଇଲା କ୍ଷେତ୍ର ଦ୍ୱାରା ବିସ୍ଥାପିତ ହେବାକୁ ଥିବା ଜମିହୀନ ଲୋକଙ୍କୁ କମ୍ପାନୀ କେତେକ ସରକାରୀ ଜମିରେ ଥଇଥାନ କରିବା ପାଇଁ ପ୍ରୟାସ ଚଳାଇଛି । ଏହା ଜାଣିବା ପରେ ଏମ୍‌ସିଏଲ୍‌ର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକେ ବିରୋଧ କରିଆସୁଛନ୍ତି । ଗତ ମାସରେ ଏଭଳି ସ୍ଥିତି ଦେଖାଦେଇଥିଲା ଖଡାମ ମୌଜାରେ । ଜମି ଅକ୍ତିଆର ପାଇଁ ରାଜସ୍ୱ ବିଭାଗକୁ ସାଙ୍ଗରେ ଧରି କମ୍ପାନୀ କର୍ତ୍ତୃପକ୍ଷ କାର୍ଯ୍ୟଆରମ୍ଭ କରିଥିଲେ । ଖବରପାଇ ଖଡାମ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବେଆଇନ୍ ଜମି ଅକ୍ତିଆରକୁ ବିରୋଧ କରିଥିଲେ । ଫଳରେ ରାଜସ୍ୱ ବିଭାଗ ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ଅସନ୍ତୋଷର ଶିକାର ହୋଇ ଫେରିଯାଇଥିଲେ । ଫଳରେ କମ୍ପାନୀ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି । ଅଞ୍ଚଳବାସୀଙ୍କ ଏଭଳି ବିରୋଧକୁ ଦୃଷ୍ଟିରେ ରଖି କମ୍ପାନୀ କର୍ତ୍ତୃପକ୍ଷ ଜିଲାପ୍ରଶାସନକୁ ହାତବାରିଶୀ କରି ଜମିହୀନଙ୍କୁ ଥଇଥାନ ଉଦ୍ଦେଶ୍ୟରେ ସରକାରୀ ଜମିକୁ ହାତେଇବା ପାଇଁ ପ୍ରୟାସ ଚଳାଇଛି । ତଥାପି ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଆସୁଛନ୍ତି । ଏଭଳି ସ୍ଥିତିରେ ପୁଣି ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଜିଲାପ୍ରଶାସନ ଓ ରାଜସ୍ୱ ବିଭାଗକୁ ହାତ କରି ଲଖନପୁର ଗ୍ରାମ ନିକଟ ବାଣ୍ଡିପାହାଡ ନିକଟରେ ଶତାଧିକ ଏକର ସରକାରୀ ଜମି ହାତେଇବା ପାଇଁ ପ୍ରୟାସ ଚଳାଇଛି । ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ ଜିଲାପ୍ରଶାସନ ଓ ରାଜସ୍ୱ ବିଭାଗକୁ ଧରି ମଙ୍ଗଳବାର ବାଣ୍ଡିପାହାଡ ନିକଟସ୍ଥ ସରକାରୀ ଜମିରେ ଭୂମିପୂଜା କରିଛନ୍ତି । ଏଥିରେ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ଜିଲା ଭୂଅର୍ଜନ ଅଧିକାରୀ ଆଲୋମଣି ସେଠି, ତହସିଲଦାର ଜ୍ୟୋତ୍ସ୍ନାରାଣି ସାହୁ, ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ, ଆର୍‌ଆଇ ସସ୍ମିତା ବେହେରା, ଅତିରିକ୍ତ ଆର୍‌ଆଇ ନାରାୟଣ କୁଅଁର ପ୍ରମୁଖ ଅଧିକାରୀ ଉପସ୍ଥିତଥିଲେ । ସେହିଭଳି ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପ୍ରବନ୍ଧକ ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ଜମିଅଧିଗ୍ରହଣ ବିଭାଗୀୟ ଅଧିକାରୀ ଦଶରଥ ମିଶ୍ର ପ୍ରମୁଖ ଉପସ୍ଥିତଥିଲେ । ଖବରପାଇ ଲଖନପୁର ଗ୍ରାମବାସୀ ପୂଜାସ୍ଥଳରେ ପହଞ୍ଚି କମ୍ପାନୀର ବେଆଇନ୍ ଜମି ଅଧିଗ୍ରହଣକୁ ବିରୋଧ କରିଥିଲେ । ଏଥିରେ ଗ୍ରାମର ଜଗନ୍ନାଥ ପ୍ରଧାନ, ବିଜୟ ଭୋଇ, କୁନୁ ହାତୀ, ଟଙ୍କଧର ପ୍ରଧାନ, କ୍ଷୀତିଭୂଷଣ ପ୍ରଧାନ, ଭକ୍ତରାମ ଧୁରୁଆ ପ୍ରମୁଖ ଶତାଧିକ ଲୋକ ଉପସ୍ଥିତଥିଲେ । ଏହି ଜଙ୍ଗଲରୁ ଗ୍ରାମବାସୀ ବହୁପୁରାତନ କାଳରୁ ବନ୍ୟଜାତ ଦ୍ରବ୍ୟ ସଂଗ୍ରହକରି ପାରିବାରିକ ଗୁଜୁରାଣ ଚଳାଉଛନ୍ତି । ଏଭଳି ସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ବେଆଇନ୍‌ଭାବେ ମେଶିନ୍ ଲଗାଇ ଗଛ କାଟିବାରେ ଲାଗିଛନ୍ତି । ଯଦି ଏଠାରେ ଜମିହୀନମାନଙ୍କୁ ସରକାରୀ ହିସାବରେ ଘରଡିହ ଜମିପଟ୍ଟା ପ୍ରଦାନ କରାଯିବ । ତା'ହେଲେ ପଞ୍ଚାୟତରେ ସର୍ବସାଧାରଣଙ୍କ ଅବଗତି ପାଇଁ ଜିଲାପ୍ରଶାସନ ତରଫରୁ ଜନଶୁଣାଣି ହେବା କଥା । ଏ ନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ଏମ୍‌ସିଏଲ୍ ଏଠାରେ ବିସ୍ଥାପିତଙ୍କୁ ଥଇଥାନ କରିବ । ସ୍ଥାନୀୟ ଲୋକେ ଏଥିରେ ପ୍ରଭାବିତ ହେବେ । ଏଥିପାଇଁ କମ୍ପାନୀ ତାର ସିଏସ୍‌ଆର୍ ପାଣ୍ଠି ବିନିଯୋଗରେ ରାସ୍ତାଘାଟ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକସେବାରେ ଉନ୍ନତି ଆଣିବା ସାଙ୍ଗକୁ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଉ। ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଛନ୍ତି । ଜିଲାପାଳ ପଟ୍ଟନାୟକ ଗ୍ରାମବାସୀଙ୍କ ଦାବିକୁ ବିଚାର କରାଯିବ ବୋଲି କହିଛନ୍ତି । ପ୍ରକାଶ ଯେ, ଏମ୍‌ସିଏଲ୍ ଜମିହୀନ ବିସ୍ଥାପିତଙ୍କ ପାଇଁ ଏଠାରେ ଜିଲା ଖଣିଜ ପାଣ୍ଠି ବିନିଯୋଗରେ ରାସ୍ତାଘାଟ, ବାସଗୃହ ଆଦି ନିର୍ମାଣ ହେବ ବୋଲି ଜିଲାପ୍ରଶାସନ ବ୍ୟାନର ମାଧମରେ ପ୍ରଚାର ପ୍ରସାର ଚଳାଇଛି ।





ଜିଲା ପ୍ରଶାସନ ତରଫରୁ ଭୂମିପୂଜା ଚାଲିଥିବାବେଳେ ଗ୍ରାମବାସୀ ଏହାକୁ ବିରୋଧ କରୁଛନ୍ତି।

**ସମ୍ବଲପୁର୍ ରେଲମଣ୍ଡଳର୍ ଟିଟିଲାଗଡ଼ ଏବଂ ରାୟପୁର୍ ସେକ୍ସନ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ନିମ୍ନ ଅନୁଯାୟୀ ଟ୍ରେନ୍ ଚଳାଚଳ ବାତିଲ୍/ଆଂଶିକ ବାତିଲ୍ କରାଯିବ**

**ଟ୍ରେନ୍ ଚଳାଚଳ ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଛାଡ଼ିବା ତାରିଖ |
|---|---|---|---|
| 58217 | ଟିଟିଲାଗଡ଼ - ରାୟପୁର ପାସେଞ୍ଜର | ଟିଟିଲାଗଡ଼ | 02.01.2019 ଠାରୁ 07.01.2019 ପର୍ଯ୍ୟନ୍ତ |
| 58529 | ଦୂର୍ଗ - ବିଶାଖାପାଟଣା-ପାସେଞ୍ଜର | ଦୂର୍ଗ | |
| 58530 | ବିଶାଖାପାଟଣା - ଦୂର୍ଗ ପାସେଞ୍ଜର | ବିଶାଖାପାଟଣା | |
| 58218 | ରାୟପୁର - ଟିଟିଲାଗଡ଼ ପାସେଞ୍ଜର | ରାୟପୁର | 03.01.2019 ଠାରୁ 08.01.2019 ପର୍ଯ୍ୟନ୍ତ |

**ତା.02.01.2019 ରୁ 07.01.2019 ରିଖ ପର୍ଯ୍ୟନ୍ତ ଟ୍ରନ୍ ସେବା ଆଂଶିକ ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଛାଡୁଥିବା ଷ୍ଟେସନ | ଷ୍ଟେସନ ମଧରେ ବାତିଲ୍ |
|---|---|---|---|
| 58528 | ବିଶାଖାପାଟଣା-ରାୟପୁର ପାସେଞ୍ଜର | ବିଶାଖାପାଟଣା | ଟିଟିଲାଗଡ଼-ରାୟପୁର ମଧରେ ଉଭୟ ଦିଗରୁ ବାତିଲ୍ ହେବ |
| 58527 | ରାୟପୁର-ବିଶାଖାପାଟଣା ପାସେଞ୍ଜର | ଟିଟିଲାଗଡ଼ | |



ପୂର୍ବ ତଟ ରେଳପଥ
PR-415/J/18-19

**ସୂଚନା**
**ରେଳବାଇ ଚାକିରୀ ଆଶାୟୀ ଧ୍ୟାନ ଦିଅନ୍ତୁ**



**RPF/RPSFରେ ନିଯୁକ୍ତି**

ଏମ୍ପ୍ଲୟମେଣ୍ଟ ନ୍ୟୁଜ ସଂସ୍କରଣ **22-28** ଡିସେମ୍ବର, **2018** ଅନ୍ତର୍ଗତ ଏମ୍ପ୍ଲୟମେଣ୍ଟ ଅଧିସୂଚନା ନଂ.**03/2018** ରେ ଅଧିସୂଚିତ ଅନୁଯାୟୀ ରେଳ ସୁରକ୍ଷା ବଳ **(RPF)** ଏବଂ ରେଳ ସୁରକ୍ଷା ସ୍ୱତନ୍ତ୍ର ବଳ **(RPSF)**ରେ ନିଯୁକ୍ତି ନିମନ୍ତେ **798** ଗୋଟି କନେଷ୍ଟବଳ **(Ancillary)** ପୁରୁଷ ଏବଂ ମହିଳା ପଦବୀ ପୂରଣ କରିବା ନିମନ୍ତେ ତା.**01.01.2019** ରିଖ ଠାରୁ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି । ଯୋଗ୍ୟତା ମାନଦଣ୍ଡ, ବୟସ ସୀମା ସମ୍ବନ୍ଧୀୟ କୋହଳତା, ପରୀକ୍ଷା ଶୁଳ୍କ ପୈଠ ପ୍ରଣାଳୀ, ଦରଖାସ୍ତ ଫର୍ମ ପୂରଣ ପ୍ରକ୍ରିୟା, ଜୋନ୍‌ର ପ୍ରତ୍ୟେକ ଗ୍ରୁପରେ ଟ୍ରେଡ୍ ଏବଂ ବର୍ଗ ଭିତ୍ତିକ ଖାଲି ପଦବୀ ସଂଖ୍ୟା ଏବଂ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସବିଶେଷ ବିବରଣୀ ଉପର ପ୍ରଦତ୍ତ ଅଧିସୂଚନାରେ ଉଲ୍ଲେଖ କରାଯାଇଅଛି । ପରୀକ୍ଷା ନିମନ୍ତେ ଦରଖାସ୍ତ ଫର୍ମଗୁଡ଼ିକ କେବଳ 'ଅନ୍‌ଲାଇନ୍'ରେ ପୂରଣ କରାଯିବା ଆବଶ୍ୟକ । ଉପରୋକ୍ତ ନିଯୁକ୍ତି ସମ୍ବନ୍ଧରେ ପ୍ରାମାଣିକ ସୂଚନା ଏବଂ ଅନ୍ୟ ସବିଶେଷ ବିବରଣୀ ନିମନ୍ତେ ପ୍ରାର୍ଥୀମାନେ କେବଳ ରେଳବାଇର ସରକାରୀ ୱେବ୍‌ସାଇଟ୍ **www.indianrailways.gov.in** ଅବଲୋକନ କରିପାରିବେ କିମ୍ବା ଏମ୍ପ୍ଲୟମେଣ୍ଟ ନ୍ୟୁଜ **22-28** ଡିସେମ୍ବର, **2018** ରେ ପ୍ରକାଶିତ ଅଧିସୂଚନା ଦେଖିପାରିବେ । ଏହି ନିଯୁକ୍ତିକୁ **4** ଗୋଟି ପର୍ଯ୍ୟାୟରେ କରାଯିବ ଅର୍ଥାତ୍ **(1)** କମ୍ପ୍ୟୁଟର ଆଧାରିତ ପରୀକ୍ଷା **(CBT)**, **(2)** ଶାରୀରିକ ଦକ୍ଷତା ପରୀକ୍ଷା **(PET)** ଏବଂ ଶାରୀରିକ ମାପ ପରୀକ୍ଷା **(PMT)**, **(3)** ଟ୍ରେଡ୍ ପରୀକ୍ଷା **(TT)** ଏବଂ **(4)** ନଥିପତ୍ର ଯାଞ୍ଚ । ଅନ୍‌ଲାଇନ୍ ଦରଖାସ୍ତ ଫର୍ମ ପୂରଣ କରିବାର ଶେଷ ତାରିଖ ତା.**30.01.2019** ଅଟେ । ପରବର୍ତ୍ତୀ ସମୟରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।



ପୂର୍ବ ତଟ ରେଳପଥ
PR-416/J/18-19

■ ଅଯୋଧ୍ୟାନଗରଠାରେ ନବବର୍ଷ ପାଳନ

# ମନ ମୋହିଲା ପାରମ୍ପରିକ ନୃତ୍ୟଗୀତ

**କୋଲାବିରା,୧।୧(ଡି.ଏନ.ଏ.)**

ଝାରସୁଗୁଡା ଜିଲା ରଘୁନାଥପାଲି ଅଯୋଧ୍ୟାନଗର ଛକଠାରେ ନବ ବର୍ଷକୁ ସ୍ୱାଗତ କରାଯାଇଛି। ଏହି ଉପଲକ୍ଷେ କୋଲାବିରା ବ୍ଲକ୍‌ସ୍ତରୀୟ କଳାବିକାଶ କେନ୍ଦ୍ର ଆନୁକୁଲ୍ୟରେ କଳାସାଂସ୍କୃତିକ ସମାରୋହ ପାଳିତ ହୋଇଯାଇଛି। କଳାବିକାଶ କେନ୍ଦ୍ରର ସଭାପତି ସଚ୍ଚିଦାନନ୍ଦ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟ ଅତିଥି ଭାବେ ରଘୁନାଥପାଲି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦର ସଭାପତି ପ୍ରଜ୍ଞାସୌରଭ ଶୋଭା ଚନ୍ଦ୍ର ନାଏକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳାବିକାଶ କେନ୍ଦ୍ର ଉପଦେଷ୍ଟା ଡୋଲାମଣି ସାହୁ, ନୃପଲାଲ ପଶାୟତ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମାଫିଦାର ଯୋଗଦେଇ କଳା ଓ କଳାର ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ କଣ୍ଠଶିଳ୍ପୀ, ଯନ୍ତ୍ରଶିଳ୍ପୀ, ନୃତ୍ୟଶିଳ୍ପୀ, ସଂପ୍ରଦା, ସଂକୀର୍ତ୍ତନ, କୃଷ୍ଣଗୁରୁ, ପାଲା, ଦାସ କାଠିଆ ଓ କଳାପ୍ରେମୀ ବନ୍ଧୁଗଣ ଯୋଗଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ କବି ତଥା ସାହିତ୍ୟକଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ନାଟ୍ୟକାର, ସାହିତ୍ୟିକ ତଥା ଲକ୍ଷ୍ମୀନାରାୟଣ ମାହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ରୋହିତ ପଟେଲ ମୁଖ୍ୟବକ୍ତା ରୂପେ ଯୋଗଦେଇଥିବା ବେଳେ କଳାପ୍ରେମୀ ଡୋଲାମଣି ପଧାନ ମଞ୍ଚ ପରିଚାଳନା କରିଥିଲେ। ସେହିପରି କଳାବିକାଶ କେନ୍ଦ୍ର ପରିଚାଳନା କମିଟର ଉପଦେଷ୍ଟା ମଣ୍ଡଳୀର ଜଗମୋହନ ମେହେର, ଜନେକରାମ ପଧାନ, ସଚ୍ଚିଦାନନ୍ଦ ପାଢୀ, ସାଧାରଣ ସମ୍ପାଦକ ପିଙ୍କୁ ଦାସ, ଦିଗାମ୍ବର ବାରିକ, ବଲ୍ଲଭ ମହାପାତ୍ର, ଗଣେଷ ମେହେର, ନିରଞ୍ଜନ ପ୍ରଧାନ, ସେବାରତ୍ନ କ୍ଷୀରୋଦ ଚନ୍ଦ୍ର ଦାସ, ଭୋଜରାଜ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅଯୋଧ୍ୟାନଗରଠାରେ ନବ ବର୍ଷ ପାଳନ ଅବସରରେ ଯୋଗଦେଇଥିବା ଅତିଥିବୃନ୍ଦ।

ଧରିତ୍ରୀ
DHARITRI
ବୁଧବାର, ୨ ଜାନୁୟାରୀ, ୨୦୧୯



ତ୍ୟାଗ ଓ ଧୈର୍ଯ୍ୟରେ ହିଁ ବୀରତ୍ୱ ପ୍ରଦର୍ଶିତ ହୋଇଥାଏ। ମା'ମାନଙ୍କଠାରୁ ଆମେ ଏହା ଶିଖିବା ଆବଶ୍ୟକ।
-ଫ୍ରାନ୍ସିସ୍ ପୋପ୍



## ସଂକ୍ଷେପରେ

### ଚଢ଼ିଗଲା ଟ୍ରକ୍, ୭ ମୃତ

**ଚାନ୍ଦୌଲି/ୟୁପି, ୧।୧(ପି.ଟି.):** ନୂଆବର୍ଷରେ ଉତ୍ତରପ୍ରଦେଶର ଚାନ୍ଦୌଲି ଜିଲା ମାଲ୍‌ଦା ଗ୍ରାମରେ ମଙ୍ଗଳବାର ଦୁଃଖଦ ଘଟଣା ଘଟିଛି। ସକାଳ ସାଢ଼େ ୫ଟା ସମୟରେ ଏକ ଗୋରୁ ବୋଝେଇ ଟ୍ରକ୍ ଗ୍ରାମର ଏକ ଅସ୍ଥାୟୀ ଘର ଉପରକୁ ମାଡ଼ିଯିବାରୁ ଏଥିରେ ୪ ନାବାଳକଙ୍କ ସମେତ ୭ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଏସ୍‌ପି ମାଲ୍‌ଦା ଥାନା ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି।

### ଭୂସ୍ଖଳନରେ ୯ ମୃତ

**ଜାକର୍ତ୍ତା,୧।୧(ପି.ଟି.):** ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଭୂସ୍ଖଳନରେ ୩୦ରୁ ଊର୍ଦ୍ଧ୍ୱ ଘର ପୋତି ହୋଇଯାଇଛି। ଏଥିରେ ୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୪ ନିଖୋଜ ଥିବା ଜାତୀୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ପ୍ରବକ୍ତା ସୁତୋପୋ ନୁଗ୍ରୋହୋ ସୂଚିତ କରିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୃତ୍ୟୁ ସଂଖ୍ୟାରେ ବୃଦ୍ଧି ଆଶଙ୍କା ରହିଥିବା ସେ କହିଛନ୍ତି।

### ପାକିସ୍ତାନ ଜେଲରେ ୫୩୭ ଭାରତୀୟ

**ନୂଆଦିଲ୍ଲୀ/ଇସ୍‌ଲାମାବାଦ୍,୧।୧(ପି.ଟି.):** ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି ଅନ୍ତର୍ଗତ ଉଭୟ ଦେଶରେ ରହିଥିବା ଆଣବିକ ପ୍ରତିଷ୍ଠାନ ଓ ଜେଲ୍‌ରେ ବନ୍ଦୀ ଥିବା ମତ୍ସ୍ୟଜୀବୀ ଓ ନାଗରିକମାନଙ୍କ ସୂଚନା ଆଦାନପ୍ରଦାନ ହୋଇଛି। ଏପରି ସ୍ଥଳେ ଭାରତରେ ୨୪୯ ପାକିସ୍ତାନୀ ନାଗରିକ ଓ ୯୮ ମତ୍ସ୍ୟଜୀବୀ ବନ୍ଦୀ ଥିବା ନେଇ ତାଲିକା ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ତରଫରୁ ପାକିସ୍ତାନକୁ ଦିଆଯାଇଛି। ଅପରପକ୍ଷେ, ପାକିସ୍ତାନ ପକ୍ଷରୁ ୪୮୩ ଭାରତୀୟ ମତ୍ସ୍ୟଜୀବୀଙ୍କ ସହ ୫୩ ନାଗରିକ ତାଙ୍କ ଦେଶରେ ବନ୍ଦୀ ଥିବା ରିପୋର୍ଟ ପ୍ରଦାନ କରାଯାଇଛି। ୧୯୮୮ ଡିସେମ୍ବର ୩୧ ତାରିଖରେ ଆଣବିକ ପ୍ରତିଷ୍ଠାନର ସୁରକ୍ଷା ଓ ତତ୍‌ସମ୍ବନ୍ଧୀୟ ସୂଚନା ସମ୍ପର୍କିତ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୧୯୯୧ ଜାନୁୟାରୀ ୨୭ ତାରିଖରୁ ଏହି ଚୁକ୍ତି କାର୍ଯ୍ୟକାରୀ ହୋଇଥିଲା। ୧୯୯୨ ଜାନୁୟାରୀ ୧ ତାରିଖରେ ପ୍ରଥମେ ଆଣବିକ କେନ୍ଦ୍ର ସମ୍ପର୍କିତ ତଥ୍ୟ ଆଦାନପ୍ରଦାନ ହୋଇଥିଲା। ମଙ୍ଗଳବାର ୨୮ ବର୍ଷରେ ଉଭୟ ଦେଶ ମଧ୍ୟରେ ଏହି ସୂଚନା ଆଦାନପ୍ରଦାନ ହୋଇଛି।

### ଆଲ୍ଲାହାବାଦ୍ ହେବ ପ୍ରୟାଗରାଜ




**ନୂଆଦିଲ୍ଲୀ,୧।୧(ପି.ଟି.):** ଉତ୍ତରପ୍ରଦେଶର ଆଲ୍ଲାହାବାଦ୍‌ରେ ପ୍ରସିଦ୍ଧ କୁମ୍ଭମେଳାକୁ ଆଉ ୧୫ ଦିନ ବାକି ଥିବାବେଳେ ଏହି ଐତିହାସିକ ସହରର ନାମ ପ୍ରୟାଗରାଜକୁ ପରିବର୍ତ୍ତନ କରାଯିବା ପ୍ରସ୍ତାବକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି। ୨ ମାସ ତଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ସରକାର ଆଲ୍ଲାହାବାଦ୍‌ର ନାମ ପ୍ରୟାଗରାଜ ନାମିତ କରିବାକୁ ନିଷ୍ପତ୍ତି କରିଥିଲାବେଳେ ଏ ସମ୍ପର୍କିତ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ପଠାଇଥିଲେ।

# ନୂଆବର୍ଷରେ ଆତଙ୍କ

ନୂଆବର୍ଷର ଅବ୍ୟବହିତ ପୂର୍ବରୁ ଓ ପରେ ବିଶ୍ୱର ତିନୋଟି ରାଷ୍ଟ୍ରରେ ଆତଙ୍କବାଦୀ ଆକ୍ରମଣ। ଆଫଗାନିସ୍ତାନରେ ତାଲିବାନର ଗୁଳିମାଡ଼ରେ ୧୫ ପୋଲିସ କର୍ମୀ ନିହତ ହୋଇଛନ୍ତି। ଜାପାନରେ ନବବର୍ଷକୁ ସ୍ୱାଗତ କରୁଥିବା ଲୋକଙ୍କ ଉପରେ କାର୍ ମାଡ଼ିଯାଇଛି। ଏଥିରେ ୯ ଜଣ ଆହତ ହୋଇଛନ୍ତି। ସେହିପରି ବ୍ରିଟେନରେ ଜଣେ ବ୍ୟକ୍ତିଙ୍କ ଛୁରାମାଡ଼ରେ ୩ ଗୁରୁତର ହୋଇଛନ୍ତି। ୨୦୧୯ ଆସୁ ଆସୁ ଏହି ୩ ଆକ୍ରମଣ ବିଶ୍ୱବାସୀଙ୍କ ମନରେ ସୃଷ୍ଟି କରିଛି ଭୟ ଓ ଆତଙ୍କ।

## ପଥଚାରୀଙ୍କ ଉପରେ ମାଡ଼ିଗଲା କାର୍: ୯ ଆହତ

**ଟୋକିଓ,୧।୧(ଏଏଫ୍‌ପି)**

ଜାପାନ ରାଜଧାନୀ ଟୋକିଓର ରାଜରାସ୍ତାରେ ଆତଙ୍କ ଖେଳାଇଛନ୍ତି ଜଣେ କାର୍ ଚାଳକ। ହାରାଜୁକୁ ଜିଲାର ତକେଶିଟା ଷ୍ଟ୍ରିଟ୍‌ରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଏକତ୍ରିତ ହୋଇଥିଲେ ହଜାର ହଜାର ଲୋକ। ସେମାନେ ଉତ୍ସବ ମନାଇବାରେ ବ୍ୟସ୍ତ ଥିବାବେଳେ ଭିଡ଼ ଭିତରୁ ହଠାତ୍ ଦ୍ରୁତଗତିରେ ମାଡ଼ିଆସିଥିଲା ଏକ କାର୍। ଲୋକଙ୍କୁ ଧକ୍କାଦେବା ଫଳରେ ୯ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣକର ଚେତା ଏଯାଏ ଆସିନାହିଁ। ପୋଲିସ ହତ୍ୟା ଉଦ୍ୟମ ଅଭିଯୋଗରେ କାର୍ ଚାଳକଙ୍କୁ ଗିରଫ କରିଛି। ଜେରା ପରେ ତାଙ୍କ ପରିଚୟ ସ୍ପଷ୍ଟ ହୋଇଛି। ସେ ହେଉଛନ୍ତି ୨୧ ବର୍ଷୀୟ କଜୁହିରୋ କୁସାକାବେ। ପୋଲିସ ଏହାକୁ ଏକ ଆତଙ୍କାବାଦୀ ଆକ୍ରମଣ ବୋଲି ଅଭିହିତ କରିଛି। ଏହାକୁ ନେଇ ଆତଙ୍କରେ ଥରିଉଠିଛି ଟୋକିଓ ସହର।



## ତାଲିବାନ ଆକ୍ରମଣ: ୧୫ ପୋଲିସ ନିହତ



**କାବୁଲ,୧।୧(ଏଏଫ୍‌ପି)**

୨୦୧୮ ଡିସେମ୍ବର ୩୧ ରାତି। ନୂଆବର୍ଷ ପାଇଁ ସବୁଠି ଉତ୍ସବର ମାହୋଲ ଲାଗିରହିଥିବାବେଳେ ଆଫଗାନିସ୍ତାନ ସୁରକ୍ଷା ବଳକୁ ଟାର୍ଗେଟ କରିଥିଲା ତାଲିବାନ। ଏହି ଆତଙ୍କବାଦୀ ସଙ୍ଗଠନର ଆକ୍ରମଣରେ ୧୫ ପୋଲିସ କର୍ମୀ ନିହତ ଓ ୨୧ ଆହତ ହୋଇଛନ୍ତି। ସର-ଇ-ପୁଲ୍ ପ୍ରଦେଶରେ ସୋମବାର ରାତିରେ ତାଲିବାନ ଆତଙ୍କବାଦୀମାନେ ଦୁଇଟି ପୋଲିସ ଆଉଟପୋଷ୍ଟକୁ ଟାର୍ଗେଟ କରିଥିଲେ। ଉଭୟ ସ୍ଥାନରେ ପୋଲିସ ଓ ଆତଙ୍କବାଦୀଙ୍କ ମଧ୍ୟରେ କିଛି ଘଣ୍ଟା ଧରି ଘମାଘୋଟ ଗୁଳି ବିନିମୟ ହୋଇଥିଲା। ଦୁଇଟିଯାକ ଆକ୍ରମଣ ପାଇଁ ତାଲିବାନ ନିଜକୁ ଦାୟୀ କରିଛି। ଆଫଗାନ୍ ସୁରକ୍ଷା ବଳକୁ ଆକ୍ରମଣ କରିବା ତାଲିବାନ ପାଇଁ ନିତିଦିନିଆ ହୋଇଗଲାଣି। ୧୭ ବର୍ଷ ହେଲା ଯୁଦ୍ଧ ପ୍ରଭାବିତ ଏହି ଦେଶରେ ସମାଧାନ ପାଇଁ ଆମେରିକା ନିରନ୍ତର ପ୍ରୟାସ କରିଆସୁଛି। ହେଲେ ତାହା ଫଳପ୍ରଦ ହେଉନାହିଁ। ତାଲିବାନ ଏବଂ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ପକ୍ଷରୁ ବାରମ୍ବାର ଆକ୍ରମଣ ଆଫଗାନିସ୍ତାନରେ ସଙ୍ଗିନ ସ୍ଥିତି ସୃଷ୍ଟି କରିଛି। ଦେଶରେ ୧୪,୦୦୦ ଆମେରିକୀୟ ସୈନ୍ୟ ମୁତୟନ ଥିବାବେଳେ ନାଟୋ ଓ ସହଯୋଗୀ ରାଷ୍ଟ୍ରଗୁଡ଼ିକର ୭,୧୦୦ ସୈନିକ ଏଠାରେ ରହିଛନ୍ତି।

■ ନୂଆବର୍ଷରେ ଟ୍ରମ୍ପ୍‌ଙ୍କୁ କିମ୍‌ଙ୍କ ଚେତାବନୀ

## ପ୍ରତିଶ୍ରୁତି ନ ରଖିଲେ...

**ପ୍ୟୋଙ୍ଗ୍‌ୟାଙ୍ଗ୍,୧।୧(ଆଇଏଏନ୍‌ଏସ୍)**



ଆମେରିକା ସହ ଉତ୍ତର କୋରିଆ ସୁସମ୍ପର୍କ ଚାହେଁ। ହେଲେ ୱାଶିଂଟନ ନିଜ ପ୍ରତିଶ୍ରୁତି ରଖି ଉତ୍ତର କୋରିଆ ଉପରେ ଲଗାଯାଇଥିବା କଟକଣା ପ୍ରତ୍ୟାହାର ନ କଲେ ପ୍ୟୋଙ୍ଗ୍‌ୟାଙ୍ଗ୍ ନିଜ ଆଭିମୁଖ୍ୟ ବଦଳାଇବା ନେଇ ପୁନର୍ବିଚାର କରିପାରେ। ନୂଆବର୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଏଭଳି ଚେତାବନୀ ଦେଇଛନ୍ତି ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ୍ ଉନ୍। ଟ୍ରମ୍ପ୍ ଓ କିମ୍ ଗତ ଜୁନ୍‌ରେ ସିଙ୍ଗାପୁରରେ ଏକାଠି ହୋଇଥିଲେ। କୋରିଆ ଉପଦ୍ୱୀପକୁ ଆଣବିକ ନିରସ୍ତ୍ରୀକରଣ କରିବା ପାଇଁ ଉଭୟେ ଏକ ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ। ହେଲେ ପ୍ୟୋଙ୍ଗ୍‌ୟାଙ୍ଗ୍ ଏବଂ ୱାଶିଂଟନ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିଥିବାରୁ ଏହି କ୍ଷେତ୍ରରେ ଅଗ୍ରଗତି ଦେଖିବାକୁ ମିଳିନାହିଁ। ଏହି ପରିପ୍ରେକ୍ଷୀରେ କିମ୍ ମଙ୍ଗଳବାର ନବବର୍ଷ ପାଳନ ଅବସରରେ ନିଜ ବକ୍ତବ୍ୟ ରଖିଛନ୍ତି। ଆମେରିକା ସହ କୂଟନୈତିକ ସ୍ତରରେ ସୁସମ୍ପର୍କ ପ୍ରତିଷ୍ଠାର ୧୨ ମାସ ପରେ ସେ ୱାଶିଂଟନକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଆମେରିକା ବିଶ୍ୱ ସମୁଦାୟକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ଉତ୍ତର କୋରିଆ ଉପରୁ କଟକଣା ହଟାଉ। ଅନ୍ୟଥା ନିଜ ସାର୍ବଭୌମତ୍ୱର ସୁରକ୍ଷା ଓ ରାଷ୍ଟ୍ରର ସ୍ୱାର୍ଥରକ୍ଷା ପାଇଁ ଆମେ ନୂଆପଥ ଆବିଷ୍କାର କରିବାକୁ ବାଧ୍ୟ ହେବୁ। ଆମ ଧୈର୍ଯ୍ୟକୁ ଆମେରିକା ଦୁର୍ବଳତା ବୋଲି ମନେକରିବା ଅନୁଚିତ। ଏହି ଅବସରରେ ସେ ଦ୍ୱିତୀୟ ଥର ଲାଗି ଟ୍ରମ୍ପ୍‌ଙ୍କୁ ଭେଟିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଉଭୟଙ୍କ ସାକ୍ଷାତ୍ ଅନ୍ତର୍ଜାତୀୟ ସମୁଦାୟ ପାଇଁ ନୂଆ ନିଷ୍କର୍ଷକୁ ଜନ୍ମ ଦେବ ବୋଲି କିମ୍ ଆଶାବ୍ୟକ୍ତ କରିଛନ୍ତି।

## ଆଜି ଶତ୍ରୁତା ନୁହେଁ, ବନ୍ଧୁତା



ସିକିମ୍-ତିବ୍ବତର ସଂଯୋଗସ୍ଥଳ ନାଥୁଲା ପାସ୍‌ରେ ମଙ୍ଗଳବାର ଭାରତୀୟ ସେନା ଓ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ପରସ୍ପରକୁ ଶୁଭେଚ୍ଛା ଜଣାଇ ଏକାଠି ପାଳନ କରିଛନ୍ତି ନବବର୍ଷ। ଏହାଦ୍ୱାରା ଉଭୟ ପକ୍ଷଙ୍କ ମଧ୍ୟରେ ପାରସ୍ପରିକ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବ ବୋଲି ଦୁଇ ସେନା ପକ୍ଷରୁ କୁହାଯାଇଛି।

## ଭିକ୍ଟୋରିଆ ଷ୍ଟେଶନରେ ଛୁରାମାଡ଼: ୩ ଗୁରୁତର

**ଲଣ୍ଡନ,୧।୧(ପି.ଟି.)**

ନୂଆବର୍ଷର ଅବ୍ୟବହିତ ପୂର୍ବରୁ ବ୍ରିଟେନର ମାଞ୍ଚେଷ୍ଟରସ୍ଥିତ ଭିକ୍ଟୋରିଆ ରେଳଷ୍ଟେଶନରେ ଜଣେ ଛୁରାଧାରୀ ଆତଙ୍କ ଖେଳାଇଛନ୍ତି। ତାଙ୍କ ଛୁରାମାଡ଼ରେ ଜଣେ ପୋଲିସ ଅଧିକାରୀଙ୍କ ସମେତ ୩ ଗୁରୁତର ହୋଇଛନ୍ତି। ବ୍ୟସ୍ତବହୁଳ ଭିକ୍ଟୋରିଆ ଷ୍ଟେଶନ, ସୋମବାର ରାତିରେ ଏକ ଟ୍ରେନ୍ ଲାଗିବାକୁ ଥାଏ। ଏତିକିବେଳେ ଜଣେ



ପୋଲିସ ଅଫିସରଙ୍କ କାନ୍ଧରେ ଛୁରାମାଡ଼ ହେଲା। ପଛକୁ ପଛ ଦୁଇଜଣ ବୟସ୍କ ମହିଳା ଓ ପୁରୁଷଙ୍କ ପେଟରେ ମଧ୍ୟ ଛୁରିରେ ଆକ୍ରମଣ ହେଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀଙ୍କୁ ସ୍ଥାନୀୟ ପୋଲିସ କାବୁ କରି ପଚରାଉଚରା କରୁଛି। ନୂଆବର୍ଷରେ ଏହି ଆକ୍ରମଣ ବ୍ରିଟେନ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଆତଙ୍କବାଦ-ନିରୋଧୀ ଅଧିକାରୀମାନେ ଏହାର ତଦନ୍ତ ଚଳାଇଛନ୍ତି।

## ଗୋଟିଏ ଯୁଦ୍ଧରେ ସୁଧୁରିବନି ପାକିସ୍ତାନ: ମୋଦି

**ନୂଆଦିଲ୍ଲୀ,୧।୧(ପି.ଟି.)**

କେବଳ 'ଗୋଟିଏ ଯୁଦ୍ଧ' ପରେ ପାକିସ୍ତାନ ସୁଧୁରିଯିବ ମନେକରିବା ଭାରତ ପାଇଁ ବଡ଼ ଭୁଲ ହେବ। ଆତଙ୍କବାଦୀଙ୍କ ପ୍ରତି ପାକିସ୍ତାନର ସମର୍ଥନକୁ ସର୍ଜିକାଲ୍ ଷ୍ଟ୍ରାଇକ୍ ରୋକିପାରିନାହିଁ ବୋଲି ସବୁଆଡୁ ସମାଲୋଚନା କରାଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଡ଼ୋଶୀ ଦେଶ ପ୍ରତି ଏପରି ମନ୍ତବ୍ୟ ଦେଇଛନ୍ତି। ନୂଆବର୍ଷରେ ଏକ ସାକ୍ଷାତ୍‌କାରରେ ମୋଦି କହିଛନ୍ତି, ପାକିସ୍ତାନ ଗୋଟିଏ ଯୁଦ୍ଧ ଆଧାରରେ ନିଜ ସ୍ଥିତି ସୁଧାରିବ ନାହିଁ। ଏହି ଦେଶକୁ ଆହୁରି ସମୟ ଦରକାର। ଦଳ ନିର୍ବିଶେଷରେ ଭାରତର ସବୁ ପ୍ରଧାନମନ୍ତ୍ରୀ ପାକିସ୍ତାନ ସହ ଆଲୋଚନାକୁ କେବେ ବିରୋଧ କରି ନ ଥିଲେ।

## ଫୁର୍‌ସତ

### ରୋଲ୍‌କଲ୍‌ରେ 'ଜୟ ହିନ୍ଦ୍', 'ଜୟ ଭାରତ'

**ଅହମ୍ମଦାବାଦ୍:** ଗୁଜରାଟ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ରୋଲ୍‌କଲ୍ ବେଳେ ଏଣିକି 'ୟେସ୍ ସାର୍', 'ପ୍ରେଜେଣ୍ଟ୍ ସାର୍' ବଦଳରେ 'ଜୟ ହିନ୍ଦ୍', 'ଜୟ ଭାରତ' ରେସ୍‌ପଣ୍ଡ କରିବେ। ଜାନୁୟାରୀ ୧ରୁ ଏହି ନିୟମ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଗୁଜରାଟ ସରକାର ଏଭଳି ଏକ ଅଭିନବ ପଦକ୍ଷେପ ନେଇଛନ୍ତି। ପ୍ରାଥମିକ ଶିକ୍ଷା ଏବଂ ଗୁଜରାଟ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏହି ବିଜ୍ଞପ୍ତି ଜାରି କରାଯାଇଛି। ସରକାରୀ, ସରକାରୀ ସାହାଯ୍ୟପ୍ରାପ୍ତ ଏବଂ ସେଲ୍‌ଫ୍ ଫାଇନାନ୍ସଡ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ଉପସ୍ଥାନ ଡାକିବା ସମୟରେ ଜୟ ଭାରତ ଏବଂ ଜୟ ହିନ୍ଦ୍ ବୋଲି ଉଚ୍ଚାରଣ କରିବେ। ସୋମବାର ଏକ ସମୀକ୍ଷା ବୈଠକ କରାଯାଇ ରାଜ୍ୟ ଶିକ୍ଷାମନ୍ତ୍ରୀ ଭୂପିନ୍ଦରସିଂ ଚୂଡ଼ାସାମାଙ୍କ ଦ୍ୱାରା ଏହି ନିଷ୍ପତ୍ତି ନିଆଯାଇଥିଲା।

### ୬୯,୯୪୪ ନବଜାତକଙ୍କୁ ସ୍ୱାଗତ

**ନୂଆଦିଲ୍ଲୀ:** ନୂଆବର୍ଷରେ ଭାରତ ପାଖାପାଖି ୬୯,୯୪୪ ଶିଶୁଙ୍କୁ ସ୍ୱାଗତ କରିଛି। ଭାରତରେ ଜନ୍ମିତ ଶିଶୁଙ୍କ ସଂଖ୍ୟା ବିଶ୍ୱରେ ସର୍ବାଧିକ। ଚାଇନାରେ ୪୪,୯୪୦ ଶିଶୁଙ୍କ ଜନ୍ମ ହୋଇଥିବା ବେଳେ ଏହା ଭାରତ ପଛକୁ ରହିଥିବା ୟୁନାଇଟେଡ ନେଶନ୍ସ ଇଣ୍ଟରନ୍ୟାଶନାଲ ଚିଲ୍‌ଡ୍ରେନ୍ସ ଇମରଜେନ୍ସି ଫଣ୍ଡ (ୟୁନିସେଫ୍) ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ କରାଯାଇଛି। ୨୦୧୯ରେ ଶିଶୁ ଅଧିକାର ସମ୍ମିଳନୀ ଜାତିସଂଘ ଦ୍ୱାରା ଗୃହୀତ ହେବାର ୩୦ବର୍ଷ ପୂର୍ତ୍ତି ପାଳିତ ହେଉଥିବା ବେଳେ ଚଳିତବର୍ଷ ବିଶ୍ୱବ୍ୟାପୀ ଏହାର ସ୍ମାରକୀ ଉତ୍ସବ ପାଳିତ ହେବ। ତଦନୁଯାୟୀ ପ୍ରତ୍ୟେକ



ଦେଶର ସରକାର ଶିଶୁଙ୍କ ଜୀବନରକ୍ଷା ଲାଗି ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ ବୋଲି ୟୁନିସେଫ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ୟୁନିସେଫ୍ ଡେପୁଟି ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଚାର୍ଲଟ ପେଟ୍ରି ଗୋର୍ନିଜ୍‌କା କହନ୍ତି, ପ୍ରତ୍ୟେକ ଶିଶୁଙ୍କୁ ବଞ୍ଚିବାର ଅଧିକାର ଦେଇ ସେମାନଙ୍କ ଅଧିକାର ପୂରଣ ପାଇଁ ଏକ ପ୍ରସ୍ତାବ ପ୍ରସ୍ତୁତ ହେବା ଆବଶ୍ୟକ। ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନରେ ପୁଞ୍ଜିନିବେଶ ହେଲେ ଲକ୍ଷ ଲକ୍ଷ ଶିଶୁଙ୍କ ଜନ୍ମ ବିପଦମୁକ୍ତ ହୋଇପାରିବ। ଚଳିତବର୍ଷ ଜାନୁୟାରୀ ୧ରେ ବିଶ୍ୱରେ ୩,୯୫,୦୭୨ ଶିଶୁ ଜନ୍ମଗ୍ରହଣ କରିଥିବା ବେଳେ ତନ୍ମଧ୍ୟରୁ ଭାରତୀୟ ଶିଶୁ ହେଉଛନ୍ତି ୬୯,୯୪୪।

### ଇତିହାସର ଆଇନାରେ

#### ଜାନୁୟାରୀ ୨ର ପ୍ରମୁଖ ଘଟଣା

୨୦୦୬ ଜାନୁୟାରୀ ୨ରେ ପଶ୍ଚିମ ଭର୍ଜିନିଆର ସାଗୋଠାରେ ଅବସ୍ଥିତ କୋଇଲାଖଣିରେ ବିସ୍ଫୋରଣ ଯୋଗୁ ୧୨ ଶ୍ରମିକ ମୃତ୍ୟୁବରଣ କରିଥିଲେ। ସାଗୋ ହେଉଛି ପଶ୍ଚିମ ଭର୍ଜିନିଆର ଅପଶର କାଉଣ୍ଟିର ଏକ ଅନୁନ୍ନତ ଅଞ୍ଚଳ। ଏହା ବୁଖାନନ୍ ନଦୀ ପାର୍ଶ୍ୱରେ ଅବସ୍ଥିତ ଏବଂ ଏଠାରେ ସାଗୋ ମାଇନ୍ ରହିଛି। ୨୦୦୬ ସାଗୋ ମାଇନ୍ ବିସ୍ଫୋରଣ ପରଠାରୁ ଏହାକୁ ସାଗୋ ସାଇଟ୍ କୁହାଯାଏ।

୧୯୬୭ ଜାନୁୟାରୀ ୨ରେ ପୂର୍ବରୁ ଚଳଚ୍ଚିତ୍ରରେ ଅଭିନୟ କରିଥିବା ରୋନାଲ୍ଡ ରେଗାନ୍ କାଲିଫର୍ନିଆର ଗଭର୍ନର ଭାବେ ଶପଥ ନେଇଥିଲେ। ସେ ପରେ ଆମେରିକାର ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିଲେ। କାଲିଫର୍ନିଆର ଗଭର୍ନର ହେଉଛନ୍ତି କାଲିଫର୍ନିଆର ରାଜ୍ୟର ମୁଖ୍ୟ। ସେ ମଧ୍ୟ ରାଜ୍ୟ ସରକାରଙ୍କ ଚିଫ୍ ଏକଜିକ୍ୟୁଟିଭ୍। କାଲିଫର୍ନିଆ ନ୍ୟାଶନାଲ୍ ଗାର୍ଡର ସେ କମାଣ୍ଡର-ଇନ୍-ଚିଫ୍।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୦ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୨ | ୯.୯ |
| ଚାନ୍ଦବାଲି | ୨୫.୩ | ୧୦.୫ |
| କଟକ | ୨୫.୬ | ୯.୪ |
| ପାରାଦ୍ୱୀପ | ୨୬.୦ | ୧୨.୨ |
| ଭୁବନେଶ୍ୱର | ୨୭.୯ | ୯.୫ |
| ଗୋପାଳପୁର | ୨୬.୮ | ୧୨.୦ |
| ପୁରୀ | ୨୬.୮ | ୧୩.୩ |
| ଅନୁଗୋଳ | ୨୫.୧ | ୬.୬ |
| ବାରିପଦା | ୨୪.୦ | ୯.୨ |
| ଝାରସୁଗୁଡ଼ା | ୨୬.୬ | ୭.୫ |
| କେନ୍ଦୁଝର | ୨୩.୬ | ୬.୪ |
| ସମ୍ବଲପୁର | ୨୬.୬ | ୭.୮ |
| ସୁନ୍ଦରଗଡ଼ | ୨୪.୦ | ୭.୦ |
| ହୀରାକୁଦ | ୨୬.୧ | ୯.୧ |
| ତାଳଚେର | ୨୮.୧ | ୯.୪ |
| ଭବାନୀପାଟଣା | ୨୬.୩ | ୭.୦ |
| ବଲାଙ୍ଗୀର | --- | ୮.୦ |
| କୋରାପୁଟ | ୨୬.୨ | ୬.୬ |
| ଫୁଲବାଣୀ | ୨୫.୦ | ୪.୫ |
| ଟିଟିଲାଗଡ଼ | --- | ୭.୦ |
| ମାଲକାନଗିରି | ୨୯.୫ | ୯.୪ |
| ସୋନପୁର | ୨୬.୬ | ୭.୦ |
| ଦାରିଙ୍ଗିବାଡ଼ି | ୨୨.୫ | ୪.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ଜନ୍ମଦିନରେ ସୋନାଲିଙ୍କୁ ଶୁଭେଚ୍ଛା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ତଥା ଲେଖିକା ସୋନାଲି ବେନ୍ଦ୍ରେ ୪୪ବର୍ଷରେ ପଦାର୍ପଣ କରିଛନ୍ତି। ଜନ୍ମଦିନରେ ତାଙ୍କ ସ୍ୱାମୀ ତଥା ନିର୍ଦ୍ଦେଶକ ଗୋଲ୍‌ଡି ବେହଲ ଏକ ହୃଦୟଛୁଆଁ ବାର୍ତ୍ତା ଲେଖି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୋନାଲି ଜଣେ 'ସର୍ବୋତ୍ତମ ସାଥୀ' ଏବଂ ତାଙ୍କର 'ମଜଭୁତ ପଣିଆ' ବୋଲି ସେ ଉଲ୍ଲେଖ କରି ସୋନାଲିଙ୍କୁ ପ୍ରଶଂସା କରିଛନ୍ତି। କ୍ୟାନ୍‌ସରରେ ପୀଡ଼ିତ ସୋନାଲି ବର୍ତ୍ତମାନ ନ୍ୟୁୟର୍କରେ ଚିକିତ୍ସାଧୀନ ଅଛନ୍ତି। ସୋନାଲିଙ୍କ ସହିତ ତାଙ୍କ ସ୍ୱାମୀ ଏକ ଫଟୋ ଉଠାଇ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ୨୦୧୮ ସୋନାଲିଙ୍କ ପାଇଁ ଏକ କଷ୍ଟକର ସମୟ ଥିଲା। ସ୍ୱାମୀଙ୍କ ବ୍ୟତୀତ ସୋନାଲିଙ୍କ ସାଙ୍ଗସାଥୀ, ବଲିଉଡ୍ କଳାକାରଙ୍କ ସମେତ ଅଭିନେତ୍ରୀ ନିଲମ କୋଠାରୀ ସୋନି ଏବଂ ହ୍ରିତିକ୍ ରୋଶନ୍‌ଙ୍କ ପୂର୍ବତନ ସ୍ତ୍ରୀ ସୁସାନେ ଖାନ୍ ତାଙ୍କୁ ସୋସିଆଲ ମିଡିଆରେ ଶୁଭେଚ୍ଛା ବାର୍ତ୍ତା ପଠାଇ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।





ଶିଶୁଟିର ଭବିଷ୍ୟତକୁ ସବୁବେଳେ ମା' ହିଁ ରୂପ ଦେଇଥାଏ।
- ନେପୋଲିୟନ



## ଆଜି କ'ଣ କେଉଁଠି

**ସମ୍ବଲପୁର**

- ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ
  ସ୍ଥାନ- ମନ୍ଦଲିଆ ମହାଣ
  ସମୟ- ପୂର୍ବାହ୍ନ ୧୦ଟା।
- ଓଡିଶା ମାଗୁଛି ଜବାବ୍ ରଥଯାତ୍ରା ଶୁଭାରମ୍ଭ
  ସ୍ଥାନ- ସମଲେଇ ମନ୍ଦିର ପରିସର
  ସମୟ- ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଶ୍ରାଦ୍ଧ ଉତ୍ସବ
  ସ୍ଥାନ- ହୋଟେଲ ଶିଳା ଟାୱାର
  ସମୟ- ସନ୍ଧ୍ୟା ୬ଟା।

## ଗରିବଙ୍କୁ କମ୍ବଳ ବଣ୍ଟନ

ସମ୍ବଲପୁର, ୧।୧ (ବ୍ୟୁରୋ)-ବୁର୍ଲା ମେଡିକାଲର ଡାକ୍ତର ଶଙ୍କର ରାମଚନ୍ଦାନୀ ମଙ୍ଗଳବାର ବୁର୍ଲା ନିକଟ ଜୁନାପାଣି ଗାଁର କେତେକ ଗରିବ ଲୋକଙ୍କୁ କମ୍ବଳ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ଉକ୍ତ ଗାଁର ଜଣେ ବୟସ୍କ ବ୍ୟକ୍ତି ମସ୍ତିଷ୍କାଘାତ (ବ୍ରେନ ଷ୍ଟ୍ରୋକ୍)ରେ ଗୁରୁତର ଅସୁସ୍ଥ ହୋଇ ପଡ଼ି ରହିଥିବା ତାଙ୍କ ଦୃଷ୍ଟିକୁ ଆସିଥିଲା। ସମ୍ପୃକ୍ତ ରୋଗୀଙ୍କୁ ସେ ପ୍ରାଥମିକ ପରୀକ୍ଷା ନିରିକ୍ଷା କରି କେତେକ ଜରୁରି ଔଷଧ ଦେଇଥିଲେ।

# କୁଷ୍ଠରୋଗୀଙ୍କ ପାଇଁ ଗୀତ ଗାଇଲେ କଣ୍ଠଶିଳ୍ପୀ

**ସମ୍ବଲପୁର,୧।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ହାତୀବାରୀ ହେଲଥ୍ ହୋମରେ ନିଆରା ଢଙ୍ଗରେ ନବବର୍ଷ ପାଳନ କରାଯାଇଛି । ଏଠାରେ ରହୁଥିବା କୁଷ୍ଠ ରୋଗୀଙ୍କ ମୁହଁରେ ହସ ଫୁଟାଇବାରେ ଭୂମିକା ନେଇଛି ସ୍ୱାଭିମାନ ସମ୍ବଲପୁର। ସମ୍ବଲପୁରର କଣ୍ଠଶିଳ୍ପୀମାନେ ଯୋଗଦେଇ ଭଜନ ପରିବେଷଣ କରିଥିଲେ । ସଙ୍ଗୀତର ମୂର୍ଚ୍ଛନାରେ ଅନ୍ତେବାସୀମାନେ ବିଭୋର ହୋଇଥିଲେ। ଶିଶିରରଞ୍ଜନ ବହିଦାର, ଦେବନ୍ତ ବେହେରା, କୁନ୍ଦନ ପ୍ରଧାନ, ସମୀର ହୋତା, ଶୋଭନ୍ ପଟ୍ଟନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭାଜପା ନେତା ସୁବାସ ଚୌହାନ, ଆରଏସଏସ ପ୍ରାନ୍ତ କାର୍ଯ୍ୟବାହ ଦୁର୍ଗା ପ୍ରସାଦ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ତ୍ରିଲୋଚନ ତ୍ରିପାଠୀଙ୍କ ପରିଚାଳନାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁନନ୍ଦା ସାମନ୍ତରାୟ, ମିତ୍ରବିନ୍ଦା ଦାସ, ଅନ୍ୱେଷା ତ୍ରିପାଠୀ, ଶ୍ରୀନୁ ଦାସ, ବିଭୂତି ପଟ୍ଟନାୟକ, ଦିଲୀପ ବାଗ ଭଜନ ପରିବେଷଣ କରିଥିଲେ । ଯତୀନ ବେହେରା, ପପୁ ନାଗ, ଗଣ ହରିପାଲ, ରଶ୍ମିରଞ୍ଜନ ବେହେରା, ସଞ୍ଜୀବ କଂସାରି, ବିକାଶ ମେହେର, ସ୍ୱାଧୀନ ଭୋଇ, ଚମନ୍ ବିଶ୍ୱକର୍ମା, ସୁଧୀର ବହିଦାର, ପ୍ରଣେଶ ଝା, ସତ୍ୟଜିତ ଜେନା, କୌଶିକ ସାହୁ, ସୁଶାନ୍ତ ବେହେରା, ଚିନ୍ମୟ ଦାସ ଓ ପିଣ୍ଟୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ମଙ୍ଗଳବାର ସମ୍ବଲପୁର ହାତୀବାରୀ ହେଲଥ୍ ହୋମରେ ଜଣେ କଳାକାର ସଙ୍ଗୀତ ପରିବେଷଣ କରୁଛନ୍ତି।

# ଲିମ୍ବସରିଏନ୍ ମନ୍ଦିରରେ ଶିକ୍ଷା ହିଁ ମୂଳମନ୍ତ୍ର କାର୍ଯ୍ୟକ୍ରମ

**ସମ୍ବଲପୁର, ୧।୧ (ବ୍ୟୁରୋ)**

ମାଁ ଲିମ୍ବସରିଏନ୍ ଯୁବକ ସଚେତନ ସଂଘ ପକ୍ଷରୁ ମଙ୍ଗଳବାର ଶିକ୍ଷା ହିଁ ମୂଳମନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୁଣ୍ଡେରପୁର ଲିମ୍ବସରିଏନ୍ ମନ୍ଦିର ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ଶଙ୍କରପ୍ରସାଦ ପତି, ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାଶ, ଜିଲା ବିଜ୍ଞାନ ନିରୀକ୍ଷିକା ଦୀପାଳି ଚୌଧୁରୀ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସେଫାଳି ରାଣୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆୟୋଜକ ଅନୁଷ୍ଠାନ ସଭାପତି ଅମିତ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସ୍ନିଗ୍ଧାମୟୀ ମିଶ୍ର, ସୁମିତ ପଣ୍ଡା, ନିନିମା ଛନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। । ବିଶ୍ୱଜିତ ଦାଶ, ଅସିମ୍ ପତି, ଭବାନୀଶଙ୍କର ମିଶ୍ର, ବିଭୁତି ବେହେରା, ଅଭିଷେକ ପାଣିଗ୍ରାହୀ, କାମ୍ୟରଞ୍ଜନ ସାମଲ, ନାରାୟଣ ରାଉତ, ଭାସ୍କର ରାଓ, ଅମନ ପତି, ରାକେଶ ପ୍ରଧାନ, ସୁବ୍ରତ ବେହେରା, ସୁଭମ୍ ମିଶ୍ର, ପ୍ରସାଦ ରାଓ, କୈଳାଶ ମେହେର, ଅଭିଲାଷ ପାଣିଗ୍ରାହୀ, ମଣ୍ଟୁ ପାତ୍ର, କ୍ଷୀତେଶ୍ୱର ପ୍ରଧାନ, ଦିନେଶ ସାହୁ, ମଣ୍ଟୁ ପାଢ଼ୀ, ପିଣ୍ଟୁ ସାହୁ, ସୁମିତ ପଣ୍ଡା, ସମୀର ସାହୁ, ଯୋଗେଶ ସାହୁ, ଘନଶ୍ୟାମ ମେଣ୍ଡେଲୀ, ରୋହିତ ଓ ଶିବ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ମଙ୍ଗଳବାର ମାଁ ଲିମ୍ବସରିଏନ୍ ଯୁବକ ସଚେତନ ସଂଘ ପକ୍ଷରୁ ଆୟୋଜିତ ଶିକ୍ଷା ହିଁ ମୂଳମନ୍ତ୍ର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

# ତିନିଦିନିଆ ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍ୟାପିତ

**ବାମରା, ୧।୧ (ସ୍ୱ.ପ୍ର.)**

ବାମରାରେ ଡିସେମ୍ବର ୩୦ ତାରିଖରୁ ଚାଲିଥିବା ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସୋମବାର ଉଦ୍ୟାପିତ ହୋଇଯାଇଛି । ପ୍ରଥମ ଦିବସରେ ଭବ୍ୟ କଳସ ଶୋଭାଯାତ୍ରା ସହ ଏହା ଶୁଭାରମ୍ଭ ହୋଇଥିଲା । ସ୍ଥାନୀୟ ନିର୍ମାଣାଧୀନ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ପ୍ରଥମ ଦିନ ସନ୍ଧ୍ୟାରେ ସଙ୍ଗୀତ ଓ ପ୍ରବଚନର କାର୍ଯ୍ୟକ୍ରମ ରଖାଯାଇଥିଲା । ସେହିଭଳି ଦ୍ୱିତୀୟ ଦିବସରେ ପ୍ରାତଃ ୮ଟାରୁ ଦେବପୂଜନ, ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ବିଭିନ୍ନ ସଂସ୍କାର କରାଯାଇ ସନ୍ଧ୍ୟାରେ ୧୦୦୮ ଦୀପ ଯଜ୍ଞ ଆୟୋଜିତ ହୋଇଥିଲା । ଅନ୍ତିମ ଦିବସରେ ସକାଳୁ ଅପରାହ୍ନ ୧ଟା ଯାଏଁ କୁଣ୍ଡ ଯଜ୍ଞ, ବିଭିନ୍ନ ସଂସ୍କାର ଓ ପୂର୍ଣ୍ଣାହୂତୀ କରାଯାଇଥିଲା । ଅପରାହ୍ନରେ ପ୍ରସାଦ ସେବନ ଓ ଟୋଲି ବିଦାୟୀ କରାଯାଇଥିଲା । ହରିଦ୍ୱାରରୁ ୮ଜଣ ବିଶିଷ୍ଟ ଅଷ୍ଟଶମ୍ଭୁ ଟୋଲି ପହଞ୍ଚି ଯଜ୍ଞ ସଞ୍ଚାଳନ କରିଥିଲେ । ଏହି ତିନି ଦିନିଆ କୁଣ୍ଡ ଯଜ୍ଞରେ ପ୍ରୟାଗ ଚୌଧୁରୀ, କଲୁ ଦୀକ୍ଷିତ, ବିନୟ ପଣ୍ଡା, ସତ୍ୟଜିତ ସରାଫ, ମହାବୀର ଅଗ୍ରୱାଲ, ଅନୀଲ ପାଣ୍ଡେ, ପରମେଶ୍ୱର ସାହୁ, ଗୁଣନିଧି ସରାଫ, ଖଗେଶ୍ୱର ସା, ବିଜୟ ଅଗ୍ରୱାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ତିନି ଦିନ ଧରି ଉକ୍ତ କାର୍ଯ୍ୟକ୍ରମରେ ବାମରା ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର ଓ ଆକାଶ ଦୀକ୍ଷିତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।


ବାମରାରେ ଅନୁଷ୍ଠିତ ଗାୟତ୍ରୀ ମହାଯଜ୍ଞରେ ଉପସ୍ଥିତ ସାଧୁସନ୍ଥ ଓ ଆୟୋଜକ।

# 'କାଳିଆ' ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରସ୍ତୁତି ବୈଠକ

**ଦେବଗଡ,୧।୧(ସ୍ୱ.ପ୍ର.)**

'କାଳିଆ' ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଜିଲାସ୍ତରୀୟ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ବୈଠକ । ଏଥିରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ପ୍ରକଳ୍ପ ନିର୍ଦ୍ଦେଶକ, ଡିଆରଡିଏ, ଭିନସେଣ୍ଟ ପୁନମକାନ୍ତ ଏକ୍କା, ଉପ ଜିଲାପାଳ ବିମଳେନ୍ଦୁ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ । ବୈଠକରେ ଯୋଜନାର ସଫଳ ରୂପାୟନ ପାଇଁ ବିସ୍ତୃତ ଭାବେ ଆଲୋଚନା କରାଯାଇ ବିଭିନ୍ନସ୍ତରରେ ସୁପରିଚାଳନା ପାଇଁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଜାନୁୟାରୀ ୨ତାରିଖଠାରୁ ୧୦ତାରିଖ ପର୍ଯ୍ୟନ୍ତ ଜିଲାରେ ଥିବା କ୍ଷୁଦ୍ର ନାମମାତ୍ର ଚାଷୀଙ୍କ ତାଲିକା ସମସ୍ତ ପଞ୍ଚାୟତ ଓ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ସର୍ବସାଧାରଣଙ୍କର ଅବଗତି ନେଇ ପ୍ରକାଶ କରାଯିବ । ଏହି ତାଲିକା ଉପରେ ଆପତ୍ତି ଅଭିଯୋଗ ଏବଂ ସ୍ୱେଚ୍ଛାକୃତ ବାଦ ପାଇଁ ଆବେଦନ ପତ୍ର ୧୦ତାରିଖ ସୁଦ୍ଧା ଗ୍ରହଣ କରାଯାଇ ଯାଞ୍ଚ ପରେ ଜିଲାସ୍ତରରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯିବ । ପ୍ରଥମ ପର୍ଯ୍ୟାୟରେଏହି ଯୋଜନାରେ ସମସ୍ତ ଯୋଗ୍ୟ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ରବି ଋତୁ ପାଇଁ ୫ହଜାର ଟଙ୍କା ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ


ମଙ୍ଗଳବାର ସମ୍ବଲପୁର ବାଲିବନ୍ଧା ଆଞ୍ଚଳିକ ପୁର୍ନଃବାସ କେନ୍ଦ୍ରଠାରେ ଅତିଥିମାନେ ଛତା ବଣ୍ଟନ କରୁଛନ୍ତି ।

**ସମ୍ବଲପୁର,୧।୧(ବ୍ୟୁରୋ)**

ସମ୍ବଲପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ମଙ୍ଗଳବାର ବାଲିବନ୍ଧାସ୍ଥିତ ଆଞ୍ଚଳିକ ପୁନଃର୍ବାସ କେନ୍ଦ୍ରଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଆଞ୍ଚଳିକ ପୁନଃର୍ବାସ କେନ୍ଦ୍ର ଅଧିକାରୀ ରବୀନ୍ଦ୍ର ଶତପଥୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା, ଡା. ସିଆର ମହାପାତ୍ର, ଜାତୀୟ ବରିଷ୍ଠ ନାଗରିକ ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ହୋତା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦୀ ସମ୍ମାନିତ ଅତିଥି ଥିଲେ । ୫୪ଟି କମ୍ବଳ, ୨୬ଟି ଛତା, ୧୦ଟି ଗରମ ପୋଷାକ ବଣ୍ଟନ କରାଯାଇଥିଲା । ଗୋଟିଏ କୃତ୍ରିମ ଅଙ୍ଗ, ୨ଟି ଶ୍ରବଣଯନ୍ତ୍ର, ୨ଟି ନି କ୍ୟାପ୍, ୩ଟି କୋଲାର୍ ସମେତ ମାଗଣାରେ ଔଷଧ ମଧ୍ୟ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଏହି ଦିବସ ଅକ୍ଟୋବର ୧୦ରେ ପ୍ରତିବର୍ଷ ପାଳନ କରାଯାଇଥାଏ, କିନ୍ତୁ ଏଥର ପାଳନ କରାଯାଇ ପାରି ନ ଥିଲା।

# ରୟାଲ କ୍ରିକେଟ ଟୁର୍ନାମେଣ୍ଟ: ଗୁରୁଜାଙ୍ଗ ଚାମ୍ପିୟନ

**ଦେବଗଡ଼,୧।୧(ସ୍ୱ.ପ୍ର.)**

ରିଆମାଳ ବ୍ଲକ ରୟାଲ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍ୟାପିତ ହୋଇଛି। ଏଥିରେ ଜିଲା ତଥା ଜିଲା ବାହାରୁ ୮ ଟିମ୍ ଅଂଶଗ୍ରହଣ କରିଥିଲେ। ଗୁରୁଜାଙ୍ଗ ଓ ବାଘବର କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଘବରକୁ ହରାଇ ଗୁରୁଜାଙ୍ଗ ଚାମ୍ପିୟନ ହୋଇଛି। ଉଦ୍ୟାପନୀ ସମାରୋହରେ ପୂର୍ବତନ ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ ମୁଖ୍ୟଅତିଥି, ବୈକୁଣ୍ଠ ପାଇକରାୟ, ଉମାକାନ୍ତୀ ବେହେରା, ଧରଣୀଧର ଗଡ଼ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସୁଶିଲ କୁମାର ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ନରେନ୍ଦ୍ର କୁମାର ଦାଶ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଦିଗମ୍ବର ଗଡ଼ନାୟକ ଓ ବସନ୍ତ କୁମାର ବେହେରା ମ୍ୟାଚ୍ ପରିଚାଳନା କରିଥିବାବେଳେ ପ୍ରକାଶ ଚନ୍ଦ୍ର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।

# ନାଟ୍ୟକାର ଦୀନବନ୍ଧୁ ନାୟକଙ୍କ ପରଲୋକ

**ଦେବଗଡ, ୧।୧(ସ୍ୱ.ପ୍ର)**

ଜିଲାର ଜଣେ ସ୍ୱନାମଧନ୍ୟ ରାଜନେତା, ପୂର୍ବତନ ନଗରପାଳ ତଥା ଦେବଗଡ ନାଟ୍ୟଜଗତର ଭୀଷ୍ମ ପିତାମହ ଭାବେ ପରିଚିତ ବର୍ଷିୟାନ୍ କଳାକାର ଦୀନବନ୍ଧୁ ନାୟକଙ୍କ ମଙ୍ଗଳବାର ସକାଳେ ୮୨ ବର୍ଷ ବୟସରେ ପରଲୋକ ଘଟିଛି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ତାଙ୍କଠାରୁ ନାଟ୍ୟଶିକ୍ଷା ଲଭିଥିବା ବହୁ କଳାକାର ତାଙ୍କ ଭିତିରିଆ ସାହିସ୍ଥିତ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଶାନ୍ତିପାଠ

**ରେଙ୍ଗାଲି,୧।୧(ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ନବବର୍ଷ ଉପଲକ୍ଷେ ମାନବଜାତିର ସୁଖ, ଶାନ୍ତି, କଲ୍ୟାଣ ଉଦ୍ଦେଶ୍ୟରେ ଶାନ୍ତିପାଠର ଆୟୋଜନ କରାଯାଇଥିଲା । ମଙ୍ଗଳବାର ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ରେଙ୍ଗାଲି ବସଷ୍ଟାଣ୍ଡସ୍ଥିତ ଦୁର୍ଗା ମଣ୍ଡପରେ ମାଁ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ଦୀପପ୍ରଜ୍ୱଳନ ଏବଂ ପୂଜାର୍ଚ୍ଚନା କରାଯାଇ ଶାନ୍ତିପାଠ କରାଯାଇଥିଲା। ପରିଷଦର ସଭାପତି ଡ. ତୁଳସୀଦାସ ମାହାଣା, ସମ୍ପାଦକ ଅନ୍ତର୍ଯ୍ୟାମୀ ପାଣିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ବିଶିକେଶନ ପଣ୍ଡା, ଶଶିଭୂଷଣ ସାହୁ, ବସନ୍ତ ନାୟକ, ଡ. ଅର୍ଜୁନ ନାଏକ, ଡ. ଅଶୋକ ନାଏକ, ବୃନ୍ଦାବନ ସାହୁ, ଉଦୟ ସାହୁ, ରାଜାରାମ ମାହାଣା, ଦିବ୍ୟ ବେହେରା, ସୁବାଷ ସିଂ, ନନ୍ଦଲାଲ ଅଗ୍ରୱାଲ, ବିହାରୀ କୁମାର ଉପସ୍ଥିତ ଥିଲେ । ଶେଷରେ ପରିଷଦର ସହସମ୍ପାଦକ ସୁଦନ ଚାନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାଇକୋର୍ଟ ବେଞ୍ଚ ଆନ୍ଦୋଳନରେ ଜୟନାରାୟଣ

**ସମ୍ବଲପୁର,୧।୧(ବ୍ୟୁରୋ)**

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସମ୍ବଲପୁରରେ ଚାଲିଥିବା ଆନ୍ଦୋଳନ ମଙ୍ଗଳବାର ୧୧୯ ଦିନରେ ପହଞ୍ଚିଛି । ସେହିପରି ରିଲେ ଆମରଣ ଅନଶନ ୪୪ ଦିନ ହୋଇଛି । ଶିବ ଦିୱାନ, ଶୁଭେନ୍ଦୁ ନାୟକ, ଚନ୍ଦ୍ରଶେଖର ସୋନି, ହିମାଂଶୁ ତ୍ରିପାଠୀ, ସୋମନାଥ ଲୁହା, ସରୋଜ କୁମାର ମିଶ୍ର ରିଲେ ଆମରଣ ଅନଶନରେ ସାମିଲ ହୋଇଛନ୍ତି । ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ପୂର୍ବତନ ଭାଜପା ଜିଲା ସଭାପତି ନାଉରୀ ନାୟକ, ସାଧାରଣ ସମ୍ପାଦକ ଅନୀଲ ବେହେରା, ପୂର୍ବତନ କାଉନସିଲର୍ ସରୋଜ ଦଲପତ ଓ ସୁଶାନ୍ତ କୁମାର ପୁରୋହିତ ଅନଶନରେ ବସିଥିବା ଆନ୍ଦୋଳନକାରୀଙ୍କ ସହ ସାମିଲ ହୋଇଥିଲେ। ତେବେ ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ଆନ୍ଦୋଳନ ଜାରି ରହିଛି । ଏହି ଆନ୍ଦୋଳନ ହେତୁ ଜନସାଧାରଣ ହଇରାଣ ହେଉଛନ୍ତି । ତଥାପି କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି । ତେଣୁ ଆସନ୍ତା ୩ ତାରିଖରେ ପଶ୍ଚିମ ଓଡିଶାର ଜନପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । ଏଥିସହ ଅନ୍ୟ ଏକ ୪ ଜଣିଆ ପ୍ରତିନିଧି ଦଳ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି ।



ମଙ୍ଗଳବାର ସମ୍ବଲପୁର କଚେରି ଛକରେ ଓକିଲଙ୍କ ରିଲେ ଆମରଣ ଅନଶନରେ ଜୟନାରାୟଣ ମିଶ୍ର ।

# ଦେବଗଡ଼ ଜିଲା ପ୍ରତିଷ୍ଠା ଦିବସ

**ଦେବଗଡ,୧।୧(ସ୍ୱ.ପ୍ର.)**

ଦେବଗଡ ଜିଲା ବିକାଶ ମଞ୍ଚ ପକ୍ଷରୁ ମଙ୍ଗଳବାର ଦେବଗଡ ଜିଲା ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସୁଧୀର କୁମାର ବ୍ରହ୍ମାଙ୍କ ଆବାହକତ୍ୱରେ ଅତିଥି ଭାବେ ଦେବଗଡ ପୂର୍ବତନ ଏମ୍‌ପି ରବି ପାଣି, ପୂର୍ବତନ ବିଧାୟକ ବିଭୁଧେନ୍ଦ୍ର ପ୍ରତାପ ଦାସ, ପୂର୍ବତନ ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ, ଜିଲା ବିଜେଡି ସଭାପତି ସୁଧୀର କପରଦାର ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଦୀପ ପ୍ରଜ୍ୱଳନ ପୂର୍ବକ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏବଂ ପୂର୍ବତନ ଦେବଗଡ ବିଧାୟକ ପ୍ରଦୀପ୍ତ ଗଙ୍ଗଦେବ, ଗୋପବନ୍ଧୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମଙ୍ଗଳବାର ସକାଳେ ପରଲୋକ ହୋଇଥିବା ବରିଷ୍ଠ ନାଟ୍ୟକାର ଦିନବନ୍ଧୁ ନାୟକଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସଂଗଠନର ଉପଦେଷ୍ଟା ମିତ୍ରଭାନୁ ମହାପାତ୍ରଙ୍କ ସଂଯୋଜନାରେ ମୁଖ୍ୟବକ୍ତା ଭାବେ ମାର୍କଣ୍ଡେଶ୍ୱର ଶତପଥୀ ନିଜ ଅଭିଭାଷଣରେ ଜିଲା ହେବା ପୂର୍ବରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋକପାତ କରିବା ସହ ରାସ୍ତାଘାଟ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ବିଷୟରେ ବକ୍ତବ୍ୟ ରଖିଥିଲେ। ସେହିପରି ମଞ୍ଚର ଉପଦେଷ୍ଟା ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ମହାପାତ୍ର, ଆଇନଜୀବୀ ସୁଧାଂଶୁ ଦ୍ୱିବେଦୀ, ନିବେଦିତା ନାୟକ, ନବୀନ ପାଣି ପ୍ରମୁଖ ଜିଲା ଗଠନ ସମ୍ପର୍କରେ ନିଜନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜିଲା ଗଠନରେ ପ୍ରମୁଖ ଅବଦାନ ଦେଇଥିବା କଲା ଗ୍ରାମର ସ୍ୱର୍ଗତ ମଧୁସୂଦନ ସାହୁ ଏବଂ ଟିଙ୍କବୀର ଗ୍ରାମର ସ୍ୱର୍ଗତ ପୁଳିନ ପ୍ରଧାନଙ୍କ ପରିବାର ବର୍ଗଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଜିଲା ଗଠନରେ ସହଯୋଗ କରିଥିବା ଦେବଗଡର ପୂର୍ବତନ ଏମପି ରବି ପାଣି ଏବଂ ପୂର୍ବତନ ବିଧାୟକ ବିଭୁଧେନ୍ଦ୍ର ପ୍ରତାପ ଦାସଙ୍କ ସମେତ ବାରକୋଟର ଗିରିଧାରୀ ସାହୁ, ଦେବଗଡ ସହରର ଦିବାକର ପଟ୍ଟନାୟକ, ଅଲେଖ ପ୍ରଧାନ, ଇନ୍ଦୁକାନ୍ତ ପ୍ରଧାନ, ଆଦିତ୍ୟପ୍ରସାଦ ମିଶ୍ର, ଅଲେଖଚନ୍ଦ୍ର ସାହୁଙ୍କୁ ସମ୍ମାନୀତ କରାଯାଇଥିଲା। ଚଳିତବର୍ଷ ଓଏଏସ୍ ପାଇଥିବା ଲୋପାମୁଦ୍ରା ସାମଲ, ଓଜେଏସ ପାଇଥିବା ସୌରଭସାଗର ପ୍ରଧାନ, ଜାତୀୟ ମହିଳା ହକି ଖେଳାଳି ରଶ୍ମିତା ମିଂଜ୍, ମାଟ୍ରିକ ଟପ୍‌ର ଅନିକେତ ବ୍ରହ୍ମା, କ୍ରୀଡାବିତ୍ ରାହୁଲ ମୁଖୀଙ୍କୁ ସମ୍ମାନିତ କରାଯାଇଥିଲା। କୋରିଓଗ୍ରାଫର ଚନ୍ଦନ ସାହୁ ଆଣ୍ଡ ଗ୍ରୁପ ତରଫରୁ ବିଜୁ ପଟ୍ଟନାୟକଙ୍କ ଜୀବନୀ ସଂପର୍କିତ ଏକ କ୍ଷୁଦ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜନ୍ମାଜୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ଟିକେଶ୍ୱର ଗୁରୁ, ମୋତିଲାଲ ଶର୍ମା, ସୁଶାନ୍ତ ନନ୍ଦ, ରାଜା ଝାଙ୍କର, ରାଜେନ୍ଦ୍ର ଆଚାର୍ଯ୍ୟ, ତରଣୀକାନ୍ତ ଦାସ, ଦିବ୍ୟଶଙ୍କର ଦ୍ୱିବେଦୀ ପ୍ରମୁଖ ସହଯୋଗ କରିଥିଲେ। ଜିଲା ଗଠନର ୨୫ ପର୍ତ୍ତି ଉପଲକ୍ଷେ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ବରିଷ୍ଠ ସଙ୍ଗୀତକାର ମୀନକେତନ ମହାନ୍ତି, ବିଭୁତି ଗଙ୍ଗଦେବ, ଜିଲା ଓକିଲ ସଂଘ ସଭାପତି ଦିଲୀପ ଗୁରୁ, ରାମଚନ୍ଦ୍ର ମହାପାତ୍ର, ଜିଲା ନାଗିରିକ କମିଟିର ସଭାପତି ସୁଶୀଲ କପରଦାର ଆଇନଜୀବୀ ମନୋଜ ପାଢୀ, ବହୁ ବୁଦ୍ଧୀଜୀବୀ, ଆଇନଜୀବୀ, ସାହିତ୍ୟିକ, ଖବରଦାତା, ସମାଜସେବୀ, କଳାକାର, ବରିଷ୍ଠ ନାଗରିକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ହେଲେ ଜିଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ପ୍ରତିଷ୍ଠା ଦିବସ ପାଳନ କରାଯାଇ ନ ଥିଲା।



ଦେବଗଡ଼ ଜିଲା ପ୍ରତିଷ୍ଠା ଦିବସରେ ଓଏଏସ ଲୋପାମୁଦ୍ରା ସାମଲଙ୍କୁ ସମ୍ମାନିତ କରାଯାଉଛି।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ





ମଙ୍ଗଳବାର ସମ୍ବଲପୁର ସମଲେଇ ମନ୍ଦିର ପରିସରରେ ନବବର୍ଷ ଲାଗି ଭକ୍ତଙ୍କୁ ଖେଚୁଡ଼ି ଭୋଗ ବଣ୍ଟନ କରାଯାଉଛି (ବାମ)। ସମଲେଇ ମନ୍ଦିରରେ ଭକ୍ତଙ୍କ ଭିଡ ।

# ବର୍ଷର ପ୍ରଥମ ଦିନରେ ମା'ଙ୍କ ଆଶୀର୍ବାଦ ନେଲେ ଶ୍ରଦ୍ଧାଳୁ

ସମ୍ବଲପୁର, ୧୧ (ବ୍ୟୁରୋ)

ନବବର୍ଷ-୨୦୧୯କୁ ବିଭିନ୍ନ ଢଙ୍ଗରେ ସ୍ୱାଗତ କରାଯାଇଛି । ସମ୍ବଲପୁରର ଇଷ୍ଟଦେବୀ ସମଲେଇ ପୀଠରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଛି। ପ୍ରାତଃରୁ ଭକ୍ତମାନେ ଧାଡିରେ ଛିଡା ହୋଇ ଦେବୀଙ୍କ ପୂଜାର୍ଚ୍ଚନା କରି ବର୍ଷର ଶୁଭାରମ୍ଭ କରିଛନ୍ତି । ଓଡିଶା ସମେତ ଛତିଶଗଡ, ଝାଡ଼ଖଣ୍ଡ ଅଞ୍ଚଳର ଭକ୍ତମାନେ ମଧ ଦେବୀଙ୍କ ଦର୍ଶନ କରିଛନ୍ତି । ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଭକ୍ତଙ୍କ ପାଇଁ ପାନୀୟ ଜଳ ଓ ଖିଚିଡି ଭୋଗର ବ୍ୟବସ୍ଥା କରାଯାଇଥିଲା । ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ, ଟ୍ରଷ୍ଟ ବୋର୍ଡ ସଭ୍ୟ ପ୍ରଫୁଲ୍ଲ କୁମାର ହୋତାଙ୍କ ସମେତ ସମଲେଶ୍ୱରୀ ଯୁବକ ସଂଘ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବାଲିବନ୍ଧା ସୋମନାଥ ବାବା, ବୁଢ଼ାରଜା ମହାଦେବ, ଗୁଡେଶ୍ୱର ବାବା, ଲୋକନାଥ ବାବା, ଝାଡୁଆପଡା ବ୍ରହ୍ମପୁରା ମନ୍ଦିର, ବମ୍ବରାଡ ବାଲୁଙ୍କେଶ୍ୱର ବାବା, ଜାଗେଶ୍ୱର ବାବା, ଶୀତଲେଶ୍ୱର ବାବା ସମେତ ଶକ୍ତିପୀଠ, ଜଗନ୍ନାଥ ମନ୍ଦିର ଓ ଶୈବ ପୀଠରେ ଭକ୍ତଙ୍କ ଭିଡ ଲାଗି ରହିଥିଲା ।

# ନୂଆବର୍ଷରେ ଘଣ୍ଟେଶ୍ୱରୀ ପୀଠ ଚଳଚଞ୍ଚଳ

ଚିପିଲିମା, ୧୧ (ଡି.ଏନ.ଏ)

ସମ୍ବଲପୁର ଜିଲା ଚିପିଲିମା (ବଗବିରା)ସ୍ଥିତ ଘଣ୍ଟେଶ୍ୱରୀ ମାଁଙ୍କ ପୀଠ ମଙ୍ଗଳବାର ଇଂରାଜୀ ନୂଆ ବର୍ଷରେ ଚଳଚଞ୍ଚଳ ହୋଇ ଉଠିଛି। ଦିନ ତମାମ ଏଠାରେ ପର୍ଯ୍ୟଟକ ତଥା ଭକ୍ତଙ୍କ ସମାଗମ ହୋଇଥିଲା। ପୂଜକମାନେ ପ୍ରଭାତରୁ ମାଁଙ୍କ ନୀତିପୂଜା କରିଥିଲେ। ଘଣ୍ଟେଶ୍ୱରୀ ଟ୍ରଷ୍ଟ ପକ୍ଷରୁ ଭକ୍ତ ତଥା ପର୍ଯ୍ୟଟକମାନଙ୍କ ଶୁଭ କାମନା କରି ଦୀପ ପ୍ରଜ୍ୱଳନ କରାଯାଇଥିଲା। ନବବର୍ଷରେ ନିଜ ନିଜ ପରିବାର ଶୁଭମନାସୀ ଭକ୍ତମାନେ ଲମ୍ବାଧାଡିରେ ରହି ମାଁଙ୍କ ପୂଜାର୍ଚ୍ଚନା କରିଥିଲେ । ଘଣ୍ଟି ଖଣ୍ଟାର ଶବ୍ଦରେ ପୀଠ ମୁଖରିତ ହୋଇଥିଲା । ଅନ୍ୟପକ୍ଷେ ବଣଭୋଜି ଲାଗି ଲୋକଙ୍କ ଭିଡ ହୋଇଥିଲା। ଚିପିଲିମା ଜଳ ବିଦ୍ୟୁତ ପ୍ରକଳ୍ପ ଦେଇ ପୂର୍ବରୁ ଦୁଇଟି ସରୁ ପୋଲରେ ପର୍ଯ୍ୟଟକ ମାଁଙ୍କ ମନ୍ଦିରରୁ ଯିବା ଆସିବା କରୁଥିଲେ। ହେଲେ ଗତ ଲଘୁଚାପ ଲଗାଣ ବର୍ଷାରେ ଗୋଟିଏ ପୋଲ ଭାଙ୍ଗି ଯାଇଥିଲା । ଏତେ ଦିନ ହେଲା ଭଙ୍ଗା ପୋଲଟି ନିର୍ମାଣ ହୋଇ ନାହିଁ। ଏଣୁ ଗୋଟିଏ ଅଣ ଓସାରିଆ ପୋଲରେ ପର୍ଯ୍ୟଟକ ବିପଦଶଂକୁଳ ଅବସ୍ଥାରେ ଯିବା ଆସିବା କରୁଥିଲେ। ପର୍ଯ୍ୟଟକଙ୍କ ଭିଡକୁ ଦୃଷ୍ଟିରେ ରଖି ଟ୍ରଷ୍ଟି ସଞ୍ଜୟ ପୂଜାରୀଙ୍କ ତତ୍ତ୍ୱାବଧାନରେ ଚିପିଲିମା ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଥିଲେ ।



ଚିପିଲିମାସ୍ଥିତ ମାଁ ଘଣ୍ଟେଶ୍ୱରୀ ପୀଠରେ ମଙ୍ଗଳବାର ଭକ୍ତଙ୍କ ସମାଗମ।

# ନବବର୍ଷ ପାଇଁ ନାଚଗୀତର ମାହୋଲ

ସମ୍ବଲପୁର, ୧୧ (ବ୍ୟୁରୋ)

ବିଦାୟ ନେଇଛି-୨୦୧୮। ପୁରୁଣା ବର୍ଷ ଏବେ ଅଫେରା ଆଉ ଇତିହାସ। ଆରମ୍ଭ ହୋଇଛି ନବବର୍ଷ-୨୦୧୯। ନୂଆବର୍ଷକୁ ସ୍ୱାଗତ ପାଇଁ ଲୋକେ ସୋମବାର ଜିରୋ ନାଇଟ୍ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସମ୍ବଲପୁର ସଦହରର ଦ୍ ଗ୍ରାଣ୍ଡ ଶିବା, ମହାନଦୀ କ୍ଲବ, ସମ୍ବଲପୁର କ୍ଲବ, ରୋଟାରୀ କ୍ଲବରେ ଏଥିପାଇଁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନାଚଗୀତରେ ସମସ୍ତେ ଝୁମି ଉଠିଥିଲେ। ଫଳରେ ଏହି ନୂଆବର୍ଷକୁ ସ୍ୱାଗତ ପାଇଁ ସହରରେ ଦୁଇ ଦିନ ହେଲା ନାଚଗୀତର ମାହୋଲ ସୃଷ୍ଟି ହୋଇଛି। ମଙ୍ଗଳବାର ମଧ କେତେକ ଜାଗାରେ ନାଚଗୀତର ଆସର ଜମିଥିଲା।






ମଙ୍ଗଳବାର ରାତିରେ ସମ୍ବଲପୁର ମୁଦିପଡା ନେହେରୁ ଯୁବକ ସଂଘ ଦ୍ୱାରା ଆୟୋଜିତ ନୂତନ ବର୍ଷକୁ ସ୍ୱାଗତ ଲାଗି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି ।

# ଚାଷୀଙ୍କ ସୁବିଧା ଅସୁବିଧା ଉପରେ ଆଲୋଚନା

ପଡିଆବାହାଲ,୧୧ (ଡି.ଏନ.ଏ)

ବାହାମ ସେବା ସମବାୟ ସମିତି ପକ୍ଷରୁ ମଙ୍ଗଳବାର ଖଲିଆପାଲି ନିୟନ୍ତ୍ରିତ ବଜାର ପ୍ରାଙ୍ଗଣଠାରେ ମାର୍କେଟ ୟାର୍ଡକୁ ଆସିଥିବା ଚାଷୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସୋସାଇଟି ଅନ୍ତର୍ଗତ ସମସ୍ତ ଚାଷୀଙ୍କ ସୁବିଧା ଅସୁବିଧା ଉପରେ ଆଲୋଚନା କରାଯାଇଥିଲା। ସମବାୟ ସମିତି ସଦାବେଳେ ଚାଷୀଙ୍କ ହିତରେ କାର୍ଯ୍ୟ କାରିବ ବୋଲି ସଭାପତି ଅଶୋକ ପୁରୋହିତ କହିଥିଲେ। ନୂଆବର୍ଷ ଅବସରରେ ଚାଷୀଙ୍କୁ ମିଠାଇ ବଣ୍ଟନ କରାଯାଇଥିଲା। ସନାତନ ଠେଲା, ଆରଏମସି କର୍ମଚାରୀ ରଜତ ସାହୁ, ମନ ସାନବଡ ପ୍ରମୁଖ ଉପସ୍ଥିତ ଥିଲେ ।




ରୋଟାରି କ୍ଲବ ସମ୍ବଲପୁର ୱେଷ୍ଟ ପକ୍ଷରୁ ଆୟୋଜିତ ନବବର୍ଷ ଉତ୍ସବରେ ମହିଳାମାନେ ନୃତ୍ୟ କରୁଛନ୍ତି ।

# ରାସ୍ତାରୁ ହଟିଲା ସାପ୍ତାହିକ ହାଟ

ପଡିଆବାହାଲ, ୧୧ (ଡି.ଏନ.ଏ)- ବାହାମ ପଞ୍ଚାୟତ ପଡିଆବାହାଲଠାରେ ରାଜପଥ ଉଭୟ ପାର୍ଶ୍ୱରେ ବସୁଥିବା ସାପ୍ତାହିକ ହାଟର ସ୍ଥାନ ପରିବର୍ତ୍ତନ ହୋଇଛି। ମଙ୍ଗଳବାରଠାରୁ ରାସ୍ତାରୁ ହାଟକୁ ହଟାଇ ଦିଆଯାଇଛି। ଏବେ ଏହି ହାଟ ନବ ନିର୍ମିତ ହାଟ ପଡିଆରେ ଆରମ୍ଭ ହେବ।

■ବସ୍ ମାଲିକ ସଂଘ ନିର୍ବାଚନ

# ସୁବ୍ରତ ସଭାପତି, ସୁରଜିତ ସାଧାରଣ ସମ୍ପାଦକ

ସମ୍ବଲପୁର, ୧୧ (ବ୍ୟୁରୋ)



ସୁବ୍ରତ କୁମାର ପାଣିଗ୍ରାହୀ



ସୁରଜିତ କୁମାର ହୋତା

ସମ୍ବଲପୁର ଘରୋଇ ବସ ମାଲିକ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବେଦବ୍ୟାସ ପାଣିଗ୍ରାହୀ ଓ ବିଜୟ କୁମାର ରଥ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ । ସୁବ୍ରତ କୁମାର ପାଣିଗ୍ରାହୀ ସଭାପତି, ସୁରଜିତ କୁମାର ହୋତା ସାଧାରଣ ସମ୍ପାଦକ ଏବଂ ତୁଷାରକାନ୍ତ ମିଶ୍ର କୋଷାଧ୍ୟକ୍ଷ, ଦୁଲାଲ୍‌କୃଷ୍ଣ ଗୁରୁ ଉପସଭାପତି, ଅଜିତ କୁମାର ପତି ଯୁଗ୍ମସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ନୂତନ ନିର୍ବାଚନ କର୍ମକର୍ତ୍ତାମାନଙ୍କୁ ସଭ୍ୟମାନେ ଶୁଭେଚ୍ଛା ଓ ସ୍ୱାଗତ ଜଣାଇଛନ୍ତି ।

# ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ କ୍ରୀଡା ଛାତ୍ରାବାସ ବିଜୟୀ

ସମ୍ବଲପୁର, ୧୧ (ବ୍ୟୁରୋ)

ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଡା. ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ କ୍ରୀଡା ଛାତ୍ରାବାସ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଶେଷରେ କ୍ରୀଡା ଛାତ୍ରାବାସ ୨-୧ ଗୋଲରେ ବଜରଙ୍ଗୀ କ୍ଲବକୁ ହରାଇ ବିଜୟୀ ହୋଇଥିଲା। ମନୋଜ ଭୋଇ, ରାଜାରାମ ଓରାମ, ନନ୍ଦକିଶୋର ନାୟକ, କର୍ଣ୍ଣ ବେହେରା ମ୍ୟାଚ ପରିଚାଳନା କରିଥିଲେ । ବଜରଙ୍ଗୀ କ୍ଲବର ବିନୋଦ ମୁଣ୍ଡାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା । ଫୁଟବଲ ସମ୍ପାଦକ ଅବଦୁଲ ଗଫାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅପରପକ୍ଷେ ଗୋଲାବନ୍ଧ ଏଫସି ପଡିଆରେ ଅନୁପସ୍ଥିତ ରହିଥିବାରୁ କୁରେଇଟୋଲା ଭାରତ କ୍ଲବକୁ ୱାକ୍ ଓଭର୍ ମାଧ୍ୟମରେ ବିଜୟୀ ଘୋଷିତ କରାଯାଇଥିଲା ।



ଟ୍ରଫି ସହ ଲାରିପାଲି ଚାମ୍ପିୟନ ଦଳ।

## ଦିବାରାତି କ୍ରିକେଟ ଟୁର୍ନାମେଣ୍ଟରେ ଲାରିପାଲି ଚାମ୍ପିୟନ

ରେଙ୍ଗାଲି, ୧୧ (ଡି.ଏନ.ଏ.)

ରେଙ୍ଗାଲି ମହାବୀର ଛକ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଦିବାରାତି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଅନୁଷ୍ଠିତ ହୋଇଛି। ସୋମବାର ବିଳମ୍ବିତ ରାତ୍ରିରେ ଅଜୟ- ୧୧ ଏବଂ ଲାରିପାଲି ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଲାରିପାଲି ଚାମ୍ପିୟନ ହୋଇଥିଲା। । ବିଜୟୀ ଲାରିପାଲି ଦଳକୁ ୧୧ ହଜାର ଟଙ୍କା ଓ ଟ୍ରଫି ଏବଂ ପରାଜିତ ଅଜୟ- ୧୧କୁ ୭ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା।



ପ୍ରିୟାଂଶି ପାଣିଗ୍ରାହୀ

## ସର୍ବଭାରତୀୟ ଟେନିସ୍ ଟୁର୍ନାମେଣ୍ଟରେ ପ୍ରିୟାଂଶୀ ପାଣିଗ୍ରାହୀ ଚାମ୍ପିୟନ

ସମ୍ବଲପୁର, ୧୧ (ବ୍ୟୁରୋ)

୧୨ ବର୍ଷରୁ କମ୍ ସର୍ବଭାରତୀୟ ଟେନିସ୍ ଟୁର୍ନାମେଣ୍ଟରେ ସମ୍ବଲପୁରର ପ୍ରିୟାଂଶି ପାଣିଗ୍ରାହୀ ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି । ଗତ ଡିସେମ୍ବର ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ରାୟପୁର ଭିଆଇପି କ୍ଲବଠାରେ ଟୁର୍ନାମେଣ୍ଟ ହୋଇଥିଲା । ସେ ଫାଇନାଲ ମ୍ୟାଚରେ ୭-୫ ଓ ୬-୨ ପଏଣ୍ଟରେ ମହାରାଷ୍ଟ୍ର ରାଜ୍ୟର ସିଜଲ୍ ଭାତୁଡାଙ୍କୁ ହରାଇ ଥିଲେ। ମଙ୍ଗଳବାର ସେ ସମ୍ବଲପୁରରେ ପହଞ୍ଚିବା ପରେ ସମ୍ବଲପୁର ମହାନଦୀ କ୍ଲବଠାରେ ଏକାଡେମୀ ଅଫ୍ ଏକ୍ସିଲେନ୍ସି ସଭ୍ୟମାନେ ଶୁଭେଚ୍ଛା ଜଣାଇଥିଲେ। ତାଙ୍କ ପ୍ରଶିକ୍ଷକ ସୁରଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

“ ବର୍ତ୍ତମାନ ନମ୍ବର ୱାନ ର୍ୟାଙ୍କିଙ୍ଗ୍ ହାସଲ ଅପେକ୍ଷା ନିଜ ଶରୀର ପ୍ରତି ଯତ୍ନକୁ ମୁଁ ଅଗ୍ରାଧିକାର ଦେଉଛି ।
–ରାଫାଲ ନାଡାଲ, ସ୍ପାନିଶ ଟେନିସ ଖେଳାଳି



“ ଅଷ୍ଟ୍ରେଲିଆ ବିପକ୍ଷରେ ବୁମ୍ରାଙ୍କ ବୋଲିଂ ଯଦିଓ ବିପଜ୍ଜନକ, ନମ୍ବର ୩ରେ ପୂଜାରାଙ୍କ ବ୍ୟାଟିଂ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।
–ବ୍ରାଡ୍ ହଜ୍,ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର



## ସଂକ୍ଷେପରେ

### ଆଇସିସି ଟି୨୦ ବିଶ୍ୱକପ୍: ଶ୍ରୀଲଙ୍କା, ବାଂଲାଦେଶ ସିଧାସଳଖ ଯୋଗ୍ୟତାରୁ ବଞ୍ଚିତ

**ଦୁବାଇ, ୧।୧(ପି.ଟି.):** ୨୦୨୦ରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବାକୁ ଥିବା ଆଇସିସି ଟି୨୦ ବିଶ୍ୱକପ୍‌କୁ ପ୍ରାକ୍ତନ ଚାମ୍ପିୟନ ଶ୍ରୀଲଙ୍କା ଓ ବାଂଲାଦେଶ ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ତାଲିକା ଅନୁଯାୟୀ ବିଶ୍ୱ ଟି୨୦ ମାନ୍ୟତାର ଟପ୍ ର୍ୟାଙ୍କ୍ ଦଳ ପାକିସ୍ତାନ ସମେତ ଭାରତ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ ଓ ଏସିଆର ଉଦୀୟମାନ ଦଳ ଆଫଗାନିସ୍ତାନ ସିଧାସଳଖ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। କିନ୍ତୁ ପାକିସ୍ତାନ ଓ ବାଂଲାଦେଶ ସମେତ ଅନ୍ୟ ୬ଟି ଦଳ ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିବେ। ଏଥିରୁ ୪ଟି ଟିମ୍ ସୁପର୍-୧୨ରେ ପ୍ରବେଶ କରିବେ। ୨୦୧୪ ଚାମ୍ପିୟନ ଶ୍ରୀଲଙ୍କା ସିଧାସଳଖ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ ମଧ୍ୟ ତାଙ୍କ ଦଳ ଟୁର୍ନାମେଣ୍ଟରେ ଭଲ କରିବ ବୋଲି ଅଧିନାୟକ ଲସିଥ୍ ମାଲିଙ୍ଗା ଆଶା ବ୍ୟକ୍ତ କରିଛନ୍ତି। ଡିସେମ୍ବର ୩୧ ସୁଦ୍ଧା ଟି୨୦ ମାନ୍ୟତାର ଶୀର୍ଷ ୮ଟି ଦଳ ସମେତ ଆୟୋଜକ ଦେଶ ଏହି ମେଗା ଇଭେଣ୍ଟକୁ ସିଧାସଳଖ ପ୍ରବେଶ କରିଛନ୍ତି। ୨୦୨୦ ଅକ୍ଟୋବର ୧୮ରୁ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଟି୨୦ ବିଶ୍ୱକପ୍‌ର ୭ମ ସଂସ୍କରଣ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବ।

# ପରାଜୟ ଏଡ଼ାଇବା ଲକ୍ଷ୍ୟରେ ଓଡ଼ିଶା

**କଟକ ଅଫିସ,୧।୧**

ନ୍ୟୁ ଦିଲ୍ଲୀ ପାଲମ ସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚ୍ ସର୍ଭିସେସ ନିୟନ୍ତ୍ରଣରେ ରହିଛି। ମଙ୍ଗଳବାର ୩ୟ ଦିବସରେ ସର୍ଭିସେସ ବଢ଼ିଆ ବ୍ୟାଟିଂକରି ୪୧୭/୮ରେ ଇନିଂସ ଘୋଷଣା କରିଛି । ବାମହାତୀ ଅଲରାଉଣ୍ଡର ବିକାଶ ହଥୱାଲା ୧୧୫ରନ୍‌ର ଶତକୀୟ ଇନିଂସ ଖେଳିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଇନିଂସରେ ୧୭୭ରନ କରିଥିବା ଓଡ଼ିଶା ୩ୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଦ୍ୱିତୀୟ ଇନିଂସ୍‌ରେ ଗୋଟିଏ ଉଇକେଟ ହରାଇ ୬୫ରନ୍ କରିଛି । ହାତରେ ୯ ଉଇକେଟ ଥିବାବେଳେ ଦଳ ଏବେ ବି ୧୭୫ରନ୍ ପଛରେ ରହିଛି । ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସ। ସମ୍ପୂର୍ଣ୍ଣ ଦିବସ ବ୍ୟାଟିଂ କରିପାରିଲେ ଓଡ଼ିଶା ମ୍ୟାଚ ଡ୍ର ରଖିବା ସହ ପରାଜୟ ଏଡାଇ ପାରିବ। ମାତ୍ର ଏହା କଷ୍ଟସାଧ ମନେ ହେଉଛି।

ସୋମବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ସର୍ଭିସେସ ୪ ଉଇକେଟ ହରାଇ ୧୮୩ରନ୍ କରିଥିଲା। ଅଧିନାୟକ ରଜତ ପାଲିୱାଲ ୨୨ ଓ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ବିକାଶ ହଥ୍‌ୱାଲା ୯ରନ୍ କରି ଅପରାଜିତ ଥିଲେ। ମଙ୍ଗଳବାର ଖେଳର ପ୍ରଥମ ସେସନ୍‌ରେ ଓଡ଼ିଶା ବୋଲରଙ୍କୁ ଉଭୟ ସଫଳତାର ସହ ମୁକାବିଲା କରିଥିଲେ। ୧୩୫ବଲରୁ ରଜତ ଅର୍ଦ୍ଧଶତକ ପୂରଣ କରି ବ୍ୟକ୍ତିଗତ ୬୨ରନ୍ କରିଥିବା ବେଳେ ଉଇକେଟ କିପରଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ । ଓଡ଼ିଶା ନିମନ୍ତେ ଏହି ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ରାଜେଶ ମହାନ୍ତି ଦେଇଥିଲେ ।

### ସଂକ୍ଷିପ୍ତ ସ୍କୋର

- ସର୍ଭିସେସ ପ୍ରଥମ ଇନିଂସ: ୪୧୭/୮/ ଘୋଷଣା (ବିକାଶ ହଥୱାଲା-୧୧୫, ନଭନୀତ ସିଂ-୬୪, ଗୋବିନ୍ଦ ପୋଦ୍ଦାର-୨/୮୫, ଅଭିଷେକ ରାଉତ-୨/୧୦୩)।
- ଓଡ଼ିଶା ଦ୍ୱିତୀୟ ଇନିଂସ୍: ୬୫/୧ (ଦେବାଶିଷ ସାମନ୍ତରାୟ-୩୫, ଶାନ୍ତନୁ ମିଶ୍ର-୩୦*, ଖଲିଲ ଅହମ୍ମଦ-୧/୩୦)।

### ରଣ୍‌ଜୀ ଟ୍ରଫି

୯୨ବଲରୁ ଅର୍ଦ୍ଧଶତକ ପୂରଣ କରିବା ସହ ବିକାଶ ଗୋଟିଏ ପାର୍ଶ୍ୱରୁ ଦଳର ସ୍କୋରକୁ ବଢ଼ାଉଥିଲେ ମଧ୍ୟ ଅନ୍ୟ ପାର୍ଶ୍ୱରୁ ଓଡ଼ିଶା ବୋଲରଙ୍କୁ ଉଇକେଟ ମିଳିଥିଲା। ଫଳରେ ସର୍ଭିସେସ କୌଣସି ଉଇକେଟ ଯୋଡ଼ିରେ ବଡ଼ ଭାଗୀଦାରି ପାଇ ନ ଥିଲା। ଉଇକେଟ କିପର ଦେଭେନ୍ଦର ଲୋହଚାବ ୧୫ ଓ ଅରୁଣ ବାମଲ ୧୬ରନ କରି ଆଉଟ ହୋଇଥିଲେ । କ୍ରିଜ୍‌କୁ ଆସିବା ମାତ୍ରେ ବଡ ଶଟ୍ ଖେଳି ଖଲିଲ ଅହମ୍ମଦ କିଛି ସମୟ ଓଡ଼ିଶା ବୋଲରଙ୍କ ଚିନ୍ତା ବଢ଼ାଇ ଦେଇଥିଲେ। ତେବେ ପାର୍ଟଟାଇମ ବୋଲର ଶାନ୍ତନୁ ମିଶ୍ର ଖଲିଲଙ୍କୁ ୩୪ରନ୍‌ରେ କଟ୍ ଆଣ୍ଡ ବୋଲ୍ଡ କରି ପ୍ୟାଭିଲିୟନ ଫେରାଇବାରେ ସଫଳ ହୋଇଥିଲେ। ୪୧୭ରନ୍‌ରେ ସର୍ଭିସେସ ଇନିଂସ ଘୋଷଣା କରିଥିଲା । ବିକାଶ ୧୦ ଚୌକା ଓ ୨ ଛକା ସହାୟତାରେ ୧୯୬ବଲରୁ ୧୧୫ରନର ଶତକୀୟ ଇନିଂସ୍ ଖେଳଥିଲେ । ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଗୁରୁଦେବ ପଠାନିଆ ୧୫ରନ୍‌ରେ ଅପରାଜିତ ଥିଲେ । ଓଡ଼ିଶା ପକ୍ଷରୁ ଅଭିଷେକ ରାଉତ ଓ ଗୋବିନ୍ଦ ପୋଦ୍ଦାର ୨ଟି ଲେଖାଏ, ରାଜେଶ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅନୁରାଗ ଷଡ଼ଙ୍ଗୀ ଓ ଶାନ୍ତନୁ ମିଶ୍ରଙ୍କୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ । ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଓଡ଼ିଶା ପ୍ରଥମ ଉଇକେଟରେ ୬୩ରନ୍ ଯୋଡ଼ିଥିଲା । ଷ୍ଟମ୍ପ ଅପସାରଣର କିଛି ମିନିଟ ପୂର୍ବରୁ ଶାନ୍ତନୁ ୩୦ରନ୍‌ରେ ଖଲିଲ ଅହମ୍ମଦଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଦେବାଶିଷ ସାମନ୍ତରାୟ ୩୫ରନ ଓ ଶୁଭ୍ରାଂଶୁ ସେନାପତି କୌଣସି ରନ ନ କରି ଅପରାଜିତ ଅଛନ୍ତି ।

# ରିଲଟନ ଚେସ୍‌ରେ ଦେବାଶିଷ ପ୍ରଭାବୀ

**ଭୁବନେଶ୍ୱର, ୧।୧(କ୍ରୀଡ଼ା ପ୍ରତିନିଧି)**



ଦେବାଶିଷ ଦାସ

ସ୍ୱିଡେନରେ ଚାଲିଥିବା ସମ୍ମାନଜନକ ରିଲଟନ କପ୍ ଚେସ୍ ଟୁର୍ନାମେଣ୍ଟର ୫ମ ରାଉଣ୍ଡ ଶେଷସୁଦ୍ଧା ଓଡ଼ିଶା ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ(୨୫୪୪ ରେଟିଂ)ଙ୍କୁ ମିଶ୍ରିତ ଫଳ ମିଳିଛି। ସେ ୩ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ୩.୫ ପଏଣ୍ଟ ପାଇଛନ୍ତି। ମଙ୍ଗଳବାର ବିଶ୍ରାମ ଦିବସ ହୋଇଥିବାବେଳେ ବୁଧବାର ୬ଷ୍ଠ ରାଉଣ୍ଡରେ ସ୍ୱିଡେନଗ୍ରାଣ୍ଡମାଷ୍ଟରବେଲୋନ ଲୋପେଜ ଜୁଆନ ମାନୁଏଲ(୨୩୩୪)ଙ୍କୁ ଭେଟିବେ ଦେବାଶିଷ। ପ୍ରଥମ ରାଉଣ୍ଡରେ ଭାରତୀୟ କ୍ୟାଣ୍ଡିଡେଟ ମାଷ୍ଟର ରାହିଲ ମଲିକ(୨୨୭୬)ଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିବା ଦେବାଶିଷ ଦ୍ୱିତୀୟ ରାଉଣ୍ଡରେ ନରୱେ ଫିଡେମାଷ୍ଟର ଲର୍ଲେଣ୍ଡ ମିକାଲସେନ(୨୩୫୭)ଙ୍କଠାରୁ ହାରି ଯାଇଥିଲେ। ତେବେ ସେ ତୃତୀୟ ରାଉଣ୍ଡରେ ନରୱେ ଫିଡେମାଷ୍ଟର ଆନ୍ଦ୍ରେ ନେଲସନ(୨୨୧୧)ଙ୍କୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ୪ର୍ଥ ରାଉଣ୍ଡରେ ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ମାଷ୍ଟର ଜନ ପଲ୍ ୱାଲାସ(୨୩୬୭)ଙ୍କୁ ସେ ହରାଇଥିବାବେଳେ ୫ମ ରାଉଣ୍ଡରେ ନରୱେ ଫିଡେମାଷ୍ଟର ଜୋହାନେସ ହଗ୍(୨୪୦୨)ଙ୍କ ସହ ପଏଣ୍ଟ ଭାଗ କରିଛନ୍ତି। ଟୁର୍ନାମେଣ୍ଟରେ ୨୫ ଦେଶର ୧୬୧ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୧୨୫ ଟାଇଟଲଧାରୀ (୨୬ ଗ୍ରାଣ୍ଡମାଷ୍ଟର, ୫ ମହିଳା ଗ୍ରାଣ୍ଡମାଷ୍ଟର, ୩୪ ଅନ୍ତର୍ଜାତୀୟ ମାଷ୍ଟର, ୪ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୪୧ ଫିଡେ ମାଷ୍ଟର, ୭ ମହିଳା ଫିଡେ ମାଷ୍ଟର ଓ ୮ ମହିଳା କ୍ୟାଣ୍ଡିଡେଟ ମାଷ୍ଟର) ସାମିଲ। ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟ ୫ ତାରିଖରେ ଉଦ୍‌ଯାପିତ ହେବ।

## COLLECTOR & DISTRICT MAGISTRATE, DHENKANAL

### WITHDRAWAL NOTIFICATION

No.1291-O

**SPL. LAO. R.I.P.-JAJ-17/2015/2702/R.I.P. Sukinda, Dated 05.12.2018**

In Exercise of Powers conferred by Section 93(1) of the R.E.C.T.L.A.R&R. Act 2013 (Act-1 of 2013), the Government of Odisha are proposed to withdraw from the acquisition of Land to the extent of Ac.14.09 as per scheduled of land attached out of the total area Ac. 15.66 required to be taken by Government at the Public expenses for construction of Asurabandha Minor, Kingol Minor & Kanabahali Minor of Rengali Irrigation Project (Left), L.B.C-II in the Village- Asurabandha, P.S.- Bhuban, No.-52, District- Dhenkanal covered by Revenue Department Notification No. 43523/R&D.M., Dated 16.12.2017 published in the Extraordinary issue of the Odisha Gazette No. ..................., Date: ................. .

*By the Order of Government*

*Sd./- Spl. L.A.R&R.O., R.I.P., Sukinda*

*Sd./- Collector & District Magistrate Dhenkanal*

**ଦ୍ୱିତୀୟ ପ୍ରତ୍ୟାହାର ଜମି ଅନୁସୂଚୀ**

**ଅସୁରବନ୍ଧ ମାଇନର**

ଗ୍ରାମର ନାମ: ଅସୁରବନ୍ଧ, ଥାନାର ନାମ: ଭୁବନ ନଂ.: ୫୨, ତହସିଲ: ଭୁବନ, ଜିଲ୍ଲା: ଢେଙ୍କାନାଳ

ଜମି ଅଧିଗ୍ରହଣ କେସ୍ ନଂ.: ୧୭/୨୦୧୫

| କ୍ର. ନଂ. | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ପ୍ରତ୍ୟାହାର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୨ | ୧୦୩୩ | ୦.୫୦ | ୦.୨୦ | ୦.୨୦ | ଅଗଣି ମିଶ୍ର, ପିତା– ଲକ୍ଷ୍ମଣ ମିଶ୍ର ଓଗେର, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୨ | ୬ | ୮୦୨ | ୦.୦୪ | ୦.୦୪ | ୦.୦୪ | ଅନ୍ତର୍ଯ୍ୟାମୀ ବେହେରା, ପିତା: ଦୈତାରୀ ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩ | ୧୧ | ୭୫ | ୦.୯୦ | ୦.୦୧ | ୦.୦୧ | ଅନୁକୂଳ ମଳିକ ଓଗେର, ପିତା: ସେବକ ମଳିକ, ଜା: କୈବର୍ତ୍ତ, ବା: ଜୟପୁର | |
| ୪ | | ୭୮ | ୦.୬୯ | ୦.୦୮ | ୦.୦୮ | ଅନୁକୂଳ ମଳିକ ଓଗେର, ପିତା: ସେବକ ମଳିକ, ଜା: କୈବର୍ତ୍ତ, ବା: ଜୟପୁର | |
| ୫ | ୧୨ | ୬୧ | ୦.୦୫ | ୦.୦୫ | ୦.୦୫ | ଅମ୍ବା ମଳିକ ଓଗେର, ପିତା: ଶ୍ୟାମ ମଳିକ, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୬ | ୧୪ | ୧୨୦୩ | ୦.୧୪ | ୦.୦୭ | ୦.୦୭ | ଆକୁଳ ବେହେରା, ପିତା: ସୁଗ୍ରୀବ ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୭ | ୧୬ | ୧୬୦୫ | ୦.୨୭ | ୦.୦୨ | ୦.୦୨ | ଏକାଦଶୀ ପଣ୍ଡା, ପିତା: ସାଗର ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮ | ୨୪ | ୭୮୭ | ୦.୬୫ | ୦.୧୬ | ୦.୧୬ | କାଠିଆ ଦାସ, ପିତା: ଶିବ ଦାସ, ଜା: ଗୋପାଳ, ବା: ନିଜଗାଁ | |
| ୯ | | ୭୯୪ | ୦.୩୨ | ୦.୦୩ | ୦.୦୩ | କାଠିଆ ଦାସ, ପିତା: ଶିବ ଦାସ, ଜା: ଗୋପାଳ, ବା: ନିଜଗାଁ | |
| ୧୦ | | ୭୯୫ | ୦.୦୮ | ୦.୦୮ | ୦.୦୮ | କାଠିଆ ଦାସ, ପିତା: ଶିବ ଦାସ, ଜା: ଗୋପାଳ, ବା: ନିଜଗାଁ | |
| ୧୧ | | ୭୯୬ | ୦.୦୪ | ୦.୦୪ | ୦.୦୪ | କାଠିଆ ଦାସ, ପିତା: ଶିବ ଦାସ, ଜା: ଗୋପାଳ, ବା: ନିଜଗାଁ | |
| ୧୨ | | ୭୯୭ | ୦.୪୦ | ୦.୧୫ | ୦.୧୫ | କାଠିଆ ଦାସ, ପିତା: ଶିବ ଦାସ, ଜା: ଗୋପାଳ, ବା: ନିଜଗାଁ | |
| ୧୩ | ୨୯ | ୧୬୦୪ | ୦.୧୦ | ୦.୦୧ | ୦.୦୧ | କୋଦଣ୍ଡ ଧୀର, ପିତା: କାଶୀ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୧୪ | ୩୭ | ୪୮୧ | ୦.୨୪ | ୦.୦୬ | ୦.୦୬ | ଗୁରୁବାରୀ ବେହେରା, ପିତା: ମଣି ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୫ | | ୪୭୧ | ୦.୨୨ | ୦.୧୩ | ୦.୧୩ | ଗୁରୁବାରୀ ବେହେରା, ପିତା: ମଣି ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୬ | | ୪୭୨/୨୩୫୪ | ୦.୧୭ | ୦.୧୨ | ୦.୧୨ | ଗୁରୁବାରୀ ବେହେରା, ପିତା: ମଣି ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୭ | ୩୭ | ୪୮୩ | ୦.୩୦ | ୦.୦୨ | ୦.୦୨ | ଗୁରୁବାରୀ ବେହେରା, ପିତା: ମଣି ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୮ | | ୪୮୩/୨୩୫୩ | ୦.୨୨ | ୦.୦୩ | ୦.୦୩ | ଗୁରୁବାରୀ ବେହେରା, ପିତା: ମଣି ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୧୯ | | ୪୮୫ | ୦.୫୧ | ୦.୦୧ | ୦.୦୧ | ଗୁରୁବାରୀ ବେହେରା, ପିତା: ମଣି ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୦ | ୩୮ | ୪୭୫ | ୦.୧୬ | ୦.୦୨ | ୦.୦୨ | ଗୁରୁବାରୀ ସାହୁ ଓଗେର ପିତା: ସନାତନ ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ | |
| ୨୧ | ୪୬ | ୧୪୭୮ | ୦.୬୩ | ୦.୦୧ | ୦.୦୧ | ଚଞ୍ଚଳା ମଳିକ, ପିତା: ମାଧବ ମଳିକ ଓଗେର, ଜା: ପାଣ, ବା: ନିଜଗାଁ | |
| ୨୨ | ୫୭ | ୧୬୦୬ | ୦.୧୪ | ୦.୦୧ | ୦.୦୧ | ତୁଳସୀ ମିଶ୍ର, ସ୍ୱାମୀ: ଶ୍ରୀହରି ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୨୩ | ୬୩ | ୭୬୬ | ୦.୬୦ | ୦.୦୪ | ୦.୦୪ | ଦିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୪ | | ୭୭୨ | ୦.୧୦ | ୦.୦୧ | ୦.୦୧ | ଦିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୫ | | ୭୭୩ | ୦.୧୩ | ୦.୧୧ | ୦.୧୧ | ଦିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୬ | ୬୩ | ୭୭୪ | ୦.୧୨ | ୦.୦୮ | ୦.୦୮ | ଦିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୭ | | ୭୮୧ | ୦.୨୮ | ୦.୦୨ | ୦.୦୨ | ଦିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୮ | | ୭୮୨ | ୦.୨୨ | ୦.୧୮ | ୦.୧୮ | ଦିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୨୯ | | ୭୮୩ | ୦.୨୧ | ୦.୨୧ | ୦.୨୧ | ଦିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୦ | | ୭୮୪ | ୦.୧୭ | ୦.୧୫ | ୦.୧୫ | ଦିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୧ | | ୭୮୫ | ୦.୦୬ | ୦.୦୬ | ୦.୦୬ | ଦିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୨ | | ୭୮୬ | ୦.୦୧ | ୦.୦୧ | ୦.୦୧ | ଦିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୩ | | ୭୯୮ | ୦.୦୭ | ୦.୦୧ | ୦.୦୧ | ଦିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୪ | ୬୩ | ୮୦୦ | ୦.୧୦ | ୦.୦୭ | ୦.୦୭ | ଦିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୫ | | ୮୦୧ | ୦.୦୪ | ୦.୦୪ | ୦.୦୪ | ଦିଜ ବେହେରା, ପିତା: ମାୟାଧର ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୩୬ | ୭୦ | ୪୯୫ | ୦.୦୪ | ୦.୦୪ | ୦.୦୪ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୩୭ | | ୪୯୬ | ୦.୨୬ | ୦.୦୮ | ୦.୦୮ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୩୮ | | ୪୯୮ | ୦.୪୮ | ୦.୦୬ | ୦.୦୬ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୩୯ | | ୪୯୪ | ୦.୨୨ | ୦.୨୨ | ୦.୨୨ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୪୦ | | ୪୯୩ | ୦.୦୮ | ୦.୦୮ | ୦.୦୮ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୪୧ | | ୪୯୯ | ୦.୪୯ | ୦.୦୩ | ୦.୦୩ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୪୨ | ୭୦ | ୫୦୦ | ୦.୨୦ | ୦.୦୧ | ୦.୦୧ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୪୩ | | ୫୦୨ | ୦.୦୨ | ୦.୦୨ | ୦.୦୨ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୪୪ | | ୫୦୭ | ୦.୦୬ | ୦.୦୧ | ୦.୦୧ | ଧଡ଼ିଆ ବେହେରା, ପିତା: ଚିନ୍ତା ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୪୫ | ୭୧ | ୧୫୦୯ | ୦.୧୨ | ୦.୦୨ | ୦.୦୨ | ଧନେଶ୍ୱର ଧିର ଓଗେର ପିତା: କାଶି ଧିର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୪୬ | ୮୭ | ୮୦୫ | ୦.୧୭ | ୦.୧୧ | ୦.୧୧ | ନରୋତ୍ତମ ମିଶ୍ର, ପିତା: ଆନନ୍ଦ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୪୭ | ୮୯ | ୪୮୯/୨୪୨୪ | ୦.୧୦ | ୦.୦୧ | ୦.୦୧ | ନାଥ ବେହେରା ଓଗେର, ପିତା: ଦିନେଇ ବେହେରା, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୪୮ | ୯୨ | ୭୧ | ୦.୩୬ | ୦.୦୫ | ୦.୦୫ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୪୯ | | ୭୨ | ୦.୪୩ | ୦.୦୬ | ୦.୦୬ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୫୦ | | ୭୩ | ୦.୬୧ | ୦.୦୬ | ୦.୦୬ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୫୧ | ୯୨ | ୫୧ | ୦.୫୧ | ୦.୧୨ | ୦.୧୨ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୫୨ | | ୫୨ | ୦.୧୯ | ୦.୧୨ | ୦.୧୨ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୫୩ | | ୫୬ | ୦.୩୫ | ୦.୦୯ | ୦.୦୯ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୫୪ | | ୬୩ | ୦.୧୭ | ୦.୧୭ | ୦.୧୭ | ନିଧି ମଳିକ, ପିତା: ଜାଇଗ ମଳିକ ଓଗେର, ଜା: କୈବର୍ତ୍ତ, ବା: ନିଜଗାଁ | |
| ୫୫ | ୧୦୦ | ୪୯୭ | ୦.୨୨ | ୦.୦୨ | ୦.୦୨ | ପରିକ୍ଷିତ ପ୍ରଧାନ ଓଗେର, ପିତା: ପଠାଣି ପ୍ରଧାନ, ଜା: ଗୋପାଳ, ବା: କିଙ୍ଗୋଳ | |
| ୫୬ | ୧୧୦ | ୯୬୩ | ୦.୫୪ | ୦.୩୦ | ୦.୩୦ | ବନମାଳୀ ମିଶ୍ର, ପିତା: କ୍ଷେତ୍ରବାସୀ ମିଶ୍ର, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୫୭ | | ୧୦୩୦ | ୧.୨୨ | ୦.୪୦ | ୦.୪୦ | ବନମାଳୀ ମିଶ୍ର, ପିତା: କ୍ଷେତ୍ରବାସୀ ମିଶ୍ର, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୫୮ | | ୧୦୩୧ | ୧.୫୭ | ୦.୫୪ | ୦.୫୪ | ବନମାଳୀ ମିଶ୍ର, ପିତା: କ୍ଷେତ୍ରବାସୀ ମିଶ୍ର, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୫୯ | ୧୨୯ | ୬୪ | ୦.୧୩ | ୦.୧୩ | ୦.୧୩ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୦ | | ୬୬ | ୦.୧୬ | ୦.୦୮ | ୦.୦୮ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୧ | | ୬୮ | ୦.୧୬ | ୦.୦୫ | ୦.୦୫ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୨ | | ୬୯ | ୦.୨୦ | ୦.୦୫ | ୦.୦୫ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୩ | | ୭୦ | ୦.୨୧ | ୦.୦୨ | ୦.୦୨ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୪ | | ୨୫ | ୦.୨୨ | ୦.୦୫ | ୦.୦୫ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୫ | | ୨୬ | ୦.୧୧ | ୦.୦୫ | ୦.୦୫ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୬ | | ୨୭ | ୦.୭୦ | ୦.୧୦ | ୦.୧୦ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୭ | ୧୨୯ | ୪୯ | ୦.୫୮ | ୦.୧୨ | ୦.୧୨ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୮ | | ୫୦ | ୦.୫୧ | ୦.୧୦ | ୦.୧୦ | ବାସୁଦେବ ମାଝୀ, ପିତା: ଧର୍ମାନନ୍ଦ ମାଝୀ ଓଗେର, ଜା: କୈବର୍ତ୍ତ, ବା: ମୁରୁଗା | |
| ୬୯ | ୧୪୩ | ୧୪୭୭ | ୦.୩୩ | ୦.୦୫ | ୦.୦୫ | ବୈଷ୍ଣବ ସାହୁ, ପିତା: କରୁଣ ସାହୁ, ଜା: ଗୁଡ଼ିଆ, ବା: ନିଜଗାଁ | |
| ୭୦ | ୧୫୩ | ୮୨୬ | ୦.୧୦ | ୦.୦୪ | ୦.୦୪ | ମଙ୍ଗୁଳି ପଣ୍ଡା, ପିତା: ବେଣୁଧର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୭୧ | ୧୬୦ | ୮୨୩ | ୦.୫୬ | ୦.୦୩ | ୦.୦୩ | ମାୟାଧର ଧୀର, ପିତା: ସତ୍ୟବାଦୀ ଧିର ଓଗେର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୭୨ | | ୮୨୪ | ୦.୦୪ | ୦.୦୨ | ୦.୦୨ | ମାୟାଧର ଧୀର, ପିତା: ସତ୍ୟବାଦୀ ଧିର ଓଗେର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୭୩ | | ୮୨୫ | ୦.୦୪ | ୦.୦୧ | ୦.୦୧ | ମାୟାଧର ଧୀର, ପିତା: ସତ୍ୟବାଦୀ ଧିର ଓଗେର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୭୪ | ୧୭୧ | ୧୨୦୬ | ୦.୦୪ | ୦.୦୪ | ୦.୦୪ | ମାଟିଆ ବେହେରା, ପିତା: ଧର୍ମୁ ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୭୫ | | ୧୨୦୭ | ୦.୦୫ | ୦.୦୨ | ୦.୦୨ | ମାଟିଆ ବେହେରା, ପିତା: ଧର୍ମୁ ବେହେରା ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୭୬ | ୧୭୪ | ୪୯୦ | ୦.୩୯ | ୦.୧୨ | ୦.୧୨ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୭୭ | | ୪୯୧ | ୦.୦୯ | ୦.୦୯ | ୦.୦୯ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୭୮ | ୧୭୫ | ୧୫୧୬ | ୦.୧୦ | ୦.୦୭ | ୦.୦୭ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୭୯ | | ୧୫୦୬ | ୦.୦୬ | ୦.୦୧ | ୦.୦୧ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୮୦ | | ୧୫୧୧ | ୦.୧୭ | ୦.୦୪ | ୦.୦୪ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୮୧ | | ୧୫୧୨ | ୦.୧୦ | ୦.୧୦ | ୦.୧୦ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୮୨ | | ୧୫୧୩ | ୦.୦୮ | ୦.୦୩ | ୦.୦୩ | ମାଧବ ଧୀର, ପିତା: ଦିବ୍ୟ ସିଂହ ଧୀର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୮୩ | ୧୭୮ | ୧୪୭୬ | ୦.୧୯ | ୦.୦୫ | ୦.୦୫ | ମେଘ ମଳିକ, ପିତା: ଗୁଣ ମଳିକ ଓଗେର, ଜା: ପାଣ, ବା: ନିଜଗାଁ | |
| ୮୪ | ୧୭୯ | ୧୧୯୦ | ୦.୨୯ | ୦.୨୦ | ୦.୨୦ | ରଙ୍ଗାଧର ପଣ୍ଡା, ପିତା: ଧରଣୀଧର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮୫ | ୧୭୯ | ୧୧୯୩ | ୦.୬୩ | ୦.୦୧ | ୦.୦୧ | ରଙ୍ଗାଧର ପଣ୍ଡା, ପିତା: ଧରଣୀଧର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮୬ | | ୧୧୯୬ | ୦.୭୩ | ୦.୨୮ | ୦.୨୮ | ରଙ୍ଗାଧର ପଣ୍ଡା, ପିତା: ଧରଣୀଧର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮୭ | | ୧୧୯୯ | ୨.୧୫ | ୦.୭୮ | ୦.୭୮ | ରଙ୍ଗାଧର ପଣ୍ଡା, ପିତା: ଧରଣୀଧର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮୮ | | ୧୪୭୫ | ୦.୦୧ | ୦.୦୧ | ୦.୦୧ | ରଙ୍ଗାଧର ପଣ୍ଡା, ପିତା: ଧରଣୀଧର ପଣ୍ଡା ଓଗେର, ଜା: ବ୍ରାହ୍ମଣ, ବା: ନିଜଗାଁ | |
| ୮୯ | ୧୮୧ | ୪୪୭ | ୦.୨୧ | ୦.୧୫ | ୦.୦୫ | ରଥି ବେହେରା, ପିତା: ଦନେଇ ବେହେରା, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୦ | | ୪୮୯/୨୩୯୩ | ୦.୨୨ | ୦.୨୦ | ୦.୨୦ | ରଥି ବେହେରା, ପିତା: ଦନେଇ ବେହେରା, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୧ | ୧୯୩ | ୧୨୦୪ | ୦.୦୮ | ୦.୦୪ | ୦.୦୪ | ସବର ପଣ୍ଡା, ପିତା: କୃଷ୍ଣ ପ୍ରହରାଜ ପଣ୍ଡା, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୯୨ | ୧୯୯ | ୮୨୨ | ୧.୧୬ | ୦.୧୬ | ୦.୧୬ | ସନି ମଳିକ, ପିତା: କୁଶିଆ ମଳିକ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୩ | ୧୯୯ | ୭୯୯ | ୦.୦୮ | ୦.୦୮ | ୦.୦୮ | ସନି ମଳିକ, ପିତା: କୁଶିଆ ମଳିକ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୪ | | ୭୨୨ | ୦.୦୮ | ୦.୦୮ | ୦.୦୮ | ସନି ମଳିକ, ପିତା: କୁଶିଆ ମଳିକ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୫ | | ୭୨୧ | ୦.୦୪ | ୦.୦୨ | ୦.୦୨ | ସନି ମଳିକ, ପିତା: କୁଶିଆ ମଳିକ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୬ | | ୯୪୩ | ୦.୨୦ | ୦.୨୦ | ୦.୨୦ | ସନି ମଳିକ, ପିତା: କୁଶିଆ ମଳିକ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୭ | | ୯୪୪ | ୦.୦୬ | ୦.୦୬ | ୦.୦୬ | ସନି ମଳିକ, ପିତା: କୁଶିଆ ମଳିକ ଓଗେର, ଜା: କୈବର୍ତ୍ତ, ବା: ଚଣ୍ଡିପାଳ | |
| ୯୮ | ୨୦୮ | ୮୧୧ | ୦.୨୪ | ୦.୧୫ | ୦.୧୫ | ସୁଦର୍ଶନ ବେହେରା, ପିତା: ଫକିର ବେହେରା ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୯୯ | ୨୧୪ | ୧୪୭୪ | ୧.୦୬ | ୦.୨୬ | ୦.୨୨ | ହାଡ଼ିବନ୍ଧୁ ଧୀର, ପିତା: ଚୈତନ୍ୟ, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୧୦୦ | ୨୧୫/୫୬ | ୪୮୨ | ୦.୨୯ | ୦.୧୪ | ୦.୧୪ | ମହେଶ୍ୱର ମିଶ୍ର, ପିତା: ଭଗବାନ ମିଶ୍ର, ଜା: ବ୍ରାହ୍ମଣ, ବା: କିଙ୍ଗୋଳ | |
| ୧୦୧ | ୨୧୫/୬୩ | ୯୪୫ | ୦.୩୯ | ୦.୧୦ | ୦.୧୦ | କାଙ୍ଗାଳି ବେହେରା, ପିତା: ମୂଳିଆ ବେହେରା ଓଗେର, ଜା: ତନ୍ତି, ବା: ଅସୁରବନ୍ଧପାଟଣା | |
**ନୂଆଦିଲ୍ଲୀ,୧-୧:** କେନ୍ଦ୍ର ସରକାର ଆଧାର ଆଇନ ସଂଶୋଧନ ବିଲ୍‌କୁ ଲୋକ ସଭାରେ ଉପସ୍ଥାପନ ପାଇଁ ତାଲିକାଭୁକ୍ତ କରିଛନ୍ତି। ଏହି ଆଇନ ଅନୁମୋଦନ ଲାଭ କଲେ ଆଧାର ନିୟମ ଉଲ୍ଲଂଘନ କରୁଥିବା କମ୍ପାନୀଙ୍କଠାରୁ ୧ କୋଟି ଟଙ୍କା ଡଣ୍ଡ ଆଦାୟ କରାଯିବ। ଏହାଛଡ଼ା କ୍ରମାଗତ ଧାରାରେ ଆଇନ ଉଲ୍ଲଂଘନ ହୋଇ ଚାଲିଲେ ଦୈନିକ ୧୦ଲକ୍ଷ ଟଙ୍କା ଲେଖାଏ ଫାଇନ ଆଦାୟ କରାଯିବ। ଆଧାରରେ ଗୋପନୀୟତାକୁ ନେଇ ଚିନ୍ତାବ୍ୟକ୍ତ କରାଯାଉଥିବା ବେଳେ କେନ୍ଦ୍ର ସରକାର ଆଧାର ଲାଗୁ କରୁଥିବା ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ)କୁ ଅନ୍ୟ ନିୟାମକଙ୍କ ଭଳି ଦଣ୍ଡ ଦେବାର କ୍ଷମତା ପ୍ରଦାନ କରିବାକୁ ଯାଉଛନ୍ତି। ବର୍ତ୍ତମାନ ବ୍ୟବସ୍ଥାରେ ୟୁଆଇଡିଏଆଇକୁ ଏଭଳି କୌଣସି କ୍ଷମତା ମିଳିନି। ସଂଶୋଧିତ ଆଧାର ଆଇନରେ ପିଲାମାନେ ୧୮ ବର୍ଷରେ ପଦାର୍ପଣ କରିବାର ୬ମାସ ମଧ୍ୟରେ ନିଜକୁ ଏଥିରୁ ବାଦ୍ ଦେଇପାରିବେ। ତେବେ ଏଥିପାଇଁ ମାତାପିତା କିମ୍ବା ଅଭିଭାବକଙ୍କ ଅନୁମତି ନେବାକୁ ହେବ। ଏହାଛଡ଼ା ଆଧାର ଜାରି କରାଯିବା ଯୋଗୁ ହେଉଥିବା ଆୟକୁ ଟିକସମୁକ୍ତ କରିବା ଲାଗି ସଂଶୋଧିତ ଆଇନରେ ବ୍ୟବସ୍ଥା ରହିଛି।

### ନୂଆବର୍ଷରେ ମୁଣ୍ଡପିଛା ଋଣ ୬୨ ହଜାର

**ନୂଆଦିଲ୍ଲୀ,୧-୧:** ନୂଆବର୍ଷ ପଦାର୍ପଣ କରିଛି। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ତଥ୍ୟ ଅନୁଯାୟୀ ଦେଶର ପ୍ରତି ବ୍ୟକ୍ତିଙ୍କ ମୁଣ୍ଡ ଉପରେ ୬୨ ହଜାର ଟଙ୍କାର ଋଣ ରହିଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ତ୍ରୈମାସିକ ଋଣ ପରିଚାଳନା ରିପୋର୍ଟ ପ୍ରକାଶ କରାଯାଇଛି। ସେପ୍ଟେମ୍ବର ସୁଦ୍ଧା ଦେଶର ମୋଟ ଋଣଭାର ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଦେଶର ୧୩୪ କୋଟି ଜନସଂଖ୍ୟାକୁ ହିସାବ କଲେ ମୁଣ୍ଡ ପିଛା ଋଣ ଭାର ୬୨ ହଜାର ଟଙ୍କା ହେଉଛି। ରିପୋର୍ଟରେ କୁହାଯାଇଛି ଯେ, ଚଳିତ ବର୍ଷ ଜୁନ୍ ସୁଦ୍ଧା ସରକାରଙ୍କ ଋଣର ପରିମାଣ ୭୯.୮ ଲକ୍ଷ କୋଟି ଟଙ୍କା ଥିଲା। ଅର୍ଥାତ୍ ମୁଣ୍ଡପିଛା ଋଣର ପରିମାଣ ୫୯,୫୫୨ ଟଙ୍କା ଥିଲା। ଏଥିରୁ ସ୍ପଷ୍ଟ ହୋଇଛି ଯେ, ମାତ୍ର ୩ ମାସ ଭିତରେ ୨,୪୪୮ ଟଙ୍କା ଋଣ ଭାର ବଢ଼ିଛି। ସେହିପରି ଏହି ସମୟ ମଧ୍ୟରେ ସରକାର ୨.୨ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ଋଣ କରିଛନ୍ତି।

## ପ୍ରଥମଥର ସ୍ପଷ୍ଟ କଲେ ପ୍ରଧାନମନ୍ତ୍ରୀ

# ୬ ମାସ ପୂର୍ବରୁ ଇସ୍ତଫା ଦେବାକୁ ଚାହୁଁଥିଲେ ଉର୍ଜିତ

**ନୂଆଦିଲ୍ଲୀ,୧-୧**

- ବିମୁଦ୍ରୀକରଣ ଅଚାନକ ଝଟକା ନ ଥିଲା
- ଜିଏସ୍‌ଟି ଯୋଗୁ କ୍ଷୁଦ୍ର ବ୍ୟବସାୟୀ ଅସୁବିଧାରେ
- ଅର୍ଥନୀତିରେ ମଧ୍ୟବିତ୍ତଙ୍କ ଯୋଗଦାନ ଅତୁଳନୀୟ
- କୃଷି ଋଣ ଛାଡ଼ ଦ୍ୱାରା ଚାଷୀଙ୍କ ସମସ୍ୟା ସମାଧାନ ଅସମ୍ଭବ



ଚଳିତ ବର୍ଷ ଗଣମାଧ୍ୟମ ସହ ପ୍ରଥମ ଆଲୋଚନା କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଆର୍ଥିକ ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ କରିଛନ୍ତି। ବିମୁଦ୍ରୀକରଣରୁ ଆରମ୍ଭ କରି ରିଜର୍ଭ ବ୍ୟାଙ୍କ ଗଭର୍ନର ପଦରୁ ଡ.ଉର୍ଜିତ ପଟେଲଙ୍କ ଇସ୍ତଫା ଦେବା ପର୍ଯ୍ୟନ୍ତ ସମସ୍ତ ଆର୍ଥିକ ପ୍ରସଙ୍ଗରେ ବିରୋଧୀଙ୍କ ଅଭିଯୋଗର ଜବାବ ଦେଇଛନ୍ତି। ବିମୁଦ୍ରୀକରଣ ଏକ ଅଚାନକ ଝଟକା ନ ଥିଲା ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ବର୍ଷକ ପୂର୍ବରୁ କଳାଧନ ସମ୍ପର୍କରେ ସରକାର ଲୋକଙ୍କୁ ଚେତାଇ ଆସୁଥିଲେ। ଉର୍ଜିତଙ୍କ ଇସ୍ତଫା ପଛରେ ଚାପ ରହିଥିଲା ବୋଲି ବିରୋଧୀଦଳଙ୍କ ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି ଯେ, ପୂର୍ବତନ ଗଭର୍ନର ପଟେଲ ୬-୭ ମାସ ପୂର୍ବରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେବାକୁ ଚାହୁଁଥିଲେ।

ବିମୁଦ୍ରୀକରଣ ସମ୍ପର୍କରେ ସେ କହିଛନ୍ତି ଯେ,କଳାଧନ ବ୍ୟାଙ୍କରେ ଜମା କରିବାକୁ ସରକାର ଲୋକଙ୍କୁ ବହୁବାର ଚେତାଇଛନ୍ତି ଏବଂ ସୁଯୋଗ ମଧ୍ୟ ଦେଇଛନ୍ତି। ଜରିମାନା ଦେଇ ଏଥିରୁ ମୁକ୍ତି ପାଇବା ନେଇ ସରକାର ପ୍ରସ୍ତାବ ଦେଲେ। ପୂର୍ବ ଭଳି ଏବର ସରକାରଙ୍କ ଏହା ଏକ ଚାଲ୍ ବୋଲି ଲୋକେ ଭାବିଲେ। ଏହି କାରଣରୁ ଖୁବ୍ କମ୍ ଲୋକ ନିଜର କଳାଧନ ଘୋଷଣା କଲେ। କଳାଧନ ଯୋଗୁ ଦେଶରେ ସମାନ୍ତରାଳ ଅର୍ଥନୀତି ଚାଲୁଥିବା ନେଇ ଚର୍ଚ୍ଚା ହେଉଥିଲା। ନେତା, ବ୍ୟବସାୟୀ ଓ ସରକାରୀ ବାବୁମାନଙ୍କ ଘରୁ କଳାଧନ ଜବତ ହେଉଥିଲା। ଦେଶରେ ଏକ ଔପଚାରିକ ଅର୍ଥନୀତିର ଆବଶ୍ୟକତା ଥିଲା। ସମାନ୍ତରାଳ ଅର୍ଥନୀତି ଦେଶକୁ ଫମ୍ପା କରିଦେଉଥିଲା। ଉର୍ଜିତଙ୍କ ସମ୍ପର୍କରେ ମୋଦି କହିଛନ୍ତି ଯେ, ସେ ବ୍ୟକ୍ତିଗତ କାରଣରୁ ଗଭର୍ନର ପଦ ଛାଡିବାକୁ ଚାହୁଁଛନ୍ତି ବୋଲି ତାଙ୍କୁ ଲିଖିତ ଭାବେ ଜଣାଇଥିଲେ। ରାଜନୈତିକ ଚାପର ପ୍ରଶ୍ନ ଉଠୁ ନାହିଁ। ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ଉର୍ଜିତ ଭଲ କାମ କରିଯାଇଛନ୍ତି। ମଧ୍ୟବିତ୍ତଙ୍କ ପାଇଁ ସରକାରୀଙ୍କ କି ପ୍ରକାର ଯୋଜନା ରହିଛି ବୋଲି ପ୍ରଶ୍ନ ହେବାରୁ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଶ୍ରେଣୀ ସମ୍ମାନର ସହ ବଞ୍ଚିବାକୁ ଚାହାନ୍ତି। ଅନ୍ୟର ଦୟାରେ ବଞ୍ଚିବାକୁ ସେମାନେ ପସନ୍ଦ କରନ୍ତି ନାହିଁ। ଦେଶର ଅର୍ଥନୀତିରେ ମଧ୍ୟବିତ୍ତଙ୍କ ଯୋଗଦାନ ଅତୁଳନୀୟ ବୋଲି ସେ କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଜିଏସ୍‌ଟିକୁ ଗବର ସିଂ ଟ୍ୟାକ୍ସ କହୁଥିବାରୁ ଏହା ଉପରେ ପ୍ରତିକ୍ରିୟା ଦେଇ ମୋଦି କହିଛନ୍ତି ଯେ, ଯିଏ ଯେପରି ଭାବନ୍ତି, ସେ ଏପରି କଥା କହନ୍ତି। ସମସ୍ତ ରାଜନୈତିକ ଦଳର ସହମତିରେ ଜିଏସ୍‌ଟି ଲାଗୁ କରାଯାଇଛି। ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀଙ୍କ ସମୟରୁ ଦେଶରେ ଜିଏସ୍‌ଟି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଜିଏସ୍‌ଟି କାରଣରୁ କ୍ଷୁଦ୍ର ବ୍ୟବସାୟୀ ହଇରାଣରେ ପଡିଥିବା ମୋଦି ସ୍ୱୀକାର କରିଛନ୍ତି। କୃଷି ଋଣ ଛାଡ଼କୁ ଏକ ରାଜନୈତିକ ହଟଚମଟ ଦର୍ଶାଇ ମୋଦି କହିଛନ୍ତି ଯେ, ଏହାଦ୍ୱାରା ଯଦି ଚାଷୀଙ୍କ ସମସ୍ୟା ସମାଧାନ ସମ୍ଭବ, ତେବେ ଏହା କରାଯିବା ଦରକାର। କିନ୍ତୁ ଇତିହାସ କହୁଛି, କୃଷି ଋଣ ଛାଡ଼ ଦ୍ୱାରା ଚାଷୀଙ୍କ ସମସ୍ୟାର ସମାଧାନ ହୋଇନି। ସରକାର ଚାଷୀ ଋଣ ଛାଡ଼ କରିବା ଘୋଷଣା କଲେ ମଧ୍ୟ ଏହାର ଫାଇଦା ସେମାନେ ପାଉନାହାନ୍ତି। ଜୀବନ ହାରୁଥିବା ଚାଷୀ ଛାଡ଼ ଯୋଜନାରେ ସାମିଲ ହୋଇପାରୁନାହାଁନ୍ତି। କଂଗ୍ରେସର ଋଣଛାଡ଼ ଘୋଷଣାକୁ ଲଲିପପ୍ ଦର୍ଶାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଜାତୀୟ ଦଳ ଦେଶବାସୀଙ୍କୁ ମିଛ କହୁଛି ଓ ଭୁଲ୍ ବାଟରେ ନେଉଛି। ଆର୍ଥିକ ଅପରାଧୀଙ୍କ ସମ୍ପର୍କରେ ମତପ୍ରକାଶ କରି ସେ କହିଛନ୍ତି ଯେ, ଦେଶରେ ପ୍ରଚଳିତ ଦୁର୍ବଳ ଆଇନର ସୁଯୋଗ ନେଇ ସେମାନେ ବିଦେଶ ପଳାଇଛନ୍ତି। କିନ୍ତୁ ସେମାନଙ୍କୁ ଆଜି ଅଥବା କାଲି ସ୍ୱଦେଶକୁ ଫେରାଇ ଅଣାଯିବ। ଦେଶର ଅର୍ଥକୁ ଯେଉଁମାନେ ଚୋରାଇ ନେଇଛନ୍ତି ସେମାନଙ୍କଠାରୁ ଗୋଟି ଗୋଟି କରି ଟଙ୍କା ଆଦାୟ କରାଯିବ।

## ଦାୟିତ୍ୱ ନେଲେ ନୂଆ ସିବିଆଇସି ଅଧ୍ୟକ୍ଷ

**ଭୁବନେଶ୍ୱର,୧-୧**



ପ୍ରଣବ କୁମାର ଦାସ

କେନ୍ଦ୍ରୀୟ ପରୋକ୍ଷ ତଥା ସୀମା ଟିକସ ବୋର୍ଡ(ସିବିଆଇସି)ର ଅଧ୍ୟକ୍ଷ ଭାବେ ବରିଷ୍ଠ ଓଡ଼ିଆ ଅଧିକାରୀ ପ୍ରଣବ କୁମାର ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାସ ଅର୍ଥନୀତିରେ ସ୍ନାତକୋତ୍ତର, ଏମ୍‌ଫିଲ୍ ଏବଂ ଆଇନରେ ଡିଗ୍ରୀ ହାସଲ କରିଛନ୍ତି। ସେ ପୂର୍ବରୁ ସିବିଆଇସିର ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ଜିଏସ୍‌ଟି ସୀମା ଶୁଳ୍କ ସଂସ୍କାର ତଥା ବାଣିଜ୍ୟ ସୁବିଧା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଭାର ତାଙ୍କ ଉପରେ ନ୍ୟସ୍ତ ରହିବ। ଜିଏସ୍‌ଟିର ସଫଳ ରୂପାୟନ କ୍ଷେତ୍ରରେ ତାଙ୍କର ଯୋଗଦାନ ରହିଛି। ପ୍ରମୁଖ ସୀମା ଶୁଳ୍କ କାର୍ଯ୍ୟାଳୟ, ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ, ଅର୍ଥ ମନ୍ତ୍ରଣାଳୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ ଦୀର୍ଘ ୩୫ ବର୍ଷର କାର୍ଯ୍ୟ ଅଭିଜ୍ଞତା ହାସଲ କରିଛନ୍ତି। ଏହା ବାଦ ଡବ୍ଲ୍ୟୁସିଓ, ଏଫ୍‌ଏଟିଏଫ୍, ଡବ୍ଲ୍ୟୁଏଚ୍‌ଓ, ଏଫ୍‌ସିସିସି, ୟୁଏସ୍‌ଏ ହୋମଲ୍ୟାଣ୍ଡ ସିକ୍ୟୁରିଟି ଆଲୋଚନା ଆଦିରେ ବାର୍ତ୍ତାଳାପ କରିବାରେ ତାଙ୍କର ବ୍ୟାପକ ଅଭିଜ୍ଞତା ରହିଛି। କର୍ତ୍ତବ୍ୟ ସମ୍ପାଦନରେ ସ୍ୱତନ୍ତ୍ର ପ୍ରତିଷ୍ଠା ରେକର୍ଡ ଲାଗି ସେ ରାଷ୍ଟ୍ରପତି ପୁରସ୍କାର ମଧ୍ୟ ଲାଭ କରିଛନ୍ତି।

## ୯୪,୭୨୬ କୋଟି ଟଙ୍କାର ଜିଏସ୍‌ଟି ଆଦାୟ

**ନୂଆଦିଲ୍ଲୀ,୧-୧**

ଚଳିତ ବର୍ଷ ଡିସେମ୍ବର ମାସରେ ୯୪,୭୨୬ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ ହୋଇଛି। ନଭେମ୍ବର ମାସ ତୁଳନାରେ ଏଥିରେ ହ୍ରାସ ଘଟିଥିବା ଜଣାଯାଇଛି। ନଭେମ୍ବରରେ ସରକାର ୯୭,୬୩୭ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିଥିଲେ। ଚଳିତ ବର୍ଷ ଡିସେମ୍ବର ୩୦ ସୁଦ୍ଧା ୭୨.୪୪ ଲକ୍ଷ ସେଲ୍‌ସ ରିଟର୍ନ ଫାଇଲ ହୋଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। କ୍ଷତିପୂରଣ ବାବଦକୁ ଅଗଷ୍ଟ-ସେପ୍ଟେମ୍ବରରେ ସରକାର ୧୧,୯୨୨ କୋଟି ଟଙ୍କା ପ୍ରଦାନ କରିଛନ୍ତି।

# ପୁଞ୍ଜି ପ୍ରତ୍ୟାହାରରୁ ମିଳିଛି ୭୭,୪୧୭ କୋଟି

**ନୂଆଦିଲ୍ଲୀ,୧-୧**

କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକରୁ ପୁଞ୍ଜି ପ୍ରତ୍ୟାହାର କରି ଚଳିତ ଆର୍ଥିକ ବର୍ଷ ଡିସେମ୍ବର, ୨୦୧୮ ସୁଦ୍ଧା ୭୭,୪୧୭ କୋଟି ଟଙ୍କା ହାସଲ କରିଛନ୍ତି। ପ୍ରଥମଥର ବିଫଳ ହେବା ପରେ ସରକାର ପୁନର୍ବାର ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର କରିବା ଲାଗି ଉଦ୍ୟମ କରିବେ। ଚଳିତ ଆର୍ଥିକ ବର୍ଷରେ ସରକାର ପୁଞ୍ଜି ପ୍ରତ୍ୟାହାରରୁ ୮୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ପ୍ରାପ୍ତ ସୂଚନାନୁଯାୟୀ, ଚଳିତ ବର୍ଷ ସରକାର ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡକୁ ତୈଳ ଓ ପ୍ରାକୃତିକ ବାଷ୍ପ କର୍ପୋରେଶନ(ଓଏନ୍‌ଜିସି) ଅଧିଗ୍ରହଣ, ସିପିଇସି ଇଟିଏଫ୍, ଭାରତ-୨୨ ଇଟିଏଫ୍ ଏବଂ କୋଲ୍ ଇଣ୍ଡିଆର ଅଂଶଧନ ବିକ୍ରି ସମେତ ୬ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଆଇପିଓରୁ ୭୭,୪୧୭ କୋଟି ଟଙ୍କା ଆଦାୟ କରିଛନ୍ତି। ଏବେ କେନ୍ଦ୍ର ସରକାର ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର କରିବାକୁ ଅଣ୍ଟା ଭିଡିଛନ୍ତି। ଏହିକ୍ରମରେ ଏହି ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀର ସହଯୋଗୀ କମ୍ପାନୀ ଏୟାର ଇଣ୍ଡିଆ ଏୟାର ଟ୍ରାନ୍ସପୋର୍ଟ ସର୍ଭିସ ଲିମିଟେଡ, ଏୟାର ଇଣ୍ଡିଆ ଇଞ୍ଜିନିୟରିଂ ସର୍ଭିସେସ୍ ଲିମିଟେଡ ଓ ଏୟାର ଇଣ୍ଡିଆର ବହୁତଳ କୋଠାଗୁଡିକୁ ବିକ୍ରି କରାଯିବ। ଏହାଦ୍ୱାରା କମ୍ପାନୀର ଋଣବୋଝ

### ପରବର୍ତ୍ତୀ ଲକ୍ଷ୍ୟ ଏୟାର ଇଣ୍ଡିଆ

ବହୁଳାଂଶେ ହ୍ରାସ ପାଇବ। ଏଥିସହିତ ଏହି ବିମାନ କମ୍ପାନୀକୁ ବଜାରଭିତ୍ତିକ କରିବା ଲାଗି ଏଥିରେ ନିବେଶ ଜାରି ରହିବ। ସରକାର ସହଯୋଗୀ କମ୍ପାନୀ ଓ ଘରଗୁଡିକୁ ବିକି ପ୍ରାୟ ୯ ହଜାର କୋଟି ଟଙ୍କା ପାଇବେ। ସେହିପରି ନୂଆବର୍ଷରେ ପବନ ହଂସ ହେଲିକପ୍ଟର କମ୍ପାନୀକୁ ବିକ୍ରି କରିଦେବାକୁ ସରକାର ଉଦ୍ୟମ କରିବେ। ଏଥିରେ ସରକାରଙ୍କ ୫୧ ପ୍ରତିଶତ ଓ ଅବଶିଷ୍ଟ ଓଏନ୍‌ଜିସିର ଅଂଶଧନ ରହିଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ବିକ୍ରି ପ୍ରକ୍ରିୟା ଚୂଡାନ୍ତ ହୋଇଯିବ ବୋଲି ଆଶାକରାଯାଉଛି। ଏହାଛଡ଼ା ଓଏନ୍‌ଜିସି, ଇଣ୍ଡିଆ ଅଏଲ କର୍ପୋରେଶନ, ଅଏଲ ଇଣ୍ଡିଆ, ଏନ୍‌ଏଲ୍‌ସି, ଭେଲ୍ ଓ ନାଲ୍‌କୋ ସମେତ ୧୦ ରାଷ୍ଟ୍ରାୟତ୍ତ କମ୍ପାନୀର ଶେୟାର ପୁନଃ କ୍ରୟ କାର୍ଯ୍ୟକ୍ରମ ଜରିଆରେ ସରକାରଙ୍କ ତହବିଲ୍‌ରେ ପ୍ରାୟ ୧୨ହଜାର କୋଟି ଟଙ୍କା ଆସିବ ବୋଲି ଆଶା କରାଯାଉଛି। ଖାଲି ସେତିକି ନୁହେଁ ଗ୍ରାମୀଣ ବିଦ୍ୟୁତୀକରଣ ନିଗମ (ଆର୍‌ଇସି)ରେ ସରକାର ନିଜ ଅଂଶଧନକୁ ପାୱାର ଫାଇନାନ୍ସ କର୍ପୋରେଶନକୁ ବିକ୍ରି କରିବା ଯୋଜନା ରହିଛି। ଏହାଦ୍ୱାରା ପ୍ରାୟ ୧୫ ହଜାର କୋଟି ଟଙ୍କା ମିଳିବ ବୋଲି ଅନୁମାନ କରାଯାଉଛି।


**ଭ୍ରମ ସଂଶୋଧନ**

ଗତ ତା୦୧।୧୨।୨୦୧୮ରିଖ ଧରିତ୍ରୀ ପୃଷ୍ଠା ୧୫ରେ **ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କର** ଏକ ବିଜ୍ଞାପନ ସଂଖ୍ୟା ୧୪୧୬୫ ତା୩୦।୧୧।୨୦୧୮ ପ୍ରକାଶ ପାଇଥିଲା। ଏଥିରେ ସର୍ବସାଧାରଣ ଶୁଣାଣି ତାରିଖ ଭୁଲ୍ ପ୍ରକାଶିତ ହୋଇଛି। ଏହି ତାରିଖକୁ ୩୦।୦୧।୨୦୧୯ ପରିବର୍ତ୍ତେ **ତା୦୩।୦୧।୨୦୧୯** ପଢିବାକୁ ଅନୁରୋଧ। ଏହି ଅନିଚ୍ଛାକୃତ ତ୍ରୁଟି ନିମନ୍ତେ ଆମେ ଦୁଃଖିତ। ବାକ୍ୟଟିକୁ ପୁନର୍ବାର **".... ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୩।୦୧।୨୦୧୯ରିଖ ଦିବା ୧୦.୩୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, ହିମଗିରି ବ୍ଲକ୍, ଗୋପାଳପୁର ପୋଷ୍ଟ ଅଫିସ୍ ସିଆରମାଳ ଗ୍ରାମର କୁନ୍ଦ୍ରେନ ଖେଳପଡ଼ିଆରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।"** ପଢିବାକୁ ଅନୁରୋଧ।

**ବିଜ୍ଞାପନ କାର୍ଯ୍ୟନିର୍ବାହୀ ଅଧିକାରୀ**



**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
E.H.T. (O&M) Division, Jayanagar-764005. CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited by the undersigned from Contractors having valid Licence, I.T PAN No and GST Registration Certificate / Order Suppliers for **Tender call No.: 20** Black painting of tower legs on 132KV **Tentulikhunti-Dabugaon** and 132KV **Dabugaon-Umerkote** line and supply of different types material under **EHT(O&M) Division, Jayanagar.** **Cost of tender papers :** Rs.2,240.00 (non-refundable) in shape of Cash . **EMD:** @ 1% of quoted value. **Sale of tender documents:** from Dt.01.01.2019 to upto 11:30 AM of Dt.09.01.2019. **Last date of submission of tender :** on or before Dt.09.01.2019 upto 5:00PM. **Tenders will be opened :** on Dt.10.01.2019 at 12:30 PM.
**Corrigendum, if any, will be published in the website only.**

Sd/-
DGM (Ele.)

Please connect us: optcl.odisha optcl_odisha energyodisha



## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-JAJ-0050-2018/38297/R&DM Dated: 10 Oct. 2018

No.: XXIV-106: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲର କୋରେଇ ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- କୟାଁ, ଥାନା- କୋରେଇ ସଂ. ୬୯, ତହସିଲ- ବ୍ୟାସନଗର, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୬.୪୩ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ ନଂ.-୧, ସୁକିନ୍ଦା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ବ୍ୟାସନଗର | କୟାଁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୪.୬୬ | ଏ.୬.୪୩ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦା, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- (ଅଭୟ କୁମାର ନାୟକ)**
**ଯୁଗ୍ମ ଶାସନ ସଚିବ**

### ଜମି ଅନୁସୂଚୀ

**ଗ୍ରାମର ନାମ: କୟାଁ, ଥାନାର ନାମ: କୋରେଇ ନଂ.-୬୯, ତହସିଲ: ବ୍ୟାସନଗର, ଜିଲ୍ଲା: ଯାଜପୁର**

ଜମି ଅଧିଗ୍ରହଣ କେସ୍ ନଂ.:

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିଗୃହୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୩ | ୧୦୪୨ | ୦.୦୬ | ୦.୦୩ | ଉଷା ଜେନା, ପିତା: ନାଭ ଜେନା ଓଗେର | |
| ୨ | ୩୭ | ୮୨୪ | ୦.୨୦ | ୦.୧୩ | କୁଶ ପଲେଇ, ପିତା: ଗଙ୍ଗାଧର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୩ | | ୧୦୦୭ | ୦.୫୪ | ୦.୨୮ | କୁଶ ପଲେଇ, ପିତା: ଗଙ୍ଗାଧର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୪ | ୩୯ | ୧୦୫୭ | ୧.୧୭ | ୦.୩୫ | କୁଶ ପଲେଇ, ପିତା: ଗଙ୍ଗେଇ ପଲେଇ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୫ | ୪୨ | ୧୦୪୫/ ୧୧୭୧ | ୦.୩୮ | ୦.୦୭ | ଶ୍ରୀ ସିଦ୍ଧେଶ୍ୱର ମହାଦେବ ତୁଳତି ମାର୍ଫତ କୃଷ୍ଣଚନ୍ଦ୍ର ଦାସ, ପିତା: ଶୁକଦେବ ଦାସ, ଜା: ବ୍ରାହ୍ମଣ, ବା: ତୁଳତି | |
| ୬ | ୬୨ | ୧୦୫୮ | ୦.୨୪ | ୦.୦୧ | ଧନେଶ୍ୱର ସେଠୀ, ପିତା: ଭାବନ ସେଠୀ, ଜା: ଧୋବା, ବା: କୟାଁ | |
| ୭ | ୬୯ | ୧୦୫୦ | ୧.୨୪ | ୦.୫୫ | ଗୋବର୍ଦ୍ଧନ ବାରିକ, ପିତା: ଚନ୍ଦ୍ରରି ବାରିକ, ଜା: ଗୋପାଳ, ବା: ନିଜଗାଁ | |
| ୮ | ୮୧ | ୧୦୪୫ | ୦.୪୦ | ୦.୨୨ | ଯୋଗେନ୍ଦ୍ର ମାଝୀ, ପିତା: ଶତ୍ରୁ ମାଝୀ, ଜା: କୈବର୍ତ୍ତ, ବା: ନିଜଗାଁ | |
| ୯ | ୯୬ | ୮୨୩ | ୦.୦୬ | ୦.୦୬ | ଦ୍ୱାରିକାନାଥ ବାରିକ, ପିତା: ନିଶାକର ବାରିକ ଓଗେର | |
| ୧୦ | | ୯୯୩ | ୦.୫୮ | ୦.୫୮ | ଦ୍ୱାରିକାନାଥ ବାରିକ, ପିତା: ନିଶାକର ବାରିକ ଓଗେର | |
| ୧୧ | ୧୦୬ | ୧୦୦୫/ ୧୦୯୬ | ୦.୯୦ | ୦.୫୬ | ଅଲେଖ ଚନ୍ଦ୍ର ବାରିକ, ପିତା: କୃଷ୍ଣଚନ୍ଦ୍ର ବାରିକ ଓଗେର, ବା: ନିଜଗାଁ | |
| ୧୨ | ୧୧୨ | ୧୦୦୮ | ୧.୨୪ | ୦.୨୫ | ପଦନ ପଲେଇ, ପିତା: ପାଣ୍ଡୁ ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୧୩ | ୧୩୧ | ୧୦୬୪ | ୦.୩୬ | ୦.୩୩ | ବଟକୃଷ୍ଣ ସାହୁ, ପିତା: ମଣି ସାହୁ, ଜା: ଖରଡ଼ା, ବା: ବାଲିଆପାଳ | |
| ୧୪ | | ୧୦୬୮ | ୦.୨୯ | ୦.୦୯ | ବଟକୃଷ୍ଣ ସାହୁ, ପିତା: ମଣି ସାହୁ, ଜା: ଖରଡ଼ା, ବା: ବାଲିଆପାଳ | |
| ୧୫ | ୧୬୦ | ୯୯୭ | ୦.୩୩ | ୦.୦୩ | ଭାଗ୍ୟଧର ପଲେଇ, ପିତା: କୁଶ ପଲେଇ ଓଗେର, ଜା: ଗୋପାଳ, ବ: ନିଜଗାଁ | |
| ୧୬ | | ୧୦୬୦ | ୦.୦୭ | ୦.୦୭ | ଭାଗ୍ୟଧର ପଲେଇ, ପିତା: କୁଶ ପଲେଇ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୧୭ | ୧୬୮ | ୮୨୫ | ୦.୨୨ | ୦.୧୪ | ମଣି ପଲେଇ, ପିତା: ବୀର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୧୮ | ୧୬୮ | ୧୦୬୨ | ୦.୩୧ | ୦.୧୬ | ମଣି ପଲେଇ, ପିତା: ବୀର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୧୯ | | ୧୦୬୩ | ୦.୦୪ | ୦.୦୧ | ମଣି ପଲେଇ, ପିତା: ବୀର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୨୦ | ୧୭୪ | ୮୧୧ | ୦.୦୩ | ୦.୦୧ | ମଦନ ଖୁଲାର, ପିତା: ଶୁକ୍ରୁଟି ଖୁଲାର ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୨୧ | | ୮୧୪ | ୦.୦୬ | ୦.୦୬ | ମଦନ ଖୁଲାର, ପିତା: ଶୁକ୍ରୁଟି ଖୁଲାର ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୨୨ | | ୮୧୬ | ୦.୩୬ | ୦.୨୨ | ମଦନ ଖୁଲାର, ପିତା: ଶୁକ୍ରୁଟି ଖୁଲାର ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୨୩ | | ୮୨୦ | ୦.୧୪ | ୦.୦୧ | ମଦନ ଖୁଲାର, ପିତା: ଶୁକ୍ରୁଟି ଖୁଲାର ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୨୪ | ୧୭୮ | ୧୦୫୯ | ୦.୨୮ | ୦.୨୦ | ମଧୁସୂଦନ ବେହେରା, ପିତା: ସୁରେନ୍ଦ୍ର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୨୫ | ୧୮୬ | ୯୯୨ | ୧.୨୨ | ୦.୧୮ | ମିନତୀ ବାରିକ, ପିତା: କୀର୍ତ୍ତନ ବାରିକ ଓଗେର, ଜା: ଗୋପାଳ, ବା: ନିଜଗାଁ | |
| ୨୬ | ୨୧୬ | ୧୦୭୫ | ୦.୨୮ | ୦.୧୫ | ଶରତ ଚନ୍ଦ୍ର ବେହେରା ଓଗେର, ପିତା: ରାମଚନ୍ଦ୍ର ବେହେରା, ଜା: ଗୋପାଳ, ବା: ଖୁଲିପଙ୍ଖା | |
| ୨୭ | ୨୧୮ | ୧୦୦୫ | ୦.୫୬ | ୦.୦୧ | ସାରିଆ ଖୁଲାର, ସ୍ୱାମୀ: ବନମାଳୀ ଖୁଲାର, ଜା: ଗୋପାଳ, ବା: ନିଜଗାଁ | |
| ୨୮ | ୨୨୧ | ୧୦୪୬ | ୦.୬୧ | ୦.୧୫ | ଶ୍ରୀଧର ବେହେରା, ପିତା: ମାର୍କଣ୍ଡ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୨୯ | ୨୨୭ | ୧୦୭୬ | ୦.୧୩ | ୦.୦୨ | ସୁନା ପରିଡ଼ା, ସ୍ୱାମୀ: ଭୀମ ପରିଡ଼ା, ଜା: ଗୋପାଳ, ବା: ନିଜଗାଁ | |
| ୩୦ | ୨୨୮ | ୧୦୪୩ | ୦.୪୪ | ୦.୨୬ | ସୁରେନ୍ଦ୍ର ବେହେରା, ପିତା: ନିଶାକର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୩୧ | | ୧୦୪୪ | ୦.୦୪ | ୦.୦୪ | ସୁରେନ୍ଦ୍ର ବେହେରା, ପିତା: ନିଶାକର ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୩୨ | ୨୩୯ | ୯୯୯ | ୦.୪୦ | ୦.୨୬ | ହରିହର ମୁଦୁଲି, ପିତା: ରାମଚନ୍ଦ୍ର ମୁଦୁଲି ଓଗେର, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩୩ | ୨୪୬ | ୮୧୫ | ୦.୨୧ | ୦.୨୧ | ହିନା ଖୁଲାର, ପିତା: ନାଣ୍ଡୁ ଖୁଲାର, ଜା: ଗୋପାଳ, ବା: ନିଜଗାଁ | |
| ୩୪ | | ୮୨୧ | ୦.୦୮ | ୦.୦୨ | ହିନା ଖୁଲାର, ପିତା: ନାଣ୍ଡୁ ଖୁଲାର, ଜା: ଗୋପାଳ, ବା: ନିଜଗାଁ | |
| ୩୫ | | ୮୨୨ | ୦.୦୪ | ୦.୦୪ | ହିନା ଖୁଲାର, ପିତା: ନାଣ୍ଡୁ ଖୁଲାର, ଜା: ଗୋପାଳ, ବା: ନିଜଗାଁ | |
| ୩୬ | | ୧୦୬୭ | ୦.୧୮ | ୦.୦୫ | ହିନା ଖୁଲାର, ପିତା: ନାଣ୍ଡୁ ଖୁଲାର, ଜା: ଗୋପାଳ, ବା: ନିଜଗାଁ | |
| ୩୭ | ୨୪୭/ ୨୨ | ୧୦୭୮ | ୦.୦୯ | ୦.୦୨ | ମଧୁସୂଦନ ବେହେରା, ପିତା: ସୁରେନ୍ଦ୍ର ନାଥ ବେହେରା, ଜା: ଗୋପାଳ, ବା: ନିଜଗାଁ | |
| ୩୮ | ୨୪୭/ ୨୩ | ୧୦୬୬ | ୦.୧୦ | ୦.୦୭ | ମଧୁସୂଦନ ବେହେରା, ପିତା: ସୁରେନ୍ଦ୍ର ନାଥ ବେହେରା, ଜା: ତନ୍ତି, ବା: ନିଜଗାଁ | |
| ୩୯ | ୨୪୭/ ୨୪ | ୧୦୬୧ | ୦.୪୪ | ୦.୪୪ | ଅଲେଖ ଚନ୍ଦ୍ର ବାରିକ, ପିତା: କୃଷ୍ଣଚନ୍ଦ୍ର ବାରିକ | |
| ୪୦ | ୨୫୪ | ୧୦୬୫ | ୦.୦୭ | ୦.୦୭ | କୁଶ ପଲେଇ, ପିତା: ଗଙ୍ଗାଧର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| ୪୧ | | ୧୦୫୭/ ୧୧୦୫ | ୦.୨୭ | ୦.୦୨ | କୁଶ ପଲେଇ, ପିତା: ଗଙ୍ଗାଧର ପଲେଇ, ଜା: ଗୋପାଳ, ବା: ନିଜଗାଁ | |
| | | | ମୋଟ | ୬.୪୩ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୪୧ (ଏକ ଚାଳିଶି), ମୋଟ ଅଧିଗୃହୀତ ଜମି: ୬.୪୩ ଏକର ।

**ସ୍ୱତନ୍ତ୍ର ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ ଅଧିକାରୀ**
**ରେଙ୍ଗାଲି ଜଳସେଚନ ପ୍ରକଳ୍ପ, ସୁକିନ୍ଦା**

24001/14/0528/1819

**ମଣ୍ଡଳ ଅଧିକାରୀ**
**ରେଙ୍ଗାଲି ଜଳସେଚନ ପ୍ରକଳ୍ପ, ସୁକିନ୍ଦା**

# ବରାହୀପୁର ଫୁଟବଲ: ଉଡ଼ିଯୋହଲ ଚାମ୍ପିୟନ

**କଣ୍ଟାପଡା,୧।୧(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବରାହୀପୁର ଗୋପୀନାଥ ଆଥଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଗୁପ୍ତମାଣିକ-ବରାହୀପୁର ଖେଳପଡିଆଠାରେ ୩୬ତମ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଫାଇନାଲରେ ୟୁନାଇଟେଡ ଫୁଟବଲ ଟିମ ଗଣ୍ଡରପୁରକୁ ୧-୦ ଗୋଲରେ ହରାଇ ଜଳେଶ୍ୱର ଫୁଟବଲ ଟିମ ଉଡିଯୋହଲ ଚାମ୍ପିୟନ ହୋଇଛି। କ୍ୱାର୍ଟର ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ଗୋଲଡେନ ଷ୍ଟାର ଫୁଟବଲ ଟିମ ଏରଞ୍ଚକୁ ୩-୦ଗୋଲରେ ହରାଇ ମା'କାଳିଜାଇ, ୨ୟ କ୍ୱାର୍ଟରରେ ଏମ.ଏସ. ଇଲେଭେନ ବାଣୀବିହାରକୁ ୨-୦ ଗୋଲରେ ହରାଇ ବରୁଣେଇ ଦହିଗାଁ, ୩ୟ କ୍ୱାର୍ଟରରେ ଭୁବନେଶ୍ୱର-୨କୁ ୩-୦ ଗୋଲରେ ହରାଇ ବଳେଶ୍ୱର ଫୁଟବଲ ଟିମ ଉଡିଯୋହଲ ଓ ୪ର୍ଥ କ୍ୱାର୍ଟରରେ ମାରୁ ସୁଇଚକ୍ଲବ କଟକକୁ ୧-୦ରେ ହରାଇ ୟୁନାଇଟେଡ କ୍ଲବ ଗଣ୍ଡରପୁର ସେମିଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ସେମିରେ ଚିଲିକାକୁ ୧-୦ରେ ହରାଇ ଉଡିଯୋହଲ ଓ ଦ୍ୱିତୀୟ ସେମିରେ ଦହିଗାଁକୁ ଟାଇବ୍ରେକରରେ ହରାଇ ଗଣ୍ଡରପୁର ଫାଇନାଲରେ ପ୍ରବେଶ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପ୍ରଶାନ୍ତ କୁମାର ମଲିକ ମୁଖ୍ୟଅତିଥି, ଶରତ ଚନ୍ଦ୍ର ପାଢ଼ୀ ମୁଖ୍ୟବକ୍ତା ଓ ଉପେନ୍ଦ୍ର କୁମାର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ୬୦୦୦ ଓ ରନର୍ସଅପ ଦଳକୁ ୪୦୦୦ଟଙ୍କା ପ୍ରଦାନ କରିଥିଲେ। ରେଫରି ବ୍ରହ୍ମାନନ୍ଦ ଦାସ, ସଞ୍ଜିବ ଦାସ, ଦୁର୍ଗା ଆଚାର୍ଯ୍ୟ, ଚିତ୍ତରଞ୍ଜନ ପ୍ରଧାନ ଓ ଆଶୀର୍ବାଦ କାନୁନଗୋ ମ୍ୟାଚଗୁଡିକୁ ପରିଚାଳନା କରିଥିଲେ। ଗଣ୍ଡରପୁରର ତୋଫାନ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି, ଉଡିଯୋହଲର ଏସ.କେ. କମଲଙ୍କୁ ଶ୍ରେଷ୍ଠ ଗୋଲକିପର ପୁରସ୍କାର ପ୍ରଦାନ କରାଯାଇଥିଲା।



ଫାଇନାଲ ପୂର୍ବରୁ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

# କୁଚ୍‌ବିହାର ଟ୍ରଫି: ଦୃଢ଼ ସ୍ଥିତିରେ ଆସାମ

**କଟକ ଅଫିସ,୧।୧**

ବୋଷ୍ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା-ଆସାମ ୧୯ବର୍ଷରୁ କମ୍ ବାଳକ କୁଚ୍‌ବିହାର ଟ୍ରଫି ମ୍ୟାଚ୍‌ର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଏହି ମ୍ୟାଚ୍‌ରେ ଓଡ଼ିଶାର ପ୍ରଥମ ଇନିଂସ ୧୨୭ରନ ଜବାବରେ ଆସାମ ୨୪୦ରନ କରିଛି। ଓଡ଼ିଶା ଏହାର ଦ୍ୱିତୀୟ ଇନିଂସରେ ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ଉଇକେଟ ହରାଇ ୧୩୬ରନ୍ କରିଛି। ଘରୋଇ ମାଟିରେ ଓଡ଼ିଶା ମ୍ୟାଚ୍‌କୁ ହାତଛଡ଼ା କରିବା ଭଳି ପରିସ୍ଥିତି ଉପୁଜିଛି। ମଙ୍ଗଳବାର ଆସାମ ଦିନର ଅସମାପ୍ତ ସ୍କୋର ୮୬/୧ରୁ ଖେଳ ଆରମ୍ଭକରି ୨୪୦ରନରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନିବିର ଡେକା ୫୫ରନ୍ କରିଥିବାବେଳେ ଡେନିଶ ଦାସ, ଶିଭମ ମିତ୍ତଲ ଓ ଗୁଞ୍ଜଜ୍ୟୋତି ଡେକା ପ୍ରତ୍ୟେକ ୩୩ ରନ ଲେଖାଏଁ କରିଥିଲେ। ଓଡ଼ିଶା ପକ୍ଷରୁ ବିନୀତ କୁମାର ମହାନ୍ତି ଓ ଅଙ୍କିତକାର ଜୈସ୍ୱାଲ ୪ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ଇନିଂସ୍‌ରେ ମଧ୍ୟ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। କେବଳ ଅଧିନାୟକ ସ୍ୱସ୍ତିକ ସାମଲଙ୍କ ଅପରାଜିତ ୮୩ରନକୁ ଛାଡ଼ିଦେଲେ ଅନ୍ୟ କୌଣସି ଖେଳାଳି ଉପଯୋଗୀ ଇନିଂସ ଖେଳିପାରି ନାହାନ୍ତି। ରଘୁନାଥ ମଲ୍ଲ ୧୨ରନ, ବିନୀତ କୁମାର ମହାନ୍ତି ୧୮ରନ କରିଥିଲେ। ଆସାମ ପକ୍ଷରୁ ସୁନୀତ ଲଛିତ ୩ଟି ଉଇକେଟ ଅକ୍ତିଆର କରିଥିଲେ।

■ ଗଡ଼େଶ୍ୱର ଜୁନିୟର କ୍ରିକେଟ ଲିଗ୍

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ



ଏସ. ହିମାଂଶୁ ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧।୧(କ୍ରୀଡ଼ା ପ୍ରତିନିଧି):** ଗାଡ଼କଣରେ ଚାଲିଥିବା ଗଡ଼େଶ୍ୱର ଜୁନିୟର (୧୫ ବର୍ଷରୁ କମ୍) କ୍ରିକେଟ ଲିଗ୍‌ର ଅନ୍ତିମ ୨ଟି ଲିଗ୍ ମ୍ୟାଚ ମଙ୍ଗଳବାର ଶେଷ ହୋଇଛି। ଏଥିରେ ଗ୍ରୀନ୍ସ ଏକାଡେମୀ ଓ ପାରାମାଉଣ୍ଟ ବିଜୟୀ ହୋଇଛନ୍ତି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ବୁଧବାର ପ୍ରଥମ ସେମିଫାଇନାଲରେ ରାମେଶ୍ୱର-ପାରାମାଉଣ୍ଟ ଏବଂ ଦ୍ୱିତୀୟ ସେମିଫାଇନାଲରେ ଗ୍ରୀନ୍ସ ଏକାଡେମୀ-ସହିଦ ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ। ମଙ୍ଗଳବାର ଲିଗ୍ ମ୍ୟାଚରେ ପାରାମାଉଣ୍ଟ ୯ ଉଇକେଟରେ ଭାରତ ଭୂଷଣ ଏକାଡେମୀ (ବିବିସିଏ)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ବିବିସିଏ ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟରେ ୯୦ ରନ କରିଥିଲା। ଆୟୁଷ ମହାନ୍ତି (୫୧*)ଅର୍ଦ୍ଧଶତକ କରିଥିବାବେଳେ ଅନ୍ୟମାନେ ଫେଲ୍ ମାରିଥିଲେ। ପାରାମାଉଣ୍ଟ ବୋଲରଙ୍କ ମଧ୍ୟରେ ସ୍ୱୟଂ ସାର୍ଥକ ରାଉତରାୟ ୩ ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ୧୪.୫ ଓଭରରେ ୧ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ୫ ଓଭରରେ ୧୫ ରନ ଦେଇ ୩ଟି ଉଇକେଟ ପାଇଥିବା ସ୍ୱୟଂ ସାର୍ଥକ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଅନ୍ୟ ଏକ ମ୍ୟାଚରେ ଗ୍ରୀନ୍ସ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ୨୪.୩ ଓଭରରେ ୧୩୭ରେ ଅଲଆଉଟ ହୋଇଯାଇଥିଲା। ଏସ. ହିମାଂଶୁ ୪୮ ବଲ୍‌ରୁ ୫୭ ଓ ଆୟୁଷ ଚାନ୍ଦ ୩୬ ରନ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ସାମିନ ନୌସାଦ ୩ ଏବଂ ତନ୍ମୟ ନିଶାଙ୍କ ୨ଟି ଉଇକେଟ ନେଇଥିଲେ। ୧୩୮ ରନ ବିଜୟ ଲକ୍ଷ୍ୟ ପିଛା ପରି ଓସ୍କାର ୯ ଉଇକେଟ ହରାଇ ୧୦୭ ରନ କରିବାକୁ ସକ୍ଷମ ହୋଇଥିଲା। ରାହୁଲ ମହାନ୍ତି ସର୍ବାଧିକ ୨୫ ରନ କରିଥିଲେ। ଗ୍ରୀନ୍ସ ପକ୍ଷରୁ ସୂର୍ଯ୍ୟକାନ୍ତ ଭୂତିଆ ୩ ଏବଂ ଏସ.ହିମାଂଶୁ ୨ଟି ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ହିମାଂଶୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଦୀପ ଜେନା, ପ୍ରସନ୍ନ ବେଉରା ଓ ଆଶୁତୋଷ ସାମନ୍ତରାୟ ଖେଳ ପରିଚାଳନା କରିଥିବାବେଳେ ସ୍କୋରର ଦାୟିତ୍ୱ ତୁଲାଇଥିଲେ ରଶ୍ମିରଞ୍ଜନ ମଲ୍ଲ।

# ମେଘାଳୟ ନିୟନ୍ତ୍ରଣରେ କିଟ୍ ରଣଜୀ

**ଭୁବନେଶ୍ୱର, ୧।୧(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ସିକ୍କିମ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ପ୍ଲେଟ୍ ପର୍ଯ୍ୟାୟ ମ୍ୟାଚ୍ ମେଘାଳୟ ନିୟନ୍ତ୍ରଣରେ ରହିଛି। ଉଇକେଟ୍‌କିପର ପୁନିତ୍ ବିସ୍ତଙ୍କ ତ୍ରିଶତକ ପରେ ଯୋଗେଶ ନାଗର (୧୪୮) ଓ ଗୁରିନ୍ଦର ସିଂ (୧୦୧*)ଙ୍କ ଦମ୍‌ଦାର ଶତକ ସହାୟତାରେ ମେଘାଳୟ ପ୍ରଥମ ଇନିଂସରେ ୭ ଉଇକେଟ୍‌ରେ ୮୨୬ ରନ କରି ଇନିଂସ ଘୋଷଣା କରିଛି। ଜବାବରେ ୬୦୭ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ଘରୋଇ ସିକ୍କିମ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ଉଇକେଟ୍ ହରାଇ ୭୨ ରନ ସଂଗ୍ରହ କରିଛି। ଅଧିନାୟକ ନୀଲେଶ ଲାମିଚାନୀ ୩୮ ଓ ଆଶିଷ ଥାପ୍ପା ୬ ରନ କରି ଅପରାଜିତ ରହିଛନ୍ତି। ହାତରେ ଆହୁରି ୮ ଉଇକେଟ୍ ରହିଥିବାବେଳେ ସିକ୍କିମ ଇନିଂସ ପରାଜୟ ଏଡ଼ାଇବା ପାଇଁ ୫୩୬ ରନ ଆବଶ୍ୟକ କରୁଛି। ଅପରପକ୍ଷରେ ଚତୁର୍ଥ ଦିବସରେ ସିକ୍କିମର ବଳକା ୮ ଉଇକେଟ୍ ଅକ୍ତିଆର କରି ମେଘାଳୟ ବୋନସ୍ ପଏଣ୍ଟ ସହ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ଫଳାଫଳ ବାହାରିବା ସମ୍ଭାବନା ରହିଛି। ସୋମବାର ଖେଳ ଶେଷ ସୁଦ୍ଧା ମେଘାଳୟ ପ୍ରଥମ ଇନିଂସରେ ୩ ଉଇକେଟ୍ ହରାଇ ୫୫୫ ରନ କରିଥିଲା। ସେତେବେଳକୁ ପୁନିତ୍ ୩୦୧ ଓ ନାଗର ୩୦ ରନ କରି ଅପରାଜିତ ରହିଥିଲେ। ମଙ୍ଗଳବାର ଏହି ଅସମାପ୍ତ ପ୍ରଥମ ଇନିଂସ ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ମେଘାଳୟ ୮୨୬/୭ ସ୍କୋରରେ ଇନିଂସ ଘୋଷଣା କରିଥିଲା। ପୁନିତ୍ ପୂର୍ବଦିନ ସ୍କୋରରେ ଆଉ ୪୨ ରନ ଯୋଡ଼ି ୩୪୩ (୫୩ ଚୌକା, ୧ ଛକା) କରି ଆଉଟ୍ ହୋଇଥିଲେ। ଲି ୟଙ୍ଗ୍ ଲେପ୍‌ଚା ଏହି ପ୍ରାଇଜ୍ ଉଇକେଟ୍ ପାଇଥିଲେ।



ଡିନ୍ କୋନ୍ସ

ଭବିଷ୍ୟବାଣୀ ସତ ହୋଇଛି। ଏମ୍‌ସିଜିରେ ଭାରତ ତୃତୀୟ ଟେଷ୍ଟରେ ବିଜୟ ହାସଲ କରିଛି। ଏଥିରେ ଈଶାନ୍ତ, ଶାମି ଓ ଯଶ୍‌ପ୍ରୀତ ଚମତ୍କାର ବୋଲିଂ କରି ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ଟେଷ୍ଟ କ୍ରିକେଟ ଇତିହାସରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଏହି ତ୍ରୟ ସର୍ବାଧିକ ଉଇକେଟ ହାସଲ କରିପାରିଛନ୍ତି। ପ୍ରାୟ ଅଧା ଖେଳାଳିଙ୍କ ଅନଭିଜ୍ଞ ସତ୍ତ୍ୱେ ଭାରତୀୟ ଦଳ ଅଷ୍ଟ୍ରେଲିଆରେ ପ୍ରଭାବୀ ପ୍ରଦର୍ଶନ କରିବା ସାମାନ୍ୟ କଥା ନୁହେଁ। ପୂର୍ବରୁ ଅନେକ ଚେଷ୍ଟାକରି ବିଫଳ ହୋଇଛନ୍ତି। ଅଷ୍ଟ୍ରେଲିଆକୁ ଧୂଳି ଚଟାଇବା ଲାଗି ବିରାଟ କୋହଲିଙ୍କ ଦଳକୁ ଏକ ସୁଯୋଗ ଆସିଛି।

ସିଡ୍‌ନୀ ପିଚ୍ ସାମାନ୍ୟ ଶୁଷ୍କ। ଏଠାରେ ବଲ୍ ମଧ ସେତେଟା ଟର୍ନ କରିବ ନାହିଁ। ଅଷ୍ଟ୍ରେଲିଆ ଏହି ମ୍ୟାଚରେ ମିଚେଲ ମାର୍ଶଙ୍କ ସ୍ଥାନରେ ମାର୍ନସ ଲବ୍ସଚେନ୍‌ଙ୍କୁ ଖେଳାଇବ। କିନ୍ତୁ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଭାରତ ଏହାର ଦଳରେ କୌଣସି ଅଦଳବଦଳ କରିବ କି ନା। ମୋ ବିଚାରରେ ଜାଡେଜା ଓ କୁଲଦୀପଙ୍କୁ ଖେଳାଇବା ଉଚିତ ହେବ। ଅଷ୍ଟ୍ରେଲିଆ ବାମହାତୀ ଅର୍ଥୋଡକ୍ସ ଲେଗ୍‌ସ୍ପିନକୁ ଭଲରୂପେ ଖେଳି ପାରେନା। ଜାଡେଜା ମେଲବୋର୍ନଠାରେ ଚମତ୍କାର ବୋଲିଂ କରିଥିଲେ। କୁଲଦୀପଙ୍କୁ ଖେଳାଇବା ଦ୍ୱାରା ୬ଷ୍ଠ ସ୍ଥାନରେ ପନ୍ତଙ୍କ ଉପରୁ

# ଅନ୍ତିମ ଲଢ଼େଇ

କିଛି ଚାପ କମିଯିବ। ସିରିଜର ଅନ୍ତିମ ତଥା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ନ ଖେଳିବା ରୋହିତ ଶର୍ମାଙ୍କ ପାଇଁ ଦୁର୍ଭାଗ୍ୟଜନକ। ୧୯୭୭-୭୮ରେ ବିଶେନ ସିଂ ବେଦୀଙ୍କ ଅଧୀନରେ ଭାରତ ଅଳ୍ପକେ ୨-୩ରେ ସିରିଜ ହାରିଯାଇଥିଲା। ଏଥର କୋହଲିଙ୍କ ନେତୃତ୍ୱରେ ସିରିଜ ଜିତିବାର ସମ୍ଭାବନା ଦେଖାଦେଇଛି। ଆଇସିସି ମ୍ୟାଚ ରେଫରି ଏମ୍‌ସିଜି ପିଚ୍‌କୁ ଆଭରେଜ ମାନ୍ୟତା ଦେଇଛନ୍ତି। ଭାରତ ପାଇଁ ଅଷ୍ଟ୍ରେଲିଆ କାହିଁକି ଧିମା ଟର୍ନି ପିଚ୍ ପ୍ରସ୍ତୁତ କଲା ତାହା ବୁଝି ହେଉନାହିଁ। ସେମାନେ ହୁଏତ କଠିନ ବାଉନ୍ସି ଓ ଫାଷ୍ଟ ପିଚ୍ ତିଆରି କରି ପାରିଥାନ୍ତେ। ଆହୁରି ମଧ ପୂଜାରା ଓ ବିରାଟ କିପରି ଇନିଂସ ଗଢୁଛନ୍ତି ତାହା ଉପରେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ କାହିଁକି ଧ୍ୟାନ ଦେଉନାହାନ୍ତି। ଏହି ଦୁଇ ଖେଳାଳିଙ୍କ ଧୈର୍ଯ୍ୟ ଓ ରକ୍ଷଣାତ୍ମକ ଖେଳ ବାସ୍ତବିକ୍ ଦର୍ଶନୀୟ। ଅନ୍ୟପକ୍ଷରେ ଅଷ୍ଟ୍ରେଲୀୟମାନେ ଯେତେବେଳେ ବାଉଣ୍ଡାରୀ ମାରିବାକୁ ଯାଉଛନ୍ତି ଅବା ତରବରିଆ ହୋଇ ରନ ସଂଗ୍ରହ କରିବାକୁ ଚେଷ୍ଟା କରୁଛନ୍ତି, ସେତେବେଳେ ଆଉଟ ହେଉଛନ୍ତି। ଡ୍ରେସିଂରୁମ୍‌ରେ ସେମାନେ ଏ ବିଷୟରେ ଆଲୋଚନା ମଧ କରୁଥିବେ। ଭାରତ ଯଦି ଏହି ସିରିଜ ୩-୧ରେ ଜିତେ ତେବେ ଏହାଠାରୁ ବଡ଼ ଖୁସିର ବିଷୟ ଅବା କ'ଣ ହୋଇପାରେ। ବିରାଟ ଓ ତାଙ୍କ ଖେଳାଳିମାନେ ଅନ୍ତିମ ଲଢ଼େଇରେ ବିଜୟ ହାସଲ କରି ବର୍ଡର-ଗାଭାସ୍କର ଟ୍ରଫି ହାସଲ କରିବେ ବୋଲି ମୁଁ ଆଶା କରୁଛି।

-ଗେମ୍ ପ୍ଲାନ




### ଗୁରୁକୁଳ ୫୦କେ ର୍ୟାଙ୍କିଙ୍ଗ୍ ଟେନିସ୍

## ଓଡ଼ିଶାର ୪ ଖେଳାଳି କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର, ୧।୧(କ୍ରୀଡ଼ା ପ୍ରତିନିଧି)

ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ କମ୍ପ୍ଲେକ୍ସରେ ଆରମ୍ଭ ହୋଇଛି ଏଆଇଟିଏ-ଓଟିଏ ପୁରୁଷ ୫୦କେ ର୍ୟାଙ୍କିଙ୍ଗ ଟେନିସ୍ ଟୁର୍ନାମେଣ୍ଟ। ଏଥିରେ ଟପ୍ ଏବଂ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ଚିନ୍ମୟ ପ୍ରଧାନ ଓ ଅଂଶୁ କୁମାର ଭୂୟାଁଙ୍କ ସମେତ ୪ ଓଡ଼ିଆ ଖେଳାଳି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରି-କ୍ୱାର୍ଟରରେ ଚିନ୍ମୟ ଅନ୍ୟତମ ଓଡ଼ିଆ ଖେଳାଳି ଅଭିଜିତ ପ୍ରଧାନଙ୍କୁ ୭-୫, ୭-୫ ସେଟ୍‌ରେ ହରାଇଥିବାବେଳେ ଅଂଶୁ ଛତିଶଗଡ଼ର ସାର୍ଥକ ଦେଓରାସଙ୍କୁ ୬-୨, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟତମ ଓଡ଼ିଶା ଖେଳାଳି ଆଦିତ୍ୟ ଶତପଥୀ ମହାରାଷ୍ଟ୍ରର ପୁନିତ ଧୋକେଙ୍କୁ ୬-୦, ୬-୪ ଏବଂ ଅମୃତଜୟ ମହାନ୍ତି ଓଡ଼ିଆ ଖେଳାଳି ସନ୍ତୋଷ ମଲିକଙ୍କୁ ୭-୫, ୬-୧ ସେଟ୍‌ରେ ହରାଇ କ୍ୱାର୍ଟରରେ ପହଞ୍ଚିଛନ୍ତି। ବାହାର ରାଜ୍ୟ ଖେଳାଳିଙ୍କ ମଧରେ ପଶ୍ଚିମବଙ୍ଗର ଅନୁରାଗ ଅଗ୍ରୱାଲ, ଦିଲ୍ଲୀର ରିତ୍‌ଭିକ୍ କାଶ୍ୟପ, ପଶ୍ଚିମବଙ୍ଗର ଆଦିତ୍ୟ ବର୍ଦ୍ଧନ ଆର.ଚୌଧୁରୀ ଓ ତେଲେଙ୍ଗାନାର ସାଇ କାର୍ତ୍ତିକ ଆର. ଗନ୍ତା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ଛତିଶଗଡ଼, କର୍ନାଟକ, ତାମିଲନାଡୁ, ତେଲେଙ୍ଗାନା, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ନୂଆଦିଲ୍ଲୀ, ଗୁଜରାଟ ଏବଂ ଓଡ଼ିଶା ଆଦି ୧୦ ରାଜ୍ୟରୁ ୩୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ଚାମ୍ପିୟନ ଖେଳାଳି ୧୫ ଓ ରନର୍ସଅପ୍ ୧୨ ଏଆଇଟିଏ ର୍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିବ।
























ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଜାନୁୟାରୀ ୨/୨୦୧୯ Sambalpur, Wednesday, January 2/ 2019

# ବିବାହିତା ମହିଳାଙ୍କୁ ଗଣବଳାତ୍କାର

**ଝାରସୁଗୁଡା ଅଫିସ,୧।୧**

ଝାରସୁଗୁଡା ଟାଉନଥାନା ଅଞ୍ଚଳରେ ସୋମବାର ରାତିରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ପୂର୍ଣ୍ଣାର ଦୁଇଜଣ ଯୁବକ ଏକାକୀ ମହିଳାଙ୍କୁ ପାଇ ବଳାତ୍କାର କରିଥିବା ଥାନାରେ ଅଭିଯୋଗ ହୋଇଛି। ବଳାତ୍କାର କରିଥିବା ଯୁବକଦ୍ୱୟ ହେଲେ ସନାତନ କିଷାନ(୨୦) ଏବଂ ମୁକେଶ କିଷାନ(୧୯)। ଏତଲାକୁ ଭିତ୍ତି କରି ଟାଉନଥାନାରେ କେସ୍ ନଂ. ୩/୧୯ରେ ଏକ ମାମଲା ରୁଜୁ କରାଯାଇଛି । ତଦନ୍ତ ଚାଲିଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସାବିତ୍ରୀ ବଳ କହିଛନ୍ତି।

ପ୍ରକାଶ ଯେ, କୋଲାବିରା ବ୍ଲକ୍ ଅଞ୍ଚଳର ମହିଳା ଜଣଙ୍କ ଝାରସୁଗୁଡା ବ୍ଲକର ଏକ ଗାଁରେ ବିବାହ କରିଥିଲେ। ମହିଳାଙ୍କ ଦୁଇଟି ସନ୍ତାନ ରହିଥିବାବେଳେ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ବିଚ୍ଛେଦ ହୋଇସାରିଛି। ସୋମବାର ମହିଳା ଜଣଙ୍କ ନିଜର ଦୁଇ ଛୁଆଙ୍କୁ ଦେଖିବାକୁ ଝାରସୁଗୁଡା ଆସିଥିଲେ। ସନ୍ଧ୍ୟା ହୋଇଯିବାରୁ ଘରକୁ ଫେରି ପାରି ନ ଥିଲେ। ସୋମବାର ରାତିରେ ପୂର୍ଣ୍ଣାରେ ଜିରୋ ନାଇଟ୍ ପାଳନ ହେଉଥିଲା। ସେଠାରେ ଯୁବକମାନେ ନାଚଗୀତରେ ମସଗୁଲ୍ ଥିଲେ। ଦୁଇଜଣ ଯୁବକ ସନାତନ ଏବଂ ମୁକେଶ ମହିଳାଙ୍କୁ ଏକାକୀ ପାଇ ଟେକି ନେଇଥିଲେ। ଦୁହେଁ ମିଶି ବହୁବାର ମହିଳାଙ୍କୁ ବଳାତ୍କାର କରିଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ମଙ୍ଗଳବାର ସକାଳେ ମହିଳା ଜଣଙ୍କ ଏ ସମ୍ପର୍କରେ ଝାରସୁଗୁଡା ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବଳ କହିଛନ୍ତି।






## ସଂକ୍ଷେପରେ

### ‘ରାଜଭବନ ପ୍ରୋଗ୍ରାମ ମ୍ୟାନେଜ୍‌ମେଣ୍ଟ’ ଆପ୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୧।୧(ବ୍ୟୁରୋ):** ରାଜ୍ୟରେ ବିଭିନ୍ନ ସ୍ଥାନରେ ହେଉଥିବା କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଯୋଗଦାନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ପ୍ରସ୍ତୁତ ହୋଇଥିବା ‘ରାଜଭବନ ପ୍ରୋଗ୍ରାମ ମ୍ୟାନେଜ୍‌ମେଣ୍ଟ(ଆର୍‌ବିପିଏମ୍)’ ଆପ୍ଲିକେଶନ୍‌କୁ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୁଭାରମ୍ଭ କରିଛନ୍ତି। ଏହି ଆପ୍ଲିକେଶନ ଜରିଆରେ ଇଚ୍ଛୁକ ସଂସ୍ଥା ଆସନ୍ତା ଫେବୃୟାରୀରୁ ସେମାନଙ୍କ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଉପସ୍ଥିତି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। କାର୍ଯ୍ୟକ୍ରମ ଦିବସ ପୂର୍ବରୁ ଅର୍ଥାତ୍ ୨୫ରୁ ୬୦ ଦିନ ମଧ୍ୟରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଆବେଦନକାରୀମାନେ www.rajbhavanodisha.gov.inର ହୋମ୍ ପେଜ୍‌ରେ ଡାହାଣ ଉପର କୋଣରେ ଥିବା ‘RBPM’ର ଲିଙ୍କ୍‌କୁ ଯାଇ ଅନ୍‌ଲାଇନ୍‌ରେ ଆବେଦନ କରିବେ। ପରେ ବାର୍‌କୋଡ୍‌ଯୁକ୍ତ ଆବେଦନ ପତ୍ରର ‘ପ୍ରିଣ୍ଟଆଉଟ୍’ ସଂଗ୍ରହ କରି ସେଥିରେ ଦସ୍ତଖତ କରି ସଂସ୍ଥାର ଲେଟର ପ୍ୟାଡ୍‌ରେ ସାଦା ଦରଖାସ୍ତ ରାଜଭବନକୁ ପଠାଇବେ। ଏହା କାର୍ଯ୍ୟକ୍ରମ ଦିବସର ୨୦ ଦିନ ଆଗରୁ ରାଜଭବନରେ ପହଞ୍ଚିବା ଆବଶ୍ୟକ। ପରେ ତାହା ରାଜଭବନରେ ପ୍ରୋସେସିଂ ହୋଇ ରାଜ୍ୟପାଳଙ୍କ ଅନୁମୋଦନ ଅଥବା ଅଗ୍ରାହ୍ୟ ନିଷ୍ପତ୍ତି ଏସ୍‌ଓପିର ସମୟସୀମା ଅନୁସାରେ ସମ୍ପୃକ୍ତ ସଂସ୍ଥାର କର୍ମକର୍ତ୍ତାଙ୍କୁ ମୋବାଇଲ୍‌ରେ ମେସେଜ୍ ଆକାରରେ ଜଣାଇ ଦିଆଯିବ। ମଙ୍ଗଳବାର ରାଜ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୁଦନ ପାଢ଼ୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଦୋକାନୀଙ୍କୁ ସିଗାରେଟ୍ ମାଗି ଆତଙ୍କ ଖେଳାଇଲେ ୩ ଯୁବକ

# କାଠଫାଳିଆ ମାଡ଼ରେ ସମିତିସଭ୍ୟଙ୍କ ମୁଣ୍ଡ ଫାଟିଲା

**ରେଢ଼ାଖୋଲ,୧।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅଧୀନ କଦଳୀଗଡ ନିକଟସ୍ଥ ବିଶିପାଲି ଛକରେ ମଙ୍ଗଳବାର ଅପରାହ୍ନ ୫ଟା ବେଳେ ୩ଜଣ ଯୁବକ ଆତଙ୍କ ଖେଳାଇଛନ୍ତି। ଜଣେ ଦୋକାନୀଙ୍କ ସହ ଗଣ୍ଡଗୋଳ କରିବା ସହ ସେଠାରେ ଉପସ୍ଥିତ ଜଣେ ସମିତିସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଫଳରେ ସମ୍ପୃକ୍ତ ସମିତି ସଭ୍ୟଙ୍କ ମୁଣ୍ଡ ଫାଟି ଯାଇଛି। ଏହି ସମିତି ସଭ୍ୟ ଜଣକ ହେଲେ ଧର୍ମେନ୍ଦ୍ର କହଁର। ତାଙ୍କୁ ରେଢାଖୋଲ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧୀନ କଳମପୁର ଗାଁର ଜୟରାମ ଭୋସାଗର। ବୁର୍ଲା ଥାନା ଅଧୀନ ସଦେଇପାଲିର ମନୋଜ ନାୟକ ଏବଂ ରାଉରକେଲା ସେକ୍ଟର-୧ର ଦୁର୍ଗାପ୍ରସାଦ ପଲାଇ।



ସମିତି ସଭ୍ୟ ଧର୍ମେନ୍ଦ୍ର କହଁର ରେଢାଖୋଲ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

ଅନ୍ୟପକ୍ଷେ ଲୋକଙ୍କ ମାଡରେ ମଧ୍ୟ ଅଭିଯୁକ୍ତ ଦୁର୍ଗାପ୍ରସାଦ ଆହତ ହୋଇଛନ୍ତି। ତାଙ୍କୁ ମଧ୍ୟ ବୁର୍ଲା ମେଡିକାଲ ପଠା ଯାଇଛି। ଅଜିତ ବେହେରା ନାମକ ଜଣେ ବ୍ୟକ୍ତି ବିଶିପାଲି ଛକରେ ଏକ ଜଳଖିଆ ଦୋକାନ କରିଛନ୍ତି। ତିନି ଅଭିଯୁକ୍ତ ସନ୍ଧ୍ୟାରେ ଏକ ବାଇକରେ ତାଙ୍କ ଦୋକାନ ଆଗରେ ପହଞ୍ଚି ଥିଲେ। ଅଜିତଙ୍କୁ ଏମାନେ ଗାଳିଗୁଲଜ କରି ସିଗାରେଟ ମାଗିଥିଲେ। ବିନା କାରଣରେ ଗାଳିଗୁଲଜକୁ ଅଜିତ କିନ୍ତୁ ପ୍ରତିବାଦ କରିଥିଲେ। ଏଥିରେ ୩ଜଣ ଯାକ ଯୁବକ ରାଗି ଯାଇଥିଲେ । ଦୋକାନ ପାଖରେ ପଡିଥିବା ଜାଳେଣି କାଠ ଫାଳିଆ ଧରି ଏମାନେ ଅଜିତଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏହାସହ ଦୋକାନ ଭଙ୍ଗାରୁଜା କରିଥିଲେ। ଅଜିତ ଭୟଭୀତ ହୋଇ ପଡିଥିଲେ। ଦୋକାନ ଛାଡି ଦୌଡି ପଳାଉଥିବାବେଳେ ଛକରେ ଉପସ୍ଥିତ ଥିବା କଦଳୀଗଡ ସମିତି ସଭ୍ୟ କହଁର ଓ ଅନ୍ୟ ଯୁବକମାନଙ୍କ ଦୃଷ୍ଟିରେ ପଡିଥିଲେ। ଘଟଣା କ’ଣ ହୋଇଛି ବୋଲି ଯୁବକମାନଙ୍କୁ ପଚାରିବାକୁ ଆସୁଥିଲେ। ହେଲେ ୩ଜଣ ଯାକ ଯୁବକ କାଠ ଫାଳିଆ ଧରି ଏମାନଙ୍କୁ ଆକ୍ରମଣ କରିବାକୁ ଗୋଡାଇଥିଲେ। ଅନ୍ୟ ଯୁବକମାନେ ଭୟଭୀତ ହୋଇ ଦୌଡି ପଳାଇଥିଲେ। ସମିତି ସଭ୍ୟ କହଁରଙ୍କୁ ତିନି ଅଭିଯୁକ୍ତ ଧରିନେଇ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ମେଡିକାଲ ପଠାଇଥିଲେ। ଏହି ଘଟଣା ପରେ ଆତଙ୍କ ଖେଳାଇଥିବା ୩ ଯୁବକ ସେଠାରୁ ଖସି ପଳାଇଥିଲେ। ହେଲେ ସ୍ଥାନୀୟ ଲୋକେ କିଛି ବାଟ ବାଇକ୍‌ରେ ପିଛା କରି ସେମାନଙ୍କୁ ଧରିଥିଲେ। ଲୋକଙ୍କ ରାଗରୁ ଏହି ୩ ଜଣ ବର୍ତ୍ତି ପାରି ନ ଥିଲେ। ଉତ୍ତ୍ୟକ୍ତ ଲୋକେ ଏହି ୩ ଜଣକୁ ବିଶିପାଲି ଛକକୁ ନେଇ ଫେରିବା ପରେ ବହେ ଛେଚିଥିଲେ। ଖବର ପାଇ ରେଢାଖୋଲ ପୋଲିସ ପହଞ୍ଚି ୩ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲା। ଘଟଣା ସମ୍ପର୍କରେ ଦୋକାନୀ ଅଜିତ ବେହେରା ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବୁଧବାର କୋର୍ଟ ଚାଲାଣ କରିବ ବୋଲି କହିଛି।

## ଟ୍ରକ୍ ପଛରୁ ଧକ୍କା ଦେଲା ଟ୍ରକ୍: ଚାଳକ ମୃତ

**ଝାରସୁଗୁଡା ଅଫିସ,୧।୧**

ଝାରସୁଗୁଡା ବାଇପାସରେ ସୋମବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଗୋଟିଏ ଟ୍ରକ୍ ପଛରେ ଅନ୍ୟ ଏକ ଟ୍ରକ୍ ପିଟି ହେବା ଦ୍ୱାରା ଜଣେ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିହାରର ସନ୍ତୋଷ ଯାଦବ(୨୮)। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

ପ୍ରକାଶ ଯେ, ସୋମବାର ରାତିରେ ସନ୍ତୋଷ ଏକ ଟ୍ରକରେ ଲୁହା ଚଦର ନେଇ ସମ୍ବଲପୁର ଯାଉଥିଲେ। ଝାରସୁଗୁଡା ବାଇପାସର ପାୱାର ହାଉସ ଛକ୍‌ଠାରେ ଆଗରେ ଯାଉଥିବା ଏକ୍ ଟ୍ରକ୍ ହଠାତ ରାସ୍ତା ମଝିରେ ଠିଆ ହୋଇଯାଇଥିଲା। ଫଳରେ ପଛରେ ଯାଉଥିବା ସନ୍ତୋଷଙ୍କ ଟ୍ରକ୍ ସାମ୍ନା ଟ୍ରକ୍ ସହ ଧକ୍କା ହୋଇଥିଲା। ଏଥିରେ ସାମ୍ନା ଟ୍ରକ୍‌ର ଡାଲା ସନ୍ତୋଷଙ୍କ ଟ୍ରକର ସାମ୍ନାପଟୁ ଭିତରକୁ ପଶିଯାଇଥିଲା। ଘଟଣାସ୍ଥଳରେ ସନ୍ତୋଷଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ମୃତଦେହ ଉଦ୍ଧାର କରିବାରେ ବିଳମ୍ବ ହୋଇଥିଲା। ଗ୍ୟାସ କଟର ଜରିଆରେ ଟ୍ରକ୍‌କୁ କାଟି ମୃତଦେହ ଉଦ୍ଧାର କରାଯାଇଥିଲା। ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ପରିବାର ଲୋକଙ୍କୁ ଖବର ଦିଆଯାଇଛି।

# ଝୁମ୍ପୁରା ଆମ୍ବ ବାଗାନରେ ହାତୀପଲ

**ଝୁମ୍ପୁରା/କେନ୍ଦୁଝର, ୧।୧(ଡି.ଏନ.ଏ./ସ୍ୱ.ପ୍ର.)**

- ଭିଡ଼ ଜମାଇଥିବା ଲୋକଙ୍କୁ ପୋଲିସର ମାଡ଼
- ଜଣେ ଗୁରୁତର, ଥାନା ଘେରାଉ

ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ନିକଟ ଆମ୍ବ ବାଗାନରେ ମଙ୍ଗଳବାର ପଶିଥିବା ହାତୀପଲକୁ ଦେଖିବାକୁ ଆସିଥିବା ଲୋକମାନଙ୍କୁ ପୋଲିସ ପିଟିଛି। ଏଥିରେ ଜଣେ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ରାଇକଳା ଗ୍ରାମର ବୁଲୁ ନାୟକ। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଥାନା ଘେରାଉ କରିଥିଲେ। ହାତୀ ଭୟରେ କେତେ ଜଣ ଲୋକ ଧାଇଁବା ଆରମ୍ଭ କରିଥିଲେ। ଭିଡ଼କୁ ରୋକିବା ପାଇଁ ସେଠାରେ ମୁତୟନ ହୋଇଥିବା ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ଉକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।



ହାତୀପଲଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼।

ନୂତନ ବର୍ଷର ପ୍ରଥମ ଦିନରେ ଝୁମ୍ପୁରା ଅଞ୍ଚଳରେ ହାତୀପଲ ଉପଦ୍ରବ ଚଳାଇଛନ୍ତି। ସ୍ଥାନୀୟ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ପାର୍ଶ୍ୱରେ ରହିଥିବା ଆମ୍ବ ବଗିଚାରେ ୮ ହାତୀ ପ୍ରବେଶ କରିଥିଲେ। ସମୁଦାୟ ୧୧ ହାତୀ ସମ୍ପୃକ୍ତ ଜଙ୍ଗଲ ଅଞ୍ଚଳରେ ରହିଥିବା ବେଳେ ୩ ହାତୀ ଅଲଗା ହୋଇଯାଇଛନ୍ତି। ସେମାନଙ୍କୁ ଘଉଡ଼ାଇବା ପାଇଁ ବନ ବିଭାଗ କର୍ମଚାରୀ ନାକେଦମ ହୋଇଛନ୍ତି। ଝୁମ୍ପୁରାରେ ହାତୀପଲ ପଶିବା ନେଇ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ହାତୀପଲ ବଗିଚାର ଗେଟ୍ ସହ ତହସିଲ ପାଚେରି, ଆମ୍ବଗଛ ଭାଙ୍ଗିଦେଇଛନ୍ତି। ବନ, ପୋଲିସ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କ ଉପରେ ନଜର ରଖିଛନ୍ତି। ଡାକବାଜି ଯନ୍ତ୍ର ସାହାଯ୍ୟରେ ହାତୀପଲ ନିକଟକୁ ନ ଯିବା ପାଇଁ ଲୋକଙ୍କୁ ବାରଣ କରାଯାଉଛି। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ହାତୀପଲ ସେହି ଆମ୍ବ ବଗିଚାରେ ରହିଛନ୍ତି। ହାତୀପଲଙ୍କୁ ଘଉଡ଼ାଇବା ପାଇଁ ବ୍ୟବସ୍ଥା କରାଯାଇଥିବା ବାଲିବନ୍ଧ ଫରେଷ୍ଟର ବିଦ୍ୟାଧର ସହୁ କହିଛନ୍ତି।

### ଗରିବ୍‌ଦୁଖିକୁ ଉପହାସ କରୁଛେ ସରକାରୀ ଯୋଜ୍‌ନା

# ଘର ନାଇଁ, ମଣ୍ଡିରେ ବିତୁଛେ ବୁଢ଼ୁଧିଙ୍କର ଜୀବନ୍

**ଉତ୍ତମ କୁମାର ଦାଶ**
**ଜୁନାଗଡ଼,୧।୧(ଡି.ଏନ୍.ଏ)**

**ଜୁନାଗଡ଼ ବ୍ଲକ୍**
- ଭିକମାଗି ପେଟ୍ ପାଲୁଛନ୍ ୬୪ ବଛରିଆ ବାସୁଦେବ
- ସବୁପରକାର ସରକାରୀ ଯୋଜ୍‌ନାରୁ ବଁଚିତ୍ ବୁଢ଼ୁଧି
- ସୁବିଧା ଅସ୍‌ବିଧାରେ ପାସେ ଠିଆ ହେବାକେ କେହିନାଇଁ

ବଏସ୍ ହେଲାନ ୬୪। ପରିବାର ବଲି କିଛି ନାଇଁ, ସମିଆ ଅସମିଆରେ ପାସେ ଠିଆ ହେବାକେ କେହି ନାଇଁ। ଇ ବୁଢ଼ୁଧି କାଲେ ରାଶନ କାର୍ଡ, ଭତା ଲେଖେଁ ସବୁପରକାର ସରକାରୀ ଯୋଜ୍‌ନାରୁ ବଁଚିତ୍। ସଖାଲ ପାଏଲେ ପେଟ୍ ପାଲବାର ଲାଗି ବାର ଦୁଆର ଭିଖ୍ ମାଗ୍‌ବାକେ ପଡୁଛେ। ଭିଖ୍ ମିଲ୍‌ଲା ଭଲ୍ ନାଇଁ ହେଲେ ଖାଢ଼ା ଉପାସ। ୬୪ ବଛର୍‌ର ଝନେ ବୁଢ଼ୁଧି ସବୁପରକାର ସରକାରୀ ଯୋଜ୍‌ନାରୁ ବଁଚିତ୍ ହେବାର ଲାଗି ଏହେଦେ ବଡ଼ା ଗୁଲାଗୁଲା ହେଇ ଜୀବନ୍ ବିତଉଛନ୍। ଇ ହୁରୁଦ୍ ଫଟା ଦୁଖଦ୍ ଘଟନା ଦେଖ୍‌ବାକେ ମିଲିଛେ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍ ଆଟିଗାଁ ପଁଚେତ୍ ମିଚାଗାଁ(ନୂଆପଡ଼ା)ରେ। ଗାଁର ବାସୁଦେବ ନାଏକ(୬୪) ଆଗ୍‌ରୁ ପଡ଼ାରେ ଥିବାର ତାକର ପଏତୁରୁକ୍ ଘରେ ରହୁଥିଲେ। ଘରଟା ବର୍ଷାରେ ଭାଂଗିଗଲା। ତା’ପରେ ପଡ଼ାରେ ଇତାର ପିଁଢ଼ା ତାର ପିଁଢ଼ାରେ ଦିନାକେତେ ଆଶ୍‌ରେ ନେଲେ। ପଛେ ଆଟିଗାଁ ବିଶ୍ରାମ ଘର ଆର ଏହେଦେ ମଣ୍ଡିରେ ଆଶ୍‌ରେ ନେଇଛନ୍। ଗଲା ୧୫ ବଛର୍‌ରୁ ଅଧିକା ହେଲା ସେ ଆଶ୍‌ରେ ନେବାର ଲାଗି ଇ ଗାଁ ସେ ଗାଁ ବୁଲୁଛନ୍। ଇ ଘଟ୍‌ନାରୁ ଉଭଏ କେନ୍ଦ୍ର ଆର ରାଏଜ୍ ସରକାରଙ୍କର ଗରିବ୍‌ଦୁଖି ପିରତି ବାରି ହେଇପଡୁଛେ। ଇଆଡ଼େ ଘର ଛାଡି ଦେବାର ଲାଗି ଏହେଦେ ପାଖ୍‌ପଡ଼ିଶା ଲୋକ୍ ତାକର ଘରଡିହକେ କବ୍‌ଜା କରିଥିବାର ବାସୁଦେବ କହିଛନ୍। ପରିବାର ବଲି ତାକର କିଛି ନାଇଁ। ଆଗ୍‌ରୁ ବିପିଏଲ କାର୍ଡ ଖଁଡ଼େ ଥିଲା, ସେଥିରୁ ପାଉଥିବାର ଚାଉଲରେ ଦୁଖେସୁଖେ ଚଲିଯାଉଥିଲେ। ହେଲେ ଆଏଜତକ୍ ସେ ରାଏଜ୍ ଆର କେନ୍ଦ୍ର ସରକାରଙ୍କର ନୂତନ୍ ଯୋଜ୍‌ନାରେ ରାଶନ୍ କାର୍ଡ ପାଏବାରୁ ବଁଚିତ ହେଇଛନ୍। ଫିଦିନ୍ ସଖାଲ ପାଏଲେ ଭିଖ୍ ମାଗି ଯାଉଛନ୍, ମିଲ୍‌ଲେ ଭଲ ନାଇଁହେଲେ ଖାଢ଼ା ଉପାସ। ଇଆଡ଼େ ରାଏଜ୍ ସରକାର ରାଏଜେ କେହି ବି ଝନେ ଭୁଖେ ନାଇଁ ରହନ୍ ବଲି ଡିଂଗ୍‌ରା ପିଟୁଛନ୍। ସେଥିରଲାଗି ନିଜର ଖାଏଦ୍ ସୁରକ୍ଷା ଯୋଜ୍‌ନା ଲାଗୁ କରି ସବୁ ଗରିବ୍‌ଦୁଖିକୁ ନୂତନ୍ ରାଶନ କାର୍ଡ ଦେଇ ଚାଉଲ ଯୁଗେଇ ଦେବାର ବେବସ୍ତା କରିଛନ୍। ହେଲେ ବାସୁଦେବଙ୍କର ପକ୍ଷେ ସବୁ ଓଲଟିଆ। ଏହେଦେ ବୁଢ଼ୁଧିଙ୍କର ଗୁଡେ ଆଲସି ହେଇଛେ, ଯେନ୍‌ଥିରଲାଗି ସେ ଠିକ୍‌ସେ ଚାଲିବୁଲି ନାଇଁ ପାରବାର। ଟଁକା ପଏସା ଅଭାବୁ ସେ ଚିକିତ୍ସା କରେଇ ନାଇଁପାରି ପଡ଼ି ରହିଛନ୍। ଏନ୍‌ତା ଗୁଟେ ଘଟ୍‌ନା ଉପରେ ଥାନୀୟ ସରପଁଚ୍ କି ଜିଲା ପରଶାସନର ଆଏଁଖ୍ ନାଇଁପଡ଼ବାରଟା ଜନସାଧାରନ୍‌କୁ ଆଶିରିଯ୍ କରିଛେ। ଇ ବାବ୍‌ଦେ ବ୍ଲକ୍ ଯୋଗାଣ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଟୁଡୁଙ୍କୁ ପଚରାଲାରୁ ଅନ୍ନପୂର୍ଣ୍ଣା ଯୋଜ୍‌ନାରେ ବାସୁଦେବଙ୍କୁ ସାମିଲ କରି ମାସିକ୍ ୧୦ କେ.ଜି. ମାହାଲିଆ ଚାଉଲ ଦିଆଯିବା ବଲି କହିଥିଲେ। ସେନ୍‌ତା ଜୁନାଗଡ଼ ବିଡିଓ ଦାଇତିଅରେ ଥିବାର ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ପଚରାଲାରୁ ସରକାରୀ ହିସାବେ ଯେନ୍‌ଟା ସୁବିଧା ଅଛେ ତାହାକୁ ଯେତେ ଜଲ୍‌ଦି ହେବା ଯୁଗେଇ ଦିଆଯିବା ବଲି କହିଥିଲେ।



ବାସୁଦେବ ନାଏକ୍।

### ପଏଁରୀ ତିହାର-୨୦୧୯

# ଲୋକନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

**ସୋନପୁର,୧।୧(ନି.ପ୍ର)**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ମଙ୍ଗଳବାର ନବବର୍ଷ ଅବସରରେ ୧୯ତମ ପଏଁରୀ ତିହାର-୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ଏହା ତିନି ଦିନ ଧରି ଚାଲିବ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ଏବଂ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ସହାୟତାରେ ଏହି ଉତ୍ସବ ଆୟୋଜନ ହେଉଛି। ପୂର୍ବାହ୍ନରେ ଅନୁଷ୍ଠାନର କଳାକାର, କର୍ମକର୍ତ୍ତା, ବିଭିନ୍ନ ବ୍ଲକରୁ ଆସିଥିବା ପାରମ୍ପରିକ କଳାକାର ଓ ଲୋକ ସଙ୍ଗୀତକାରମାନଙ୍କୁ ନେଇ ଏକ ଶୋଭାଯାତ୍ରା ସୁରେଶ୍ୱରୀ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଲୁଚି ଯାଇଥିବା ପ୍ରାଚୀନ ପାରମ୍ପରିକ ଲୋକକଳା ଧୁନକେଲ, ଢଡଁ ଘୁବ୍‌କୁଡୁ, ଘୁଁ ଘୁଁ ନାଦିଆ, ହଳିଆ ଗୀତ, ସାପୁଁଆ କେଲା, ଡାଲଖାଇ, କରମସାନୀ, ଛେରଛେରା, ସଞ୍ଚାର, ସଂକୀର୍ତ୍ତନ୍ୟ, ଖଜଣୀ ଭଜନ ଓ ଶୋହଳ ଶୁଆଙ୍ଗ ଦଣ୍ଡ ପ୍ରଦର୍ଶିତ ହୋଇଥିଲା। ପରେ ସୋନପୁର ଭୀମଭୋଇ କଳା ମଣ୍ଡପରେ ଏହି ଅବସରରେ ସଙ୍ଗୀତ ଓ ପାରମ୍ପରିକ ଲୋକନୃତ୍ୟ ପରିବେଷଣ ହୋଇଥିଲା। ସକାଳଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ଡାଲଖାଇ, ଚୁଟ୍‌କୁଚୁଟା, ନଚନିଆଁ, ଶବରଶବରାଣୀ, ପତରସଉରା ଓ ଦଣ୍ଡନୃତ୍ୟରେ ଝୁମିଥିଲେ। ପୂର୍ବାହ୍ନରେ ଉତ୍ସବକୁ ବରିଷ୍ଠ କଳାକାର ଗୁରୁ ଗୋକୁଳ ମାଝୀ ଉଦ୍‌ଘାଟନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର ମୁଖ୍ୟ ଅତିଥି, ରାଜ୍ୟ ମତ୍ସ୍ୟ ସମ୍ପଦ ଉନ୍ନୟନ ନିଗମର ପ୍ରାକ୍ତନ ଅଧ୍ୟକ୍ଷ ଅଭିମନ୍ୟୁ କୁଶଳ, ସମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ଓ ପ୍ରାତଃ ଭ୍ରମଣ ସ୍ୱେଚ୍ଛାସେବୀ ସଂଗଠନ ସୋନପୁର-ମନମୁଣ୍ଡାର ସଭାପତି ଲକ୍ଷ୍ମୀନାରାୟଣ ମେହେର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ଚୌଧୁରୀ ବିଭାର ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ସଭା ପରେ ଜିଲାସ୍ତରୀୟ କଳାକାରମାନେ ଲୋକନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଶତ୍ରୁଘ୍ନ ଲୁହା, ଜିତେନ୍ଦ୍ର ମହାପାତ୍ର, ଗାୟତ୍ରୀ କୁମ୍ଭାର ଓ ମନ୍ତ୍ରରାମ ସୁନା ଲୋକଗୀତ ଗାଇଥିଲେ । ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ମିଶ୍ର ତାଙ୍କ ବକ୍ତବ୍ୟରେ ଐତିହ୍ୟ, ସଂସ୍କୃତି ସମ୍ପନ୍ନ ଏହି ଜିଲାରେ ପାରମ୍ପରିକ ଲୋକକଳା ବଞ୍ଚି ରହିଛି। ବଣମଲ୍ଲୀ ଭଳି ଗ୍ରାମାଞ୍ଚଳର ପ୍ରତିଭା ଲୁଚି ନ ଯାଇ ବିକଶିତ ହେବା ପଏଁରୀ ତିହାରର ମୂଳ ଲକ୍ଷ୍ୟ। ପ୍ରାଚୀନ ଲୋକକଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ସାମୂହିକ ଉଦ୍ୟମ ଲୋଡା ବୋଲି ଜିଲାପାଳ କହିଥିଲେ। ସମ୍ମାନିତ ଅତିଥିଭାବେ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର ଯୋଗଦେଇ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ଉପଦେଷ୍ଟା ନାଟ୍ୟଶ୍ରୀ ଗଦାଧର ବାରିକ, ଅଭିମନ୍ୟୁ କୁଶଳ ଓ ଶ୍ରୀବତ୍ସ ମଲ୍ଲିକ ମଞ୍ଚାସିନ ଥିଲେ। ଅନୁଷ୍ଠାନର ସମ୍ପାଦକ ଚୌଧୁରୀ ବିଭାର ଉତ୍ସବ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ । ସଭାପତି ଲଡୁକିଶୋର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ପଏଁରୀ ସମ୍ମାନ ମାଧବ ଚନ୍ଦ୍ର ଭୋଇ(ଲୋକଗୀତ) ଓ ଗଙ୍ଗାଧର ଦାଶ(ଲୋକନୃତ୍ୟ)ଙ୍କୁ ପ୍ରଦାନ କରାଯାଇଥିଲା। ସୁଶାନ୍ତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ସଭା ପରେ ମେଣ୍ଡାମାଳର ଭୁଷଣ ଦେହୁରୀ ଓ ସାଥୀଙ୍କ ଧୂପ ଖେଳ ନୃତ୍ୟ, ସୋନପୁର ପଏଁରୀର ମହାନଦୀ ଜୁରାବେଣୀ ନୃତ୍ୟ, ଗଞ୍ଜାମ ଲୋକନୃତ୍ୟ କେନ୍ଦ୍ରର କଳାକାରଙ୍କ ରଣପା ଓ ଶଙ୍ଖ ବାଦନ, କେସିଙ୍ଗା ନୃତ୍ୟ ପ୍ରଭା ଅନୁଷ୍ଠାନର ସିଂଗାରୀ ଲୋକ ନୃତ୍ୟ, କଟକ କଳା ବିକାଶ କେନ୍ଦ୍ରର ଦେଶୀ ମାଦଳ ନୃତ୍ୟ, ମଧ୍ୟପ୍ରଦେଶ ଦର୍ଶନ ଲୋକକଳା ସଂସ୍ଥାନ କଳାକାରଙ୍କ ଦ୍ୱାରା ବରେଡି ଲୋକନୃତ୍ୟ ପରିବେଷଣ ହୋଇଥିଲା ।




କଟକ କଳା ବିକାଶ କେନ୍ଦ୍ରର କଳାକାରମାନେ ଦେଶୀ ମାଦଳ ଲୋକନୃତ୍ୟ ପରିବେଷଣ କରୁଛନ୍ତି ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### କଂସବଧ ସହ ଲାଠୋର ଧନୁଯାତ୍ରା ସମ୍ପନ୍ନ

**ଲାଠୋର,୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲାଠୋର ମା' ବସ୍ତ୍ରେନ ଧନୁଯାତ୍ରା କମିଟି ଆନୁକୂଲ୍ୟରେ ୯ ଦିନଧରି ଚାଲିଥିବା ଧନୁଯାତ୍ରା କଂସବଧ ସହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କଂସ ଦରବାରରେ ମୁଖ୍ୟ ଅତିଥିଭାବେ ଲାଠୋର ବନାଞ୍ଚଳ ଅଧିକାରୀ ଦେବଦତ୍ତ ସୂତାର ଓ ସମ୍ମାନିତ ଅତିଥିଭାବେ ବିଜେଡି ଯୁବନେତା ବିମଳ କୁମାର ଅଗ୍ରୱାଲ ଯୋଗଦେଇଥିଲେ। ଶେଷ ରଜନୀରେ କୃଷ୍ଣ ବଳରାମ ଗ୍ରାମ ପରିକ୍ରମା କରି ମଥୁରା ନଗରୀକୁ ପ୍ରବେଶ କରିଥିଲେ। ଶେଷରେ କୃଷ୍ଣଙ୍କ ଦ୍ୱାରା କଂସ ବଧ ଦୃଶ୍ୟ ଅଭିନୀତ ହୋଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା କଳାକାରମାନଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା। ପରେ ୨୦୧୮ ବର୍ଷକୁ ବିଦାୟ ଦେଇ ୨୦୧୯କୁ ସ୍ୱାଗତ କରାଯାଇଥିଲା। ଧନୁଯାତ୍ରା କମିଟି ସଭାପତି ରମାକାନ୍ତ ମହାନ୍ତି, ସମ୍ପାଦକ ସୁଶିଲ ଅଗ୍ରୱାଲ, ସଦସ୍ୟ ଅନିରୁଦ୍ଧ ମେହେର, ସୀତାରାମ ମେହେର, ବାଲେଶ୍ୱର ମେହେର, ଶ୍ରୀକାନ୍ତ ବହିଦାର, ଦୟାସାଗର ମେହେର, ସୁଶାନ୍ତ ମେହେର, ସାଧୁ ମେହେରଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

### ହାଇକୋର୍ଟ ବେଞ୍ଚ ଆନ୍ଦୋଳନରେ ଜୟନାରାୟଣ

ସମ୍ବଲପୁର,୧।୧(ବ୍ୟୁରୋ)-ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସମ୍ବଲପୁରରେ ଚାଲିଥିବା ଆନ୍ଦୋଳନ ମଙ୍ଗଳବାର ୧୧୯ ଦିନରେ ପହଞ୍ଚିଛି । ସେହିପରି ରିଲେ ଆମରଣ ଅନଶନ ୪୪ ଦିନ ହୋଇଛି । ଶିବ ଦିୱାନ, ଶୁଭେନ୍ଦୁ ନାୟକ, ଚନ୍ଦ୍ରଶେଖର ସୋନି, ହିମାଂଶୁ ତ୍ରିପାଠୀ, ସୋମନାଥ ଲୁହା, ସରୋଜ କୁମାର ମିଶ୍ର ରିଲେ ଆମରଣ ଅନଶନରେ ସାମିଲ ହୋଇଛନ୍ତି । ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ପୂର୍ବତନ ଭାଜପା ଜିଲା ସଭାପତି ନାଉରୀ ନାୟକ, ସାଧାରଣ ସମ୍ପାଦକ ଅନୀଲ ବେହେରା, ପୂର୍ବତନ କାଉନସିଲର୍ ସରୋଜ ଦଲପତ ଓ ସୁଶାନ୍ତ କୁମାର ପୁରୋହିତ ଅନଶନରେ ବସିଥିବା ଆନ୍ଦୋଳନକାରୀଙ୍କ ସହ ସାମିଲ ହୋଇଥିଲେ। ତେବେ ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ଆନ୍ଦୋଳନ ଜାରି ରହିଛି । ଏହି ଆନ୍ଦୋଳନ ହେତୁ ଜନସାଧାରଣ ହଇରାଣ ହେଉଛନ୍ତି । ତଥାପି କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି । ତେଣୁ ଆସନ୍ତା ୩ ତାରିଖରେ ପଶ୍ଚିମ ଓଡିଶାର ଜନପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । ଏଥିସହ ଅନ୍ୟ ଏକ ୪ ଜଣିଆ ପ୍ରତିନିଧି ଦଳ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ମଧ ଭେଟିବାର କାର୍ଯ୍ୟକ୍ରମ ରହିଛି ।

### ପୁରାତନ ଛାତ୍ରୀଙ୍କ ବନ୍ଧୁମିଳନ

ବରଗଡ଼ ଅଫିସ୍,୧।୧- ବରଗଡ଼ ରାଣାପ୍ରତାପ ସ୍କୁଲରେ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲର ୧୯୭୬ ବ୍ୟାଚ୍ ପୁରାତନ ଛାତ୍ରୀଙ୍କ ବନ୍ଧୁମିଳନ୍ ସମାରୋହ ଅନୁଷ୍ଠିତ ହୋଇଯାଇଛି । ରାଣାପ୍ରତାପ ସ୍କୁଲ ହିନ୍ଦୀ ଶିକ୍ଷୟିତ୍ରୀ ମୀନା ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରୀ ଯୋଗ ଦେଇଥିଲେ । ପୁରାତନ ଛାତ୍ରୀ ସୁନନ୍ଦା ମିଶ୍ର, ସୁନନ୍ଦା ପୂଝାରୀ, ସୌଦାମିନୀ ଦାଶ, ନଳିନୀ ପଣ୍ଡା, ନିରୁପମା ଆଚାର୍ଯ୍ୟ, ବିଜୟଲକ୍ଷ୍ମୀ ଦାଶ, ସୁଷମା ନାଏକ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଚନାଚୂର ବିକି କୁଟୁମ ପୁଷୁଛନ୍ ଦିବ୍ୟାଙ୍ଗ ଦୁର୍ଯ୍ୟୋଧନ

**ଅତାବିରା,୧।୧(ଡି.ଏନ.ଏ.)**

ମନ୍‌ବଲ ମଜବୁତ୍ ଥିଲେ ଦୁନିଆଁରେ କେହେନ୍‌ସି କାମ୍ ଅସମ୍ଭବ ନୁହେ। ଇ କଥାକେ ସତ୍ କରି ଦେଖେଇଛନ୍ ବରଗଡ଼ ଜିଲା ଅତାବିରା ବ୍ଲକ୍ ଦୁଲମପୁର ପଁଚେତ୍ ଗମ୍ଭାରୀପାଲି ଫାର୍ମର ଦିବ୍ୟାଙ୍ଗ ଦୁର୍ଯ୍ୟୋଧନ ମେହେର। ପରିବାର କହେଲେ ମାଏକିନା ସୁନୀତା, ପୁଓ ସଞ୍ଜିତ ଆର ବୁଢ଼ୁଧ୍ ମା'ବାପ୍‌କୁ ନେଇ ତାକର ସୁଖର ସଁସାର। ସେ ଠିକ୍‌ସେ କଥା କହି ନାଇଁ ପାରୁଥିଲା ବେଲେ ଗୋଡ଼ ସାନବଡ଼ ଲାଗି ଛୁଟେଇ ଛୁଟେଇ ଚାଲୁଛନ୍। ପରିବାରଟା ନିହାତି ଗରିବ୍ ହେଇଥିଲା ବେଲେ ଜମିବାଡ଼ି ବଲି କିଛି ନାଇଁ। ପରିବାରର ସବୁ ବୋଝ୍ ଦୁର୍ଯ୍ୟୋଧନ ଉପ୍‌ରେ। ସେ ଆସର ପାସର ଭିନେ ଭିନେ ବଜାରକେ ଯାଇ ଚନାଚୂର ବିକୁଛନ୍। ଗୁଟେ ଘଟନାକରମଥି ଗଲା ଶନିବାର ଅତାବିରା ସାପ୍ତାହିକ ବଜାରରେ ଦୁର୍ଯ୍ୟୋଧନକୁଁ ଭେଟିଥିଲେ ଆମର ଥାନୀୟ ଧରିତ୍ରୀ ପରତିନିଧି।



ଲରମ୍ଭା ହାଟେ ଦିବ୍ୟାଙ୍ଗ ଦୁର୍ଯ୍ୟୋଧନ ଚନାଚୂର ବିକୁଛନ୍।

କଥା ହେଲାରୁ ଦୁର୍ଯ୍ୟୋଧନ ତାକର ଦୁଖ୍ ବଖାନିଥିଲେ। ସେ ହପ୍‌ତାକ ୬ଟା ବଜାର ବୁଲି ଚନାଚୂର ବିକୁଛନ୍, ସେଥିରୁ ଯାହା କମାନି ହେଉଛେ ସେଥିରେ ତାକର ପିଲାଛୁଆକର ପାଠ୍‌ପଢ଼ା, ଖାଏବା ପିଇବା, ପିଁଧିନାପଟା କରୁଛନ୍। ସେ ଠିକ୍‌ସେ କଥା କହି ନାଇଁ ପାରୁଥିଲେ ବି ଗରାଖମାନକର ମନମୁତାବକ ଚନାଚୂର ତିଆର କରୁଛନ୍। ଚନାଚୂର ୫ଟଁକିଆ, ୧୦ଟଁକିଆ ପ୍ୟାକେଟ କରି ବିକୁଛନ୍। ସବୁ ବଜାରରେ ୪ଶହରୁ ୫ଶହ ଟଁକାର କାରବାର କରୁଥିଲା ବେଲେ ୨୫୦ଶହରୁ ୩୦୦ ଟଁକା ତକ୍ ଲାଭ୍ ହେସି ବଲି ସେ କହିଥିଲେ। କୁଟୁମ୍ ପୁଷ୍‌ବାର ଲାହାଁସେ ବଜାର ବଜାର ବୁଲି ଚନାଚୂର ବିକୁଛେଁ, ଘରେ ବସି ରହେଲେ କିଏ ଖାଏବାକେ ଦେବା, ଆମେ ତ ଗରିବ୍ ଲୋକ୍ ବଲି ସେ କହିଥିଲେ। ସରକାରୀ ଯୋଜ୍‌ନାରେ ଗୁଟେ ଇନ୍ଦିରା ଆବାସ ମିଳିଛେ ସେଠାନେ କୁଟୁମ ବସିଆ ଦୁଖେ ସୁଖେ ରହୁଛୁଁ। ହେଲେ ଆଏଜତକ୍ ମୋତେ ଦିବ୍ୟାଙ୍ଗ ଭତା ନୁହେ ମିଲେ ଆଗିଆଁ, ବେପାର ସେପାର ଲାଗି ଯଦି ବ୍ୟାଙ୍କରୁ ଲୋନ୍‌ଟେ ମିଲତା ମୋର ବେପାରଟା ବଢ଼େଇ ପାରତି ବଲି ସେ କହିଥିଲେ।

# ବିଜେପୁରରେ ସାନ୍ଧ୍ୟ ଆହାର ଯୋଜନା ଉଦ୍‌ଘାଟିତ

**ବିଜେପୁର,୧।୧(ଡି.ଏନ.ଏ.)**

ବରଗଡ଼ ଜିଲା ବିଜେପୁର ଏନ୍‌ଏସି ପକ୍ଷରୁ ସାନ୍ଧ୍ୟକାଳୀନ ଆହର ଯୋଜନାର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ସମାରୋହକୁ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ରଙ୍କ ଅଧକ୍ଷତାରେ ବିଡିଓ ପଦ୍ମନାଭ ସାମନ୍ତରାୟ, ବିଜେଡି ଜିଲା ଉପସଭାପତି ଜନାର୍ଦ୍ଦନ ପାଣିଗ୍ରାହୀ, ବିଜେଡି ବ୍ଲକ ମହିଳା ସଭାନେତ୍ରୀ ରଙ୍ଗିଣୀ ମାହାଣା, ମେଡିକାଲ ଅଫିସର ଡା. ଶାନ୍ତନୁ କୁମାର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରତିଦିନର ମଧାହ୍ନ ପରି ସନ୍ଧ୍ୟା ସମୟରେ



ସାନ୍ଧ୍ୟକାଳୀନ ଆହାର ଯୋଜନାକୁ ବିଧାୟିକା ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟ ସରକାରଙ୍କ ଆହର ଯୋଜନାରୁ ୫ଟଙ୍କାରେ ଭାତ ଡାଲମା ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା । ବିକାଶ ସାହୁ, ଦିବ୍ୟ କିଶୋର ପୁରୋହିତ, ମାନସ କୁମାର ଦାଶଙ୍କ ସମେତ ଏନ୍‌ଏସି କର୍ମଚାରୀ ସହଯୋଗ କରିଥିଲେ।

# ଦାଦନ ଖଟି ମରବାର ବଦଲା ବାଢୁନ ବେପାର ଭଲ

ପାଇକମାଲ, ୧।୧ (ଡି.ଏନ.ଏ)

ଆଏଜ୍‌କାଲି ଗରିବ୍‌ଦୁଖି କୁଟୁମ ପୁଷବାର ଲାହାଁସେ କୁଲି ମଜୁରିନୁ ଆରମ୍ କରି ରିକ୍‌ସା ବାହୁଛନ୍, ବାହାର ରାଏଜ୍‌କେ ଦଦନ ଯାଉଛନ୍। ହେଲେ ଆମର ସମାଜରେ ଏନ୍‌ତା ବି ଲୋକ୍ ଅଛନ୍ ଯେନ୍‌ମାନେ ପ୍ରାକୃତିକ ଜିନିଷ୍ ଠୁଲେଇ ସେଥିରେ ଭିନେ ଭିନେ ସାମାନ ତିଆରି ବିକ୍‌ରି କରୁଛନ୍। ସେଥିରୁ ତାକର ଦାନାପାନି, ଚୁଲି ଚଲୁଛେ। ଗୁଟେ ଘଟନାକରମରେ ନୂଆପଡ଼ା ଜିଲା ଜାମପାଲି ଗାଁରୁ ବରଗଡ଼ ଜିଲା ପାଇକମାଲ ଗନ୍ଧମାର୍ଦ୍ଦନ ପରବତ୍ ପାସର ଜର୍ଜଗଡ଼ ଗାଁକେ ଆସିଥିବାର ପାଖାପାଖି ୩୦ ଝନ୍ ଲୋକ୍ ମାଏଝିକୁ ଭେଟିଥିଲେ ଆମର ଥାନୀୟ ଧରିତ୍ରୀ ପରତିନିଧି। ତାକରନେ କଥାବାରତା ହେଲାରୁ ସେମାନେ ବାଢୁନ୍ ତିଆରି ଲାଗି



ନୂଆପଡ଼ା ଜିଲା ଜାମପାଲିରୁ କଁଚାମାଲ ଠୁଲେଇ ଆସିଥିବାର ଲୋକ୍ ଆର ମାଏଝିମାନେ।

କଁଚାମାଲ ଠୁଲାବାର ଲାଗି ଆସିଥିବାର କହିଥିଲେ। ସେମାନକର ଭିତରୁ ମଦନ ମାଝୀ, ପ୍ରେମ ମାଝୀ, ମୋତି ମାଝୀଙ୍କୁଁ ପଚରାଲାରୁ ଆମେ ୩୦ ଝନ୍ ମିଶି ଗାଁରୁ ଗୁଟେ ୪୦୭ ଗାଡ଼ି ଭଡ଼ାକରି ଆସିଛୁଁ। ଏହେଦେ ଆମେ ଯେତ୍‌କି କଁଚାମାଲ ଠୁଲେଇଛୁଁ ସେଥିରେ ପାଖାପାଖି ୩୦ଟା ବାଢୁନ୍ ତିଆରି ହେବା ଆର ବଜାରରେ ତାର ଦାମ୍ ୬୦୦ ଟଁକା ହେବା ବଲି କହିଥିଲେ। ପେଟ ପାଲବାର ଲାହାଁସେ ଆମେ ୬୦ କି.ମି. ଦୂରେ ପିଲାଛୁଆକୁ ଘରେ ଏକଲା ଛାଡି କଁଚାମାଲ ଠୁଲାବାର ଲାଗି ଆସିଛୁଁ। ଇ ବେଉସା ଆମକୁ ଦାନାପାନି ଦେଉଛେ। ବାହାର ରାଏଜ୍‌କେ ଦାଦନ ଖଟିଯାଇ ମାଡ଼ଗାଲି ଖାଇ ମରବାର ବଦ୍‌ଲା ଇ ବେଉସା ଆମର ଲାଗି ଶହେଗୁନା ଭଲ ଅଛେ ଆଗିଆଁ ବଲି କହିଥିଲେ।

### ଶିଶୁଜନ୍ମ ଅନୁଷ୍ଠାନରେ ନୂତନ ବର୍ଷ ପାଳିଲେ ଜିଲାପାଳ

**ବୌଦ୍ଧ,୧।୧(ସ୍ୱ.ପ୍ର.)**

ଜିଲାପାଳ ଶୀତାଂଶୁ କୁମାର ରାଉତ ମଙ୍ଗଳବାର ନବବର୍ଷଅବସରରେ ଅପରାହ୍ନରେ ନାରାୟଣପୁରସ୍ଥିତ ସ୍ୱତନ୍ତ୍ର ବିଦ୍ୟାଳୟରେ ପହଞ୍ଚିଥିଲେ। ଏହି ଅବସରରେ ଜିଲାପାଳ ରାଉତ ପିଲାମାନଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ବଣ୍ଟନ କରି ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଏପରି କି ପିଲାମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ସେଠାରୁ ବିରନରସିଂହପୁରସ୍ଥିତ ରାମକୃଷ୍ଣ ବାଳଶ୍ରମ ଶିଶୁଗୃହରେ ଆୟୋଜିତ ନବବର୍ଷ ପାଳନ ଉତ୍ସବରେ ଜିଲାପାଳ ରାଉତ ଯୋଗଦେଇ ଶିଶୁମାନଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରେ ଅନୁଷ୍ଠାନର ଶିଶୁମାନଙ୍କ ଦ୍ୱାରା ଗୀତ ଓ ନୃତ୍ୟ କାର୍ଯ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଉପଜିଲାପାଳ ଏନ୍.ସି. ଜ୍ୟୋତିରଞ୍ଜନ ନାଏକ, ଶିଶୁସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ପ୍ରବେସନ ଅଫିସର ସମରସେନ ସିଂ, ପରାମର୍ଶଦାତା ବସନ୍ତ କୁମାର ଦିଶାରିଙ୍କ ସହ ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ବୌଦ୍ଧ ମହୋତ୍ସବରେ ଜିଲା କଳାକାରଙ୍କୁ ଅଣଦେଖା

**ବୌଦ୍ଧ,୧।୧(ସ୍ୱ.ପ୍ର.)**

ବୁଧବାର ବୌଦ୍ଧଜିଲା ପାଳନ କରିବ ୨୫ତମ ସ୍ୱନକ୍ଷତ୍ର ଦିବସ। ଏହି ଅବସରରେ ଆରମ୍ଭ ହେବାକୁ ଯାଉଛି ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ହେଲେ ଏଥିରେ ଜିଲାର କଳାକାରମାନଙ୍କୁ ଅଣଦେଖା କରାଯାଉଥିବା ନେଇ ଜିଲା ମିଳିତ କଳାକାର ମଞ୍ଚ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ମଞ୍ଚର ଅଭିଯୋଗ ମୁତାବକ, ମହୋତ୍ସବ ପ୍ରସ୍ତୁତି ବୈଠକ ପ୍ରସ୍ତାବ ଅନୁସାରେ ଜିଲାର ୩ଟି ବ୍ଲକରେ ବ୍ଲକସ୍ତରୀୟ ମହୋତ୍ସବ ଏବଂ ଜିଲାସ୍ତରୀୟ ଉତ୍ସବ ମହାଆଡମ୍ବରରେ ସହକାରେ ପାଳନ କରାଯାଉ ନ ଥିବା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଏପରି କି ଜିଲାର କଳାକାରମାନଙ୍କୁ ବକେୟା ରାଶି ସହ ପ୍ରମାଣ ପତ୍ର ଦେବାକୁ ଅନୁରୋଧ କରିଛନ୍ତି। ବାହର ରାଜ୍ୟର କଳାକାରମାନଙ୍କୁ ୩ଦିନ ମହୋତ୍ସବରେ ୮ଟି କାର୍ଯ୍ୟକ୍ରମ କରିବାର ସୁଯୋଗ ଦେଇଥିବା ବେଳେ ସ୍ଥାନୀୟ କଳାକାରମାନଙ୍କୁ ନ ଦେବା ନେଇ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଜିଲା ପ୍ରଶାସନ ସ୍ଥାୟୀ ପ୍ରତିକାର ନ କଲେ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏପରି କି ଜିଲାରେ ଜଣେ ସ୍ଥାୟୀ ଲୋକ ସମ୍ପର୍କ ଅଧିକାରୀଙ୍କୁ ନିଯୁକ୍ତି କରିବାକୁ ଦାବି କରାଯାଇଛି।



ପୂଜାର୍ଚ୍ଚନା କରାଯାଉଛି।

# ଅମୁର୍ଡାରେ ମହାନଦୀ ମହୋତ୍ସବ ୨୦୧୯

**ମନମୁଣ୍ଡା,୧।୧(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ରକସା ପଞ୍ଚାୟତ ଅମୁର୍ଡା ଗ୍ରାମର ମହାନଦୀ ଫେରିଘାଟ ଷଣ୍ଢେଶ୍ୱର ବାବାଙ୍କ ପୀଠରେ ଷଷ୍ଠ ବାର୍ଷିକ ମହାନଦୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବ୍ରହ୍ମଚାରୀ ଜଗନ୍ନାଥ ଦାସଙ୍କ ତତ୍ତ୍ୱାବଧାନରେ ଉତ୍ସବ ଆୟୋଜିତ ହୋଇଥିଲା। ବ୍ୟାସ ରାଜେଶ ଦାସ ସୁନ୍ଦରାକାଣ୍ଡ ନାରାୟଣ ପାଠ କରିଥିଲେ। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ ଦ୍ରବାଲୁ ଶ୍ରଦ୍ଧାଳୁମାନେ ନୌକା ବିହାର କରିବା ସହ ଷଣ୍ଢେଶ୍ୱର ବାବାଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଭକ୍ତମାନଙ୍କୁ ଅନ୍ନପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯାଇଥିଲା । ମହୋତ୍ସବ ପରିଚାଳନା କମିଟି ଉପଦେଷ୍ଟା କହ୍ନାଇଚରଣ ଡାଙ୍ଗ ଜନସାଧାରଣଙ୍କ ମଙ୍ଗଳ ପାଇଁ ପୂଜାର୍ଚ୍ଚନା ସହ ହୋମଯଜ୍ଞ କରାଯାଇଥିବା କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।


**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତୁଷୁରା**
ଜିଲ୍ଲା: ବଲାଙ୍ଗୀର
- ନବବର୍ଷ ଶୁଭେଚ୍ଛା-
ବିଜ୍ଞାପିତ ଅଞ୍ଚଳ ପରିଷଦ, ତୁଷୁରା ତରଫରୁ ସହରବାସୀଙ୍କୁ ନବବର୍ଷ ୨୦୧୯ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା।


ଶ୍ରୀ ବିପିନ ବିହାରୀ ଦୀପ (ଓ.ଆର୍.ଏସ୍.)
କାର୍ଯ୍ୟନିର୍ବାହୀ ଅଧିକାରୀ


ଶ୍ରୀ ଦୀନଦୟାଳ ଶର୍ମା
ଉପ–ନଗରପାଳ


ଶ୍ରୀମତୀ ଭାଗ୍ୟଶ୍ରୀ ନାଗ
ନଗରପାଳ

ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା
୧. ଶ୍ରୀ ଭକ୍ତବନ୍ଧୁ ଭୋଇ, ସଭ୍ୟ ୱାର୍ଡ ନଂ.୧
୨. ଶ୍ରୀ ପ୍ରଦୀପ କୁମାର ସାହୁ, ସଭ୍ୟ ୱାର୍ଡ ନଂ.୨
୩. ବିନୋଦିନୀ ମାହାଲିଙ୍ଗ, ସଭ୍ୟା ୱାର୍ଡ ନଂ.୩
୪. ଶ୍ରୀମତୀ ଜ୍ୟୋସ୍ନାମୟୀ ପୁଟା, ସଭ୍ୟା ୱାର୍ଡ ନଂ.୪
୫. ଶ୍ରୀମତୀ ଚାନ୍ଦ ବାଗ, ସଭ୍ୟା ୱାର୍ଡ ନଂ.୫
୬. ଶ୍ରୀ ପ୍ରମୋଦ କୁମାର ନନ୍ଦ, ସଭ୍ୟ ୱାର୍ଡ ନଂ.୮
୯. ଶ୍ରୀମତୀ ସବିତା ରଣା, ସଭ୍ୟା ୱାର୍ଡ ନଂ.୯
୧୦. ଶ୍ରୀମତୀ ମୀନାରାଣୀ ସାହୁ, ସଭ୍ୟା ୱାର୍ଡ ନଂ.୧୦
୧୧. ଶ୍ରୀ ସୁରେନ୍ଦ୍ର ରଣା, ସଭ୍ୟ ୱାର୍ଡ ନଂ.୧୧
ବିଜ୍ଞାପିତ ଅଞ୍ଚଳ ପରିଷଦ, ତୁଷୁରା
ସ୍ୱଚ୍ଛ ତୁଷୁରା ସୁସ୍ଥ ତୁଷୁରା



**ସମ୍ବଲପୁର୍ ରେଲମଣ୍ଡଳର୍ ଟିଟିଲାଗଡ଼ ଏବଂ ରାୟପୁର୍ ସେକ୍ସନ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ନିମ୍ନ ଅନୁଯାୟୀ ଟ୍ରେନ୍ ଚଳାଚଳ ବାତିଲ୍/ଆଂଶିକ ବାତିଲ୍ କରାଯିବ**

ଟ୍ରେନ୍ ଚଳାଚଳ ବାତିଲ୍

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଛାଡ଼ିବା ତାରିଖ |
|---|---|---|---|
| 58217 | ଟିଟିଲାଗଡ଼ - ରାୟପୁର ପାସେଞ୍ଜର | ଟିଟିଲାଗଡ଼ | 02.01.2019 ଠାରୁ 07.01.2019 ପର୍ଯ୍ୟନ୍ତ |
| 58529 | ଦୂର୍ଗ - ବିଶାଖାପାଟଣା-ପାସେଞ୍ଜର | ଦୂର୍ଗ | |
| 58530 | ବିଶାଖାପାଟଣା - ଦୂର୍ଗ ପାସେଞ୍ଜର | ବିଶାଖାପାଟଣା | |
| 58218 | ରାୟପୁର - ଟିଟିଲାଗଡ଼ ପାସେଞ୍ଜର | ରାୟପୁର | 03.01.2019 ଠାରୁ 08.01.2019 ପର୍ଯ୍ୟନ୍ତ |

ତା.02.01.2019 ରୁ 07.01.2019 ରିଖ ପର୍ଯ୍ୟନ୍ତ ଟ୍ରେନ୍ ସେବା ଆଂଶିକ ବାତିଲ୍

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଛାଡୁଥିବା ଷ୍ଟେସନ | ଷ୍ଟେସନ ମଧରେ ବାତିଲ୍ |
|---|---|---|---|
| 58528 | ବିଶାଖାପାଟଣା-ରାୟପୁର ପାସେଞ୍ଜର | ବିଶାଖାପାଟଣା | ଟିଟିଲାଗଡ଼-ରାୟପୁର ମଧରେ ଉଭୟ ଦିଗରୁ ବାତିଲ୍ ହେବ |
| 58527 | ରାୟପୁର-ବିଶାଖାପାଟଣା ପାସେଞ୍ଜର | ଟିଟିଲାଗଡ଼ | |



ପୂର୍ବ ତଟ ରେଳପଥ
PR-415/J/18-19



**ସୂଚନା**
ରେଳବାଇ ଚାକିରୀ ଆଶାୟୀ ଧ୍ୟାନ ଦିଅନ୍ତୁ



**RPF/RPSFରେ ନିଯୁକ୍ତି**

ଏମ୍ପ୍ଲୟମେଣ୍ଟ ନ୍ୟୁଜ ସଂସ୍କରଣ 22-28 ଡିସେମ୍ବର, 2018 ଅନ୍ତର୍ଗତ ଏମ୍ପ୍ଲୟମେଣ୍ଟ ଅଧିସୂଚନା ନଂ.03/2018 ରେ ଅଧିସୂଚିତ ଅନୁଯାୟୀ ରେଳ ସୁରକ୍ଷା ବଳ (RPF) ଏବଂ ରେଳ ସୁରକ୍ଷା ସ୍ୱତନ୍ତ୍ର ବଳ (RPSF)ରେ ନିଯୁକ୍ତି ନିମନ୍ତେ 798 ଗୋଟି କନେଷ୍ଟବଳ (Ancillary) ପୁରୁଷ ଏବଂ ମହିଳା ପଦବୀ ପୂରଣ କରିବା ନିମନ୍ତେ ତା.01.01.2019 ରିଖ ଠାରୁ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି । ଯୋଗ୍ୟତା ମାନଦଣ୍ଡ, ବୟସ ସୀମା ସମ୍ବନ୍ଧୀୟ କୋହଳତା, ପରୀକ୍ଷା ଶୁଳ୍କ ପୈଠ ପ୍ରଣାଳୀ, ଦରଖାସ୍ତ ଫର୍ମ ପୂରଣ ପ୍ରକ୍ରିୟା, ଜୋନ୍‌ର ପ୍ରତ୍ୟେକ ଗ୍ରୁପରେ ଟ୍ରେଡ୍ ଏବଂ ବର୍ଗ ଭିତ୍ତିକ ଖାଲି ପଦବୀ ସଂଖ୍ୟା ଏବଂ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସବିଶେଷ ବିବରଣୀ ଉପର ପ୍ରଦତ୍ତ ଅଧିସୂଚନାରେ ଉଲ୍ଲେଖ କରାଯାଇଅଛି । ପରୀକ୍ଷା ନିମନ୍ତେ ଦରଖାସ୍ତ ଫର୍ମଗୁଡ଼ିକ କେବଳ 'ଅନ୍‌ଲାଇନ୍'ରେ ପୂରଣ କରାଯିବା ଆବଶ୍ୟକ । ଉପରୋକ୍ତ ନିଯୁକ୍ତି ସମ୍ବନ୍ଧରେ ପ୍ରାମାଣିକ ସୂଚନା ଏବଂ ଅନ୍ୟ ସବିଶେଷ ବିବରଣୀ ନିମନ୍ତେ ପ୍ରାର୍ଥୀମାନେ କେବଳ ରେଳବାଇର ସରକାରୀ ୱେବ୍‌ସାଇଟ୍ www.indianrailways.gov.in ଅବଲୋକନ କରିପାରିବେ କିମ୍ବା ଏମ୍ପ୍ଲୟମେଣ୍ଟ ନ୍ୟୁଜ 22-28 ଡିସେମ୍ବର, 2018 ରେ ପ୍ରକାଶିତ ଅଧିସୂଚନା ଦେଖିପାରିବେ । ଏହି ନିଯୁକ୍ତିକୁ 4 ଗୋଟି ପର୍ଯ୍ୟାୟରେ କରାଯିବ ଅର୍ଥାତ୍ (1) କମ୍ପ୍ୟୁଟର ଆଧାରିତ ପରୀକ୍ଷା (CBT), (2) ଶାରୀରିକ ଦକ୍ଷତା ପରୀକ୍ଷା (PET) ଏବଂ ଶାରୀରିକ ମାପ ପରୀକ୍ଷା (PMT), (3) ଟ୍ରେଡ୍ ପରୀକ୍ଷା (TT) ଏବଂ (4) ନଥିପତ୍ର ଯାଞ୍ଚ । ଅନ୍‌ଲାଇନ୍ ଦରଖାସ୍ତ ଫର୍ମ ପୂରଣ କରିବାର ଶେଷ ତାରିଖ ତା.30.01.2019 ଅଟେ । ପରବର୍ତ୍ତୀ ସମୟରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।



ପୂର୍ବ ତଟ ରେଳପଥ
PR-416/J/18-19


ଆଜି ବୌଦ୍ଧ ଜିଲାସ୍ତରୀୟ ମହୋତ୍ସବ, ପଲ୍ଲୀଶ୍ରୀ ମେଳା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ସହର

**ବୌଦ୍ଧ,୧।୧(ସ୍ୱ.ପ୍ର.)**

ବୌଦ୍ଧ ଜିଲାକୁ ପୂରିଲା ୨୫ ବର୍ଷ । ଜାନୁୟାରୀ ୨ ତାରିଖରେ ବୌଦ୍ଧ ଜିଲା ପାଳନ କରିବ ୨୫ତମ ସ୍ୱନକ୍ଷତ୍ର ଦିବସ। ଏହି ଅବସରରେ ଆରମ୍ଭ ହେବାକୁ ଯାଉଛି ସଂସ୍କୃତି, ପରମ୍ପରାର ବାର୍ତ୍ତାବହ ବୌଦ୍ଧ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା । ଏନେଇ ସଜେଇ ହୋଇଛି ବୌଦ୍ଧ ସହର ସମେତ ମହୋତ୍ସବ ପଡ଼ିଆ। ମହୋତ୍ସବ ପଡ଼ିଆର ପ୍ରାଚୀରରେ ଅଙ୍କିତ ହୋଇଛି ବିକାଶର ବାର୍ତ୍ତା। ଅନ୍ୟପକ୍ଷେ ଉତ୍ସବ ପାଇଁ ପ୍ରସ୍ତୁତି ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗତବର୍ଷଠାରୁ ମହୋତ୍ସବ ସହିତ ଯୋଡି ହୋଇଥିଲା ଆଉ ନୂଆ ପରମ୍ପରା। ଜିଲାର ସାଂସ୍କୃତିକ ପତାକାକୁ ମହୋତ୍ସବ ପଡ଼ିଆରେ ଅତିଥିଙ୍କ ଦ୍ୱାରା ଉତ୍ତୋଳନ କରାଯିବ। ଅପରାହ୍ନରେ ରାଜପ୍ରାସାଦ ନିକଟରେ ସ୍ଥାପିତ ବୁଦ୍ଧଙ୍କ ପୀଠରେ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ମହୋତ୍ସବ ପଡ଼ିଆ ଅଭିମୁଖେ ଯାତ୍ରା କରିବ। ଶୋଭାଯାତ୍ରାକୁ



ବୌଦ୍ଧ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ଚାଲିଛି।

ରାସ୍ତାରେ ସମସ୍ତ ବୌଦ୍ଧବାସୀ ପୂର୍ଣ୍ଣ କଳସୀ ସହ ସ୍ୱାଗତ କରିବା ସହିତ ସହରର ଆବାଳ ବୃଦ୍ଧ ବନିତା ଏଥିରେ ସାମିଲ ହେବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସାଂସ୍କୃତିକ ଶୋଭାଯାତ୍ରାରେ ଜିଲାର ବିଭିନ୍ନ ସାଂସ୍କୃତିକ ଦଳଙ୍କ ସମେତ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ଝଲକ ଦେଖିବାକୁ ମିଳିବ। ଶୋଭାଯାତ୍ରା ମହୋତ୍ସବ ପଡିଆରେ ପହଞ୍ଚିବା ପରେ ଅତିଥିଙ୍କ ଦ୍ୱାରା ୫ଦିନ ଧରି ହେବାକୁ ଥିବା ଉତ୍ସବର ଉଦ୍‌ଘାଟନ କରାଯିବ। ଏହି ପରିପ୍ରେକ୍ଷୀରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସହର ଦୁଲୁକି ଉଠିବ। ମହୋତ୍ସବ ପଡିଆରେ ବିଭିନ୍ନ ବିଭାଗର ପ୍ରଦର୍ଶନୀ ମଣ୍ଡପ ନିର୍ମାଣ ହୋଇଥିବାବେଳେ, ପଲ୍ଲିଶ୍ରୀ ମେଳା ଓ ଖାଦ୍ୟ ସାମଗ୍ରୀ ବିକ୍ରୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଭାଗୀୟ ପ୍ରଦର୍ଶନୀ ମଣ୍ଡପଗୁଡିକରେ ଜିଲାର ବିଭିନ୍ନ ସରକାରୀ ବିଭାଗର ବିକାଶର ଝଲକ ପ୍ରଦର୍ଶିତ କରାଯିବ ବୋଲି ସୂଚନା ଦିଆଯାଇଛି। ତେବେ ପ୍ରବଳ ଜନ ଗହଳିକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଭାବେ ମହୋତ୍ସବ ପାଳନ ପାଇଁ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅତିଥି, ଗଣମାଧ୍ୟମ ଓ ସରକାରୀ ଗାଡିଗୁଡିକ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଥିବା ବେଳେ ଜନସାଧାରଣଙ୍କ ପାଇଁ ପଡିଆଠାରୁ କିଛି ଦୂରରେ ପାର୍କିଂ ବ୍ୟବସ୍ଥା କରାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨ ଜାନୁୟାରୀ, ୨୦୧୯



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ



# ଚିନିକଲ କର୍ମଚାରୀଙ୍କ ଆନ୍ଦୋଳନ ଜୋର୍ ଧରିଲା

- ଜିଲାପାଳ, ବିଧାୟକଙ୍କ ସମ୍ମୁଖରେ ପରିଷଦ ବରଖାସ୍ତ ପ୍ରସ୍ତାବ
- କର୍ମଚାରୀଙ୍କ ଆନ୍ଦୋଳନକୁ ସମର୍ଥନ କଲେ କୃଷକ, ରାଜନେତା
- ବ୍ୟାପକ ଆନ୍ଦୋଳନ ପାଇଁ ସମନ୍ୱୟ କମିଟି ଦେଲା ଚେତାବନୀ

**ବରଗଡ଼ ଅଫିସ୍, ୧।୧**

ବରଗଡ଼ ସହର ଉପକଣ୍ଠ ତୋରାସ୍ଥିତ ସମବାୟ ଚିନିକଲ କର୍ମଚାରୀଙ୍କ ଆନ୍ଦୋଳନ ଜୋର୍ ଧରିଛି । ୨୧ମାସର ଦରମା ପ୍ରଦାନ ଏବଂ ଚିନିକଲର ଅନ୍ୟାନ୍ୟ ସମସ୍ୟା ଦାବିରେ କର୍ମଚାରୀ ସଂଘ ଆହ୍ୱାନରେ ଚାଲିଥିବା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ୨୨ଦିନରେ ପହଞ୍ଚିଛି। ତଥାପି ଚିନିକଲ ପରିଚାଳନା ପରିଷଦ କିମ୍ବା ପ୍ରଶାସନ କର୍ମଚାରୀଙ୍କ ଦାବି ପୂରଣର ବାଟ ଫିଟାଇ ପାରିନାହିଁ । ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ଚିନିକଲ ପରିଚାଳନା ପରିଷଦ ତୁରନ୍ତ ବରଖାସ୍ତ କରାଯିବା ସହିତ ଏହାର ଦାୟିତ୍ୱ ଜିଲାପାଳଙ୍କ ହାତରେ ନ୍ୟସ୍ତ କରିବା ପାଇଁ ଦାବି ହୋଇଛି । ଏହି ଦାବି ନେଇ ମଙ୍ଗଳବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏବଂ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମ୍ମୁଖରେ ପରିଷଦ ବରଖାସ୍ତ ନେଇ କର୍ମଚାରୀ, ଚାଷୀମାନେ ପ୍ରସ୍ତାବ ନେଇଛନ୍ତି। ତେବେ ଉପରୋକ୍ତ ଦାବି ସହିତ ଏହି ପ୍ରସ୍ତାବକୁ ତୁରନ୍ତ କାର୍ଯ୍ୟକାରୀ କରା ନ ଗଲେ ଆଗକୁ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଚାଷୀ, କର୍ମଚାରୀ ସମନ୍ୱୟ କମିଟି ଚେତାବନୀ ଦେଇଛି ।

ମଧ୍ୟାହ୍ନ ୧୨ଟାରେ ଚିନିକଲ ସମ୍ମୁଖରେ ଚାଲିଥିବା କର୍ମଚାରୀଙ୍କ ଧାରଣାସ୍ଥଳକୁ ଜିଲାପାଳ ତ୍ରିପାଠୀ, ଅତିରିକ୍ତ ଜିଲାପାଳ ତପିରାମ ମାଝି, ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ପ୍ରଦୀପ ଦେବତା, ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତିର ସଭାପତି ଜୟକୃଷ୍ଣ ସାହୁ,



ଚିନିକଲ କର୍ମଚାରୀ ସଂଘର ସଭାପତି ଉଦ୍‌ବୋଧନ ଦେଉଛନ୍ତି ।

ସମ୍ପାଦକ କିଶୋର ଦେବତା, ଆଖୁଚାଷୀ ସଂଘ ସଭାପତି ମନୋରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ ଏବଂ ଚାଷୀ ସଂଗଠନର ନେତା, ପ୍ରତିନିଧିମାନେ ପହଞ୍ଚିଥିଲେ । ସେଠାରେ ଚିନିକଲ କର୍ମଚାରୀ ସଂଘର ସଭାପତି ପ୍ରଦୀପ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚିନିକଲର ସାମ୍ପ୍ରତିକ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଚିନିକଲ ପରିଚାଳନା ପରିଷଦର ଅପାରଗତା ଏବଂ ନିଷ୍କ୍ରିୟତା ଯୋଗୁ କାରଖାନା ଏବଂ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ସମସ୍ୟା ବଢ଼ି ଚାଲିଛି ବୋଲି ସଂଘର ସମ୍ପାଦକ ସୁବ୍ରତ ସାହୁ କହିଥିଲେ । କାରଖାନାରେ ପଡ଼ି ରହିଥିବା ପାଖାପାଖି ୫କୋଟି ଟଙ୍କାରୁ ଦରମା, ନୂତନ ଚାଷ ଓ ମରାମତି ପାଇଁ ପଦକ୍ଷେପ ନେବାକୁ ସେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଏବଂ ଜନ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ବିଧାୟକ ଆଚାର୍ଯ୍ୟ ଆଲୋଚନାରେ ଭାଗ ନେଇ ବରଗଡ଼ ନିୟନ୍ତ୍ରିତ ବଜାର କମିଟି ପାଖରେ ଗଚ୍ଛିତ ରହିଥିବା ଟଙ୍କାକୁ ଋଣଭାବେ ଆଣି ପ୍ରସ୍ତାବିତ ଆରଏସ୍ ବଟଲିଂ ପ୍ଲାଣ୍ଟ ସ୍ଥାପନ କରାଯାଉ ବୋଲି ମତ ରଖିଥିଲେ । ପୂର୍ବତନ ବିଧାୟକ ନେପାକ ସବୁବେଳେ କୃଷକ, କର୍ମଚାରୀଙ୍କ ସହିତ ଅଛନ୍ତି ଏବଂ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବେ ବୋଲି କହିଥିଲେ । ରାଜ୍ୟ ଭାଜପା ସଭାପତି ଷଡ଼ଙ୍ଗୀ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତି ତାଙ୍କ ସମର୍ଥନ ରହିଥିବ କହିଥିଲେ। ପୂର୍ବତନ ନଗରପାଳ ପ୍ରଶାନ୍ତ କୁମାର ବେହେରା ମିଳିତ ପ୍ରୟାସ ରହିଲେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି କହିଥିଲେ ।

ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତିର ସଭାପତି ସାହୁ ଆଞ୍ଚଳିକ ଭେଦଭାବ ପାଇଁ ଅଞ୍ଚଳର କାରଖାନା ପ୍ରତି ଅଣଦେଖା କରାଯାଉଥିବା ଯୋଗୁ କୋସଳ ରାଜ୍ୟ ଦାବି ଉଠୁଛି ଏବଂ ଏଥିପାଇଁ ସ୍ୱତନ୍ତ୍ର ରାଜ୍ୟ ନିହାତି ଦରକାର ବୋଲି କହିଥିଲେ। ଚାଷୀ ସଂଗଠନ ସମନ୍ୱୟ ସମିତିର ସମ୍ପାଦକ ଦେବତା ଚେତାବନୀ ଦେଇ କହିଥିଲେ, କୃଷି ଓ କୃଷକଙ୍କ ପାଇଁ ସରକାର ବରାଦ କରୁଥିବାବେଳେ ଏହି ଖୋଲା ବଜାରକୁ ବନ୍ଦ କରିଦେବାର ହୀନ ପ୍ରୟାସକୁ ବରଦାସ୍ତ କରାଯିବ ନାହିଁ। ଜିଲା ଆଖୁଚାଷୀ ସଂଘର ସଭାପତି ସାହୁ କର୍ମଚାରୀଙ୍କ ଆନ୍ଦୋଳନ ଯଥାର୍ଥ ଅଟେ ଏବଂ ଅଦୂରଦର୍ଶୀ ପରିଷଦକୁ ଅବିଳମ୍ବେ ବରଖାସ୍ତ କରି ପୂର୍ବଭଳି ଜିଲାପାଳଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଉ ବୋଲି ସମସ୍ତଙ୍କୁ ଅନୁରୋଧ କରିଥିଲେ। ଜିଲାପାଳଙ୍କୁ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ କାରଖାନା ଏବଂ ଚାଷୀଙ୍କୁ ରକ୍ଷା କରିବା ସକାଶେ ସବୁ ମହଲରେ ସାହାଯ୍ୟ କରିବା ପାଇଁ ଆବହାନ କରିଥିଲେ । ଜିଲା ଶ୍ରମିକ, କର୍ମଚାରୀ ସଂଘର ସଂଯୋଜକ ଜେଠୁ ଭୋଇ ଆଖୁଚାଷକୁ ଓଡ଼ିଶା ସରକାରଙ୍କ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ବର୍ଷକିଆ ଚାଷ ହେତୁ ୧୫ହଜାର ଟଙ୍କା ସାହାଯ୍ୟ ଦେଇ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଛାଡ଼ ଋଣ ବ୍ୟବସ୍ଥା ହେଲେ ଏହି କାରଖାନା ବର୍ଷ ତମାମ ଚାଲିବ ଏବଂ ମୋଲାସେସ୍‌ରୁ ବହୁମାତ୍ରାରେ ଏଥାନଲ ପ୍ରସ୍ତୁତ ହୋଇ ପାରିବ ।

ଅତିରିକ୍ତ ଜିଲାପାଳ ମାଝି ଆଖୁଚାଷ ଯେତେ ଅଧିକ ହେବ, କାରଖାନା ସେତେ ଅଧିକ ଲାଭବାନ ହୋଇ ପାରିବ ବୋଲି କହିଥିଲେ। ସେ ଧାରଣାସ୍ଥଳକୁ ପହଞ୍ଚି ନ ଥିଲେ ମଧ୍ୟ କର୍ମଚାରୀଙ୍କ ସମସ୍ୟା ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ରହିଥିବା ନେଇ ଜିଲାପାଳ ତ୍ରିପାଠୀ ସୂଚନା ଦେଇଥିଲେ। ଶେଷରେ ସଭାପତିଙ୍କ ଦ୍ୱାରା ଏକ କୃଷକ କର୍ମଚାରୀ ସମନ୍ୱୟ କମିଟି ଗଠନ ହୋଇଥିଲା । ଏଥିରେ କୃଷକ ସଂଗଠନର ସଦସ୍ୟ ମନୋରଞ୍ଜନ ସାହୁ, ଜୟକୃଷ୍ଣ ସାହୁ, କିଶୋର ଦେବତା ଏବଂ ଶ୍ରମିକଙ୍କ ତରଫରୁ ସୁବ୍ରତ ସାହୁ, ପୁଷ୍ପଜିତ ପ୍ରଧାନ, ଶ୍ରୀନିବାସ ରାଓ, କୈବର୍ତ୍ତ ସାହୁ, ଅରୁଣ ସାହୁ ପ୍ରମୁଖ ସଭ୍ୟ ମନୋନିତ ହୋଇଥିଲେ ।

## ସଂକ୍ଷେପରେ

### ବନ୍ଧୁକ ଜବତ, ଯୁବକ ଗିରଫ

ଅତାବିରା,୧।୧(ଡି.ଏନ.ଏ.)- ବରଗଡ଼ ଜିଲା ଅତାବିରା ଥାନାଠାରୁ ମାତ୍ର ୫୦ ମିଟର ଦୂରରେ ଜଣେ ଯୁବକ ସନ୍ଦେହଜନକ ଭାବେ ମଙ୍ଗଳବାର ସନ୍ଧ୍ୟାରେ ବୁଲାବୁଲି କରିଥିଲେ। ଏନେଇ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯୁବକ ଜଣକ ଧରିଥିବା ବ୍ୟାଗ ଯାଞ୍ଚ କରିଥିଲେ। ସେତିକିବେଳେ ପୋଲିସ ଅଧିକାରୀମାନେ ବ୍ୟାଗରୁ ଏକ ବନ୍ଧୁକ ଜବତ କରିଥିଲେ। ପରେ ଯୁବକଙ୍କୁ ଥାନାକୁ ନେଇ ପଚରାଉଚୁରା କରିଥିଲେ। ସେତିକିବେଳେ ପୋଲିସ ଯୁବକ ଜଣକ ସୁନ୍ଦରଗଡ଼ ଜିଲା ରାଉରକେଲା ନିକଟସ୍ଥ ଛେଣ୍ଡ ଥାନା ଛେଣ୍ଡ କଲୋନୀରେ ରହୁଥିବା ଅମୟ କୁମାର ନାୟକ ବୋଲି ଜାଣିବାକୁ ପାଇଥିଲା। ଅନ୍ୟପକ୍ଷେ ପୋଲିସ ବେଆଇନ ବନ୍ଧୁକ ରହିଥିବା ଅଭିଯୋଗରେ ଏକ ମାମଲା(୧/୧୯) ରୁଜୁ କରି ଅମୟଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି। ଅମୟ କେଉଁ ଉଦ୍ଦେଶ୍ୟରେ ଅତାବିରା ଆସିଥିଲେ ସେନେଇ ପୋଲିସ କୌଣସି ସୂଚନା ଦେଇନାହିଁ।

### ବିଶ୍ୱଶାନ୍ତି ହୋମ ଯଜ୍ଞ

ବିଜେପୁର,୧।୧(ଡି.ଏନ.ଏ.)- ବରଗଡ଼ ଜିଲା ବିଜେପୁର ଦାମୋଦର କଁଟା ଉପରମୁଣ୍ଡରେ ଥିବା ନିତ୍ୟାନନ୍ଦ ଆଶ୍ରମରେ ନବ ବର୍ଷ ଉପଲକ୍ଷେ ବିଶ୍ୱ କଲ୍ୟାଣ ନିମିତ୍ତ ହୋମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କଟାରୁ ପୂର୍ଣ୍ଣ କଳସ ଅଣାଯାଇ ଅଧିବାସ ସହ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପରେ ହୋମ ଯଜ୍ଞ ସହ ଚଣ୍ଡିପାଠ କରାଯାଇଲା। ମନୋଜ ପଣ୍ଡା, ମନୋଜ ଶର୍ମା, ପାଣ୍ଡବ ପଧାନ, ନରେନ୍ଦ୍ର ମହାପାତ୍ର, ପ୍ରେମାନନ୍ଦ ମହାପାତ୍ର, ଭାଗବତ ପଧାନ, ନରସିଂହ ସାହୁ, ଗୌରାଙ୍ଗ ପଧାନ, ସୁବ୍ରତ ରଥ ପ୍ରମୁଖ କର୍ମକର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କିଶୋର ଚନ୍ଦ୍ର ପୂଜାରୀ ମୁଖ୍ୟ ପୁରୋହିତ ଭାବେ ପୂଜାକାର୍ଯ୍ୟ କରିଥିବା ବେଳେ ନେପାଳ ଗୁରୁ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଏହି ହୋମ ଯଜ୍ଞ ହୋଇଥିଲା।

### ୧୨ରେ ଦଳିତ ମହୋତ୍ସବ

ପଦ୍ମପୁର,୧।୧(ଡି.ଏନ.ଏ)- ବରଗଡ଼ ଜିଲା ପଦ୍ମପୁରରେ ଆସନ୍ତା ୧୨ତାରିଖ ଦଳିତ ମହୋତ୍ସବ ପାଳନ କରାଯିବ। ଏନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବର ଆବାହକ ବିହାରୀ ଛତରଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ ତେଜରାଜ ସୁନା ସଭାପତିତ୍ୱ କରିଥିଲେ । ମହୋତ୍ସବ ଉପଲକ୍ଷେ ସ୍ୱାସ୍ଥ୍ୟ ସଚେତନତା ଶିବିର ଏବଂ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଥିଲା । ବୈଠକରେ ଟୁନା ବାଗ, ତରଣୀ ସୁନା, ସମ୍ପାଦକ ବିନୋଦ ବିହାରୀ ବାଗ, ଉପଦେଷ୍ଟା ଭୋଜରାଜ ବାଗ, ପଶ୍ଚିମ ଓଡ଼ିଶା ଯୁବ ଦଳିତ ସେବକ ସଂଗଠନର ସଭାପତି ରବିନ୍ଦ୍ର ଜାଲ ପ୍ରମୁଖ ଉପସ୍ଥିତ ଥିଲେ ।

### ପୋଲିସର ମଦ ଧରପଗଡ଼: ୩ ଗିରଫ

ପଦ୍ମପୁର,୧।୧(ଡି.ଏନ.ଏ)- ବରଗଡ଼ ଜିଲା ପଦ୍ମପୁର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚୋରାମଦ ଜବତ୍ କରିଛି । ଏହା ସହିତ ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ସାନ ନାଗ, ଉଜଳ ଭୁଏ ଏବଂ ଗଣେଶ ମର୍ହି। ଏନେଇ ପୋଲିସ ମାମଲା ରୁଜୁ କରି ଗିରଫ ୩ଜଣଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାପରେ ଅଭିଯୁକ୍ତମାନଙ୍କୁ ପଦ୍ମପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି । ପଦ୍ମପୁର ଥାନା ଆଇଆଇସି କେ.ପ୍ରିୟଙ୍କା ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ କୁମୁନିବାହାଲ, ବରିକେଲ ଏବଂ ଲୋହାରପାଲି ଗ୍ରାମରେ ଏକ ପୋଲିସ ଟିମ୍ ଏହି ଚଢ଼ାଉ କରିଥିଲା ।

### ସମଲେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ଭୋଗ

ବରଗଡ଼ ଅଫିସ୍,୧।୧: ନୂଆ ଉତ୍ସାହ ଓ ଉଦ୍ଦୀପନାର ସହ ମଙ୍ଗଳବାର ନବ ବର୍ଷ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ହସଖୁସିରେ ନବବର୍ଷକୁ ସ୍ୱାଗତ କରାଯାଇ ଥିବାବେଳେ ବରଗଡ଼ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହିତ ଭକ୍ତଙ୍କୁ ବିଭିନ୍ନ ପରିବାରେ ପ୍ରସ୍ତୁତ ଖିଚିଡ଼ି ଭୋଗ ବଣ୍ଟନ କରାଯାଇଥିଲଏ। ନବ ବର୍ଷରେ ମା' ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା ଓ ଦର୍ଶନ କରିବା ପାଇଁ ଭକ୍ତଙ୍କ ଯେଭଳି ଗହଳି ହୋଇଥିଲା, ଝାରସୁଗୁଡ଼ାରୁ ଏଠାକୁ ଆସି ପ୍ରସ୍ତୁତ କରିଥିବା କାରିଗରଙ୍କ ସ୍ୱତନ୍ତ୍ର ଖିଚିଡ଼ି ଭୋଗ ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସମଲେଶ୍ୱରୀ ସଂଘର କର୍ମକର୍ତ୍ତା ଓ ସଭ୍ୟବୃନ୍ଦ ଏହାକୁ ପରିଚାଳନା କରିଥିଲେ । ସେହିପରି ସ୍ଥାନୀୟ ଶ୍ୟାମାକାଳୀ ମନ୍ଦିରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ସହରର ପାର୍କ ମଧ୍ୟ ଏଥିରୁ ବାଦ୍ ପଡ଼ି ନ ଥିଲା ।

## ବିଜେପୁରରେ ବାହ୍ୟ ମଳମୁକ୍ତ ସହର କାର୍ଯ୍ୟକ୍ରମ

**ବିଜେପୁର, ୧।୧(ଡି.ଏନ୍.ଏ.)**

ବରଗଡ଼ ଜିଲା ବିଜେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବାହ୍ୟ ମଳମୁକ୍ତ ସହର କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ରିତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ପଦ୍ମନାଭ ସାମନ୍ତରାୟ, ସିଡିପିଓ ଚନ୍ଦ୍ରା ସାହୁ, ସାମାଜିକ କର୍ମୀ, ଜନାର୍ଦ୍ଦନ ପାଣିଗ୍ରାହୀ, ରଂଗିଣୀ ମାହାଣା, କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ସାଇପଡିଶା ମଧ୍ୟରେ ସମକକ୍ଷ ହେବା ପାଇଁ ବିଭିନ୍ନ ପ୍ରକାରର ଘରୋଇ ବ୍ୟବହାର୍ଯ୍ୟ ସାମଗ୍ରୀ କ୍ରୟ କରିବା ଦିଗରେ ପ୍ରତିଟି ପରିବାର




ସ୍ୱଚ୍ଛଭାରତ ମିଶନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଗଣ ।

ମଧ୍ୟରେ ପ୍ରତିଯୋଗିତା ହେଉଛି । ସେହିପରି ଶୌଚାଳୟ ନିର୍ମାଣ ଦିଗରେ ପ୍ରତିଯୋଗିତାର ଆବଶ୍ୟକତା ରହିଛି। ଏନେଇ ମାନସିକତାରେ ପରିବର୍ତ୍ତନ କରି ଏହି ପ୍ରତିଯୋଗିତା ତୀବ୍ରତର ହେଲେ ବାହ୍ୟ ମଳମୁକ୍ତ ସହର ଘୋଷଣା ସଫଳ ହୋଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସ୍ୱଚ୍ଛ ଭାରତ ମିଶନ ନୋଡାଲ ଅଫିସର ଦିବ୍ୟ କିଶୋର ପୁରୋହିତ ସଭାରେ ଉପସ୍ଥିତ ସମସ୍ତ ନାଗରିକଙ୍କୁ ଶପଥପାଠ କରାଇଥିଲେ। ଜିଲା ପରିମଳ ପର୍ଯ୍ୟବେକ୍ଷକ ସୁଶାନ୍ତ ପଧାନ ସଭାକୁ ସଂଯୋଜନା କରିଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଯୋଗ ଦେଇଥିଲେ। ବିକାଶ ସାହୁ, ମାନସ କୁମାର ଦାଶଙ୍କ ସମେତ ଏନ୍‌ଏସି କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏମ୍ଆଇଏସ୍ ପ୍ରୋଗ୍ରାମ ଅଫିସର ଦିବ୍ୟକିଶୋର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଟଲି ଛକ ହେଲା ରାଣାପ୍ରତାପ ଛକ

**ବରଗଡ଼ ଅଫିସ୍, ୧।୧**

ବରଗଡ଼ ସହରର ଭଟଲି ଛକକୁ ମଙ୍ଗଳବାରରୁ ରାଣାପ୍ରତାପ ଛକଭାବେ ନାମିତ କରାଯାଇଛି। ଶ୍ରୀ ରାଧାକୃଷ୍ଣ ବ୍ୟବସାୟୀ ସଂଘର ସଭାପତି କମଳ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ବରିଷ୍ଠ ନାଗରିକ ସଂଘର ଉପଦେଷ୍ଟା ଅମରେନ୍ଦ୍ର ନାରାୟଣ ଯାଦବ ନାମକରଣ ବଦଳିବା ପରେ ରାଣାପ୍ରତାପ ଛକକୁ ଉଦ୍‌ଘାଟନ କରିଥିଲେ । ପ୍ରକାଶଥାଉକି, ଏହି ଛକର ନାମକରଣ ପରିବର୍ତ୍ତନ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା । ରାଣାପ୍ରତାପ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ପ୍ରସନ୍ନ ଦାଶଙ୍କ କାର୍ଯ୍ୟକାଳ ସମୟରେ ପୁରାତନ ଛାତ୍ରଙ୍କ ଦ୍ୱାରା ସେ ନେଇ ଏକ ପ୍ରସ୍ତାବ ମଧ୍ୟ ନିଆଯାଇଥିଲା । ଏହି ଛକର ଉଦଘାଟନୀ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘର ପ୍ରହଲ୍ଲାଦ ମହାପାତ୍ର, କେଦାର ମିଶ୍ର, ଶ୍ରୀ ରାଧାକୃଷ୍ଣ ବ୍ୟବସାୟୀ ସଂଘର ଦିନେଶ ଶର୍ମା, ଲଳିତ ମିତ୍ତଲ, ପ୍ରୀତେଶ ଅଗ୍ରୱାଲ, ମାତୃବିହାର ସଂଗଠନର ଲଳିତ ମୋହନ ସାହୁ, ସୁବାଷ ସାହୁ, ଜୟଶ୍ରୀ ମହାପାତ୍ର, କୁନୁ ମହାନ୍ତି, ଦିବ୍ୟରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଅସହାୟଙ୍କୁ ଡାକ୍ତର ଦମ୍ପତିଙ୍କ ସହାୟତା



ଡାକ୍ତର ଦମ୍ପତି ଅସହାୟଙ୍କୁ ପାଣି ଗରମ ମେଶିନ ପ୍ରଦାନ କରୁଛନ୍ତି ।

**ବରଗଡ଼ ଅଫିସ୍, ୧।୧**

ବରଗଡ଼ ସହରରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ଏହି କ୍ରମରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅସହାୟଙ୍କୁ ମାଗଣା କମ୍ବଳ ବଣ୍ଟନ କରାଯାଉଛି । ତେବେ ଶୀତ ସମୟରେ ଅସହାୟଙ୍କ ଅନ୍ୟ ଆବଶ୍ୟକତାକୁ ଉପଲବ୍ଧି କରି ମଙ୍ଗଳବାର ସ୍ୱେଚ୍ଛାସେବୀ ତଥା ସ୍ଥାନୀୟ ଡା. ସୁସ୍ମିତା ଦାଶ ଏବଂ ଡା. ରାଜେଶ ତ୍ରିପାଠୀ ବରଗଡ଼ ଘରୋଇ ବସଷ୍ଟାଣ୍ଡ ନିକଟ ସହରାଞ୍ଚଳ ବାସହୀନଙ୍କ ଆଶ୍ରୟସ୍ଥଳୀକୁ ପହଞ୍ଚିଥିଲେ ଏବଂ ପାଣି ଗରମ ପାଇଁ ଉଦ୍ଦିଷ୍ଟ ଦୁଇଟି ମେଶିନ ମାଗଣାରେ ପ୍ରଦାନ କରିଥିଲେ। ଡାକ୍ତର ଦମ୍ପତିଙ୍କ ଏଭଳି ସେବାମୂଳକ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

## ରାଧା, କୃଷ୍ଣ ଲଗାଇଲେ କଦମ୍ବ ବୃକ୍ଷ



ଶିଶୁ କଳାକାର ରାଧା, କୃଷ୍ଣ କଦମ୍ବ ବୃକ୍ଷଚାରା ରୋପଣ କରୁଛନ୍ତି ।

**ବରଗଡ଼ ଅଫିସ୍, ୧।୧**

ବରଗଡ଼ ଧନୁଯାତ୍ରା ପାଖେଇ ଆସୁଛି । ଏହି ମହୋତ୍ସବକୁ ଆଉ ମାତ୍ର ୧୦ଦିନ ବାକି ରହିଛି । ନବବର୍ଷରେ ଆସୁଥିବା ଧନୁଯାତ୍ରା ମହୋତ୍ସବକୁ ନେଇ ଉତ୍ସାହ ଉଦ୍ଦୀପନା ଲାଗି ରହିଥିବାବେଳେ ମଙ୍ଗଳବାର ନବବର୍ଷର ପ୍ରଥମ ଦିବସରେ ଧନୁଯାତ୍ରା ମହୋତ୍ସବର ଶିଶୁ କଳାକାର ଆୟୁଷ ବିର୍ତ୍ତିଆ(କୃଷ୍ଣ), ଶ୍ରୀୟାଂଶୀ ମହାପାତ୍ର (ରାଧା) ଏବଂ ଆଶୁତୋଷ କୁମାର ବିର୍ତ୍ତିଆ (ବଳରାମ) ଗୋପପୁର (ଅମ୍ବାପାଲି) ଗଜପତି ମଣ୍ଡପ ନିକଟରେ କଦମ୍ବ ବୃକ୍ଷଚାରା ରୋପଣ କରିଥିଲେ । ବୃକ୍ଷଚାରା ରୋପଣରେ ସ୍ୱେଚ୍ଛାସେବୀ ସଂଗଠନ ବଦାନ୍ୟ ବନ୍ଧୁର ସୁବ୍ରତ କୁମାର ବିର୍ତ୍ତିଆ ସହଯୋଗ କରିଥିଲେ ।

## ହାତୀ ଘଉଡ଼ାଇବା ସାମଗ୍ରୀ ଦେଲା ବନବିଭାଗ

**ପଦ୍ମପୁର, ୧।୧(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଦହିଗାଁ ମଣ୍ଡିକୁ ଗତ ୩୦ତାରିଖ ବିଳମ୍ବିତ ରାତ୍ରିରେ ହାତୀପଲ ପଶି ସେଠାରେ ବିକ୍ରି ଅପେକ୍ଷାରେ ଥିବା ଧାନକୁ ନଷ୍ଟ କରି ଦେଇଥିଲେ । ପୁଣି ହାତୀପଲ ଆସିବା ଆଶଙ୍କା କରି ବନ ବିଭାଗ ସ୍ଥାନୀୟ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)କୁ ହାତୀ ଘଉଡ଼ାଇବା ସାମଗ୍ରୀ ପ୍ରଦାନ କରିଛନ୍ତି। ସେହି ସାମଗ୍ରୀ ମଧ୍ୟରେ ଲାଇଟ୍, ଫଟକା ଆଦି ରହିଛି । ପଦ୍ମପୁର ରେଞ୍ଜ ଅଧିକାରୀ ପ୍ରମୋଦ କୁମାର ସାହୁ, ଫରେଷ୍ଟର ସୁଶାନ୍ତ ଦାଶ ପ୍ରମୁଖ ଦହିଗାଁ ମଣ୍ଡିକୁ ଯାଇ କ୍ଷୟକ୍ଷତି ଆକଳନ



ବନବିଭାଗ ପକ୍ଷରୁ ପ୍ୟାକ୍ସ କର୍ତ୍ତୃପକ୍ଷଙ୍କୁ ହାତୀ ଘଉଡ଼ାଇବା ସାମଗ୍ରୀ ପ୍ରଦାନ କରାଯାଉଛି।

କରିଥିଲେ । ଏହା ସହିତ ହାତୀ ଘଉଡ଼ାଇବା ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ପ୍ୟାକ୍ସ ସଭାପତି ସୁଦାମ ଚରଣ ସାହୁଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ୟାକ୍ସ ଡାଇରେକ୍ଟର ଧନମାଳି ହାତୀ, ଚାଷୀନେତା ସୁରେଶ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ଭାଜପାର ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୧।୧: ଭାଜପାର ବରଗଡ଼ ନଗର ସଭାପତି ଅକୃର ମଲ୍ଲିକଙ୍କ ନେତୃତ୍ୱରେ ସ୍ଥାନୀୟ ୱାର୍ଡ଼ ନଂ-୧୮ ଭିଏସ୍‌ଏସ୍ ନଗର ବାନ୍ଧୁଟିକ୍ରାରେ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦଳର ବରିଷ୍ଠ ନେତା ଡା.ରାମକୃଷ୍ଣ ପୁରୋହିତ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀନ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଉପରେ ଜନସାଧାରଣଙ୍କୁ ଅବଗତ କରିବା ସହିତ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ନବକିଶୋର ପାଣିଗ୍ରାହୀ, ବିଜୟ ଦାଶ, ଗିରିଶ ମାଝି, ହିମାଂଶୁ ମେହେର, ବାସୁଦେବ ବାରିକ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ବୀରତା ଦିବସରେ ଶହୀଦଙ୍କ ପରିବାରକୁ ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍/ଘେଁସ୍, ୧।୧**

ବରଗଡ଼ ଜିଲା ସୋହେଲା ବ୍ଲକ ଘେଁସ୍‌ର ଶହୀଦ ମାଧୋ ସିଂହ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ବୀରତା ଦିବସ ପାଳିତ ହୋଇଯାଇଛି। ରାଜମାତା ମମତା ସିଂ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଘେଁସ ବିପ୍ଳବ ଉପରେ ସ୍ୱତନ୍ତ୍ର ଗବେଷଣା କରାଯାଇ ଏକ ପୂର୍ଣ୍ଣାଙ୍ଗ ଇତିହାସ ପ୍ରସ୍ତୁତ କରିବା ନିମନ୍ତେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମନ୍ତ୍ରୀ ସିଂ କହିଥିଲେ। ଡ. ଶ୍ୟାମସୁନ୍ଦର ଧର ମୁଖ୍ୟବକ୍ତାଭାବେ ଯୋଗଦେଇ କହିଥିଲେ, କେବଳ ନିଜ ଜୀବନ ନୁହେଁ, ସାରା ପରିବାରକୁ ସ୍ୱାଧୀନତାର ମୁକ୍ତିଯଜ୍ଞରେ ଆହୂତି ଦେଇ ଶହୀଦ ମାଧୋ ସିଂ ଯେଉଁ ବିରଳ ଉଦାହରଣ ସୃଷ୍ଟି କରି ଯାଇଛନ୍ତି, ତାହା ସବୁଦିନ ସ୍ମୃତି ହୋଇ ରହିବ । ଫଳରେ ଶହୀଦଙ୍କ ସ୍ମାରକୀ ନେଇ ସବୁସ୍ତରରେ ଉଦ୍ୟମ ହେବାର ଆବଶ୍ୟକତା ରହିଛି ବୋଲି ସେ ମତପ୍ରକାଶ କରିଥିଲେ । ଜିଲା ପରିଷଦ ସଭ୍ୟ ଦୟାନିଧି ପଟେଲ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । ଅଶୋକ କୁମାର ପୂଜାହାରୀ ସଭାକୁ ସଂଯୋଜନା କରିଥିଲେ। ଏହି ଅବସରରେ ମାଓବାଦୀ ହମଲାରେ ଶହୀଦ ହୋଇଥିବା ଖଣ୍ଡହଥା ଗ୍ରାମର ଶହୀଦ ରଞ୍ଜନ ଦାଶ ଏବଂ ସିମେଣ୍ଟନଗରର ଶହୀଦ ପଦ୍ମଲୋଚନ ମାଝିଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶହୀଦ ସ୍ମୃତିସ୍ତମ୍ଭ, ଜମିଦାରଙ୍କ ପୂଜାକୋଠୀ ଏବଂ ପାଟମେଶରୀଙ୍କଠାରେ ପୂଜାର୍ଚ୍ଚନା ସହିତ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ରାତ୍ରିରେ କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଘୁମୁରା ସମେତ ବଲାଙ୍ଗୀରର ସମଲେଶ୍ୱରୀ କଳା ପରିଷଦ, ଅତାବିରାର କୁରେଫୁଲ ଅନୁଷ୍ଠାନ, ଭେଡ଼େନର ଛୁମକୁଛୁମା ନୃତ୍ୟ ଅନୁଷ୍ଠାନ, ତୋରାର ମା' ସମଲେଶ୍ୱରୀ ନୃତ୍ୟ ଗବେଷଣା ପରିଷଦ ସାଂସ୍କତିକ କାର୍ଯ୍ୟକ୍ରମ ଏବଂ ପବିତ୍ୟ ତନସନାଙ୍କ ଘୁବକୁଡୁ ପରିବେଷଣ କରାଯାଇଥିଲା । ବ୍ୟଙ୍ଗକବି ଅଧିକାରୀ ସା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କ୍ଷୀରୋଦ୍ର ସାହୁ, ଯୋଗୀନ୍ଦ୍ର ମେହେର, ଶ୍ରୀବତ୍ସ ମହାପାତ୍ର, ଜମିଦାର ରଣଜିତ୍ ସିଂ ପ୍ରମୁଖ ବିଭିନ୍ନ ପର୍ଯ୍ୟାୟରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଭୋଲାନାଥ ସିଂ ବରିହା, ଧିରେନ୍ଦ୍ର ପଟେଲ, ମୁନା ସାହୁ, ଅଚ୍ୟୁତାନନ୍ଦ ମହାପାତ୍ର, ସଞ୍ଜୟ ମେହେର ପ୍ରମୁଖ ସହଯୋଗ କରିଥିଲେ।

## ନବବର୍ଷ ପାଳନ, ସାଂସ୍କୃତିକ କାର୍ଯ୍ୟକ୍ରମ

**ସୋହେଲା, ୧।୧(ଡି.ଏନ୍.ଏ.)**

ବରଗଡ଼ ଜିଲା ସୋହେଲା ବ୍ଲକ ଅଧୀନ ବୁଡାମାଲ ଗ୍ରାମରେ ନବ ବର୍ଷ ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏକ ସଭା ସୋହେଲା ସେବା ସମବାୟ ସମିତି ସଭାପତି ମାର୍କଣ୍ଡ ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୋହେଲା ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ସମ୍ମାନିତ ଅତିଥିଭାବେ ବିଜେଡିର ପୂର୍ବତନ ବ୍ଲକ ସଭାପତି ଗଣତନ୍ତ୍ର ପଧାନ, ମୁଖ୍ୟ ବକ୍ତା ଭାବେ ଜିଲା ପରିଷଦ ସଭ୍ୟ ସୁବ୍ରତ ବେହେରା ପ୍ରମୁଖ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ମା' ସମଲେଇ ଏବଂ ଶହୀଦ ମାଧୋ ସିଂଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରେ ବିଜୁ ଯୁବବାହିନୀର ସଦସ୍ୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ଗ୍ରାମର



ପୌରାଣିକ ନାଟକ 'ଶ୍ରୀରାମ ବିଜେତା ହନୁ'ର ଏକ ଦୃଶ୍ୟ ।

ଏକତା ତଥା ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଏହାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଗ୍ରାମର କଳାକାର ପଞ୍ଚମ ବେହେରା ସ୍ୱାଗତ ଭାଷଣ ମାଧ୍ୟମରେ ସରକାର କଳାକାରମାନଙ୍କୁ କଳାକାର ଭତ୍ତା ଦେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ବିଜୁ ଯୁବବାହିନୀର କୋଷାଧ୍ୟକ୍ଷ ଫିଙ୍କୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସଭାକାର୍ଯ୍ୟ ସହ ସାଂସ୍କୃତିକ ଆସରକୁ କେଦାରନାଥ ସାହୁ ସଂଯୋଜନା କରିଥିଲେ। ପଞ୍ଚମ ବେହେରାଙ୍କ ନିର୍ଦ୍ଦେଶନା, ଗୋରାଚାନ୍ଦ ସାହୁ ଏବଂ ସୁବାସ ସାହୁଙ୍କ ସଂଗୀତ ପରିଚାଳନାରେ ପୌରାଣିକ ନାଟକ 'ଶ୍ରୀରାମ ବିଜେତା ହନୁ' ମଞ୍ଚସ୍ଥ ହୋଇଥିଲା। ନାଟକରେ ପଞ୍ଚମ, ସୁରେଶ, ଫିଙ୍କୁ, ଦିବା, ଘନ, ଟିଂକୁ, ମୁନା, ବସନ୍ତ, ଥବୀର, ସୁନୀଲ, ଦିଲୀପ, ରୋହିତ ପ୍ରମୁଖ ଅଭିନୟ କରିଥିଲେ। ସାଂସ୍କୃତିକ ଆସରରେ ସରିତା ବେହେରା, ନମ୍ରତା ଭୁଏ, ରୀନା ନାୟକ, ବର୍ଷା ବେହେରା, ସାବିତ୍ରୀ ବାଗ, ଗୋପେଶ ବେହେରା, ସଚିନ୍ଦ୍ର ସାହୁ, ସାମନ୍ତ ସାହୁ ନୃତ୍ୟଗୀତ ପରିବେଷଣ କରିଥିଲେ। କବି ବିଦ୍ୟାଧର ସା, ରୋହିତ ମେହେର ସ୍ୱରଚିତ କବିତା ପାଠ କରିଥିଲେ । ରାତି ୧୨ଟାରେ ପ୍ରଦୀପ ପ୍ରଜ୍ୱଳନ କରି ନୂତନ ବର୍ଷକୁ ସ୍ୱାଗତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଦିବ୍ୟ କିଶୋର ସା, ବିଶ୍ୱନାଥ ଲୁହା, ଗଜାନନ ସାହୁ, ଚତୁର୍ଭୂଜ ସା, ଜୀବର୍ଦ୍ଧନ ସା, ଗୋଲାପୀ, ଗିର୍ଜେଶ, ରାଜୁ, ପପୁ, ଦେବୀଙ୍କ ସହ ଗ୍ରାମର ବିଜୁ ଯୁବବାହିନୀ ସଦସ୍ୟମାନେ ସହଯୋଗ କରିଥିଲେ।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### କଂସବଧ ସହ ଲାଠୋର ଧନୁଯାତ୍ରା ସମ୍ପନ୍ନ

ଲାଠୋର,୧।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲାଠୋର ମା' ବସ୍ତ୍ରେନ ଧନୁଯାତ୍ରା କମିଟି ଆନୁକୂଲ୍ୟରେ ୯ ଦିନଧରି ଚାଲିଥିବା ଧନୁଯାତ୍ରା କଂସବଧ ସହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କଂସ ଦରବାରରେ ମୁଖ୍ୟ ଅତିଥିଭାବେ ଲାଠୋର ବନାଞ୍ଚଳ ଅଧିକାରୀ ଦେବଦତ୍ତ ସୂତାର ଓ ସମ୍ମାନିତ ଅତିଥିଭାବେ ବିଜେଡି ଯୁବନେତା ବିମଳ କୁମାର ଅଗ୍ରୱାଲ ଯୋଗଦେଇଥିଲେ। ଶେଷ ରଜନୀରେ କୃଷ୍ଣ ବଳରାମ ଗ୍ରାମ ପରିକ୍ରମା କରି ମଥୁରା ନଗରୀକୁ ପ୍ରବେଶ କରିଥିଲେ। ଶେଷରେ କୃଷ୍ଣଙ୍କ ଦ୍ୱାରା କଂସ ବଧ ଦୃଶ୍ୟ ଅଭିନୀତ ହୋଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା କଳାକାରମାନଙ୍କୁ ମାନପତ୍ର ସହ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ପରେ ୨୦୧୮ ବର୍ଷକୁ ବିଦାୟ ଦେଇ ୨୦୧୯କୁ ସ୍ୱାଗତ କରାଯାଇଥିଲା। ଧନୁଯାତ୍ରା କମିଟି ସଭାପତି ରମାକାନ୍ତ ମହାନ୍ତି, ସମ୍ପାଦକ ସୁଶିଲ ଅଗ୍ରୱାଲ, ସଦସ୍ୟ ଅନିରୁଦ୍ଧ ମେହେର, ସୀତାରାମ ମେହେର, ବାଲେଶ୍ୱର ମେହେର, ଶ୍ରୀକାନ୍ତ ବହିଦାର, ଦୟାସାଗର ମେହେର, ସୁଶାନ୍ତ ମେହେର, ସାଧୁ ମେହେରଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

### ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ତରଭା, ୧।୧ (ଡି.ଏନ.ଏ.) : ସୁବର୍ଣ୍ଣପୁର ଜିଲା ତରଭା ବ୍ଲକରେ ଚାଷ କାର୍ଯ୍ୟ ସୂଚାରୁ ରୂପେ ହୋଇପାରିନାହିଁ। ଗତ ଡିସେମ୍ବର ୧୬, ୧୭ ଓ ୧୮ ତିନି ଦିନ ଧରି ହୋଇଥିବା ପେଥାଇ ବର୍ଷାରେ କ୍ଷେତରେ ପଡି ରହିଥିବା ଧାନପେଟା ଓ ଖଳାରେ ଚାଷୀ ଗଦା କରି ରଖିଥିବା ଧାନ ଭିଜି ନଷ୍ଟ ହୋଇଯାଇଛି। ବର୍ତ୍ତମାନ ସମିତି ସଭ୍ୟ ମିତ୍ରବ୍ରତ ମିଶ୍ରଙ୍କ ନେତୃତ୍ୱରେ ତରଭା ବାଳକ ହାଇସ୍କୁଲ ଖେଳ ପଡିଆଠାରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେମାନେ କୃଷି ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀମାନେ ଉପଯୁକ୍ତ କ୍ଷୟକ୍ଷତି ଆକଳନ କରୁ ନ ଥିବା ଅଭିଯୋଗ କରିଥିଲେ। ଏଥିସହିତ ଖଳାରେ ଗଦା ହୋଇ ରହିଥିବା ଧାନର ଗଜା ନ ଦେଖିବା, ଖଳାରେ ଥିବା ଧାନ ଗଜାର ଆକଳନ, ପଞ୍ଚାୟତର ସମସ୍ତ ଚାଷୀଙ୍କ କ୍ଷୟକ୍ଷତିର ଠିକ୍ ଆକଳନ କରି ଚାଷୀଙ୍କୁ ସମ୍ପୂର୍ଣ୍ଣ ବୀମା ଘୋଷଣା, ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ଓ ମିଲରମାନଙ୍କ ମନଇଚ୍ଛା କଟନିଛତନି ବନ୍ଦ କରିବା ପ୍ରଭୃତି ପାଞ୍ଚଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କୁ ପ୍ରଦାନ କରିଥିଲେ। ପରେ ଚାଷୀମାନେ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇ ଏହାର ଏକକିତା ନକଲ ବିଡିଓ ନିହାର ରଞ୍ଜନ କହଁରଙ୍କୁ ପ୍ରଦାନ କରିଥିଲେ। ଏହା ପରେ କୃଷି କାର୍ଯ୍ୟାଳୟକୁ ଯାଇ ସହକାରୀ କୃଷି ଅଧିକାରୀ ପ୍ରକାଶ ଚନ୍ଦ୍ର ପାଣିଙ୍କଠାରେ କୃଷି ବିଭାଗର ଭିଏଡବ୍ଲୁମାନେ କ୍ଷୟକ୍ଷତି ହୋଇଥିବା ଧାନଗୁଡିକ ପରିଦର୍ଶନ ପାଇଁ ଯାଉ ନ ଥିବା ଅଭିଯୋଗ ଆଣିଥିଲେ। ଏହା ସହିତ କୃଷି ବିଭାଗ ପକ୍ଷରୁ ଦିଆଯାଉଥିବା ଡେମୋନଷ୍ଟ୍ରେଶନ ବିହନଗୁଡିକ ପ୍ରକୃତ ଚାଷୀଙ୍କୁ ଦିଆଯାଉ ନ ଥିବା ଅଭିଯୋଗ ଅଣିଥିଲେ। ଏଥିରେ ଚାଷୀ ପବିତ୍ର କୁମାର ମିଶ୍ର, ପରମାନନ୍ଦ ମିଶ୍ର, କଲ୍ୟାଣ ନାଏକ, ପ୍ରଦୀପ ମିଶ୍ର, ପ୍ରତାପ ମିଶ୍ର, ବୁଲୁ କୁମାର ମିଶ୍ର, ବିଭୁଧାନନ୍ଦ ମିଶ୍ର, ଅଶୋକ ମିଶ୍ର, ଫାଜଲ ଛତ୍ରିଆଙ୍କ ସହିତ ଗ୍ରାମ ପଞ୍ଚାୟତର ଶତାଧିକ ଚାଷୀ ସାମିଲ ଥିଲେ।

# ନାଚଗୀତରେ ଝୁମିଲେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

**ମାନସିକ ଅନଗ୍ରସର ବିଦ୍ୟାଳୟ**
- ନୂଆବର୍ଷରେ ନିଆରା କାର୍ଯ୍ୟକ୍ରମ
- ସାମିଲ ହେଲେ ପୂର୍ବତନ ରାଜ୍ୟ ସଭା ସଦସ୍ୟ

ନୂଆପଡ଼ା ଅଫିସ,୧।୧

ମଙ୍ଗଳବାର ଇଂଲିଶ କ୍ୟାଲେଣ୍ଡରରେ ନୂଆବର୍ଷ ୨୦୧୯ ଆରମ୍ଭ ହେଲା। ଏହିଦିନ ସମସ୍ତେ ନୂଆବର୍ଷକୁ ମାନସ ପଟରେ ରଖିବାକୁ ବିଭିନ୍ନ ଭୋଜିଭାତ, ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ହଜାଇ ଦେଇଥିବାବେଳେ ନୂଆପଡ଼ା ସହରରେ ଏକ ନିଆରା କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ ମାନସିକ ଅନଗ୍ରସର ସ୍ୱତନ୍ତ୍ର ବିଦ୍ୟାଳୟରେ ଛାତ୍ରୀଛାତ୍ର ଏବଂ ସ୍କୁଲ କର୍ତ୍ତୃପକ୍ଷ ଦିନଟିକୁ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ନବନିର୍ମିତ ଛାତ୍ରାବାସ ପିଲାଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିବାବେଳେ ଶିଶୁମାନେ ନାଚଗୀତରେ ଝୁମିଥିଲେ। ଏକ ଆଧ୍ୟାତ୍ମିକ ପରିବେଶରେ ତଥା ନିଆରା ଢଙ୍ଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ବିଦ୍ୟାଳୟ ଉତ୍ସବମୁଖର ହୋଇ ଉଠିଥିଲା। କ୍ୟାମ୍ପସକୁ ସୁସଜ୍ଜିତ କରାଯାଇଥିଲା। ପ୍ରଥମେ ରାଜ୍ୟ ସଭା ସଦସ୍ୟଙ୍କ ପାଣ୍ଠିରୁ ନିର୍ମିତ ଛାତ୍ରାବାସ ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟ ଅଧକ୍ଷା ରାଜେଶ୍ୱରୀ ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏ.ଭି. ସ୍ୱାମୀ ମୁଖ୍ୟଅତିଥି, ଟିଟିଲାଗଡ଼ ଡିଏଭି କଲେଜର ପୂର୍ବତନ ଅଝଧକ୍ଷ ଡ. ଶିବପ୍ରସାଦ ବେହେରା ମୁଖ୍ୟବକ୍ତା, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ସୁରେଶ ଆଚାରୀ, ଭାନୁପ୍ରତାପ ସିଂ ମାଝି, ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ଶବର, ଅମିଲାଲ ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ସ୍ୱାମୀ କହିଥିଲେ, ଦିବ୍ୟାଙ୍ଗମାନେ ବିକଳାଙ୍ଗ ନୁହନ୍ତି। ସେମାନଙ୍କୁ ସୃଷ୍ଟିକର୍ତ୍ତା ଅମାପ ଶକ୍ତି ଦେଇଛନ୍ତି। ତାହାକୁ ଲୋକଲୋଚନକୁ ଆଣିବାର ଆବଶ୍ୟକତା ରହିଛି। ସେମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଖୋଜି ବାହାର କରିବା ଦରକାର। ଆମେ ସାଂସାରିକ ଭୌତିକ ଜିନିଷରେ ନିମଗ୍ନ ନ ରହି ଏମାନଙ୍କ ସକାଶେ କାମ କଲେ ପୁଣ୍ୟ ମିଳିବ ବୋଲି ସ୍ୱାମୀ କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଦିବ୍ୟାଙ୍ଗ ଶିଶୁମାନେ ନାଚଗୀତରେ ମସଗୁଲ ହୋଇଥିଲେ। ଏଥିରେ ସ୍ୱାମୀ ଓ ତାଙ୍କ ପରିବାର ତଥା ସ୍କୁଲର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ। ଦୀର୍ଘ ଏକ ଘଣ୍ଟା ପର୍ଯ୍ୟନ୍ତ ଦିବ୍ୟାଙ୍ଗ ଶିଶୁମାନେ ନିଜକୁ ହଜାଇ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଆଚାରୀ, ବିଦ୍ୟାଳୟର ନିଳିମା ମିଶ୍ର, ସଞ୍ଜୁକ୍ତା ରାଉତ, ସୁଦର୍ଶନ ନାଏକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସ୍କୁଲର କର୍ମଚାରୀମାନଙ୍କ ସହ ଦିବ୍ୟାଙ୍ଗ ଶିଶୁମାନେ ଜିଲାପାଳଙ୍କ ବାସଭବନକୁ ଯାଇ ଜିଲାପାଳ ଡ. ପୋମା ଟୁଡୁଙ୍କୁ ଫୁଲତୋଡ଼ା ଦେଇ ନବବର୍ଷର ଶୁଭକାମନା ଜ୍ଞାପନ କରିଥିଲେ। ଜିଲାପାଳ ମଧ୍ୟ ଶିଶୁମାନଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଥିଲେ।



ଦିବ୍ୟାଙ୍ଗ ଶିଶୁମାନେ ନାଚୁଛନ୍ତି।



ଆମ ପୋଲିସ ସମିତି ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଜନ ପ୍ରତିନିଧି।

## ତରଭାରେ ଆମ ପୋଲିସ ସମିତି ବୈଠକ
# ଟ୍ରାଫିକ ସମସ୍ୟା ପ୍ରସଙ୍ଗ ଉଠିଲା

ତରଭା,୧।୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ପୋଲିସ ଥାନା ଅଭ୍ୟର୍ଥନା ସଭାଗୃହରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଡୋଲାମଣି ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେଣ୍ଡା ଫାଣ୍ଡି ଅଧିକାରୀ ନବୀନ ସାହୁ ଓ କମସରା ଫାଣ୍ଡି ଅଧିକାରୀ ଅବନୀ ପଧାନ ଉପସ୍ଥିତ ଥିଲେ। ଏଥିରେ ସହରରେ ଦେଖାଯାଉଥିବା ଟ୍ରାଫିକ ସମସ୍ୟା, ବୁଲା ଗୋରୁଙ୍କ ପ୍ରାଦୁର୍ଭାବ, ବର୍ତ୍ତମାନ ପରିସ୍ଥିତିରେ ତରଭାର ମୁଖ୍ୟ ରାସ୍ତା ଉପରେ ସମସ୍ତ ଯାନବାହାନ ଯାତାୟାତ ହେତୁ ଦେଖାଦେଇଥିବା ଟ୍ରାଫିକ ସମସ୍ୟା ଓ ଥାନାରେ ଷ୍ଟାପ ଅଭାବ ନେଇ ଏସପିଙ୍କ ଦୃଷ୍ଟିକୁ ଆଣିବା, ଦ୍ରୁତଗାମୀ ବାଇକ ଚାଳନା, ହରିଜନ ପଡାସ୍ଥିତ ମଦଭାଟି ରାସ୍ତାରେ ମଦ୍ୟପଙ୍କ ପ୍ରାଦୁର୍ଭାବ, ମେଣ୍ଡା ଓ ଦେଉଳପଦର ଅଞ୍ଚଳରେ ରାସ୍ତାକଡରେ ବାନ୍ଧୁଥିବା ଗୋରୁଙ୍କୁ ହଟାଇବା ଓ ରାସ୍ତାରେ ଗୃହ ନିର୍ମାଣ ପାଇଁ ଜମାକରି ଥିବା ବାଲି, ଗେଟି, ଇଟା ତୁରନ୍ତ ଖାଲି କରିବା ପ୍ରଭୃତି ବିଷୟ ଉପରେ ଅଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିବା ବେଳେ ଆଇଆଇସି ଡୋଲାମଣି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆକବର ଅଲ୍ଲି, ସରପଞ୍ଚ ସୁରେଶ ନାଗ, ସନ୍ତୋଷ ସାହୁ, ଦେବେନ ପଡିଆ, ରଜତ କଅଁର, ଅକ୍ଷୟ ବାଘ, କଲ୍ୟାଣ ନାଏକ, କପିଳାଶ ସେଠ, ଅନ୍ତର୍ଯ୍ୟାମୀ ସାହୁ, ରାଜ କୁମାର ମାହାଣା, ଅଶୋକ କୁମାର ସାହୁ, ରାମଚନ୍ଦ୍ର ପୂଜାରୀ, ଅମରେଶ ସା, ଫାୟାର ଅଧିକାରୀ ସୁଧାକର ନାଏକଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।



ନବବର୍ଷ ସ୍ୱାଗତ ଅବସରରେ ବଲାଙ୍ଗୀର ବାଜପେୟୀ ନଗରଠାରେ ପଡାବାସୀ ପରସ୍ପରକୁ ଶୁଭେଚ୍ଛା ଜଣାଇବା ପାଇଁ ରୁଣ୍ଡ ହୋଇଛନ୍ତି।

### ଆଞ୍ଚଳିକ ମହାନଦୀ ବାଲି ମହୋତ୍ସବ

ସୋନପୁର, ୧।୧(ନି.ପ୍ର.)

ଆଞ୍ଚଳିକ ଆଧ୍ୟାତ୍ମିକ ମହାନଦୀ ବାଲି ମହୋତ୍ସବ ଭକ୍ତି ଓ ଶ୍ରଦ୍ଧାର ସହିତ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନୂତନ ବର୍ଷରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗୃତି ଲକ୍ଷ୍ୟରେ ହିକୁଡିସ୍ଥିତ ମହାନଦୀ ସେତୁ ପାଶ୍ୱ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ସାମୂହିକ ହନୁମାନ ଚାଳିଶା ପଠନ ପରେ ରାମଚରିତ ମାନସର ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା। ବ୍ୟାସ ଦାୟିତ୍ୱ ନିର୍ବାହ କରିଥିଲେ ମନୋରଞ୍ଜନ ମିଶ୍ର। ମଧ୍ୟାହ୍ନ ସାଢେ ୧୨ଟାରୁ ଦେଢଟା ପର୍ଯ୍ୟନ୍ତ ପ୍ରବଚନ ଓ ପରେ ପରେ ବିଶ୍ୱ କଲ୍ୟାଣ ସକାଶେ ହୋମ ଆରତୀ ଏବଂ ଗଙ୍ଗା ଆରତୀ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପୂଜାର କର୍ତ୍ତାଥିଲେ ଭୂବନ ମୋହନ ତ୍ରିପାଠୀ।

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତୁଷୁରା**
ଜିଲ୍ଲା: ବଲାଙ୍ଗୀର
- ନବବର୍ଷ ଶୁଭେଚ୍ଛା -
ବିଜ୍ଞାପିତ ଅଞ୍ଚଳ ପରିଷଦ, ତୁଷୁରା ତରଫରୁ ସହରବାସୀଙ୍କୁ ନବବର୍ଷ ୨୦୧୯ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା।


ଶ୍ରୀ ବିପିନ ବିହାରୀ ଦୀପ (ଓ.ଆର୍.ଏସ୍.)
କାର୍ଯ୍ୟନିର୍ବାହୀ ଅଧିକାରୀ


ଶ୍ରୀ ଦୀନଦୟାଲ ଶର୍ମା
ଉପ-ନଗରପାଳ


ଶ୍ରୀମତୀ ଭାଗ୍ୟଶ୍ରୀ ନାଗ
ନଗରପାଳ

ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା
୧. ଶ୍ରୀ ଭକ୍ତବନ୍ଧୁ ଭୋଇ, ସଭ୍ୟ ୱାର୍ଡ ନଂ.୧
୨. ଶ୍ରୀ ପ୍ରଦୀପ କୁମାର ସାହୁ, ସଭ୍ୟ ୱାର୍ଡ ନଂ.୨
୩. ବିନୋଦିନୀ ମାହାଲିଙ୍ଗ, ସଭ୍ୟା ୱାର୍ଡ ନଂ.୩
୪. ଶ୍ରୀମତୀ ଜ୍ୟୋସ୍ନାମୟୀ ପୁଟା, ସଭ୍ୟା ୱାର୍ଡ ନଂ.୪
୫. ଶ୍ରୀମତୀ ଚାନ୍ଦ ବାଗ, ସଭ୍ୟା ୱାର୍ଡ ନଂ.୫
୬. ଶ୍ରୀ ପ୍ରମୋଦ କୁମାର ନନ୍ଦ, ସଭ୍ୟ ୱାର୍ଡ ନଂ.୮
୯. ଶ୍ରୀମତୀ ସବିତା ରଣା, ସଭ୍ୟା ୱାର୍ଡ ନଂ.୯
୧୦. ଶ୍ରୀମତୀ ମୀନାରାଣୀ ସାହୁ, ସଭ୍ୟା ୱାର୍ଡ ନଂ.୧୦
୧୧. ଶ୍ରୀ ସୁରେନ୍ଦ୍ର ରଣା, ସଭ୍ୟ ୱାର୍ଡ ନଂ.୧୧

ବିଜ୍ଞାପିତ ଅଞ୍ଚଳ ପରିଷଦ, ତୁଷୁରା
ସ୍ୱଚ୍ଛ ତୁଷୁରା ସୁସ୍ଥ ତୁଷୁରା

## ଉଲୁଣ୍ଡା ଧନୁଯାତ୍ରାର ନବମ ରଜନୀ
# କୃଷ୍ଣଙ୍କ ଶରଣାଗତ କାଳୀୟ ନାଗ

ଉଲୁଣ୍ଡା, ୧।୧ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଧନୁଯାତ୍ରାର ନବମ ରଜନୀରେ ଫ୍ରାନ୍ସ ଦେଶର ପର୍ଯ୍ୟଟକ ରୋସାଲି ଭେଡୋଭାଟି, ଇମ୍ମାନଭେଲ୍ଲେ ସ୍କାଲା ଏବଂ ଫ୍ରାଙ୍କଲି ବ୍ରେଟୋନ କଂସ ଦରବାରରେ ଅତିଥିଭାବେ ଯୋଗଦେଇଥିଲେ। ଏହି ଦିବସ କାର୍ଯ୍ୟକ୍ରମରେ ପୌରାଣିକ କଥାବସ୍ତୁରୁ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ ଜୟ କରିଥିବା କଂସ ମହାରାଜ ନୃତ୍ୟଗୀତରେ ରାଜ ଦରବାରରେ ମସଗୁଲ ଥିବାବେଳେ ରାଜଦୂତଠାରୁ କାଳୀୟ ନାଗ କୃଷ୍ଣପାଦେ ଶରଣାଗତ ଖବର ପାଇଛନ୍ତି। ଏହା ଶୁଣି ଆସନ୍ନ ମୃତ୍ୟୁ ଭୟରେ ଆତଙ୍କିତ ହୋଇପଡି ନାରଦ ମୁନୀଙ୍କ ପରାମର୍ଶକ୍ରମେ ତିନି ପୁରର ରାଜନ୍ୟ ମଣ୍ଡଳୀଙ୍କୁ ଡକାଇ ଶତ୍ରୁ ବିନାଶ ପାଇଁ ମନ୍ତ୍ରଣା କରନ୍ତି ମହାରାଜ କଂସ। ସେହିପରି କଂସ ରାତ୍ରୀ ଶୟନ ବେଳେ ଭଗବାନ କୃଷ୍ଣଙ୍କ ଚଳନ୍ତି ବେଶ ଦର୍ଶନ କରି ଭୟଭୀତ ହୋଇପଡନ୍ତି। ଅନ୍ୟପକ୍ଷେ ଗୋପପୁରରେ କୃଷ୍ଣଙ୍କ ଉଦ୍ଧତାମୀ ଏବଂ ଯମୁନା ନଦୀକୂଳେ ଗୋପୀଙ୍କ ବସ୍ତ୍ରହରଣ ଦୃଶ୍ୟ ଜୀବନ୍ତ ହୋଇଥିଲା। ଗଣ୍ଡାବାହାଲ ଶ୍ରୀକୃଷ୍ଣ ମଣ୍ଡପରେ ମନ ବାଘଙ୍କ ପ୍ରବଚନରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିବା ବେଳେ କଂସ ଦରବାରରେ ଶିଶୁ କଳାକାର ନେହାରିକା ତ୍ରିପାଠୀଙ୍କ ସମେତ ବିଭିନ୍ନ ଆଲବମ କଳାକାରଙ୍କ ନୃତ୍ୟ ଦର୍ଶକଙ୍କ ମନକୁ ଛୁଇଁ ପାରିଥିଲା। ମଙ୍ଗଳବାର ଅନୁଷ୍ଠାନର ସନ୍ତୋଷ ଭୁକ୍ତା ମଞ୍ଚ ପରିଚାଳନା କରିଥିଲେ। ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ସଭାପତି ରଶ୍ମିକୁମାର ପଟେଲଙ୍କ ସଭାପତିତ୍ୱରେ ହେଉଥିବା କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପାଦକ ବସୁଦେବ ଭୋଇ, ସାଂସ୍କୃତିକ ସମ୍ପାଦକ ରାଧାଚରଣ ମହାକୁର, ଉପସଭାପତି କୈଳାଶ ଚନ୍ଦ୍ର ପୁରୋହିତ, ଗୋପାଳ ପଣ୍ଡା, ଧର୍ମ ନିରଞ୍ଜନ ପଣ୍ଡା, ଦିଲୀପ ପୁରୋହିତ, ଲକ୍ଷ୍ମଣ ମହାକୁର ପ୍ରମୁଖ ସହଯୋଗ କରିଥିଲେ।

## ଜିଲାପାଳଙ୍କ ସଂଯୁକ୍ତ ଜନଶୁଣାଣି, କୃଷି ସମାଧାନ ଶିବିର

ତରଭା,୧।୧ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଜୀବ ଗାନ୍ଧୀ ସଭାଗୃହରେ ଜିଲାପାଳଙ୍କ ସଂଯୁକ୍ତ ଜନଶୁଣାଣୀ ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୪୫ ଗୋଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିରୁ ଜମି ସମ୍ବନ୍ଧୀୟ ୧୦ଟି, ପାଣି ସମ୍ବନ୍ଧୀୟ ୨, ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଯୋଜନା ପାଇଁ ୬, ବିବାହ ସାର୍ଟିଫିକେଟ ପାଇଁ ୨, ଆର୍ଥିକ ସହାୟତା ପାଇଁ ୨, ଗୁହାଳ ପାଇଁ ୧ଗୋଟି ଅଭିଯୋଗ ଆସିଥିଲା। ଏଥିସହ ତରଭା ଡାକ୍ତରଖାନାରେ ଡାକ୍ତର ଅଭାବ ଓ ଦେଉଳବନ୍ଧର ପୁନରୁଦ୍ଧାର ପାଇଁ ସାମ୍ବାଦିକ ଓ ନାଗରିକ କମିଟି ସଦସ୍ୟମାନେ ଅଭିଯୋଗ କରିଥିଲେ। ଏଥିରେ ଜିଲାପାଳ ମଧୁସୂଦନ ମିଶ୍ର, ଏସପି ଦେବୀପ୍ରସାଦ ଦାଶ, ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାସ, ବିଡିଓ ନିହାର ରଞ୍ଜନ କହଁର, ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ବିଇଓ କେଶବ ଚନ୍ଦ୍ର ମେହେର, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ, ମତ୍ସ୍ୟ ଅଧିକାରୀ ଦାମୋଦର ନାଏକ, ଜେଇ ରବିନ୍ଦ୍ର ସାହୁଙ୍କ ସମେତ ବ୍ଲକ ଓ ଜିଲାସ୍ତରୀୟ ସମସ୍ତ ଅଧିକାରୀ ଯୋଗଦେଇଥିଲେ।

**ସମ୍ବଲପୁର୍ ରେଳମଣ୍ଡଳର୍ ଟିଟିଲାଗଡ଼ ଏବଂ ରାୟପୁର୍ ସେକ୍ସନ ମଧ୍ୟରେ ଫରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ନିମ୍ନ ଅନୁଯାୟୀ ଟ୍ରେନ୍ ଚଳାଚଳ ବାତିଲ୍/ଆଂଶିକ ବାତିଲ୍ କରାଯିବ**

**ଟ୍ରେନ୍ ଚଳାଚଳ ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଛାଡ଼ିବା ତାରିଖ |
|---|---|---|---|
| 58217 | ଟିଟିଲାଗଡ଼ - ରାୟପୁର ପାସେଞ୍ଜର | ଟିଟିଲାଗଡ଼ | 02.01.2019 ଠାରୁ 07.01.2019 ପର୍ଯ୍ୟନ୍ତ |
| 58529 | ଦୁର୍ଗ - ବିଶାଖାପାଟଣା-ପାସେଞ୍ଜର | ଦୁର୍ଗ | |
| 58530 | ବିଶାଖାପାଟଣା - ଦୁର୍ଗ ପାସେଞ୍ଜର | ବିଶାଖାପାଟଣା | |
| 58218 | ରାୟପୁର - ଟିଟିଲାଗଡ଼ ପାସେଞ୍ଜର | ରାୟପୁର | 03.01.2019 ଠାରୁ 08.01.2019 ପର୍ଯ୍ୟନ୍ତ |

**ତା.02.01.2019 ରୁ 07.01.2019 ରିଖ ପର୍ଯ୍ୟନ୍ତ ଟ୍ରେନ୍ ସେବା ଆଂଶିକ ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଛାଡୁଥିବା ଷ୍ଟେସନ | ଷ୍ଟେସନ ମଧ୍ୟରେ ବାତିଲ୍ |
|---|---|---|---|
| 58528 | ବିଶାଖାପାଟଣା-ରାୟପୁର ପାସେଞ୍ଜର | ବିଶାଖାପାଟଣା | ଟିଟିଲାଗଡ଼-ରାୟପୁର ମଧ୍ୟରେ ଉଭୟ ଦିଗରୁ ବାତିଲ୍ ହେବ |
| 58527 | ରାୟପୁର-ବିଶାଖାପାଟଣା ପାସେଞ୍ଜର | ଟିଟିଲାଗଡ଼ | |



ପୂର୍ବ ତଟ ରେଳପଥ
PR-415/J/18-19

**ସୂଚନା**
ରେଳବାଇ ଚାକିରୀ ଆଶାୟୀ ଧ୍ୟାନ ଦିଅନ୍ତୁ



**RPF/RPSFରେ ନିଯୁକ୍ତି**




ଏମ୍ପ୍ଲୟମେଣ୍ଟ ନ୍ୟୁଜ ସଂସ୍କରଣ 22-28 ଡିସେମ୍ବର, 2018 ଅନ୍ତର୍ଗତ ଏମ୍ପ୍ଲୟମେଣ୍ଟ ଅଧିସୂଚନା ନଂ.03/2018 ରେ ଅଧିସୂଚିତ ଅନୁଯାୟୀ ରେଳ ସୁରକ୍ଷା ବଳ (RPF) ଏବଂ ରେଳ ସୁରକ୍ଷା ସ୍ୱତନ୍ତ୍ର ବଳ (RPSF)ରେ ନିଯୁକ୍ତି ନିମନ୍ତେ 798 ଗୋଟି କନେଷ୍ଟବଳ (Ancillary) ପୁରୁଷ ଏବଂ ମହିଳା ପଦବୀ ପୂରଣ କରିବା ନିମନ୍ତେ ତା.01.01.2019 ରିଖ ଠାରୁ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି। ଯୋଗ୍ୟତା ମାନଦଣ୍ଡ, ବୟସ ସୀମା ସମ୍ବନ୍ଧୀୟ କୋହଳତା, ପରୀକ୍ଷା ଶୁଳ୍କ ପୈଠ ପ୍ରଣାଳୀ, ଦରଖାସ୍ତ ଫର୍ମ ପୂରଣ ପ୍ରକ୍ରିୟା, ଜୋନ୍‌ର ପ୍ରତ୍ୟେକ ଗ୍ରୁପରେ ଟ୍ରେଡ୍ ଏବଂ ବର୍ଗ ଭିତ୍ତିକ ଖାଲି ପଦବୀ ସଂଖ୍ୟା ଏବଂ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସବିଶେଷ ବିବରଣୀ ଉପର ପ୍ରଦତ୍ତ ଅଧିସୂଚନାରେ ଉଲ୍ଲେଖ କରାଯାଇଅଛି। ପରୀକ୍ଷା ନିମନ୍ତେ ଦରଖାସ୍ତ ଫର୍ମଗୁଡ଼ିକ କେବଳ 'ଅନ୍‌ଲାଇନ୍'ରେ ପୂରଣ କରାଯିବା ଆବଶ୍ୟକ। ଉପରୋକ୍ତ ନିଯୁକ୍ତି ସମ୍ବନ୍ଧରେ ପ୍ରାମାଣିକ ସୂଚନା ଏବଂ ଅନ୍ୟ ସବିଶେଷ ବିବରଣୀ ନିମନ୍ତେ ପ୍ରାର୍ଥୀମାନେ କେବଳ ରେଳବାଇର ସରକାରୀ ୱେବ୍‌ସାଇଟ୍ www.indianrailways.gov.in ଅବଲୋକନ କରିପାରିବେ କିମ୍ବା ଏମ୍ପ୍ଲୟମେଣ୍ଟ ନ୍ୟୁଜ 22-28 ଡିସେମ୍ବର, 2018 ରେ ପ୍ରକାଶିତ ଅଧିସୂଚନା ଦେଖିପାରିବେ। ଏହି ନିଯୁକ୍ତିକୁ 4 ଗୋଟି ପର୍ଯ୍ୟାୟରେ କରାଯିବ ଅର୍ଥାତ୍ (1) କମ୍ପ୍ୟୁଟର ଆଧାରିତ ପରୀକ୍ଷା (CBT), (2) ଶାରୀରିକ ଦକ୍ଷତା ପରୀକ୍ଷା (PET) ଏବଂ ଶାରୀରିକ ମାପ ପରୀକ୍ଷା (PMT), (3) ଟ୍ରେଡ୍ ପରୀକ୍ଷା (TT) ଏବଂ (4) ନଥିପତ୍ର ଯାଞ୍ଚ। ଅନ୍‌ଲାଇନ୍ ଦରଖାସ୍ତ ଫର୍ମ ପୂରଣ କରିବାର ଶେଷ ତାରିଖ ତା.30.01.2019 ଅଟେ। ପରବର୍ତ୍ତୀ ସମୟରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।



ପୂର୍ବ ତଟ ରେଳପଥ
PR-416/J/18-19

# ପୂଜା ପାଠ, ଭୋଜିଭାତ୍‌ରେ ନବବର୍ଷ ପାଳନ

ବଲାଙ୍ଗୀର ଅଫିସ, ୧।୧

ବଲାଙ୍ଗୀର ସହରରେ ୨୦୧୯ନବବର୍ଷ ପାଳନ ଧୁମ୍‌ଧାମ୍‌ରେ ହୋଇଛି। ବିଭିନ୍ନ ସ୍ଥାନରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ପୂଜାପାଠରେ ନବବର୍ଷକୁ ଆମନ୍ତ୍ରଣ କରାଯାଇଥିବାବେଳେ ଆଉ କେତେକ ସ୍ଥାନରେ ଭୋଜି ମହୋତ୍ସବରେ ନବବର୍ଷର ଉଲ୍ଲାସ ମନାଇଛନ୍ତି। ବିଭିନ୍ନ ବର୍ଗର ଯୁବତୀ, ଯୁବକ, ପରିବାର, ପଡାବାସୀ ଜିରୋନାଇଟ୍‌କୁ ଆମନ୍ତ୍ରଣ କରିବା ପାଇଁ ରାତି ୧୨ଟା ପର୍ଯ୍ୟନ୍ତ ଉଜାଗର ରହି ନବବର୍ଷ ଆମନ୍ତ୍ରଣ ସହ ପରସ୍ପରକୁ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକମାନେ ରାସ୍ତା ଉପରକୁ ଆସି ପରସ୍ପରକୁ ଶୁଭେଚ୍ଛା ଜଣାଇବା ଦୃଶ୍ୟ ଦେଖାଯାଇଥିଲା। ବିଭିନ୍ନ ମନ୍ଦିରରେ ରାତିରେ ପୂଜାର୍ଚ୍ଚନା କରାଯାଇ ନବବର୍ଷକୁ ଆମନ୍ତ୍ରଣ କରାଯାଇଥିଲା। ମଙ୍ଗଳବାର ସକାଳେ ଫୁଲ ଦୋକାନରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ବିରୋଧୀଦଳ ନେତା ନରସିଂହ ମିଶ୍ର, ଜିଲାପାଳ ଅରିନ୍ଦମ ଡାକୁଆ, ଏସପି କେ.ଶିବା. ସୁବ୍ରମଣିଙ୍କ ସମେତ ବିଭିନ୍ନ ନେତା ଓ ଅଧିକାରୀଙ୍କୁ ବହୁ ବ୍ୟକ୍ତି ନବବର୍ଷ ଶୁଭେଚ୍ଛା ଜଣାଇଥିଲେ। ସକାଳେ ମିଷ୍ଟାନ୍ନ ଦୋକାନରେ ମଧ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ନୂତନ ବର୍ଷ ଆଗମନରେ ବଲାଙ୍ଗୀର କୋଶଳ କଳାମଣ୍ଡଳ କମ୍ପ୍ଲେକ୍ସ ଦୋକାନୀ ସଂଘ ତରଫରୁ ହନୁମାନ ମନ୍ଦିର ପରିସରରେ ସାମୂହିକ ଅନ୍ନପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। କଳା ମଣ୍ଡଳ ମାର୍କେଟ୍ କମ୍ପ୍ଲେକ୍ସ କର୍ମକର୍ତ୍ତା ବିକ୍ରମ ପାତ୍ର, ସୁରଜ ତ୍ରିପାଠୀ, ସୁକଲ୍ୟାଣ ମିଶ୍ର, ଶ୍ରୀକାନ୍ତ ମିଶ୍ର, କୁନା କରନ୍, ଉମାଶଙ୍କର ଦାସ, ସୁଧାଂଶୁ ସାହୁ, ବୀରେନ୍ଦ୍ର ସାହୁ, ନରାଧନ ସାହୁ, କ୍ଷୀରେନ୍ଦ୍ର କ୍ଷେତି, ରାହୁଲ ସାହୁ, ସାମନ୍ତ ସେଠ୍, କାଳିଆ କଣ୍ଟା, ଚିଣ୍ଟୁ ମିଶ୍ର, ଦେବଦତ୍ତ ମିଶ୍ର, ବିଭୁ ପ୍ରସାଦ ଯାଦବ, ବାନମ୍ବର ସାହୁ, ଗୌରବ ବିଶ୍ୱାଳ, ସରୋଜ ମାଝି, ସଞ୍ଜୀବ ପାତ୍ର, ସରୋଜ ଷଡ଼ଙ୍ଗୀ, ସୁମିତ ଭରଦ୍ୱାଜ୍ ଉପସ୍ଥିତ ରହି ପ୍ରସାଦ ବଣ୍ଟନ କରିଥିଲେ। ଏହି ଅବସରରେ ସମଗ୍ର ବଲାଙ୍ଗୀରବାସୀଙ୍କ ମଙ୍ଗଳ କାମନା ପାଇଁ ବଜାରଙ୍ଗ ବଳୀଙ୍କଠାରେ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରାଯାଇଥିଲା। ମାଳପଡା ମେଟାକାନୀ ଛକ ଠାରେ ଭକ୍ତିମୟ ପରିବେଶରେ ରାମାୟଣ ପାରାୟଣ କରାଯାଇ ନବବର୍ଷ ପାଳନ କରାଯାଇଥିଲା। ସକାଳେ କୀର୍ତ୍ତନ ମାଧ୍ୟମରେ ନବବର୍ଷକୁ ସ୍ୱାଗତ କରିବା ପରେ ପରସ୍ପର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ରାମାୟଣ ପାରାୟଣ ଓ ହୋମଯଜ୍ଞ କରି ବଲାଙ୍ଗୀରବାସୀଙ୍କ କଲ୍ୟାଣ ପାଇଁ ପୂଜାର୍ଚ୍ଚନା କରାଯାଇଥିଲା। ପାଟଣାଗଡ ବ୍ଲକ୍ ତମିଆଁର ଗାୟକ ଶାନ୍ତନୁ ତ୍ରିପାଠୀ ପୁରାଣ ପାରାୟଣ କରିଥିଲେ। ସୁଧୀର ମିଶ୍ର ପୂଜାର୍ଚ୍ଚନା ଓ କର୍ତ୍ତାଭାବେ ପ୍ରସନ୍ନ ଦାସ ଓ ତାଙ୍କ ସ୍ତ୍ରୀ ମମତା ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ଇସ୍କନ୍ ତରଫରୁ ସହରରେ ମଙ୍ଗଳବାର ସକାଳେ କୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।





ବଲାଙ୍ଗୀର କୋଶଳ କଳାମଣ୍ଡଳ ମାର୍କେଟ୍ କମ୍ପ୍ଲେକ୍ସ ଦୋମାନୀ ସଂଘ ପକ୍ଷରୁ ନବବର୍ଷ ଉପଲକ୍ଷେ ଅନ୍ନପ୍ରସାଦ ବଣ୍ଟନ କରାଯାଉଛି (ବାମ)। ଇସ୍କନ୍ ପକ୍ଷରୁ କୀର୍ତ୍ତନ ଶୋଭାଯାତ୍ରା ସହର ପରିକ୍ରମା କରୁଛି।



ଭଗବାନଙ୍କ ନାମ ଜପିଲେ ମଣିଷର ଦେହ, ମନ ସବୁ ଶୁଦ୍ଧ ହୋଇଯାଏ।
-ରାମକୃଷ୍ଣ ପରମହଂସ

**ସଂକ୍ଷେପରେ**

## ବୌଦ୍ଧ ମହୋତ୍ସବରେ ଜିଲ୍ଲା କଳାକାରଙ୍କୁ ଅଣଦେଖା

ବୌଦ୍ଧ,୧।୧(ସ୍ୱ.ପ୍ର.)- ବୁଧବାର ବୌଦ୍ଧଜିଲ୍ଲା ପାଳନ କରିବ ୨୫ତମ ସ୍ୱନକ୍ଷତ୍ର ଦିବସ। ଏହି ଅବସରରେ ଆରମ୍ଭ ହେବାକୁ ଯାଉଛି ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା। ହେଲେ ଏଥିରେ ଜିଲାର କଳାକାରମାନଙ୍କୁ ଅଣଦେଖା କରାଯାଉଥିବା ନେଇ ଜିଲା ମିଳିତ କଳାକାର ମଞ୍ଚ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ମଞ୍ଚର ଅଭିଯୋଗ ମୁତାବକ, ମହୋତ୍ସବ ପ୍ରସ୍ତୁତି ବୈଠକ ପ୍ରସ୍ତାବ ଅନୁସାରେ ଜିଲାର ୩ଟି ବ୍ଲକରେ ବ୍ଲକସ୍ତରୀୟ ମହୋତ୍ସବ ଏବଂ ଜିଲାସ୍ତରୀୟ ଉତ୍ସବ ମହାଆଡମ୍ବରରେ ସହକାରେ ପାଳନ କରାଯାଉ ନ ଥିବା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଏପରି କି ଜିଲାର କଳାକାରମାନଙ୍କୁ ବକେୟା ରାଶି ସହ ପ୍ରମାଣ ପତ୍ର ଦେବାକୁ ଅନୁରୋଧ କରିଛନ୍ତି। ବାହର ରାଜ୍ୟର କଳାକାରମାନଙ୍କୁ ୩ଦିନ ମହୋତ୍ସବରେ ୮ଟି କାର୍ଯ୍ୟକ୍ରମ କରିବାର ସୁଯୋଗ ଦେଇଥିବା ବେଳେ ସ୍ଥାନୀୟ କଳାକାରମାନଙ୍କୁ ନ ଦେବା ନେଇ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଜିଲା ପ୍ରଶାସନ ସ୍ଥାୟୀ ପ୍ରତିକାର ନ କଲେ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଏପରି କି ଜିଲାରେ ଜଣେ ସ୍ଥାୟୀ ଲୋକ ସମ୍ପର୍କ ଅଧିକାରୀଙ୍କୁ ନିଯୁକ୍ତି କରିବାକୁ ଦାବି କରାଯାଇଛି।

### ଏକତା, ଭ୍ରାତୃଭାବର ନିଦର୍ଶନ:

# ଗ୍ରାମବାସୀ ଏକାଠି ପାଳିଲେ ନୂଆବର୍ଷ

ମୋହନଗିରି,୧।୧(ଡି.ଏନ୍.ଏ.)

ନୂତନ ବର୍ଷକୁ ସ୍ୱାଗତ ଜଣାଇ ଦେଶର କୋଣ ଅନୁକୋଣରେ ଖୁସିର ମାହୁଲ ସୃଷ୍ଟି ହୋଇଥିବାବେଳେ କଳାହାଣ୍ଡିଜିଲା ମ.ରାମପୁର ବ୍ଲକର ମୋହନଗିରିବାସୀ ଏକତା, ଭାତୃଭାବର ନିଦର୍ଶନ ଦେଖାଇଛନ୍ତି। ସମସ୍ତେ ମିଶି ଏକାଠି ନୂଆବର୍ଷ ପାଳନ କରିଛନ୍ତି। ଏଠାରେ ପ୍ରତିବର୍ଷ ଭିନ୍ନ ଢଙ୍ଗରେ ନୂଆବର୍ଷ ପାଳନ କରାଯାଉଥିବା ଦେଖିବାକୁ ମିଳେ। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରରେ ପିଲାଠୁ ବୁଢ଼ା ସଭିଏଁ ଏକତ୍ରିତ ହୋଇଥିଲେ। ପରସ୍ପରକୁ ଶୁଭେଚ୍ଛା, ଅଭିନନ୍ଦନ ଜଣାଇ ସମସ୍ତେ ମିଶି ମନ୍ଦିର ପ୍ରାଙ୍ଗଣରେ ନିରାମିଷ ଭୋଜିକରି ଖାଇଥିଲେ। ସବୁଆଡେ ନୂଆବର୍ଷରେ ମଦମାଂସର ଆସର ଚାଲିଥିବାବେଳେ କିନ୍ତୁ ମୋହନଗିରି ପଞ୍ଚାୟତ ପଡାବାସୀ ପ୍ରତିବର୍ଷ ଏଭଳି ଭାବରେ ନୂଆବର୍ଷ ପାଳନ କରିଥାନ୍ତି। ଏଥିପାଇଁ ପଡାବାସୀ ପ୍ରତ୍ୟେକ ଘରୁ ଚାନ୍ଦା ଆକାରରେ କିଛି ଟଙ୍କା ଓ ଡାଲି ଚାଉଳ ସଂଗ୍ରହ କରିଥିଲେ। ଗ୍ରାମରେ ଥିବା ନେହେରୁ ନାଟ୍ୟକଳାପରିଷଦର ସମସ୍ତ ସଦସ୍ୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସକାଳୁ ସମସ୍ତେ ନିତ୍ୟକର୍ମ ସାରି ଜଗନ୍ନାଥ ଦର୍ଶନ କରି ଏହି ଖୁସିର ମାହୋଲରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ନେହେରୁ ନାଟ୍ୟକଳା ପରିଷଦର ସଭାପତି ଉମେଶ ଚନ୍ଦ୍ର ବିଶ୍ୱାଳ କହନ୍ତି, ଏହା ଆମ ଗ୍ରାମର ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାର ଏକ ପ୍ରୟାସ। ପ୍ରତିବର୍ଷ ଆମେ ଏହି ପରମ୍ପରାକୁ ବଜାୟ ରଖିବୁ। ଏଥିରେ ଆମେ ବିଶେଷ ଖୁସି ଅନୁଭବ କରୁଛୁ।



ନୂଆବର୍ଷରେ ଗ୍ରାମବାସୀ ଏକାଠି ମିଶି ଭୋଜି ଖାଉଛନ୍ତି।

## ଜିରୋନାଇଟ ସେଲିବ୍ରେଶନ: ଡ୍ୟାନ୍ସ କାର୍ଯ୍ୟକ୍ରମ

ମୋହନଗିରି,୧।୧(ଡି.ଏନ୍.ଏ.)

ମୋହନଗିରିସ୍ଥିତ ୧ ନମ୍ବର ୱାର୍ଡରେ ୩୧ ତାରିଖ ଜିରୋନାଇଟ ସେଲିବ୍ରେଶନ ଧୁମଧାମ୍‌ରେ ପାଳିତ ହୋଇଯାଇଛି। ଏଥିପାଇଁ ଯୁବ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବସ୍‌ଷ୍ଟାଣ୍ଡଠାରେ ରେକର୍ଡ ଡ୍ୟାନ୍ସ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସୁବ୍ରତ ସାହୁ ଓ କୁନା ସାହୁଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ମକରଧ୍ୱଜ ସାହୁ, ସମ୍ମାନିତ ଅତିଥି ଭାବରେ ବୈକୁଣ୍ଠ ଧରୁଆ, ମନୋଜ ମାଝି, ସନ୍ତୋଷ ହୋତା, ସ୍ୱପ୍ନେଶ୍ୱର କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପାଖ ଆଖରୁ ବିଭିନ୍ନ ଡ୍ୟାନ୍ସ ଓ ଗ୍ରୁପ୍ ଆସି ତାଙ୍କର ଡ୍ୟାନ୍ସ ପ୍ରଦର୍ଶନ କରିଥିଲେ। ସର୍ବୋତ୍କୃଷ୍ଟ ୩ଟି ଗ୍ରୁପ୍‌କୁ ପୁରସ୍କୃତ କରାଯାଇଥିଲା।

## ପୂର୍ବ କେନ୍ଦ୍ରମନ୍ତ୍ରୀଙ୍କ କଳମପୁର ବ୍ଲକ ଗସ୍ତ



ଭକ୍ତଚରଣ ଦାସ ଓ ଅନ୍ୟମାନେ ସଭାରେ ଉପସ୍ଥିତ।

ମଣ୍ଡଲ,୧।୧(ଡି.ଏନ୍.ଏ.)

ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ନେତାଙ୍କ ମଧ୍ୟରେ ତତ୍ପରତା ଦେଖିବାକୁ ମିଳିଛି। ଗାଁ ଗାଁ ବୁଲି କର୍ମୀ, ଭୋଟରଙ୍କୁ ଭେଟି ମନ ଜିଣିବାକୁ ଚେଷ୍ଟା କରୁଛନ୍ତି ନେତାମାନେ। ଏହି ପରିପ୍ରେକ୍ଷୀରେ କଳମପୁର ବ୍ଲକ ମଣ୍ଡଲ, ନୂଆଗାଁ, ସାନକୁଟ୍ରୁକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ରବିବାର ଅପରାହ୍ନରେ ଗସ୍ତ କରିଥିଲେ। ପ୍ରଥମେ ସେ ନୂଆଗାଁଠାରେ ଆୟୋଜିତ ଏକ ସଭାରେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଏଥିସହ ବିଭିନ୍ନ ଅବହେଳା ଉପରେ ବର୍ଷିଥିଲେ। ପରେ ଦାସ ମଣ୍ଡଲ ଧାନମଣ୍ଡି ପରିଦର୍ଶନ କରି ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସାନକୁଟ୍ରୁ ଯାଇ ସେଠାରେ ଆତ୍ମହତ୍ୟା କରିଥିବା ଚାଷୀ ବିନୋଦ ମାଝିଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଏହି ସମୟରେ ଜିଲା କଂଗ୍ରେସ ଉପସଭାପତି ଦିଗମ୍ବର ଦୁରିଆ, କଳମପୁର ବ୍ଲକ ଜୋନ-୧ ସଭାପତି ପିତାମ ସାହୁ, ଉପସଭାପତି ପଦ୍ମ କେଶରୀ ନାଏକ, ଜୋନ-୨ ସଭାପତି ବାୟା ନାଏକ, ପୂର୍ବତନ ସରପଞ୍ଚ ଚର୍ତୁଭୁଜ ପଣ୍ଡା, ସୁରେଶ ବାଗ, ମାଧବ ସୁନାନୀ, ଗଣେଶ ବାଗ, ସନ୍ତୋଷ ସ୍ୱାଇଁ, ଦନାର ଧଙ୍ଗଡ଼ାମାଝି, କୁରୁକ୍ଷେତ୍ର ତାଣ୍ଡି, ଟିକଚନ ମାଝି, ପବିତ୍ର ବାଗ, ବିଘ୍ନରାଜ ପଣ୍ଡା, ସନ୍ତୋଷ ପାଢ଼ୀ, ଶଶୀ ଛତ୍ରପାଲ ପ୍ରମୁଖ ଉପସ୍ତିତ ଥିଲେ।

## ଅମୁର୍ଡାରେ ମହାନଦୀ ମହୋତ୍ସବ ୨୦୧୯

ମନମୁଣ୍ଡା,୧।୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ରକସା ପଞ୍ଚାୟତ ଅମୁର୍ଡା ଗ୍ରାମର ମହାନଦୀ ଫେରିଘାଟ ଷଣ୍ଢେଶ୍ୱର ବାବାଙ୍କ ପୀଠରେ ଷଷ୍ଠ ବାର୍ଷିକ ମହାନଦୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବ୍ରହ୍ମଚାରୀ ଜଗନ୍ନାଥ ଦାସଙ୍କ ତତ୍ତ୍ୱାବଧାନରେ ଉତ୍ସବ ଆୟୋଜିତ ହୋଇଥିଲା। ବ୍ୟାସ ରାଜେଶ ଦାସ ସୁନ୍ଦରାକାଣ୍ଡ ନାରାୟଣ ପାଠ କରିଥିଲେ। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ ଦ୍ରବାଳୁ ଶ୍ରଦ୍ଧାଳୁମାନେ ନୌକା ବିହାର କରିବା ସହ ଷଣ୍ଢେଶ୍ୱର ବାବାଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଭକ୍ତମାନଙ୍କୁ ଅନ୍ନପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯାଇଥିଲା । ମହୋତ୍ସବ ପରିଚାଳନା କମିଟି ଉପଦେଷ୍ଟା କହ୍ନାଇଚରଣ ଡାଙ୍ଗ ଜନସାଧାରଣଙ୍କ ମଙ୍ଗଳ ପାଇଁ ପୂଜାର୍ଚ୍ଚନା ସହ ହୋମଯଜ୍ଞ କରାଯାଇଥିବା କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।



ପୂଜାର୍ଚ୍ଚନା କରାଯାଉଛି।

## ବଡ଼ପଡାରେ ନୂଆବର୍ଷ ସ୍ୱାଗତରେ ନୃତ୍ୟ ପ୍ରତିଯୋଗିତା

କୋକସରା, ୧।୧ (ଡି.ଏନ.ଏ.)

କୋକସରା ବଡପଡାଠାରେ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ନୃତ୍ୟ ପ୍ରତିଯୋଗିତା ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ରୁମକୁ ଝୁମାନା ଅନୁଷ୍ଠାନର ସଭାପତି ଟୁନା ବାଗ ଓ ସମ୍ପାଦକ ଡଚି ଖମାରୀଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଅଧ୍ୟକ୍ଷା ଶବ୍ୟାରାଣୀ ବାଗ, ମୁଖ୍ୟବକ୍ତା ଭାବରେ କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ, ସମ୍ମାନିତ ଅତିଥି ଭାବେ ଯୁବଉଦ୍ୟୋଗୀ ଆନନ୍ଦ କୁମାର ଗର୍ଗ, କୁଳଦୀପ ଗୁପ୍ତା, ଥାନା ଅଧିକାରୀ ଉତ୍ତମ କୁମାର ସାହୁ, ବଳରାମ ବାଗ ପ୍ରମୁଖ ଯୋଗଦେଇଥିଲେ। ବନ୍ଧୁମିଳନ କାର୍ଯ୍ୟକ୍ରମ ପାଇଁ ନୃତ୍ୟ ପ୍ରତିଯୋଗିତା ଏକ ମାଧ୍ୟମ। ଏହା ଦ୍ୱାରା ଭାଇଚାରା ବଢିବ ବୋଲି ସେମାନେ କହିଥିଲେ। ନୃତ୍ୟ ପ୍ରତିଯୋଗିତାରେ ସମ୍ବଲପୁର, ବଲାଙ୍ଗୀର ସମେତ କଳାହାଣ୍ଡିରୁ ୨୫ଟି ଦଳ ଅଂଶଗ୍ରହଣ କରିଥିଲେ। ରାଜେଶ କୁମାର ବାଗ, ଭାଗୀରଥି ଶଗଡିଆ, ହରଦୁ ପାଣିଗ୍ରାହୀ, ରଶ୍ମିକାନ୍ତ ବାଗ ପ୍ରମୁଖ ମୁଲ୍ୟାଙ୍କନ ଦାୟିତ୍ୱ ତୁଲାଇ ଥିଲେ। ସଦାନନ୍ଦ ବାଗ ମଞ୍ଚ ପରିଚାଳନା କରିଥିଲେ। ଏହି ଶିତୁଆ ରାତିରେ ମଧ ଭରପୁର ଦର୍ଶକ ଏହି ନୃତ୍ୟ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।



ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ନୃତ୍ୟ ପ୍ରତିଯୋଗିତାରେ ଉପସ୍ଥିତ ଅତିଥି, ବକ୍ତା।

## ସମଲେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ଭୋଗ

ବରଗଡ଼ ଅଫିସ୍,୧।୧

ନୂଆ ଉତ୍ସାହ ଓ ଉଦ୍ଦୀପନାର ସହ ମଙ୍ଗଳବାର ନବ ବର୍ଷ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ହସଖୁସିରେ ନବବର୍ଷକୁ ସ୍ୱାଗତ କରାଯାଇ ଥିବାବେଳେ ବରଗଡ଼ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହିତ ଭକ୍ତଙ୍କୁ ବିଭିନ୍ନ ପରିବାରେ ପ୍ରସ୍ତୁତ ଖିଚିଡ଼ି ଭୋଗ ବଣ୍ଟନ କରାଯାଇଥିଲଏ। ନବ ବର୍ଷରେ ମା' ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା ଓ ଦର୍ଶନ କରିବା ପାଇଁ ଭକ୍ତଙ୍କ ଯେଭଳି ଗହଳି ହୋଇଥିଲା, ଝାରସୁଗୁଡ଼ାରୁ ଏଠାକୁ ଆସି ପ୍ରସ୍ତୁତ କରିଥିବା କାରିଗରଙ୍କ ସ୍ୱତନ୍ତ୍ର ଖିଚିଡ଼ି ଭୋଗ ପାଇବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସମଲେଶ୍ୱରୀ ସଂଘର କର୍ମକର୍ତ୍ତା ଓ ସଭ୍ୟବୃନ୍ଦ ଏହାକୁ ପରିଚାଳନା କରିଥିଲେ । ସେହିପରି ସ୍ଥାନୀୟ ଶ୍ୟାମାକାଳୀ ମନ୍ଦିରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ସହରର ପାର୍କ ମଧ୍ୟ ଏଥିରୁ ବାଦ୍ ପଡ଼ି ନ ଥିଲା ।



ସମଲେଶ୍ୱରୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ଦିଆଯାଉଛି।

## ଶିଶୁଜନ୍ମ ଅନୁଷ୍ଠାନରେ ନୂତନ ବର୍ଷ ପାଳିଲେ ଜିଲାପାଳ

ବୌଦ୍ଧ,୧।୧(ସ୍ୱ.ପ୍ର.)

ଜିଲାପାଳ ଶୀତାଂଶୁ କୁମାର ରାଉତ ମଙ୍ଗଳବାର ନବବର୍ଷ ଅବସରରେ ଅପରାହ୍ନରେ ନାରାୟଣପୁରସ୍ଥିତ ସ୍ୱତନ୍ତ୍ର ବିଦ୍ୟାଳୟରେ ପହଞ୍ଚିଥିଲେ। ଏହି ଅବସରରେ ଜିଲାପାଳ ରାଉତ ପିଲାମାନଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ବଣ୍ଟନ କରି ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଏପରି କି ପିଲାମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ସେଠାରୁ ବୀରନରସିଂହପୁରସ୍ଥିତ ରାମକୃଷ୍ଣ ବାଳଶ୍ରମ ଶିଶୁଗୃହରେ ଆୟୋଜିତ ନବବର୍ଷ ପାଳନ ଉତ୍ସବରେ ଜିଲାପାଳ ରାଉତ ଯୋଗଦେଇ ଶିଶୁମାନଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରେ ଅନୁଷ୍ଠାନର ଶିଶୁମାନଙ୍କ ଦ୍ୱାରା ଗୀତ ଓ ନୃତ୍ୟ କାର୍ଯ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ଉପଜିଲାପାଳ ଏନ୍.ସି. ଜ୍ୟୋତିରଞ୍ଜନ ନାଏକ, ଶିଶୁସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ପ୍ରବେସନ ଅଫିସର ସମରସେନ ସିଂ, ପରାମର୍ଶଦାତା ବସନ୍ତ କୁମାର ଦିଶାରିଙ୍କ ସହ ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଚିନିକଳ କର୍ମଚାରୀଙ୍କ ଆନ୍ଦୋଳନ ଜୋର୍ ଧରିଲା

ବରଗଡ଼ ଅଫିସ୍,୧।୧

ବରଗଡ଼ ସହର ଉପକଣ୍ଠ ଡୋରାସ୍ଥିତ ସମବାୟ ଚିନିକଳ କର୍ମଚାରୀଙ୍କ ଆନ୍ଦୋଳନ ଜୋର୍ ଧରିଛି । ୨୧ମାସର ଦରମା ପ୍ରଦାନ ଏବଂ ଚିନିକଳର ଅନ୍ୟାନ୍ୟ ସମସ୍ୟା ଦାବିରେ କର୍ମଚାରୀ ସଂଘ ଆହ୍ୱାନରେ ଚାଲିଥିବା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ୨୨ଦିନରେ ପହଞ୍ଚିଛି । ତଥାପି ଚିନିକଳ ପରିଚାଳନା ପରିଷଦ କିମ୍ବା ପ୍ରଶାସନ କର୍ମଚାରୀଙ୍କ ଦାବି ପୂରଣର ବାଟ ଫିଟାଇ ପାରିନାହିଁ। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ଚିନିକଳ ପରିଚାଳନା ପରିଷଦ ତୁରନ୍ତ ବରଖାସ୍ତ କରାଯିବା ସହିତ ଏହାର ଦାୟିତ୍ୱ ଜିଲାପାଳଙ୍କ ହାତରେ ନ୍ୟସ୍ତ କରିବା ପାଇଁ ଦାବି ହୋଇଛି । ଏହି ଦାବି ନେଇ ମଙ୍ଗଳବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏବଂ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମ୍ମୁଖରେ ପରିଷଦ ବରଖାସ୍ତ ନେଇ କର୍ମଚାରୀ, ଚାଷୀମାନେ ପ୍ରସ୍ତାବ ନେଇଛନ୍ତି। ତେବେ ଉପରୋକ୍ତ ଦାବି ସହିତ ଏହି ପ୍ରସ୍ତାବକୁ ତୁରନ୍ତ କାର୍ଯ୍ୟକାରୀ କରା ନ ଗଲେ ଆଗକୁ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଚାଷୀ, କର୍ମଚାରୀ ସମନ୍ୱୟ କମିଟି ଚେତାବନୀ ଦେଇଛି ।

ମଧ୍ୟାହ୍ନ ୧୨ଟାରେ ଚିନିକଳ ସମ୍ମୁଖରେ ଚାଲିଥିବା କର୍ମଚାରୀଙ୍କ ଧାରଣାସ୍ଥଳକୁ ଜିଲାପାଳ ତ୍ରିପାଠୀ, ଅତିରିକ୍ତ ଜିଲାପାଳ ତପିରାମ ମାଝି, ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ପ୍ରଦୀପ ଦେବତା, ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ଚାଷୀ ସଂଗଠନ ସମନ୍ୱୟ ସମିତିର ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ଆଖୁଚାଷୀ ସଂଘ ସଭାପତି ମନୋରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ ଏବଂ ଚାଷୀ ସଂଗଠନର ନେତା, ପ୍ରତିନିଧିମାନେ ପହଞ୍ଚିଥିଲେ ।

## ବୀରତା ଦିବସରେ ଶହୀଦଙ୍କ ପରିବାରକୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍/ଘେଁସ୍,୧।୧

ବରଗଡ଼ ଜିଲା ସୋହେଲା ବ୍ଲକ ଘେଁସ୍‌ର ଶହୀଦ ମାଧୋ ସିଂହ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ବୀରତା ଦିବସ ପାଳିତ ହୋଇଯାଇଛି । ରାଜମାତା ମମତା ସିଂ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଘେଁସ ବିପ୍ଳବ ଉପରେ ସ୍ୱତନ୍ତ୍ର ଗବେଷଣା କରାଯାଇ ଏକ ପୂର୍ଣ୍ଣାଙ୍ଗ ଇତିହାସ ପ୍ରସ୍ତୁତ କରିବା ନିମନ୍ତେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମନ୍ତ୍ରୀ ସିଂ କହିଥିଲେ । ଡ. ଶ୍ୟାମସୁନ୍ଦର ଧର ମୁଖ୍ୟବକ୍ତାଭାବେ ଯୋଗଦେଇ କହିଥିଲେ, କେବଳ ନିଜ ଜୀବନ ନୁହେଁ, ସାରା ପରିବାରକୁ ସ୍ୱାଧୀନତାର ମୁକ୍ତିଯଜ୍ଞରେ ଆହୂତି ଦେଇ ଶହୀଦ ମାଧୋ ସିଂ ଯେଉଁ ବିରଳ ଉଦାହରଣ ସୃଷ୍ଟି କରି ଯାଇଛନ୍ତି, ତାହା ସବୁଦିନ ସ୍ମୃତି ହୋଇ ରହିବ । ଫଳରେ ଶହୀଦଙ୍କ ସ୍ମାରକୀ ନେଇ ସବୁସ୍ତରରେ ଉଦ୍ୟମ ହେବାର ଆବଶ୍ୟକତା ରହିଛି ବୋଲି ସେ ମତପ୍ରକାଶ କରିଥିଲେ । ଜିଲା ପରିଷଦ ସଭ୍ୟ ଦୟାନିଧି ପଟେଲ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । ଅଶୋକ କୁମାର ପୂଜାହାରୀ ସଭାକୁ ସଂଯୋଜନା କରିଥିଲେ । ଏହି ଅବସରରେ ମାଓବାଦୀ ହମଲାରେ ଶହୀଦ ହୋଇଥିବା ଖଣ୍ଡହଥା ଗ୍ରାମର ଶହୀଦ ରଞ୍ଜନ ଦାଶ ଏବଂ ସିମେଣ୍ଟନଗରର ଶହୀଦ ପଦ୍ମଲୋଚନ ମାଝିଙ୍କ ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶହୀଦ ସ୍ମୃତିସ୍ତମ୍ଭ, ଜମିଦାରଙ୍କ ପୂଜାକୋଠୀ ଏବଂ ପାଟମେଶରୀଙ୍କଠାରେ ପୂଜାର୍ଚ୍ଚନା ସହିତ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ରାତ୍ରିରେ କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଘୁମୁରା ସମେତ ବଲାଙ୍ଗୀରର ସମଲେଶ୍ୱରୀ କଳା ପରିଷଦ, ଅତାବିରାର କୁରେଫୁଲ ଅନୁଷ୍ଠାନ, ଭେଡ଼େନର ଛୁମକୁଛୁମା ନୃତ୍ୟ ଅନୁଷ୍ଠାନ, ଡୋରାର ମା' ସମଲେଶ୍ୱରୀ ନୃତ୍ୟ ଗବେଷଣା ପରିଷଦ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପବିତ୍ୟ ଉନସନାଙ୍କ ଘୁବକୁଡୁ ପରିବେଷଣ କରାଯାଇଥିଲା । ବ୍ୟଙ୍ଗକବି ଅଧିକାରୀ ସା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କ୍ଷୀରୋଦ୍ର ସାହୁ, ଯୋଗୀନ୍ଦ୍ର ମେହେର, ଶ୍ରୀବତ୍ସ ମହାପାତ୍ର, ଜମିଦାର ରଣଜିତ୍ ସିଂ ପ୍ରମୁଖ ବିଭିନ୍ନ ପର୍ଯ୍ୟାୟରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଭୋଲାନାଥ ସିଂ ବରିହା, ଧିରେନ୍ଦ୍ର ପଟେଲ, ମୁନା ସାହୁ, ଅଚ୍ୟୁତାନନ୍ଦ ମହାପାତ୍ର, ସଞ୍ଜୟ ମେହେର ପ୍ରମୁଖ ସହଯୋଗ କରିଥିଲେ।



ଶହୀଦଙ୍କ ମା'ଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

### ଆଜି ବୌଦ୍ଧ ଜିଲାସ୍ତରୀୟ ମହୋତ୍ସବ, ପଲ୍ଲୀଶ୍ରୀ ମେଳା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ସହର

ବୌଦ୍ଧ,୧।୧(ସ୍ୱ.ପ୍ର.)

ବୌଦ୍ଧ ଜିଲାକୁ ପୂରିଲା ୨୫ ବର୍ଷ । ଜାନୁୟାରୀ ୨ ତାରିଖରେ ବୌଦ୍ଧ ଜିଲା ପାଳନ କରିବ ୨୫ତମ ସ୍ୱନକ୍ଷତ୍ର ଦିବସ। ଏହି ଅବସରରେ ଆରମ୍ଭ ହେବାକୁ ଯାଉଛି ସଂସ୍କୃତି, ପରମ୍ପରାର ବାର୍ତ୍ତାବହ ବୌଦ୍ଧ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା । ଏନେଇ ସଜେଇ ହୋଇଛି ବୌଦ୍ଧ ସହର ସମେତ ମହୋତ୍ସବ ପଡ଼ିଆ। ମହୋତ୍ସବ ପଡ଼ିଆର ପ୍ରାଚୀରରେ ଅଙ୍କିତ ହୋଇଛି ବିକାଶର ବାର୍ତ୍ତା। ଅନ୍ୟପକ୍ଷେ ଉତ୍ସବ ପାଇଁ ପ୍ରସ୍ତୁତି ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗତବର୍ଷଠାରୁ ମହୋତ୍ସବ ସହିତ ଯୋଡି ହୋଇଥିଲା ଆଉ ନୂଆ ପରମ୍ପରା। ଜିଲାର ସାଂସ୍କୃତିକ ପତାକାକୁ ମହୋତ୍ସବ ପଡ଼ିଆରେ ଅତିଥିଙ୍କ ଦ୍ୱାରା ଉତ୍ତୋଳନ କରାଯିବ। ଅପରାହ୍ନରେ ରାଜପ୍ରାସାଦ ନିକଟରେ ସ୍ଥାପିତ ବୁଦ୍ଧଙ୍କ ପୀଠରେ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ମହୋତ୍ସବ ପଡ଼ିଆ ଅଭିମୁଖେ ଯାତ୍ରା କରିବ। ଶୋଭାଯାତ୍ରାକୁ ରାସ୍ତାରେ ସମସ୍ତ ବୌଦ୍ଧବାସୀ ପୂର୍ଣ୍ଣ କଳସୀ ସହ ସ୍ୱାଗତ କରିବା ସହିତ ସହରର ଆବାଳ ବୃଦ୍ଧ ବନିତା ଏଥିରେ ସାମିଲ ହେବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସାଂସ୍କୃତିକ ଶୋଭାଯାତ୍ରାରେ ଜିଲାର ବିଭିନ୍ନ ସାଂସ୍କୃତିକ ଦଳଙ୍କ ସମେତ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ଝଲକ ଦେଖିବାକୁ ମିଳିବ। ଶୋଭାଯାତ୍ରା ମହୋତ୍ସବ ପଡିଆରେ ପହଞ୍ଚିବା ପରେ ଅତିଥିଙ୍କ ଦ୍ୱାରା ୫ଦିନ ଧରି ହେବାକୁ ଥିବା ଉତ୍ସବର ଉଦ୍‌ଘାଟନ କରାଯିବ। ଏହି ପରିପ୍ରେକ୍ଷୀରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସହର ଦୁଲୁକି ଉଠିବ। ମହୋତ୍ସବ ପଡିଆରେ ବିଭିନ୍ନ ବିଭାଗର ପ୍ରଦର୍ଶନୀ ମଣ୍ଡପ ନିର୍ମାଣ ହୋଇଥିବାବେଳେ, ପଲ୍ଲିଶ୍ରୀ ମେଳା ଓ ଖାଦ୍ୟ ସାମଗ୍ରୀ ବିକ୍ରୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଭାଗୀୟ ପ୍ରଦର୍ଶନୀ ମଣ୍ଡପଗୁଡିକରେ ଜିଲାର ବିଭିନ୍ନ ସରକାରୀ ବିଭାଗର ବିକାଶର ଝଲକ ପ୍ରଦର୍ଶିତ କରାଯିବ ବୋଲି ସୂଚନା ଦିଆଯାଇଛି। ତେବେ ପ୍ରବଳ ଜନ ଗହଳିକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଭାବେ ମହୋତ୍ସବ ପାଳନ ପାଇଁ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅତିଥି, ଗଣମାଧ୍ୟମ ଓ ସରକାରୀ ଗାଡିଗୁଡିକ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯାଇଥିବା ବେଳେ ଜନସାଧାରଣଙ୍କ ପାଇଁ ପଡିଆଠାରୁ କିଛି ଦୂରରେ ପାର୍କିଂ ବ୍ୟବସ୍ଥା କରାଯାଇଛି।



ବୌଦ୍ଧ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ଚାଲିଛି।



ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ,
ତେବେ ସାରା ବିଶ୍ୱକୁ ଜୟ କରିପାରିବ।
- ଗୁରୁ ନାନକ



## ସଂକ୍ଷେପରେ

### ମନ୍ଦିର ଦର୍ଶନ, ବଣଭୋଜିରେ ନବବର୍ଷକୁ ସ୍ୱାଗତ

**ଲୋଇସିଂହା,୧।୧(ଡି.ଏନ.ଏ):** ୨୦୧୮ ବର୍ଷ ବିଦାୟ ନେଇଛି। ମଙ୍ଗଳବାରଠାରୁ ନବବର୍ଷ ଆରମ୍ଭ ହୋଇଛି। ନବବର୍ଷ ସୁଖ, ଶାନ୍ତି ସମୃଦ୍ଧିର ବର୍ଷ ହେବା ପାଇଁ ଜନସାଧାରଣ ବିଭିନ୍ନ ଦେବାଳୟ ଗସ୍ତ କରି ମାହପ୍ରଭୁଙ୍କ ଦର୍ଶନ କରିଛନ୍ତି। ନବବର୍ଷକୁ ସ୍ମରଣୀୟ କରିବା ପାଇଁ ବଣ ଭୋଜିରେ କରିଥିବା ଦେଖିବାକୁ ମିଳିଛି । ଲୋଇସିଂହା ଓ ଆଗଲପୁର ବ୍ଲକର ସବୁ ବର୍ଗର ଲୋକେ ସକାଳୁ ନିତ୍ୟକର୍ମ ସାରି ନିଜନିଜ ଇଷ୍ଟଦେବୀ ଓ ଗ୍ରାମ୍ୟ ଦେବାଳୟକୁ ଯାଇ ପୂଜାର୍ଚ୍ଚାନ କରିଥିଲେ । ଲୋଇସିଂହା ବ୍ଲକର ବୁର୍ଡା ସ୍ୱପ୍ନେଶ୍ୱର ପୀଠ, ଯୋଗୀସର୍ଡା ଯୋଗେଶ୍ୱର ଧାମ, ସଜୁିଆ ଶୈବାଳୟ, ଆଗଲପୁର ବ୍ଲକ ସାନଟିକା ଜଳେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ମଧ୍ୟାହ୍ନ ପରଠାରୁ ପଥରଗଡ, ଗାଈଖାଇ ଜଳ ପ୍ରକଳ୍ପ ସମେତ ବିଭିନ୍ନ ପିକନିକ ସ୍ପଟରେ ଲୋକେ ଭୋଜିଭାତର ଆସର ଜମାଇ ନବବର୍ଷ ଶୁଭାରମ୍ଭ ଦିବସକୁ ସ୍ମରଣୀୟ କରିଛନ୍ତି।

### ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**ପାଟଣାଗଡ,୧।୧(ଡି.ଏନ.ଏ.):** ପାଟଣାଗଡ ବ୍ଲକ ଅନ୍ତର୍ଗତ ଦନ୍ଦ୍ରାବାହାଲ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଓଲଟି ପଡିବାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ଦନ୍ଦ୍ରାବାହାଲ ଗ୍ରାମର ଦିବାକର ରାଏ। ଏକ ନମ୍ବର ବିହୀନ ସୋନାଲିକା ଟ୍ରାକ୍ଟର ନେଇ ସେ ଦନ୍ଦ୍ରାବାହାଲ ଗ୍ରାମରୁ ଆମଦର୍ହ ଗ୍ରାମକୁ ଯାଉଥିବା ବେଳେ ରାସ୍ତାରେ ଓଲଟି ପଡିଥିଲା। ଟ୍ରାକ୍ଟର ତଳେ ଡ୍ରାଇଭର ଦିବାକର ଚାପି ହୋଇଯିବାରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ ପାଟଣାଗଡ ପୋଲିସ ପହଞ୍ଚିଥିଲା। ହେଲେ ଟ୍ରାକ୍ଟର ମାଲିକ ନ ପହଞ୍ଚିଲା ଯାଏ ମୃତଦେହ ଉଠାଇ ଦେବେନାହିଁ ବୋଲି ଦନ୍ଦ୍ରାବାହାଲ ଗ୍ରାମବାସୀ ଅଡି ବସି ରାସ୍ତାରେ ବସିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି। ହେଲେ ଟ୍ରାକ୍ଟର ମାଲିକ କିଏ ତାହା ଜଣା ପଡିନାହିଁ।

### ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ଚୂଡାନ୍ତ

**ମୁରିବାହାଲ, ୧।୧ (ଡି.ଏନ.ଏ):** ମୁରିବାହାଲ ୟୁଥ ଓ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ୨୯ ବାର୍ଷିକ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରସ୍ତୁତି ମଙ୍ଗଳବାର ଚୂଡାନ୍ତ ହୋଇଛି। ଟୁର୍ନାମେଣ୍ଟ କମିଟି ସଭାପତି ଅଜିତ କୁମାର ତରିଆଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ୨ ଓ ରାଜ୍ୟ ବାହାରର ୬ଟି ଦଳକୁ ନେଇ ଫିକ୍ସଚର ବାହାର କରାଯାଇଥିଲା । ଏ ପୁଲରେ ମ୍ୟାଚ ଆସନ୍ତା ୬ତାରିଖଠାରୁ ମୁରିବାହାଲ ପଞ୍ଚାୟତ ଖେଳ ପଡିଆରେ କରାଯିବା ପାଇଁ ଆୟୋଜକ କମିଟି ସୂତ୍ରର ପ୍ରକାଶ । ୬ରୁ ୧ ତାରିଖରେ ମହେନ୍ଦ୍ରା ଓ ମହେନ୍ଦ୍ରା ଓଡ଼ିଶା ଓ ରାୟପୁର ସ୍ପୋର୍ଟ୍ସ ହଷ୍ଟେଲ ମଧରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହେବ । ବଚେଳି, ଭିଲାଇ, ବିହାର, କୋଲକତା, ବିଶାଖାପାଟନମ ଓ ଆୟୋଜକ ମୁରିବାହାଲ ମଧରେ ମ୍ୟାଚ ଗୁଡିକ ଅଂଶଗ୍ରହଣ କରାଯିବ। ଟୁର୍ନାମେଣ୍ଟ ମୁଖ୍ୟ ଆୟୋଜକ ଶ୍ରୀବତ୍ସ ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି କେଦାର ବଡଜେନା, ସାଧାରଣ ସମ୍ପାଦକ ପ୍ରଦୀପ ବଘାର, ଉପସଭାପତି ପଦ୍ମଲୋଚନ ବାଗ, କ୍ରୀଡା ସମ୍ପାଦକ ଭିକି ମହାରଣା, ଯଦୁପତି ଅଗସ୍ତି, ଅଗସ୍ତି ବଘାର, ରମାରଞ୍ଜନ ପାତ୍ର, ଦିବ୍ୟଲୋଚନ ସାହୁ, ସୁଧାଂଶୁ ଶେଖର ପୋଢ଼ ପ୍ରମୁଖ ସହଯୋଗ କରୁଛନ୍ତି ।

---

ଜେକେଜେଏସର ଅଭିନନ୍ଦନ ୨୦୧୯ କାର୍ଯ୍ୟକ୍ରମ

# ଏକତା ମାଧ୍ୟମରେ ବିକାଶ ସମ୍ଭବ

**ଲୋଇସିଂହା,୧।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ସହରର ସର୍ବପୁରାତନ କ୍ଲବ ଜନକଲ୍ୟାଣ ଯୁବ ସାମ୍ମୁଖ୍ୟ(ଜେକେଜେଏସ)ର ବାର୍ଷିକ ଉତ୍ସବ ଓ ଅଭିନନ୍ଦନ ୨୦୧୯ କାର୍ଯ୍ୟକ୍ରମ ସୋମବାର ରାତିରେ ପାଳିତ ହୋଇଯାଇଛି । ଉତ୍ସବରେ ଓଡିଶା ବିଧାନ ସଭାର ବିରୋଧୀ ଦଳ ନେତା ନରସିଂହ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଏକାତା ମାଧ୍ୟମରେ ବିକାଶ ସମ୍ଭବ। ଆଉ ଏଥିପାଇଁ ଜନପ୍ରତିନିଧିଙ୍କ ଆନ୍ତରିକତା ଲୋଡା । ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଇଁ ପୂର୍ଣ୍ଣ ସହଯୋଗ ରହିବ ବୋଲି ସେ କହିଥିଲେ । ଅନୁଷ୍ଠାନ ସଭାପତି ଦିଲୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାନ୍ଧ୍ୟ ସଭାରେ ବିରୋଧୀ ଦଳ ନେତା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଅନୁଷ୍ଠାନ ସମ୍ପାଦକ ପ୍ରଶାନ୍ତ ବେହେରା, କୋଷାଧ୍ୟକ୍ଷ ଉତ୍ତର କୁମାର ହେର୍ଣ୍ଣା ପ୍ରମୁଖ ମଞ୍ଚାସୀନ ଥିଲେ । ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ରଙ୍ଗୋଲି, ଝୋଟି, ସାଇକେଲ ଚାଳନା, ବାଟି ଚାମଚ, ଅଖାଦୌଡର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ଅବସରରେ କଟକର ଲୋକଶାସ୍ତ୍ର କଳାପରିଷଦର କଳାକାରମାନେ ଓଡିଶୀ, ରଙ୍ଗବତୀ, କରମା ନାଚ ଓ ଅନୁଷ୍ଠାନର କଳାକାରମାନେ ଆଦିବାସୀ ନୃତ୍ୟଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ତାଳେତାଳେ ୨୦୧୯ ବର୍ଷକୁ ଅଭିନନ୍ଦନ ପାଇଁ ଜିରୋନାଇଟ ଉତ୍ସବ ପାଳିତ ହୋଇଥିଲା। ସାନ୍ଧ୍ୟ ସଭାକୁ ସରୋଜ ବିଶ୍ୱାଳ ସଂଯୋଜନ କରିଥିବାବେଳେ ଶିବ କୁମାର ଅଗ୍ରୱାଲ, ଭାଗବତିଆ ବେହେରା ବିପୁଳ ବେହେରା, କାମାକ୍ଷ ହେର୍ଣ୍ଣା ଓ ସାଥୀ ପରିଚାଳନା କରିଥିଲେ ।



ଜେକେଜେଏସର ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ କଳାକାରମାନେ।

# ବଲାଙ୍ଗୀର: ଉଜ୍ଜ୍ୱଳା ସାନିଟାରୀ ନାପକିନର ଶୁଭାରମ୍ଭ

**ବଲାଙ୍ଗୀର ଅଫିସ, ୧।୧**

ବଲାଙ୍ଗୀର ଜିଲାରେ ଉଜ୍ଜ୍ୱଳା ସାନିଟାରୀ ନାପକିନ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ରାଜ୍ୟସ୍ତରରେ ସାନିଟାରୀ ନାପକିନ୍ କାର୍ଯ୍ୟକ୍ରମକୁ କେନ୍ଦ୍ର ପେଟ୍ରୋଲିୟମ୍ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍ଘାଟନ କରିଥିଲେ। ବଲାଙ୍ଗୀର ଜିଲା ସ୍ତରରେ ଥିବା ୩ଟି ଉଜ୍ଜ୍ୱଳା ସାନିଟାରୀ ନାପକିନ୍ ନିର୍ମାଣ ୟୁନିଟ୍‌ର ଶୁଭ ଉଦ୍ଘାଟନ ହୋଇଥିଲା। ଜିଲାର କୁଶଙ୍ଗ, ଯୋଗୀମୁଣ୍ଡା ଓ ବଙ୍ଗୋମୁଣ୍ଡାଠାରେ ଥିବା ସାନିଟାରୀ ନାପକିନ୍ ନିର୍ମାଣ ୟୁନିଟ୍‌ରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଛି। ଯୋଗୀମୁଣ୍ଡାଠାରେ ମୁଖ୍ୟଅତିଥିଭାବେ ପୂର୍ବତନ ଏମପି ସଙ୍ଗୀତା କୁମାରୀ ସିଂଦେଓ ଯୋଗଦେଇଥିଲେ । ସାନିଟାରୀ ନାପକିନ୍‌ର ବ୍ୟବହାର ଓ ଏହାର ସୁଲଭ ଉପଲବ୍ଧ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ଅତିଥିଭାବେ ବୈଜୟନ୍ତୀ ପାଣିଗ୍ରାହୀ, ଶୈଳବାଳା ବାଗଙ୍କ ସହ ପାଟଣାଗଡ, ବେଲପଡା ଓ ଖପ୍ରାଖୋଲ ବ୍ଲକରୁ ଆସିଥିବା ଜିଲା ପରିଷଦ ସଭ୍ୟା ସବିତା ସରାଫ, ଦେବକୀ ତାଣ୍ଡି, ସୋନିକା ସୁନା, ଜ୍ୟୋତ୍ସ୍ନା ସାହୁ, ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ବେହେରା, ସିଏସ୍‌ସି ଜିଲା ଅଧିକାରୀ ରାଜେନ୍ଦ୍ର ମହାଲିଙ୍ଗ, ଉଜ୍ଜ୍ୱଳା ଜିଲା ନୋଡାଲ ଅଧିକକାରୀ ଗିରିଶ କୁମାର ଯାଦବ, ଜନସେବା କେନ୍ଦ୍ର ପରିଚାଳକ କୈଳାସ ସେଠ୍ ଉପସ୍ଥିତ ଥିଲେ । ସିଏସସି ତରଫରୁ ଆଲୋକ ପାତ୍ର ମଞ୍ଚ ପରିଚାଳନା କରିଥିଲେ । ଲୋଇସିଂହା ବ୍ଲକର କୁଶଙ୍ଗଠାରେ ଥିବା ସାନିଟାରୀ ନାପକିନ୍ ନିର୍ମାଣ ୟୁନିଟ୍ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ ଯୋଗଦେଇ କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନାରେ ପ୍ରସ୍ତୁତ ନାପକିନ ବିଷୟରେ ସ୍ଥାନୀୟ ଜନସାଧାରଣଙ୍କୁ ବୁଝାଇଥିଲେ । ସମ୍ମାନୀତ ଅତିଥି ଭାବରେ ଅଞ୍ଜନା ଭୋଇ, ସୌଦାମିନୀ ସାହୁ ଓ ଇ-ଗଭର୍ଣ୍ଣାନ୍ସ ଜିଲା ଅଧିକାରୀ ଆଶିଷ କୁମାର ହୋତା, ସ୍ଥାନୀୟ ସିଏସସି ପରିଚାଳକ ଗଙ୍ଗାଧର ଦେହେରୀଙ୍କ ସହ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ ।

# ଆର୍‌ଡିସି ଡିଭିଜନ ପ୍ରତିଷ୍ଠା ପାଇଁ ଦାବିପତ୍ର

**ବଲାଙ୍ଗୀର ଅଫିସ, ୧।୧**

ବଲାଙ୍ଗୀର ସଚେତନ ନାଗରିକ ମଞ୍ଚ ତରଫରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା କରାଯିବା ନେଇ ସ୍ୱାଧୀନତା ପରଠାରୁ ଦାବି ହୋଇଆସୁଛି। ଶୀଘ୍ର ବେଞ୍ଚ ପ୍ରତିଷ୍ଠା କରିବା ପାଇଁ ଦାବି କରାଯାଇଥିଲା । ଏହା ସହିତ ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟ, ଓଡିଶା ରାଜ୍ୟ ଖାଉଟି ଅଦାଲତର ବେଞ୍ଚ ବଲାଙ୍ଗୀରରେ ପ୍ରତିଷ୍ଠା କରାଯିବାକୁ ଦାବି କରାଯାଇଛି । ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ତୁରନ୍ତ ବିଶ୍ୱବିଦ୍ୟାଳୟ ମାନ୍ୟତା ଓ ବଲାଙ୍ଗୀରରେ ରାଜସ୍ୱ କମିଶନ (ଆରଡିସି) ଡିଭିଜନ ପ୍ରତିଷ୍ଠା କରାଯିବାକୁ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପଛରେ ପଡିଥିବା ବଲାଙ୍ଗୀର ବିକାଶ ଦିଗରେ ବହୁ ପଛରେ ପଡିଥିବାରୁ ଏହି ଅଞ୍ଚଳର ଦ୍ରୁତ ବିକାଶ ପାଇଁ ଉପରୋକ୍ତ ୫ଟି ମୁଖ୍ୟ ନ୍ୟାଯ୍ୟ ଦାବି ପୂରଣ କରିବା ଦିଗରେ ରାଜ୍ୟପାଳ ପଦକ୍ଷେପ ନିଅନ୍ତୁ ବୋଲି ମଞ୍ଚ ପ୍ରତିନିଧିମାନେ ଅନୁରୋଧ କରିଥିଲେ । ସଚେତନ ନାଗରିକ ମଞ୍ଚ ସଦସ୍ୟ ଆଡଭୋକେଟ୍ ଜୟକୃଷ୍ଣ ସାହୁ, ପ୍ରମୋଦ କୁମାର ଭୋଇ, ଗୋପାଲଜୀ ପାଣିଗ୍ରାହୀ, ଗିରିଶ ସିଂଦେଓ, ବିନୋଦ କାଲସାଏ ଓ ରିଲୁ ରଥ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ଉପରୋକ୍ତ ଦାବି ଶୀଘ୍ର ପୂରଣ କରିବା ଦିଗରେ ଉଚିତ୍ ପଦକ୍ଷେପ ନେବେ ବୋଲି ଅନୁରୋଧ କରିଥିଲେ । ରାଜ୍ୟପାଳ ଉଚିତ୍ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ମଞ୍ଚ ସଦସ୍ୟମାନେ ସୂଚନା ଦେଇଛନ୍ତି ।

ଜିନ୍ଦାବାଦ ସଂଗଠନର ପ୍ରତିଷ୍ଠା ଦିବସ

# ସାମ୍ବିଧାନିକ ଅଧିକାର ଉପରେ ସଚେତନତା ସୃଷ୍ଟି ଆହ୍ୱାନ

**ଖପ୍ରାଖୋଲ ୧।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ ଅନ୍ତର୍ଗତ କପସିପାଲିଠାରେ ଜିନ୍ଦାବାଦ ସଂଗଠନର ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସଂଗଠନ ସଭାପତି ଲୋଚନ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥି ଦଳିତ ନେତା ଶ୍ରୀପତୀ କୁମ୍ଭାର, ମୁଖ୍ୟବକ୍ତା ସଂଗଠନ ଉପଦେଷ୍ଟା ତଥା ଆଇନଜୀବୀ ତ୍ରିଲୋଚନ ପୁଂଜି, ସମ୍ମାନିତ ଅତିଥିଭାବେ ନୀଳମଣି ଜାଲ ଯୋଗଦେଇଥିଲେ । ସଭା ଆରମ୍ଭରୁ ପତାକା ଉତ୍ତୋଳନ ସହ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସଂଗଠନର ପ୍ରଶିକ୍ଷଣ ପରିଦର୍ଶନ ପାଇଁ ମୁମ୍ବାଇ ଯାଇ ଫେରିଥିବା ଦଳକୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ସଂଗଠନର ବାର୍ଷିକ ବିବରଣୀ ପଠନ ସହିତ ବିଭିନ୍ନ ସମସ୍ୟା ଉପରେ କରୁଥିବା କାର୍ଯ୍ୟକ୍ରମ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ, ଦାଦନ ଶ୍ରମିକ, ନିର୍ମାଣ ଶ୍ରମିକ, ମାନବିକ ଅଧିକାର, ଭୂମିହୀନଙ୍କ ଜମି ଅଧିକାର, ଚାଷୀ, ଶ୍ରମିକ, ଆଦିବାସୀ, ଦଳିତମାନଙ୍କ ବିଭିନ୍ନ ଅଧିକାର ଉପରେ ଆଲୋଚନା କରାଯାଇଥିଲା । ସେହିପରି ସ୍ୱାଧୀନତାର ୭୦ବର୍ଷ ପରେ ବି ଲୋକେ ନିଜର ସାମ୍ବିଧାନିକ ଅଧିକାର ଜାଣି ନ ଥିବାରୁ ଆଜି ବି ଶୋଷଣର ଶିକାର ହେଉଛନ୍ତି। ନିରୀହ ଲୋକ ପ୍ରତିଥର ବିଭିନ୍ନ ରାଜନୈତିକ ଦଳର ପ୍ରରୋଚନାରେ ପଡି ଭୋଟ ଦେଲା ପରେ କୌଣସି ବିକାଶ ହେଉ ନ ଥିବା ଦୁଃଖର କଥା ବୋଲି ବକ୍ତାମାନେ ମତପୋଷଣ କରିଥିଲେ । ତେଣୁ ପ୍ରତି ଗାଁଗାଁରେ ଲୋକଙ୍କ ସାମ୍ବିଧାନିକ ଅଧିକାର ପାଇଁ ସଂଗଠନ ତରଫରୁ ସଚେତନତା ବାର୍ତ୍ତା ଦେବା ପାଇଁ ଆହ୍ୱାନ ଦେଇଥିଲେ । ସମାବେଶରେ ଡୁଳାମଣି ବନଛୋର, ଗୁଲାପ ନିଆଲ, ଗୌରାଙ୍ଗ ବାଗ, ରଘୁନାଥ ରଣା, ସୁରୁସିଂ ମାଝୀ, ପ୍ରମୁଖ ଉଦବୋଧନ ଦେଇଥିବା ବେଳେ ଖପ୍ରାଖୋଲ, ତୁରେକେଲା, ବଙ୍ଗୋମୁଣ୍ଡା, ପାଟଣାଗଡ, ବେଲପଡା ବ୍ଲକ ଅଞ୍ଚଳର ଶତାଧିକ ମହିଳାପୁରୁଷ ଯୋଗ ଦେଇଥିଲେ । ଶେଷରେ ତ୍ରିଲୋଚନ ପୁଂଜି ଧନ୍ୟବାଦ ଅର୍ପଣ କରିଥିଲେ ।




ଜିନ୍ଦାବାଦ ସଂଗଠନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଆଧ୍ୟାତ୍ମିକ ପରିବେଶରେ ପାଳିଲେ ନବବର୍ଷ

**ଦେଓଗାଁ,୧।୧୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ବରକାନୀବାସୀ ଗତ ୧୦ ବର୍ଷହେଲା ଏକ ନିଆରା ଢ଼ଙ୍ଗରେ ନବବର୍ଷ ପାଳନ କରିଆସୁଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ମଧ ମଙ୍ଗଳବାର ଗ୍ରାମବାସୀ ଶ୍ରୀ ସତ୍ୟସାଇ ଭଜନ ସତସଙ୍ଗ କରି ପାଳନ କରିଛନ୍ତି ନୂତନବର୍ଷ। ସ୍ଥାନୀୟ ଭଜନ ମଣ୍ଡଳୀ ଆନୁକୂଲ୍ୟରେ ନିକଟସ୍ଥ ଆମ୍ରକାନନଠାରେ ଅନୁଷ୍ଠିତ ଉତ୍ସବ ଅବସରରେ ପ୍ରାତଃରେ ଓଁକାର ସୁପ୍ରଭାତମ୍ ଓ ନଗର ସଂକୀର୍ତ୍ତନ, ଷୋଡଶୋପଚାର ପୂଜା, ଲକ୍ଷାର୍ଚ୍ଚନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀସତ୍ୟସାଇ ବାବାଙ୍କ ଭଜନ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଦୀପ ତ୍ରିପାଠୀ ପୂଜକ ଦାୟିତ୍ୱ ତୁଲାଇଥିବା ବେଳେ କୈଳାସ ମେହେର ଓ ତାଙ୍କ ପତ୍ନୀ କୌଶଲ୍ୟା ମେହେର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଜନକ ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡା.ରସରାଜ ଠାକୁର ଯୋଗଦେଇ ଭଗବାନ ବାବାଙ୍କୁ ସ୍ମରଣ କରି ଯେ କୌଣସି କାର୍ଯ୍ୟ ଆରମ୍ଭ କଲେ କାର୍ଯ୍ୟ ସିଦ୍ଧି ହେବା ସହ ଆତ୍ମସନ୍ତୋଷ ପ୍ରାପ୍ତି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ବକ୍ତାଭାବେ ତପସ୍ୱିନୀ ପାଢ଼ୀ, ଗୋବିନ୍ଦ ମେହେର, ଶ୍ରୀବତ୍ସ ରଣା ପ୍ରମୁଖ ଯୋଗଦେଇ ଭଗବାନ ବାବାଙ୍କ ଲୀଳା ଉପରେ ଅଲୋକପାତ କରିଥିଲେ । ପ୍ରଶାନ୍ତ ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବାଳବିକାଶ ଛାତ୍ରୀ ସିମରନ ମେହେର, ଆଶା ମେହେର, ରଶ୍ମିତା ମେହେର ଓ ବନ୍ଦିତା ମାଝୀ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ପରାମର୍ଶଦାତା ସାଧୁରାମ ପୁରୋହିତ, କୁମାର ଷାଣ୍ଢ, ବିର୍ଦ୍ଧିଚନ୍ଦ ଅଗ୍ରୱାଲ, କୃଷ୍ଣ କୁମାର ସାହୁ, ରାଜୁ ପୁଟେଲ, ଶରତ କୁମାର ପୁଟେଲ, ବିନୋଦ ସାହୁ ପ୍ରମୁଖ ଯୋଗଦେଇଥିଲେ।



ବରକାନୀରେ ନବବର୍ଷ ପାଳନ ଅବସରରେ ବାଳବିକାଶ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଉଛି ।

## ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ବୈଠକ

**ଖପ୍ରାଖୋଲ ୧।୧(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ବିନ୍ଧ୍ୟବାସିନୀ ମନ୍ଦିର ପରିସରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ହରିଶଙ୍କର ଶାଖାର ବାର୍ଷିକ ବୈଠକ ଯୁଗ୍ମ ଆବାହକ ଗୁପ୍ତେଶ୍ୱର କୁଅଁରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ମୁଖ୍ୟବକ୍ତା ସାମାଜିକ କର୍ମୀ ରାଜେଶ ଝାଁକର, ଭାଜପା ମଣ୍ଡଳ ସଭାପତି ଶଶି ପୂଝାରୀ ଯୋଗଦେଇ ଗନ୍ଧମାର୍ଦ୍ଦନ ଆନ୍ଦୋଳନର ଗୌରବମୟ ଇତିହାସର ଅବତାରଣା କରିଥିଲେ। ଏଥିସହ ଗନ୍ଧମାର୍ଦ୍ଦନ ତଳି ଅଞ୍ଚଳରେ ଯୁବପୀଢି ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ଗାଁଗାଁରେ ଯୁବ ଗୋଷ୍ଠୀ ଗଠନ ଉପରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଟିକେଶ୍ୱର ଧରୁଆ, ଅଭୟ ତ୍ରିପାଠୀ, ଶତ୍ରୁଘ୍ନ ନାଏକ, ଗଜ ନାଗ, ତାପସ ବେହେରା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଲୁଟେରା ଗିରଫ, ସୁନାଚେନ୍ ଉଦ୍ଧାର

**ବଲାଙ୍ଗୀର ଅଫିସ, ୧।୧**

ସୁନାଚେନ୍ ଲୁଟି ଫେରାର ହୋଇ ଯାଇଥିବା ଦୁଇଜଣ ଲୁଟେରାଙ୍କୁ ବଲାଙ୍ଗୀର ଆଦର୍ଶ ଥାନା ପୋଲିସ ଗିରଫ କରିବା ସହ ସୁନାଚେନ୍ ଉଦ୍ଧାର କରିଛି । ଏ ସଂକ୍ରାନ୍ତରେ ଆଦର୍ଶ ଥାନାରେ ନବବର୍ଷର ପ୍ରଥମ ଦିନ ପ୍ରଥମ ମାମଲା (ନଂ୧/୧୯) ରୁଜୁ କରାଯାଇଥିଲା । ବଲାଙ୍ଗୀର ସହର ପ୍ୟାଲେସ ଲାଇନ୍‌ଠାରେ ଅପରାହ୍ଣ ପ୍ରାୟ ୩ଟାରେ ଘର ବାରଣ୍ଡାରେ ଓମ୍‌ପ୍ରକାଶ ନାୟକଙ୍କ ମାତା ବସିଥିବାବେଳେ ଦୁଇଜଣ ଯୁବକ ବାଇକରେ ଆସି ତାଙ୍କ ବେକରୁ ୫୦ହଜାର ଟଙ୍କାର ସୁନାଚେନ୍ ଲୁଟ୍ କରି ଫେରାର ହୋଇଯାଇଥିଲେ । ଏନେଇ ଆଦର୍ଶ ଥାନାରେ ଅଭିଯୋଗ ହେବା ପରେ ପିସିଆର୍ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରି ଲୁଟ୍ ଘଟଣାରେ କନ୍ଧପାଲିପଡାର ଉଦିତ୍ କୁମ୍ଭାର (୨୩) ଓ ଆନନ୍ଦନଗରପଡାର ସିଦ୍ଧାନ୍ତ କଲେତ୍ (୨୨)ଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଲୁଟ୍ ହୋଇଥିବା ସୁନାଚେନ୍ ଉଦ୍ଧାର କରିଥିଲେ । ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ଟାଉନ୍ ଥାନାରେ ରଖାଯାଇଛି ଓ ବୁଧବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ। ଏହା ପୂର୍ବରୁ ସହରରେ ଅନେକ ଥର ସୁନାଚେନ୍ ଲୁଟ୍ ଘଟଣା ଘଟିଥିଲେ ମଧ ପୋଲିସ କାହାରିକୁ ଗିରଫ କରିପାରିନାହିଁ । ସେସବୁ ଲୁଟ୍ ଘଟଣାରେ ଗିରଫ ଦୁଇ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଛି କି ନାହିଁ ସେନେଇ ପୋଲିସ ତର୍ଜମା କରୁଛି। ନବବର୍ଷର ପ୍ରଥମ ଦିନରେ ଲୁଟ୍ ଘଟଣା ଘଟିଥିବାବେଳେ ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ଲୁଟ୍ ସୁନାଚେନ୍ ଉଦ୍ଧାର କରିଛି ।

# ନୂଆବର୍ଷରେ ହରିଶଙ୍କରଠାରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖପ୍ରାଖୋଲ ୧।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପର୍ଯ୍ୟଟନ ହରିଶଙ୍କରଠାରେ ନୂଆବର୍ଷ ଅବସରରେ ପ୍ରବଳ ଭିଡ ମଙ୍ଗଳବାର ଦେଖିବାକୁ ମିଳିଥିଲା । ବଡି ଭୋରରୁ ଶ୍ରଦ୍ଧାଳୁମାନେ ହରିଶଙ୍କର ବାବାଙ୍କ ଦର୍ଶନ ସହିତ ନିଜର ତଥା ବିଶ୍ୱର ମଙ୍ଗଳ ମନାସିଥିଲେ । ଭିଡକୁ ଲକ୍ଷ୍ୟରେ ରଖି ମନ୍ଦିର ପ୍ରଶାସନ ତରଫରୁ ଶାନ୍ତିଶୃଙ୍ଖଳା ସହ ଦର୍ଶନ ବ୍ୟବସ୍ଥା ପାଇଁ ବରିକେଡ କରାଯାଇ ପୋଲିସ୍ ମଧ୍ୟ ମୁତୟନ ହୋଇଥିଲେ । ଗନ୍ଧମାର୍ଦ୍ଦନ ପାହାଡ ତଳି ଅଞ୍ଚଳ, ପାପନାଶିନୀ ଝରଣା କୂଳ, ଲିଚୁ ବଗିଚା, ପୁରୁଣା ଚିଡିଆଖାନା ଅଞ୍ଚଳରେ କେଉଁଠି ଭୋଜି ଭାତ ତ କେଉଁଠି ନାଚଗୀତରେ ଲୋକେ ମସଗୁଲ ଥିବା ଦେଖିବାକୁ ମିଳିଥିଲା । ନୂଆ ବର୍ଷ ଅବସରରେ ଠାକୁର ଦର୍ଶନ ଶାନ୍ତିଶୃଙ୍ଖଳା ସହ କରିବା ବ୍ୟବସ୍ଥା କରାଯାଇଥିବା ମନ୍ଦିର ପରିଚାଳକ ବେଣୁଧର ସାହୁ ପ୍ରକାଶ କରିଥିଲେ । ପ୍ରବଳ ଜନସମାଗମ ସହିତ ମଦ ନିୟନ୍ତ୍ରଣ ପାଇଁ ଖପ୍ରାଖୋଲ ପୋଲିସ୍ ତରଫରୁ ଚେକ୍‌ଗେଟଠାରେ ଗାଡି ମୋଟର ତନଖି କରିବା ସହ ବ୍ୟାବପକ ପୋଲିସ୍ ମୂତୟନ କରାଯାଇଥିବା ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।



ହରିଶଙ୍କର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ।

# ଝାରମୁଣ୍ଡା ଧନୁଯାତ୍ରା ଉଦ୍‌ଯାପିତ

**ଲୋଇସିଂହା,୧।୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଗ୍ରାମରେ ଡିସେମ୍ବର ୨୫ତାରିଖରୁ ଚାଲିଥିବା ସପ୍ତମ ବର୍ଷ ଧନୁଯାତ୍ରା ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ଦିବସରେ ଗୋପପୁରରେ ଅକ୍ରୁର ଗମନ କାର୍ଯ୍ୟକ୍ରମ ଓ ସନ୍ଧ୍ୟାରେ କଂସ ବଧ ଓ ମଥୁରାରେ ଧନୁଯାତ୍ରା ଦୃଶ୍ୟ ଅଭିନୀତ ହୋଇଥିଲା । ଏଠାରେ ବରଗଡ ଧନୁଯାତ୍ରାର ପୂର୍ବତନ କଂସ ହୃଷିକେଶ ଭୋଇ କଂସ ଭୂମିକା ଓ ତାଙ୍କ ସାଥୀ କଳାକାର ବିଭିନ୍ନ ଭୂମିକାରେ ଉଚ୍ଚକୋଟିର ଅଭିନୟ କରିଥିଲେ । ଉଦଯାପନୀ ସନ୍ଧ୍ୟା କଂସ ଦରବାରରେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାରଞ୍ଜନ ବେହେରା, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ସାହୁ , ସାମାଜିକ କର୍ମୀ ଲଳିତ କୁମାର ନାୟକ ଅତିଥିଭାବେ ଯୋଗଦେଇଥିଲେ । ସାମାଜିକ କର୍ମୀ ନାଏକ ତାଙ୍କ ବକ୍ତବ୍ୟରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସମ୍ପର୍କରେ ଉପସ୍ଥାପନା କରିଥିଲେ । ଏହାର ଉତ୍ତରରେ ମହାରାଜ କଂସ ବଲାଙ୍ଗୀର ହିଁ ଉପଯୁକ୍ତ ସ୍ଥାନ ବୋଲି ମତ ଦେଇଥିଲେ । ଏହି ଅବସରରେ ଅତିଥିମାନେ ସପ୍ତାହ ବ୍ୟାପୀ ଅଭିନୟ କରିଥିବା କଳାକାର ଓ ସାଂସ୍କୃତିକ ଦଳଗୁଡିକୁ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଧନୁଯାତ୍ରା କମିଟିର ଅନଙ୍ଗ ଗଡତ୍ୟାଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ ।



ଉଦ୍‌ଯାପନୀ ସନ୍ଧ୍ୟାରେ କଂସ ମହାରାଜଙ୍କ ସହ ଅତିଥି ଓ କଳାକାର ।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ନୂଆବର୍ଷ ପିକ୍‌ନିକ୍: ପୋଖରୀରେ ବୁଡ଼ି ଯୁବକ ନିଖୋଜ

**ଝାରସୁଗୁଡା ଅଫିସ,୧।୧**-ପିକ୍‌ନିକ୍ କରିବାକୁ ଯାଇ ଜଣେ ଯୁବକ ପୋଖରୀରେ ବୁଡିଯାଇଛନ୍ତି। ବଡମାଲ ଥାନା ଅଧୀନ ବେହେରାପାଲି ଠାରେ ଏହି ଦୁର୍ଘଟଣା ଘଟିଥିବାବେଳେ ଯୁବକଙ୍କ ପତା ମିଳିପାରି ନାହିଁ। ତେବେ ସନ୍ଧ୍ୟା ହୋଇଯିବାରୁ ଯୁବକଙ୍କୁ ଉଦ୍ଧାର କରାଯାଇପାରି ନ ଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି। ମଙ୍ଗଳବାର ନୂଆବର୍ଷ ପାଳନ କରିବାକୁ ସରବାହାଲର କେତେକ ଯୁବକ ବେରୋପାଲି ଅଞ୍ଚଳକୁ ଯାଇଥିଲେ। ଭୋଜିଭାତ ଶେଷ ହେବା ପରେ ରୋଷେୟା ଏବଂ ସହଯୋଗୀ ବାସନ ମାଜିବାକୁ ଏକ ନିକଟସ୍ଥ ପୋଖରୀକୁ ଯାଇଥିଲେ। ଗୋଟିଏ ବାସନ ଭାସିଯିବାରୁ ରୋଷେୟାଙ୍କ ସହଯୋଗୀ ପୋଖରୀ ଭିତରକୁ ଆଣିବାକୁ ଯାଇଥିଲେ। କିନ୍ତୁ ହଠାତ୍ ପୋଖରୀ ଗାଡରେ ଫସିଯିବାରୁ ପହଁରି ନ ପାରି ବୁଡି ଯାଇଥିଲେ। ଖବରପାଇ ବଡମାଲ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ସନ୍ଧ୍ୟା ସୁଦ୍ଧା ଉଦ୍ଧାର ହୋଇ ନ ଥିବା ଜଣାଯାଇଛି।



### ହାଡଭଙ୍ଗା ଶୀତରେ ଜନଜୀବନ ଅସ୍ତବ୍ୟସ୍ତ

**କୋଲାବିରା,୧।୧(ଡି.ଏନ.ଏ.)** -ହାଡଭଙ୍ଗା ଜାଡରେ ଥରୁଛି ସାରା ରାଜ୍ୟ। ଗାଁ ଠୁ ସହର ସବୁଠି ଜାଡ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ରାତି ଯେତିକି ବଢୁଛି ଥଣ୍ଡା ମଧ ସେତିକି ଅନୁପାତରେ ବଢିବାରେ ଲାଗୁଛି। ସ୍ଥିତି ଏପରି ଯେ, କୋଲାବିରା ଅଞ୍ଚଳରେ ପାରଦ ୯ଡିଗ୍ରୀ ତଳକୁ ଖସି ଆସିଲାଣି। ଗତ ତିନି ଦିନ ହେଲା ଜିଲାରେ ତାପମାତ୍ରା ହ୍ରାସ ପାଇବା ସହ ପ୍ରବଳ ଶୀତ ଲହରି ଜାରି ରହିଛି। ଘରେ ବାହାରେ ରାସ୍ତାଘାଟ, ଛକରେ ନିଆଁ ଜାଳି ରହୁଛନ୍ତି ଲୋକେ। ସେହିପରି ଗାଁ ଗଣ୍ଡାରେ ଲୋକେ କାଠଗଣ୍ଡି ଜାଳି ବସି ରହୁଛନ୍ତି। ଅନେକ ଲୋକ ଘରେ ଅନ୍ତରା ଜାଳି ରହୁଛନ୍ତି। ଶୀତ ଯୋଗୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ବୟସ୍କ ଲୋକଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକଙ୍କ କଷ୍ଟ ଦ୍ୱିଗୁଣିତ ହେଇଯାଉଛି। ଶୀତର ପ୍ରକୋପ ଯୋଗୁ ଲୋକଙ୍କ ଯାତାୟତ କମିଯାଇଛି ରାସ୍ତାଘାଟ ଶୁନ୍‌ଶାନ ଲାଗୁଛି। ଦିନ ତମାମ କୋହଲାପାଗ ବୋହିବା ସହ ସନ୍ଧ୍ୟା ହେଲେ ଲୋକେ ଘର ତାଟି କବାଟବନ୍ଦ କରି ଦେଉଛନ୍ତି। ଆଉ କିଛି ଦିନ ଧରି ଏଭଳି ଶୀତର ପ୍ରକୋପ ଜାରି ରହିଲେ ଅଞ୍ଚଳବାସୀଙ୍କ ଦୁଃଖ ବଢିବାର ସମ୍ଭାବନା ରହୁଛି। ଡିସେମ୍ବର ମାସରେ ଏତେ ମାତ୍ରାରେ ତାପମାତ୍ରା ଖସିବା ୨୫ବର୍ଷର ରେକର୍ଡ ବୋଲି କୁହାଯାଉଛି। ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରୁଛି, ଆସନ୍ତାକାଲିଠାରୁ ୩ତାରିଖ ପର୍ଯ୍ୟନ୍ତ ଭୀଷଣ ଶୀତର ଲହରି ଓଡିଶାକୁ ମାଡି ଆସିବାର ସମ୍ଭାବନା ରହିଛି। ଏହାପରେ ସ୍ଥିତିରେ ସାମାନ୍ୟ ସୁଧାର ଆସିପାରେ। ମାତ୍ର ୫ତାରିଖ ଯାଏ ଥଣ୍ଡାରୁ ମୁକ୍ତି ପାଇବାର ଆସା ଦେଖାଯାଉ ନାହିଁ। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଅଧିକାରୀଙ୍କ କହିବାନୁଯାୟୀ, ଚଳିତ ବର୍ଷ ପ୍ରଥମ ଥର ପାଇଁ ଏଭଳି ସ୍ଥିତି ହୋଇଛି।



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।



ଦୁଲ୍‌ଦୁଲି ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ଜିଲା ଗଠନକୁ ୨୫ ବର୍ଷ: ଦୁଲ୍‌ଦୁଲି ମହୋତ୍ସବ ଆରମ୍ଭ

# ସଂସ୍କୃତି ଯୁକ୍ତ ବିକାଶ ସମାଜକୁ ଋଦ୍ଧିମନ୍ତ କରେ

**ଝାରସୁଗୁଡା ଅଫିସ,୧।୧**–ଝାରସୁଗୁଡା ଜିଲା ଗଠନର ୨୫ବର୍ଷ ଉପଲକ୍ଷେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ଆରମ୍ଭ ହୋଇଛି ୧୭ତମ ଝାରସୁଗୁଡା ଜିଲା ମହୋତ୍ସବ 'ଦୁଲ୍‌ଦୁଲି'। ଝାରସୁଗୁଡା ବିଧାୟକ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ସମାହାର ଯୁକ୍ତ ବିକାଶ ହିଁ ଜିଲାକୁ ଋଦ୍ଧିମନ୍ତ କରେ ବୋଲି କହିଥିଲେ। ସେ କହିଥିଲେ ଯେ, କେବଳ ଉନ୍ନତ ଭିତ୍ତିଭୂମି, ତ୍ୱରାନ୍ୱିତ ସେବା ଓ ସୁବିଧା ଉପଲବ୍ଧ ହେଲେ ଆମେ ବିକଶିତ ହୋଇପାରିବା ନାହିଁ। ବିକାଶ ସହ ଭାଇଚାରା, ସ୍ନେହ, ଶ୍ରଦ୍ଧା ଓ ସାଂସ୍କୃତିକ ବାତାବରଣ ହିଁ ପୂର୍ଣ୍ଣତାର ପରିଚୟ ବୋଲି ବିଧାୟକ ଦାସ କହିଥିଲେ। ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ତଥା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କହିଥିଲେ କଳା, ସଂସ୍କୃତି ଓ ଐତିହ୍ୟର ପ୍ରଚାର ଏବଂ ପ୍ରଦର୍ଶନ ପାଇଁ ଝାରସୁଗୁଡା ମହୋତ୍ସବ ଦୁଲ୍‌ଦୁଲି ଏକ ଉତ୍ତମ ପ୍ଲାଟଫର୍ମ ଯୋଗାଇବ। ଏହି ମଞ୍ଚ ସହାୟତାରେ ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ, ଗ୍ରାମାଞ୍ଚଳ କଳା, କୌଶଳ ବିକାଶ ହୋଇପାରିବ ବୋଲି ଅନ୍ୟତମ ଅତିଥି ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟେଲ, ଲଇକେରା ବ୍ଲକ୍ ଅଧ୍ୟକ୍ଷା ରୋଜାଲିନ୍ ପଟେଲ, କୋଲାବିରା ବ୍ଲକ୍ ଅଧ୍ୟକ୍ଷା ଜୟନ୍ତୀ ବାହୁକ, ଝାରସୁଗୁଡା ବ୍ଲକ୍ ଅଧ୍ୟକ୍ଷ ଦିଗମ୍ବର ଭୋଇ ପ୍ରମୁଖ କହିଥିଲେ। ଉଦ୍‌ଘାଟନୀ ଦିବସରେ ଇଷ୍ଟଦେବ ଝାଡେଶ୍ୱର ବାବାଙ୍କ ମନ୍ଦିରରୁ ପୂର୍ଣ୍ଣ କଳସ ଶୋଭାଯାତ୍ରା ବାହାରି ଷ୍ଟେଶନ ଛକ ସ୍ଥିତ ଦୁର୍ଗାମନ୍ଦିରରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ପରେ କଳସକୁ ମହୋତ୍ସବ ମଞ୍ଚରେ ସ୍ଥାପନ କରାଯାଇଥିଲା। ଉଦ୍‌ଘାଟନୀ ଅବସରରେ ସମ୍ପାଦିକା ମନ୍ଦାକିନୀ ଶତପଥୀ ଏବଂ ଅନ୍ୟ ଅତିଥିମାନେ ମହୋତ୍ସବର ସ୍ମରଣିକା 'ଦୁଲ୍‌ଦୁଲି' ଉନ୍ମୋଚନ କରିଥିଲେ। ଅତିଥିମାନେ ୨୯୪ଟି ଷ୍ଟଲ୍ ବୁଲି ଦେଖିଥିଲେ। ମନମୋହନ ସ୍କୁଲ ପଡିଆରେ ୫ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ୪୭ଟି ଟିମ୍‌ର ୭୭୧କଳାକାର ଏବଂ ଦିନ ବେଳା ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରାୟ ୧୩୦୦କଳାକାର ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରେ ଝାରସୁଗୁଡା ସୃଜନୀ ପରିବାର ତରଫରୁ ଭର୍‌ନି, ଟୁକୁନା ମିଶ୍ର ଆଣ୍ଡ ଗ୍ରୁପ୍, ଫକୀର ପଟ୍ଟନାୟକ ସଙ୍ଗୀତ ଏବଂ ଗବେଷଣା କେନ୍ଦ୍ରର ଟୁଟ୍‌କୁଟୁଟା, ଭୁବନେଶ୍ୱର ନୃତ୍ୟ ସାଧନାର ମାହାରି ନୃତ୍ୟ, କୁଚିଣ୍ଡା କଳା ସଂସ୍କୃତି ଅନୁଷ୍ଠାନର ବାଉଲା ଝୁମ୍ପା ପରିବେଷଣ ହୋଇଥିଲା। ଦୁଲ୍‌ଦୁଲି କୋର କମିଟିର ତାପସରାୟ ଚୌଧୁରୀ ମଞ୍ଚ ସଞ୍ଚାଳନ କରିଥିବା ପ୍ରଫେସର ଟହଲୁ ସାହୁ ଧନ୍ୟବାଦ ଦେଇଥିଲେ। ସୌଭାଗ୍ୟ ପଟେଲ, ଆକାଂକ୍ଷା ନାୟକ, ସାଇମନ ପ୍ରଧାନ, ସୁଚିସ୍ମିତା ଗୁରୁ, ପଦ୍ମନାଭ ମାଳି, ଡ. ମୀନା ସୋନି, ଚଞ୍ଚଳ ଦୁଆ, ପ୍ରତୀକ୍ଷା ତ୍ରିପାଠି, ଅହଲ୍ୟା ନାଏକ, ମଧୁସ୍ମିତା ପଟେଲ ପ୍ରମୁଖ ମଞ୍ଚ ସଞ୍ଚାଳନ ଦାୟିତ୍ୱ ନେଇଛନ୍ତି।

### ଟାଇଗର କ୍ଲବ, ଡ଼ିୱାଇଏମ୍ଏ ବିଜୟୀ

**ବେଲପାହାଡ଼,୧।୧(ଡ଼ି.ଏନ୍.ଏ.)**

ବେଲପାହାଡ଼ସ୍ଥିତ ଟିଆର୍‌ଏଲ ଷ୍ଟାଡ଼ିୟମଠାରେ ଚାଲିଥିବା ଗୌତମ ବହିଦାର କ୍ରିକେଟ ଲିଗର ପଞ୍ଚମ ଦିନରେ ଅମରଜ୍ୟୋତି କ୍ଲବ୍ ଓ ଟାଇଗର କ୍ଲବ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଟାଇଗର କ୍ଲବ ଟସ୍ ଜିତିଲା ପରେ ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତି ନେଇଥିଲା । ୩ ଉଇକେଟ ହରାଇ ୧୭୬ରନ୍ ସଂଗ୍ରହ କରିଥିଲା । ଘନଶ୍ୟାମ ପଟେଲ ୪୭ବଲରେ ସର୍ବାଧିକ ୮୦ରନ ଏବଂ ରାଜନ ସାହୁ ୩୮ବଲରେ ୪୯ରନ୍ କରିଥିଲେ । ଜବାବରେ ଅମର ଜ୍ୟୋତି କ୍ଲବ ୮ଉଇକେଟ ହରାଇ ୧୩୧ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଦୁଇ ପୂର୍ବବିଜେତା ଦଳ ଟାଇଗର ଲିଜେଣ୍ଡ ଓ ଡ଼ିୱାଇଏମ୍ଏ ପରସ୍ପରକୁ ଭେଟିଥିଲେ। ଟାଇଗର ଲିଜେଣ୍ଡ ପ୍ରଥମେ ବ୍ୟାଟିଂ କରି ୭ଉଇକେଟରେ ୧୨୨ରନ କରିଥିଲା। ଦଳର ବ୍ୟାଟ୍ସମ୍ୟାନ ସୁମିତ ପଣ୍ଡା ୩୫ବଲରେ ସର୍ବାଧିକ ୪୫ରନ୍ ଏବଂ ସରୋଜ ପାତ୍ର ୩୩ବଲରେ ୨୩ରନ୍ ସଂଗ୍ରହ କରିଥିଲେ । ଏହାର ଜବାବରେ ଡ଼ିୱାଇଏମଏ ଦଳ ୬ ଉଇକେଟ ହରାଇ ୧୨୩ରନ୍ କରି ମ୍ୟାଚ୍ ବିଜୟୀ ହୋଇପାରିଥିଲା । ପଥମ ମ୍ୟାଚ୍‌ରେ ଶିବରାମ ମହାରଣା ଓ ସଂଜୟ ସିଂ ଅମ୍ପେୟାରିଂ କରିଥିଲେ । ଦ୍ୱିତୀୟ ମ୍ୟାଚ୍‌ରେ ପ୍ରତ୍ୟୁଷ ଦାଶ ଓ ସତ୍ୟାନନ୍ଦ ଅମ୍ପେୟାରିଂ କରିଥିଲେ।


**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ତୁଷୁରା**
ଜିଲ୍ଲା: ବଲାଙ୍ଗୀର
- ନବବର୍ଷ ଶୁଭେଚ୍ଛା -
ବିଜ୍ଞାପିତ ଅଞ୍ଚଳ ପରିଷଦ, ତୁଷୁରା ତରଫରୁ ସହରବାସୀଙ୍କୁ ନବବର୍ଷ ୨୦୧୯ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା।



ଶ୍ରୀ ବିପିନ ବିହାରୀ ଦୀପ (ଓ.ଆର୍.ଏସ୍.)
କାର୍ଯ୍ୟନିର୍ବାହୀ ଅଧିକାରୀ



ଶ୍ରୀ ଦୀନଦୟାଳ ଶର୍ମା
ଉପ–ନଗରପାଳ



ଶ୍ରୀମତୀ ଭାଗ୍ୟଶ୍ରୀ ନାଗ
ନଗରପାଳ

ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା
୧. ଶ୍ରୀ ଭକ୍ତବନ୍ଧୁ ଭୋଇ, ସଭ୍ୟ ୱାର୍ଡ ନଂ.୧
୨. ଶ୍ରୀ ପ୍ରଦୀପ କୁମାର ସାହୁ, ସଭ୍ୟ ୱାର୍ଡ ନଂ.୨
୩. ବିନୋଦିନୀ ମାହାଲିଙ୍ଗ, ସଭ୍ୟା ୱାର୍ଡ ନଂ.୩
୪. ଶ୍ରୀମତୀ ଜ୍ୟୋସ୍ନାମୟୀ ପୁଟା, ସଭ୍ୟା ୱାର୍ଡ ନଂ.୪
୫. ଶ୍ରୀମତୀ ଚାନ୍ଦ ବାଗ, ସଭ୍ୟା ୱାର୍ଡ ନଂ.୫
୬. ଶ୍ରୀ ପ୍ରମୋଦ କୁମାର ନନ୍ଦ, ସଭ୍ୟ ୱାର୍ଡ ନଂ.୮
୯. ଶ୍ରୀମତୀ ସବିତା ରଣା, ସଭ୍ୟା ୱାର୍ଡ ନଂ.୯
୧୦. ଶ୍ରୀମତୀ ମୀନାରାଣୀ ସାହୁ, ସଭ୍ୟା ୱାର୍ଡ ନଂ.୧୦
୧୧. ଶ୍ରୀ ସୁରେନ୍ଦ୍ର ରଣା, ସଭ୍ୟ ୱାର୍ଡ ନଂ.୧୧
ବିଜ୍ଞାପିତ ଅଞ୍ଚଳ ପରିଷଦ, ତୁଷୁରା
ସ୍ୱଚ୍ଛ ତୁଷୁରା ସୁସ୍ଥ ତୁଷୁରା


ଏମ୍‌ସିଏଲ୍ ଜମିହୀନ ବିସ୍ଥାପିତଙ୍କୁ ଲଖନପୁରରେ ଥଇଥାନ

# କମ୍ପାନୀ ଜମି ଅକ୍ତିଆରକୁ ଗ୍ରାମବାସୀଙ୍କ ବିରୋଧ

**ଲଖନପୁର,୧।୧(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ଲଖନପୁର କୋଇଲା କ୍ଷେତ୍ର ଦ୍ୱାରା ବିସ୍ଥାପିତ ହେବାକୁ ଥିବା ଜମିହୀନ ଲୋକଙ୍କୁ କମ୍ପାନୀ କେତେକ ସରକାରୀ ଜମିରେ ଥଇଥାନ କରିବା ପାଇଁ ପ୍ରୟାସ ଚଳାଇଛି । ଏହା ଜାଣିବା ପରେ ଏମ୍‌ସିଏଲ୍‌ର ଏଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକେ ବିରୋଧ କରିଆସୁଛନ୍ତି । ଗତ ମାସରେ ଏଭଳି ସ୍ଥିତି ଦେଖାଦେଇଥିଲା ଖଡାମ ମୌଜାରେ । ଜମି ଅକ୍ତିଆର ପାଇଁ ରାଜସ୍ୱ ବିଭାଗକୁ ସାଙ୍ଗରେ ଧରି କମ୍ପାନୀ କର୍ତ୍ତୃପକ୍ଷ କାର୍ଯ୍ୟଆରମ୍ଭ କରିଥିଲେ । ଖବରପାଇ ଖଡାମ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବେଆଇନ୍ ଜମି ଅକ୍ତିଆରକୁ ବିରୋଧ କରିଥିଲେ । ଫଳରେ ରାଜସ୍ୱ ବିଭାଗ ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ଅସନ୍ତୋଷର ଶିକାର ହୋଇ ଫେରିଯାଇଥିଲେ । ଫଳରେ କମ୍ପାନୀ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି । ଅଞ୍ଚଳବାସୀଙ୍କ ଏଭଳି ବିରୋଧକୁ ଦୃଷ୍ଟିରେ ରଖି କମ୍ପାନୀ କର୍ତ୍ତୃପକ୍ଷ ଜିଲାପ୍ରଶାସନକୁ ହାତବାରିଶୀ କରି ଜମିହୀନଙ୍କୁ ଥଇଥାନ ଉଦ୍ଦେଶ୍ୟରେ ସରକାରୀ ଜମିକୁ ହାତେଇବା ପାଇଁ ପ୍ରୟାସ ଚଳାଇଛି । ତଥାପି ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଆସୁଛନ୍ତି । ଏଭଳି ସ୍ଥିତିରେ ପୁଣି ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଜିଲାପ୍ରଶାସନ ଓ ରାଜସ୍ୱ ବିଭାଗକୁ ହାତ କରି ଲଖନପୁର ଗ୍ରାମ ନିକଟ ବାଣ୍ଡିପାହାଡ ନିକଟରେ ଶତାଧିକ ଏକର ସରକାରୀ ଜମି ହାତେଇବା ପାଇଁ ପ୍ରୟାସ ଚଳାଇଛି । ଏ ନେଇ କମ୍ପାନୀ କର୍ତ୍ତୃପକ୍ଷ ଜିଲାପ୍ରଶାସନ ଓ ରାଜସ୍ୱ ବିଭାଗକୁ ଧରି ମଙ୍ଗଳବାର ବାଣ୍ଡିପାହାଡ ନିକଟସ୍ଥ ସରକାରୀ ଜମିରେ ଭୂମିପୂଜା କରିଛନ୍ତି । ଏଥିରେ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ଜିଲା ଭୂଅର୍ଜନ ଅଧିକାରୀ ଆଲୋମଣି ସେଠି, ତହସିଲଦାର ଜ୍ୟୋତ୍ସ୍ନାରାଣି ସାହୁ, ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ, ଆର୍‌ଆଇ ସସ୍ମିତା ବେହେରା, ଅତିରିକ୍ତ ଆର୍‌ଆଇ ନାରାୟଣ କୁଅଁର ପ୍ରମୁଖ ଅଧିକାରୀ ଉପସ୍ଥିତଥିଲେ । ସେହିଭଳି ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ପ୍ରବନ୍ଧକ ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ଜମିଅଧିଗ୍ରହଣ ବିଭାଗୀୟ ଅଧିକାରୀ ଦଶରଥ ମିଶ୍ର ପ୍ରମୁଖ ଉପସ୍ଥିତଥିଲେ । ଖବରପାଇ ଲଖନପୁର ଗ୍ରାମବାସୀ ପୂଜାସ୍ଥଳରେ ପହଞ୍ଚି କମ୍ପାନୀର ବେଆଇନ୍ ଜମି ଅଧିଗ୍ରହଣକୁ ବିରୋଧ କରିଥିଲେ । ଏଥିରେ ଗ୍ରାମର ଜଗନ୍ନାଥ ପ୍ରଧାନ, ବିଜୟ ଭୋଇ, କୁନୁ ହାତୀ, ଟଙ୍କଧର ପ୍ରଧାନ, କ୍ଷୀତିଭୂଷଣ ପ୍ରଧାନ, ଭକ୍ତରାମ ଧୁରୁଆ ପ୍ରମୁଖ ଶତାଧିକ ଲୋକ ଉପସ୍ଥିତଥିଲେ । ଏହି ଜଙ୍ଗଲରୁ ଗ୍ରାମବାସୀ ବହୁପୁରାତନ କାଳରୁ ବନ୍ୟଜାତ ଦ୍ରବ୍ୟ ସଂଗ୍ରହକରି ପାରିବାରିକ ଗୁଜୁରାଣ ଚଳାଉଛନ୍ତି । ଏଭଳି ସ୍ଥିତିରେ କମ୍ପାନୀ କର୍ତ୍ତୃପକ୍ଷ ବେଆଇନ୍‌ଭାବେ ମେଶିନ୍ ଲଗାଇ ଗଛ କାଟିବାରେ ଲାଗିଛନ୍ତି । ଯଦି ଏଠାରେ ଜମିହୀନମାନଙ୍କୁ ସରକାରୀ ହିସାବରେ ଘରଡିହ ଜମିପଟ୍ଟା ପ୍ରଦାନ କରାଯିବ । ତା'ହେଲେ ପଞ୍ଚାୟତରେ ସର୍ବସାଧାରଣଙ୍କ ଅବଗତି ପାଇଁ ଜିଲାପ୍ରଶାସନ ତରଫରୁ ଜନଶୁଣାଣି ହେବା କଥା । ଏ ନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ଏମ୍‌ସିଏଲ୍ ଏଠାରେ ବିସ୍ଥାପିତଙ୍କୁ ଥଇଥାନ କରିବ । ସ୍ଥାନୀୟ ଲୋକେ ଏଥିରେ ପ୍ରଭାବିତ ହେବେ । ଏଥିପାଇଁ କମ୍ପାନୀ ତାର ସିଏସ୍‌ଆର୍ ପାଣ୍ଠି ବିନିଯୋଗରେ ରାସ୍ତାଘାଟ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକସେବାରେ ଉନ୍ନତି ଆଣିବା ସାଙ୍ଗକୁ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଉ। ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଛନ୍ତି । ଜିଲାପାଳ ପଟ୍ଟନାୟକ ଗ୍ରାମବାସୀଙ୍କ ଦାବିକୁ ବିଚାର କରାଯିବ ବୋଲି କହିଛନ୍ତି । ପ୍ରକାଶ ଯେ, ଏମ୍‌ସିଏଲ୍ ଜମିହୀନ ବିସ୍ଥାପିତଙ୍କ ପାଇଁ ଏଠାରେ ଜିଲା ଖଣିଜ ପାଣ୍ଠି ବିନିଯୋଗରେ ରାସ୍ତାଘାଟ, ବାସଗୃହ ଆଦି ନିର୍ମାଣ ହେବ ବୋଲି ଜିଲାପ୍ରଶାସନ ବ୍ୟାନର ମାଧମରେ ପ୍ରଚାର ପ୍ରସାର ଚଳାଇଛି ।



ଜିଲା ପ୍ରଶାସନ ତରଫରୁ ଭୂମିପୂଜା ଚାଲିଥିବାବେଳେ ଗ୍ରାମବାସୀ ଏହାକୁ ବିରୋଧ କରୁଛନ୍ତି।


**ସମ୍ବଲପୁର୍ ରେଳମଣ୍ଡଳର୍ ଟିଟିଲାଗଡ଼୍ ଏବଂ ରାୟପୁର୍ ସେକ୍ସନ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ନିମନ୍ତେ ନିମ୍ନ ଅନୁଯାୟୀ ଟ୍ରେନ୍ ଚଳାଚଳ ବାତିଲ୍/ଆଂଶିକ ବାତିଲ୍ କରାଯିବ**

**ଟ୍ରେନ୍ ଚଳାଚଳ ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଷ୍ଟେସନ ଠାରୁ | ଛାଡ଼ିବା ତାରିଖ |
|---|---|---|---|
| 58217 | ଟିଟିଲାଗଡ଼ - ରାୟପୁର ପାସେଞ୍ଜର | ଟିଟିଲାଗଡ଼ | 02.01.2019 ଠାରୁ 07.01.2019 ପର୍ଯ୍ୟନ୍ତ |
| 58529 | ଦୁର୍ଗ - ବିଶାଖାପାଟଣା-ପାସେଞ୍ଜର | ଦୁର୍ଗ | |
| 58530 | ବିଶାଖାପାଟଣା - ଦୁର୍ଗ ପାସେଞ୍ଜର | ବିଶାଖାପାଟଣା | |
| 58218 | ରାୟପୁର - ଟିଟିଲାଗଡ଼ ପାସେଞ୍ଜର | ରାୟପୁର | 03.01.2019 ଠାରୁ 08.01.2019 ପର୍ଯ୍ୟନ୍ତ |

**ତା.02.01.2019 ରୁ 07.01.2019 ରିଖ ପର୍ଯ୍ୟନ୍ତ ଟ୍ରେନ୍ ସେବା ଆଂଶିକ ବାତିଲ୍**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ଛାଡୁଥିବା ଷ୍ଟେସନ | ଷ୍ଟେସନ ମଧରେ ବାତିଲ୍ |
|---|---|---|---|
| 58528 | ବିଶାଖାପାଟଣା-ରାୟପୁର ପାସେଞ୍ଜର | ବିଶାଖାପାଟଣା | ଟିଟିଲାଗଡ଼-ରାୟପୁର ମଧରେ ଉଭୟ ଦିଗରୁ ବାତିଲ୍ ହେବ |
| 58527 | ରାୟପୁର-ବିଶାଖାପାଟଣା ପାସେଞ୍ଜର | ଟିଟିଲାଗଡ଼ | |



ପୂର୍ବ ତଟ ରେଳପଥ
PR-415/J/18-19


# ମନ ମୋହିଲା ପାରମ୍ପରିକ ନୃତ୍ୟଗୀତ

ଅଯୋଧାନଗରଠାରେ ନବବର୍ଷ ପାଳନ

**କୋଲାବିରା,୧।୧(ଡି.ଏନ.ଏ.)**

ଝାରସୁଗୁଡା ଜିଲା ରଘୁନାଥପାଲି ଅଯୋଧାନଗର ଛକଠାରେ ନବ ବର୍ଷକୁ ସ୍ୱାଗତ କରାଯାଇଛି। ଏହି ଉପଲକ୍ଷେ କୋଲାବିରା ବ୍ଲକ୍‌ସ୍ତରୀୟ କଳାବିକାଶ କେନ୍ଦ୍ର ଆନୁକୁଲ୍ୟରେ କଳାସାଂସ୍କୃତିକ ସମାରୋହ ପାଳିତ ହୋଇଯାଇଛି। କଳାବିକାଶ କେନ୍ଦ୍ରର ସଭାପତି ସଚ୍ଚିଦାନନ୍ଦ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟ ଅତିଥି ଭାବେ ରଘୁନାଥପାଲି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦର ସଭାପତି ପ୍ରଜ୍ଞାସୌରଭ ଶୋଭା ଚନ୍ଦ୍ର ନାଏକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳାବିକାଶ କେନ୍ଦ୍ର ଉପଦେଷ୍ଟା ଡୋଲାମଣି ସାହୁ, ନୃପଲାଲ ପଣାୟତ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମାଫିଦାର ଯୋଗଦେଇ କଳା ଓ କଳାର ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ କଣ୍ଠଶିଳ୍ପୀ, ଯନ୍ତ୍ରଶିଳ୍ପୀ, ନୃତ୍ୟଶିଳ୍ପୀ, ସଂପ୍ରଦା, ସଂକୀର୍ତ୍ତନ, କୃଷ୍ଣଗୁରୁ, ପାଲା, ଦାସ କାଠିଆ ଓ କଳାପ୍ରେମୀ ବନ୍ଧୁଗଣ ଯୋଗଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ କବି ତଥା ସାହିତ୍ୟିକଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବରେ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ନାଟ୍ୟକାର, ସାହିତ୍ୟିକ ତଥା ଲକ୍ଷ୍ମୀନାରାୟଣ ମାହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ରୋହିତ ପଟେଲ ମୁଖ୍ୟବକ୍ତା ରୂପେ ଯୋଗଦେଇଥିବା ବେଳେ କଳାପ୍ରେମୀ ଡୋଲାମଣି ପଧାନ ମଞ୍ଚ ପରିଚାଳନା କରିଥିଲେ। ସେହିପରି କଳାବିକାଶ କେନ୍ଦ୍ର ପରିଚାଳନା କମିଟର ଉପଦେଷ୍ଟା ମଣ୍ଡଳୀର ଜଗମୋହନ ମେହେର, ଜନେକରାମ ପଧାନ, ସଚ୍ଚିଦାନନ୍ଦ ପାଢୀ, ସାଧାରଣ ସମ୍ପାଦକ ପିଙ୍କୁ ଦାସ, ଦିଗାମ୍ବର ବାରିକ, ବଲ୍ଲଭ ମହାପାତ୍ର, ଗଣେଷ ମେହେର, ନିରଞ୍ଜନ ପ୍ରଧାନ, ସେବାରତ୍ନ କ୍ଷୀରୋଦ ଚନ୍ଦ୍ର ଦାସ, ଭୋଜରାଜ ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅଯୋଧାନଗରଠାରେ ନବ ବର୍ଷ ପାଳନ ଅବସରରେ ଯୋଗଦେଇଥିବା ଅତିଥିବୃନ୍ଦ।


**ସୂଚନା**
ରେଳବାଇ ଚାକିରୀ ଆଶାୟୀ ଧ୍ୟାନ ଦିଅନ୍ତୁ



**RPF/RPSFରେ ନିଯୁକ୍ତି**



ଏମ୍ପ୍ଲୟମେଣ୍ଟ ନ୍ୟୁଜ ସଂସ୍କରଣ 22-28 ଡିସେମ୍ବର, 2018 ଅନ୍ତର୍ଗତ ଏମ୍ପ୍ଲୟମେଣ୍ଟ ଅଧିସୂଚନା ନଂ.03/2018 ରେ ଅଧିସୂଚିତ ଅନୁଯାୟୀ ରେଳ ସୁରକ୍ଷା ବଳ (RPF) ଏବଂ ରେଳ ସୁରକ୍ଷା ସ୍ୱତନ୍ତ୍ର ବଳ (RPSF)ରେ ନିଯୁକ୍ତି ନିମନ୍ତେ 798 ଗୋଟି କନେଷ୍ଟବଳ (Ancillary) ପୁରୁଷ ଏବଂ ମହିଳା ପଦବୀ ପୂରଣ କରିବା ନିମନ୍ତେ ତା.01.01.2019 ରିଖ ଠାରୁ ଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରାଯାଉଛି । ଯୋଗ୍ୟତା ମାନଦଣ୍ଡ, ବୟସ ସୀମା ସମ୍ବନ୍ଧୀୟ କୋହଳତା, ପରୀକ୍ଷା ଶୁଳ୍କ ପୈଠ ପ୍ରଣାଳୀ, ଦରଖାସ୍ତ ଫର୍ମ ପୂରଣ ପ୍ରକ୍ରିୟା, ଜୋନ୍‌ର ପ୍ରତ୍ୟେକ ଗ୍ରୁପରେ ଟ୍ରେଡ୍ ଏବଂ ବର୍ଗ ଭିତ୍ତିକ ଖାଲି ପଦବୀ ସଂଖ୍ୟା ଏବଂ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସବିଶେଷ ବିବରଣୀ ଉପର ପ୍ରଦତ୍ତ ଅଧିସୂଚନାରେ ଉଲ୍ଲେଖ କରାଯାଇଅଛି । ପରୀକ୍ଷା ନିମନ୍ତେ ଦରଖାସ୍ତ ଫର୍ମଗୁଡ଼ିକ କେବଳ 'ଅନ୍‌ଲାଇନ୍'ରେ ପୂରଣ କରାଯିବା ଆବଶ୍ୟକ । ଉପରୋକ୍ତ ନିଯୁକ୍ତି ସମ୍ବନ୍ଧରେ ପ୍ରାମାଣିକ ସୂଚନା ଏବଂ ଅନ୍ୟ ସବିଶେଷ ବିବରଣୀ ନିମନ୍ତେ ପ୍ରାର୍ଥୀମାନେ କେବଳ ରେଳବାଇର ସରକାରୀ ୱେବ୍‌ସାଇଟ୍ www.indianrailways.gov.in ଅବଲୋକନ କରିପାରିବେ କିମ୍ବା ଏମ୍ପ୍ଲୟମେଣ୍ଟ ନ୍ୟୁଜ 22-28 ଡିସେମ୍ବର, 2018 ରେ ପ୍ରକାଶିତ ଅଧିସୂଚନା ଦେଖିପାରିବେ । ଏହି ନିଯୁକ୍ତିକୁ 4 ଗୋଟି ପର୍ଯ୍ୟାୟରେ କରାଯିବ ଅର୍ଥାତ୍ (1) କମ୍ପ୍ୟୁଟର ଆଧାରିତ ପରୀକ୍ଷା (CBT), (2) ଶାରୀରିକ ଦକ୍ଷତା ପରୀକ୍ଷା (PET) ଏବଂ ଶାରୀରିକ ମାପ ପରୀକ୍ଷା (PMT), (3) ଟ୍ରେଡ୍ ପରୀକ୍ଷା (TT) ଏବଂ (4) ନଥିପତ୍ର ଯାଞ୍ଚ । ଅନ୍‌ଲାଇନ୍ ଦରଖାସ୍ତ ଫର୍ମ ପୂରଣ କରିବାର ଶେଷ ତାରିଖ ତା.30.01.2019 ଅଟେ । ପରବର୍ତ୍ତୀ ସମୟରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।



ପୂର୍ବ ତଟ ରେଳପଥ
PR-416/J/18-19




ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

- ଗୀତା



## ସଂକ୍ଷେପରେ

### ବୀରତା ଦିବସ ପାଳିତ

**କୋଲାବିରା,୧।୧(ଡି.ଏନ.ଏ.)-** କରୁଣାକର ସିଂହ ନାଏକ ସ୍ମୃତି ଟ୍ରଷ୍ଟ ପକ୍ଷରୁ କୋଲାବିରା ରାଜ ପ୍ରାସାଦ ପରିସରସ୍ଥିତ ଅସ୍ଥାୟୀ କାର୍ଯ୍ୟାଳୟଠାରେ ମଙ୍ଗଳବାର ବୀରତା ଦିବସ ସହିଦ ପାଳିତ ହୋଇଯାଇଛି। କରୁଣାକର ସ୍ମୃତି ଟ୍ରଷ୍ଟ, ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଏବଂ ସମ୍ମିଳିତ ଆଦିବାସୀ ସମାଜର ମିଳିତ ଆନୁକୂଲ୍ୟରେ ହୋଇଥିଲା ଏହି କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟଅତିଥି ଭାବେ ଟ୍ରଷ୍ଟର ସଭାପତି ଜମିଦାର ବଂଶଜ ବୀର ଅମରେନ୍ଦ୍ର ପ୍ରତାପ ସିଂହ ଯୋଗଦେଇଥିବାବେଳେ ମୁଖ୍ୟବକ୍ତାଭାବେ ସମ୍ମିଳିତ ଆଦିବାସୀ ସମାଜର ସମ୍ପାଦକ ପ୍ରଭାକର ଓରାମ ଯୋଗଦେଇଥିଲେ। ଏହି ଅବସରରେ ଘେଁଷ ଜମିଦାର ପରିବାରର ମାଧୋସିଂ ଓ ତାଙ୍କର ଭାଇ, ପୁଅମାନଙ୍କ ଅପୂର୍ବ ବଳିଦାନକୁ ସ୍ମରଣ କରାଯାଇଥିଲା। ପ୍ରଥମେ କରୁଣାକରଛକସ୍ଥିତ ଶହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆରମ୍ଭରେ କରୁଣାକର ସ୍ମୃତି ଟ୍ରଷ୍ଟର ସମ୍ପାଦକ ସୁଶିଲ ଦାସ ସ୍ୱାଗତ ଭାଷଣରେ ମାଧୋ ସିଂଙ୍କ ବୀରତ୍ୱର ଗୁଣଗାନ କରିଥିଲେ। ସେହିପରି ଉପସଭାପତି ବୀରେନ୍ଦ୍ର ମହାପାତ୍ର ତାଙ୍କ ଜୀବନର ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦ ଚନ୍ଦ୍ର ଭୋଇ, ଈଶ୍ୱର ମହାନନ୍ଦିଆ, ପ୍ରଫୁଲ୍ଲ କାଲୋ, ଶଚିଦାନନ୍ଦ ମରାଇ, ଚୁଡାମଣୀ ଧୁରୁଆ, ନେତ୍ରାନନ୍ଦ ସିଂହ ନାଏକ, ମାଧବ ସିଂହ ନାଏକ, ପଦ୍ମଲୋଚନ ବୁଦୁଲା, ରୁଦ୍ରମାଧବ ସିଂହ, ମାନଭଞ୍ଜନ ସିଂହ, ମନ୍ମଥ ନାରାୟଣ ସିଂହ, ଧର୍ମରାଜ ସିଂହ, ଚିତ୍ରସେନ ସମର୍ଥା, ଆକା ପୁରୋହିତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

■ ଶୁଭେଚ୍ଛା ଆଦାନ, ପ୍ରଦାନ ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ, ସେବା, ଅସହାୟ ବ୍ୟକ୍ତିଙ୍କୁ ସହାୟତା, ବୃକ୍ଷରୋପଣ

# ହସଖୁସିରେ କଟିଲା ବର୍ଷର ପ୍ରଥମ ଦିନ

**ସୁନ୍ଦରଗଡ଼, ୧।୧(ଡି.ଏନ.ଏ.)–** ନବବର୍ଷ ୨୦୧୯ ନେଇଆସିଛି ଅନେକ ଆଶା, ଆକାଂକ୍ଷା ଓ ସମ୍ଭାବନା। ନୂଆବରଷର ପ୍ରଥମ ଦିବସରେ ସବୁ ବର୍ଗର ଲୋକେ ନିଜର ପରିବାରର, ଦେଶର ଓ ସମଗ୍ର ବିଶ୍ୱର ମଙ୍ଗଳ କାମନା କରି ବିଭିନ୍ନ ମନ୍ଦିରରେ ଦୀପ ପ୍ରଜ୍ୱଳନ କରିଛନ୍ତି। ଆଉ କେଉଁଠି ସାଙ୍ଗ ସାଥୀ ଓ ପରିବାର ଲୋକଙ୍କ ସହିତ ନୂଆଁବର୍ଷର ଶୁଭେଚ୍ଛା ଆଦାନ, ପ୍ରଦାନ ସହ ଭୋଜି, ଭାତ, ନାଚଗୀତ, ମଉଜମସ୍ତିରେ ଦିନ ବିତାଇଥିଲେ। ଆଉ କେହି ନିଜକୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଓ ଅସହାୟ ବ୍ୟକ୍ତିଙ୍କୁ ସହାୟତା ଦେଇ ବର୍ଷର ଏହି ପ୍ରଥମ ଦିନକୁ ସ୍ୱାଗତ କରିଛନ୍ତି। ବର୍ଷର ଏହି ପ୍ରଥମ ଦିବସଟିକୁ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ କିଭଳି କଟାଇଥିଲେ ସେ ନେଇ ଧରିତ୍ରୀ ପକ୍ଷରୁ ଏକ ସ୍ୱତନ୍ତ୍ର ଉପସ୍ଥାପନା....

## ଏମାନେ ଯାହା କହନ୍ତି...



ନବବର୍ଷର ସୁପ୍ରଭାତରେ ପ୍ରଥମେ ଶାଶୁ, ଶ୍ୱଶୁରଙ୍କୁ ପ୍ରଣାମ କରି ଆଶୀର୍ବାଦ ନେଇଥିଲି। ଘରର କାମ ସାରି ମର୍ଣ୍ଣିଂ ସିଫ୍ଟ ଡ୍ୟୁଟି ଥିବାରୁ ୮ଟାରେ ହସ୍ପିଟାଲରେ ପହଞ୍ଚି ଆମ ସହକର୍ମୀଙ୍କ ଗହଣରେ ପରସ୍ପରକୁ ମିଠାଖୁଆଇ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଆଦାନ ପ୍ରଦାନ ପରେ ୱାର୍ଡରେ ଥିବା ରୋଗୀମାନଙ୍କ ସେବା କରିଥିଲି। ୨ଟାରେ ଡ୍ୟୁଟି ସାରି ଘରକୁ ଫେରି ପରିବାର ସଦସ୍ୟଙ୍କ ସହ ଏକାଠି ବିତାଇଥିବା ପରେ ସନ୍ଧ୍ୟାରେ ସ୍ୱାମୀଙ୍କ ସହ ସମଲେଶ୍ୱରୀ ମନ୍ଦିର ଯାଇ ସମସ୍ତଙ୍କ ଶୁଭମନାସି ଦୀପ ଜାଳି ଫେରିଥିଲି।

**- ସୁଜାତା ବେହେରା, ଷ୍ଟାଫନର୍ସ, ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା।**



ପୁରୁଣା ଦିନଗୁଡିକର ଏକ ନୂଆସଂସ୍କରଣ ହେଲା ନବବର୍ଷ। ଯେଉଁଠି ପୁଣି ଥରେ ନିଜକୁ ସଜାଡି ଆତ୍ମସମୀକ୍ଷା କରି ନୂତନ ଉର୍ଜା ସହ ଆଗାମୀ ଦିନ ପାଇଁ ପଥପ୍ରସ୍ତୁତ କରିବାକୁ ଏହା ସୁଯୋଗ ଦେଇଥାଏ। ଚିରାଚରିତ କାର୍ଯ୍ୟଦିବସ ପରି ନବବର୍ଷ ୨୦୧୯ର ପ୍ରଥମ ଦିନ କଟିଥିଲା। ଏଥିରେ ଥିଲା ଏକ ନୂତନ ସ୍ପନ୍ଦନ ଓ ଅସରନ୍ତି ସୁଖଦ ସମ୍ଭାବନାର ଏକ ନୂତନ ସଂସ୍କରଣ। ନୂତନବର୍ଷର ପ୍ରଥମ ଦିବସର ହସଖୁସି ସମସ୍ତଙ୍କର ସବୁଦିନ ରହିଥାଉ। ଜଗନ୍ନାଥ ସମସ୍ତଙ୍କର ମଙ୍ଗଳକାମନା କରନ୍ତୁ। ଏତିକି କାମନା।

**- ବିବିଧ ବିଶ୍ୱ , ଯୁବ ଗାଳ୍ପିକ ତଥା ବରିଷ୍ଠ ସହାୟକ ଜିଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ।**



ନବବର୍ଷର ନୂଆଁ ସକାଳକୁ ସ୍ୱାଗତ କଲି ସ୍ୱର୍ଗୀୟ, ଆଧ୍ୟାତ୍ମିକ ଚିନ୍ତନ ନେଇ। ଏହି ଦିନରେ ଘରେ ଏକ ପୂଜା ରଖିଥିଲି। ଗୁରୁପୂଜା କରିବା ସହିତ ତ୍ରୟମ୍ବକଂ ହୋମ କରି ଏକ ଶାନ୍ତ, ପବିତ୍ର ବାତାବରଣ ଭିତରେ ନୂଆବର୍ଷକୁ ପାଳନ କଲି ନିଜ ପରିବାର ଓ ଆତ୍ମୀୟ ବନ୍ଧୁ ପରିଜନଙ୍କ ସହିତ। ଭଗବାନଙ୍କୁ ପ୍ରାର୍ଥନା କଲି ଏହି ନୂତନ ବର୍ଷ ସାରାବିଶ୍ୱବାସୀଙ୍କ ପାଇଁ ମଙ୍ଗଳମୟ ହେଉ। ସମସ୍ତେ ସୁସ୍ଥ, ନିରାମୟ ଜୀବନଯାପନ କରନ୍ତୁ। ପରେ ସାଇ ମନ୍ଦିର ଯାଇ ପ୍ରସାଦସେବନ କରି ଗଭୀର ଆତ୍ମତୃପ୍ତି ପାଇଲି।

**- ଡ. ମିନତି ମିଶ୍ର, ଅଧ୍ୟାପିକା, ଡୁଡୁକା ମହାବିଦ୍ୟାଳୟ, ସୁନ୍ଦରଗଡ଼**



ସକାଳ ସାଢେ ୬ଟାରେ ଉଠି ଫ୍ରେଶ ହୋଇସାରିବା ପରେ ମେସେଜ ରିପ୍ଲାଏ, ଯେତିକି ଦେବାର କଥା ଦେଲି । ତାପରେ ଜିମ୍ ଗଲି। ନୂଆବର୍ଷ ଥିବାରୁ ଜିମ ବନ୍ଦ ଥିବାରୁ ସେଠାରେ ନିଆଁ ପୋଇଁଥିଲୁ। ତାପରେ ସୁନ୍ଦରଗଡ ସହର ଗୋଟିଏ ରାଉଣ୍ଡ ବୁଲି ସମସ୍ତଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଁ ଘରକୁ ଫେରି ଗାଧୁଆ ପାଧୁଆ ସାରି ସମଲାଇ ମନ୍ଦିର, ଜଗନ୍ନାଥ ମନ୍ଦିର ଦର୍ଶନ କଲି। ଗତ ଡିସେମ୍ବରରେ ରିଲିଜ ପାଇଁ ଅଟକିଥିବା ନିଜର ଅଭିନୀତ ଦ୍ୱିତୀୟ ଓଡିଆ ଚଳଚ୍ଚିତ୍ର ନୂତନବର୍ଷ ଜାନୁୟାରୀରେ ରିଲିଜ ହେବ ବୋଲି ଆଶା ରହିଛି।

**-ପ୍ରଦୀପ ଦତ୍ତ, ଓଡିଆ ଚଳଚ୍ଚିତ୍ର ଅଭିନେତା।**

# ସରକାରୀ ମହାବିଦ୍ୟାଳୟର ପ୍ରାଧ୍ୟାପିକାଙ୍କ ଅବସର ଗ୍ରହଣ

**ସୁନ୍ଦରଗଡ଼, ୧।୧ (ଡି.ଏନ୍.ଏ)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଟେରେସା ବେକ୍ ସୋମବାର ଚାକିରୀରୁ ଅବସରଗ୍ରହଣ କରିଛନ୍ତି। ସେ ଦୀର୍ଘ ୩୪ବର୍ଷ ଧରି ଅଧ୍ୟାପନା କରିଆସୁଥିଲେ। ସୋମବାର ତାଙ୍କ ଚାକିରୀର ଶେଷ ଦିବସ ଅପରାହ୍ନରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡିଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରୀ, ଛାତ୍ର ଓ ସହକର୍ମୀମାନଙ୍କୁ ମହାବିଦ୍ୟାଳୟ ଗୌରବକୁ ବଜାୟ ରଖି ସମାଜରେ ପ୍ରତିଷ୍ଠିତ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ସଭାରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାଦାନ କ୍ଷେତ୍ରରେ ପ୍ରାଧ୍ୟାପିକା ବେକ୍ଙ୍କ ନିଷ୍ଠାପର ଅବଦାନ ପାଇଁ କୃତଜ୍ଞତା ଜଣାଇଥିଲେ। ବରିଷ୍ଠ ପ୍ରାଧ୍ୟାପକ ଡ. ସରୋଜ କୁମାର ପଟେଲ, ଡ. ରାଧେଶ୍ୟାମ ଓତା, ଡ. ସୁଧୀର ଦାଶ, ଡ଼. କୁମୁଦିନୀ ରାଉତରାୟ, ଡ. ସୁମିତା ନାୟକ, ସତ୍ୟବାନ ବଢେଇ, ପ୍ରଦୀପ ବହିଦାର ପ୍ରମୁଖ ସହକର୍ମୀ ତାଙ୍କର ସୁସ୍ଥ ,ସୁଖମୟ ଅବସରକାଳୀନ ଜୀବନ କାମନା କରିଥିଲେ। ସରକାରୀ ମହାବିଦ୍ୟାଳୟରେ ବହୁସଂଖ୍ୟକ ପଦବୀ ଖାଲି ପଡିଥିବା ବେଳେ ଏହିଠାରୁ ଅବସର ନେଇଥିବାରୁ ଖାଲି ପଡିଥିବା ପଦବୀ ସଂଖ୍ୟା ବଢିଚାଲିଛି।

# ଅତ୍ୟଧିକ ପ୍ରବେଶ ଶୁଳ୍କ ଯୋଗୁ ଖଣ୍ଡାଧାରକୁ ପର୍ଯ୍ୟଟକଙ୍କ ଆଗମନ ହ୍ରାସ

**ଲହୁଣୀପଡା, ୧।୧ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ ତାଳବାହାଲି ପଞ୍ଚାୟତ ବୁଢ଼ାଭୁଇଁଠାରେ ଅବସ୍ଥିତ ଖଣ୍ଡାଧାର ଜଳପ୍ରପାତଠାରେ ବଣଭୋଜି ପାଇଁ ନୂଆବର୍ଷରେ ଭିଡ ଦେଖିବାକୁ ମିଳିଥିଲା। ପୂର୍ବ ବର୍ଷ ତୁଳନାରେ ଚଳିତବର୍ଷ ପର୍ଯ୍ୟଟକମାନଙ୍କ ସଂଖ୍ୟା କମି ଯାଇଥିବା ଅନୁମାନ କରାଯାଇଛି। ପ୍ରବେଶ ଶୁଳ୍କ ଯୋଗୁ ଏଭଳି ଭିଡ କମିଥିବା କୁହାଯାଉଛି। ପ୍ରବେଶ ଶୁଳ୍କକୁ ବିଭିନ୍ନ ରାଜନୈତିକ ଦଳ ବିରୋଧ କରିଛନ୍ତି। ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପ୍ରବେଶ କରାଯାଇଥିବା କୁଳିପୋଷ ରେଞ୍ଜର ମହେନ୍ଦ୍ର କୁମାର ନାଥ ସୂଚନା ଦେଇଛନ୍ତି। ଏହି ଖଣ୍ଡାଧାର ଜଳପ୍ରପାତ ବଣଭୋଜି ପାଇଁ ବେଶ ପ୍ରସିଦ୍ଧ ଲାଭ କରିଥିବାବେଳେ ଏହାକୁ ଆକର୍ଷଣୀୟ କରିବା ପାଇଁ ଓଡିଶା ସରକାରଙ୍କର ଜଙ୍ଗଲ ପରିବେଶ ବିଭାଗ ପକ୍ଷରୁ ବଣେଇ ବନଖଣ୍ଡ ମଧମରେ ଆକର୍ଷଣୀୟ କରାଯାଇଛି। ଅତ୍ୟଧିକ ପ୍ରବେଶ ଶୁଳ୍କକୁ ବିରୋଧ କରାଯାଇ ପୁନଃବିଚାର କରିବା ପାଇଁ ପ୍ରଶାସନକୁ ବିଭିନ୍ନ ରାଜନୈତିକ ଦଳ ଅନୁରୋଧ କରିଛନ୍ତି ।

■ ବୀରମିତ୍ରପୁର ପୌରପାଳିକାରେ ସ୍ୱଚ୍ଛ ଭାରତ ମିଶନ ପ୍ରହସନ

# ବୀରମିତ୍ରପୁର-ହାତୀବାରି ରୋଡ଼ରେ ପଡିଛି କୁଢ଼କୁଢ଼ ଆବର୍ଜନା

**କୁଆଁରମୁଣ୍ଡା,୧।୧(ଡି.ଏନ.ଏ.)**

ସରକାର ସ୍ୱଚ୍ଛ ଭାରତ ମିଶନ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସତ, ମାତ୍ର ଏହାର ବାସ୍ତବତା ଦେଖିଲେ ଫଳ ଓଲଟା। ସ୍ୱଚ୍ଛ ଭାରତ ନାଁରେ ଲକ୍ଷାଧିକ ଟଙ୍କା ବାଟମାରଣା ହେଉଛି। ହିତାଧିକାରୀଙ୍କୁ ଶୌଚାଳୟ ନିର୍ମାଣ ପାଇଁ ସରକାରୀ ଅର୍ଥ ଯୋଗାଇ ଦିଆଯାଉଥିଲେ ମଧ୍ୟ ବ୍ୟାପକ ପିସି କାରବାର ଯୋଗୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଛି। ଫଳରେ ହିତାଧିକାରୀ ଉକ୍ତ ଶୌଚାଳୟକୁ ବ୍ୟବହାର କରିବାକୁ ପସନ୍ଦ କରୁନାହାନ୍ତି। ସେହିପରି ସହରାଞ୍ଚଳଗୁଡିକରେ ସଫେଇ ବ୍ୟବସ୍ଥା ସୁଚାରୁରୂପେ ହେଉ ନ ଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି।



ରାସ୍ତାପାର୍ଶ୍ୱରେ ଅଳିଆ, ଆବର୍ଜନା ପଡି ରହିଛି।

ଫଳରେ ମଶା, ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ପୌରପାଳିକା। ବୀରମିତ୍ରପୁର-ହାତୀବାରି ରୋଡର ଆଲେକଜାଣ୍ଡାର ନୋଡାଲ ସ୍କୁଲ ପାଚେରି ପାର୍ଶ୍ୱରେ ସପ୍ତାହ ସପ୍ତାହ ବ୍ୟାପି ସହରର ଅଳିଆ, ଆବର୍ଜନା ପଡି ରହୁଥିଲେ ମଧ୍ୟ ସେଗୁଡିକୁ ନିରାପଦ ସ୍ଥାନରେ ଫିଙ୍ଗାଯାଉ ନାହିଁ। ଫଳରେ ଅଳିଆ, ଆବର୍ଜନାଗୁଡିକ ପଚି ନଷ୍ଟ ହେବା ଯୋଗୁ ଅଞ୍ଚଳର ପରିମଳ ବ୍ୟବସ୍ଥା ବିଗିଡିବାରେ ଲାଗୁଛି। କେବଳ ଏତିକି ନୁହେଁ, ଅଳିଆ, ଆବର୍ଜନା ପଡି ରହିବା ଯୋଗୁ ଉକ୍ତ ଅଞ୍ଚଳରେ ମଶା, ମାଛି ଇତ୍ୟାଦିଙ୍କ ବଂଶ ବୃଦ୍ଧି ପାଉଛି। ପୌରପାଳିକା ତରଫରୁ ଏଥି ନିମନ୍ତେ ସଫେଇ ଅଭିଯାନକୁ ତ୍ୱରାନ୍ୱିତ କରା ନ ଯିବାରୁ ଏପରି ଅବସ୍ଥା ସୃଷ୍ଟି ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ବିଶେଷକରି ଜିଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ପରିମଳ ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା ସୁବ୍ୟବସ୍ଥିତ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



କ୍ରିକେଟ ଧମାକା ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

# ପାମରା କ୍ରିକେଟ: ସାନବର୍ଷା ଚାମ୍ପିୟନ

**ବଡ଼ଗାଁ, ୧।୧ (ଡି.ଏନ.ଏ)**

ବଡଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମରେ ସ୍ଥାନୀୟ ରାଏଜିଙ୍ଗ ଷ୍ଟାର ଯୁଥ କ୍ଲବ ଦ୍ୱାରା ଆୟୋଜିତ କ୍ରିକେଟ ଧମାକା- ୨୦୧୮ ସୋମବାର ଉଦ୍‌ଯାପିତ ହୋଇଛି। ୨୩ ରୁ ଆରମ୍ଭ ହୋଇଥିବା ଉକ୍ତ ଟୁର୍ନାମେଣ୍ଟରେ ୩୦ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କୁତ୍ରା ବ୍ଲକ ଅନ୍ତର୍ଗତ ଖତକୁରବାହାଲ ନିକଟ ସାନବର୍ଷା ଓ ପାମରାର ଗୌର ଏକଦଶ ମଧ୍ୟରେ ହୋଇଥିଲା। ଏଥିରେ ସାନବର୍ଷା ଦଳ ଚାମ୍ପିୟନ ହୋଇଥିଲା। କୁତ୍ରା ବ୍ଲକର ପଞ୍ଚରା ତୃତୀୟ ଓ ପାମରା ରାଏଜିଙ୍ଗ ଷ୍ଟାର ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଦିବସରେ ଦିଆ ଡାଏରୀର ସିଇଓ ସୂର୍ଯ୍ୟ ରାଉତ ମୁଖ୍ୟଅତିଥି ଓ ସ୍ନେହ ପୋଲିଟାରୀ ଫାର୍ମର କର୍ମଚାରୀ ପ୍ରଶାନ୍ତ କୁଣ୍ଡୁ, ସାହାଜବାହାଲ ଲ୍ୟାମ୍ପ୍ସ ଏମଡି ସେନି ନାଏକ, ପାମରା ସରପଞ୍ଚ ଯୋଗେନ୍ଦ୍ର ବାଗ, ବସନ୍ତ ସାହୁ, ପ୍ରଫୁଲ୍ଲ ବାରିକ, ନଳୀନ ରଞ୍ଜନ ସାହୁ, କେଶବ ସାଥୁଆ, ଜୟମଙ୍ଗଳ ଖିଲାରୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବିଶ୍ୱଜିତ ବାରିକ, ରିଙ୍କୁ ସାହୁ, ଜଗଦିଶ ଖିଲାରୀ ଓ ଜଗନ୍ନାଥ ରାଉତ ଖେଳ ପରିଚାଳନା କରିଥିଲେ। ସାନବର୍ଷା ଦଳର ମୁତ୍ତେଜଙ୍କୁ ପ୍ଲେୟାର ଅଫ୍ ଦି ସିରିଜ ଭାବେ ଚୟନ କରି ପୁରସ୍କୃତ କରାଯାଇଥିଲା ।



ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଖେଳାଳିଙ୍କ ସହ ଅତିଥି, କମିଟି କର୍ମକର୍ତ୍ତା।

■ ୪୩ ତମ ଦୁଇଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ବାଞ୍ଜିପାଲି ଦଳ ଚାମ୍ପିୟନ

**ହେମଗିର, ୧।୧ (ଡି.ଏନ.ଏ)**

ହେମଗିର ବ୍ଲକର ଲକେଡଝରନ ଗ୍ରାମରେ ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଝାରସୁଗୁଡା ଜିଲାର ବାଞ୍ଜିପାଲି ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ସୁନ୍ଦରଗଡ ଓ ଝାରସୁଗୁଡା ଜିଲାରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଶେଷରେ ବାଞ୍ଜିପାଲି ଓ ସୁନ୍ଦରଗଡ ଜିଲାର ରତାଖଣ୍ଡି ଫୁଟବଲ ଦଳ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ବାଞ୍ଜିପାଲି ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲେ। ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ହେମଗିର ରାଜା ସାହେବ ସୁନୀଲ ସିଂଦେଓ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ମୁରଲୀ ପ୍ରଧାନ, ବୁଦ୍ଧଦେବ ଭୋଇ, ସୁରେନ୍ଦ୍ର କୁମାର ଚୌହାନ, ଶାନ୍ତ ଧୃଆ, ସୁନ୍ଦରଲାଲ ଓରାମ, କ୍ଷିତିରାମ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟକୁ ଗ୍ରାମର ଗଣପତି ଯୁଥ କ୍ଲବ ଆନୁକୂଲ୍ୟରେ ଆୟୋଜନ କରାଯାଇଥିଲା। ଚାମ୍ପିୟନ ଦଳକୁ ୯୯୯୯ ନଗଦ ଟଙ୍କା ଓ ଟ୍ରଫି, ରନର୍ସଅପ୍ ରତାଖଣ୍ଡିକୁ ୬୬୬୬ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। କମିଟିର ସଭାପତି ହୃଦାନନ୍ଦ ଭୋଇ, ସମ୍ପାଦକ ଶିବଲାଲ ଧୃଆ, ଫୁଲଚାନ୍ଦ ଖଡିଆ, ସବିନ ବନଛୋର, ଦିଲୀପ ଭୋଇ, ଲଳିତ ନାଏକ, ଗୋକୁଳାନନ୍ଦ ଧୃଆ, ରାମ କୁମାର ଦେୱାନ, ପରମେଶ୍ୱର ବିଶ୍ୱାଳ, ଫରସିନ୍ଧୁ ନାଏକ, ଶ୍ୟାମ କୁମାର ଦେୱାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା। ଟୁର୍ନାମେଣ୍ଟ ଗତ ୨୯ ତାରିଖରେ ଆରମ୍ଭ ହୋଇ ୩୦ରେ ସମାପ୍ତ ହୋଇଥିଲା।

# କ୍ରୀଡ଼ା ସୁସମ୍ପର୍କ, ସୁସ୍ଥ ବାତାବରଣ ସୃଷ୍ଟି କରିଥାଏ

- ୪ର୍ଥ ମେଘନା ନକ୍‌ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ
- ଗ୍ରାମାଞ୍ଚଳ କ୍ରୀଡାବିତଙ୍କୁ ପ୍ରୋତ୍ସାହନ ଦେଉଛନ୍ତି ସରକାର
- ଖେଳ ପଡିଆ ଉନ୍ନତୀକରଣ ପାଇଁ ୫ଲକ୍ଷ ଟଙ୍କା ସହାୟତା

**ନୂଆଗାଁ, ୧।୧ (ଡି.ଏନ.ଏ)**

କ୍ରୀଡା କେବଳ ମଣିଷର ମାନସିକ ଓ ଶାରୀରିକ ଦକ୍ଷତା ବୃଦ୍ଧି କରେ ନାହିଁ ବରଂ ପରସ୍ପର ମଧ୍ୟରେ ସୁସମ୍ପର୍କ, ସୁସ୍ଥ ବାତାବରଣ ଓ ସୁସ୍ଥ ପରିବେଶ ସୃଷ୍ଟି କରିଥାଏ। ତେଣୁ କ୍ରୀଡାର ବିକାଶ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ମଧ ନେଉଛନ୍ତି ବୋଲି ରବିବାର ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ଉର୍ମେଇ ପଞ୍ଚାୟତରେ ଅନୁଷ୍ଠିତ ଚତୁର୍ଥ ମେଘନା ନକ୍ ଆଉଟ୍ କ୍ରିକେଟ ଟୁର୍ନାମେଣ୍ଟର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ ଜିଲା ପରିଷଦ ଅଧ୍ୟକ୍ଷା ଏମ୍ମା ଏକ୍କା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା ଓ ବିଜେଡି ଯୁବନେତା ରୋହିତ ତନ୍ତି ଯୋଗଦେଇ ମେଘନା କ୍ରିକେଟ ଟୁର୍ନାମେଣ୍ଟର ଆୟୋଜକ ହିମାଂଶୁ ଭୂଷଣ ପଣ୍ଡା, ବିପିନ ପଣ୍ଡା, ମଙ୍ଗଳଦାସ ଖାଲଖୋ, ରମେଶ ଭୌସାଲ, ଶମ୍ଭୁ ବଡାଇକ, ପୁଷ୍ପା ଗୌଡ, ଅମୀର ଖାନ, ରାଜେଶ ବଡ଼ାଇକ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଶେଷକରି ଉର୍ମେଇ ଯୁଥ ଆସୋସିଏସନ୍‌ର ସଭାପତି ତଥା ଯୁବ ବିଜେଡି ନେତା ହିମାଂଶୁ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ୪ବର୍ଷ ହେଲା ଏହି ଖେଳ ଅନୁଷ୍ଠିତ ହେଉଥିବାରୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ତାଙ୍କୁ ଧନ୍ୟବାଦ ଦେଇଥିଲେ। ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ରବିବାର ଫାଇନାଲ ମ୍ୟାଚ ସୋରଡା ଓ ଖୁଣ୍ଟଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖୁଣ୍ଟଗାଁ ପ୍ରଥମ ବ୍ୟାଟିଂ କରି ୧୦ ଓଭରରେ ମୋଟ ୮ଉଇକେଟ ହରାଇ ୭୪ ରନ କରିଥିବା ବେଳେ ସୋରଡା ୮.୨ ଓଭରରେ ୬ ଉଇକେଟ ହରାଇ ୭୫ ରନ କରି ବିଜୟୀ ଲାଭ କରିଥିଲେ। ବିଜୟୀ ଓ ରନର୍ସଅଫ୍ ଦଳକୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଉର୍ମେଇ ପଞ୍ଚାୟତର ସରପଞ୍ଚ ଏଲିଜାବେଥ ମୁଣ୍ଡା, ନୂଆଗାଁ ପଞ୍ଚାୟତ ସମିତି ସଭ୍ୟ ଗଜେନ୍ଦ୍ର ସାହୁ, ଜାହାଡିଟୋଲି ପୂର୍ବତନ ସରପଞ୍ଚ ଶଙ୍କର ତିର୍କୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ବରିଷ୍ଠ ଶିକ୍ଷକ ରାଜକୁମାର ଗୋୱାଲା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସୋରଡା ହାଇସ୍କୁଲର ପ୍ରଧାନଶିକ୍ଷକ ଗଙ୍ଗାଧର ପଣ୍ଡା, ଯୁବକ ସଂଘର ବରିଷ୍ଠ ସଦସ୍ୟ ଅଶୋକ ମାହାତ, ରାହୁଲ ପଣ୍ଡା, ଆଇମାନ ଆନସାରୀ, ଇବ୍ରାହିମ ଆନସାରୀ, ଅମିତ ଭୌସାଲ, ଅଭିଳାଷ ଭୌସାଲ, ସୁଜିତ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ସଫଳ କରିବାରେ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଆମଗାଁ ଆମବିକାଶ ଯୋଜନାରେ ଉର୍ମେଇ ଖେଳ ପଡିଆର ଉନ୍ନତିକରଣ ପାଇଁ ସରକାର ୫ଲକ୍ଷ ଟଙ୍କା ପ୍ରଦାନ କରିଥିବାରୁ ଯୁବକ ସଂଘ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା।




ମେଘନା ନକ୍‌ଆଉଟ୍ କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।



ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।

- ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ୨୪କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଆଜି

**ରାଉରକେଲା ଅଫିସ,୧।୧**-ଫର୍ଟିଲାଇଜର ଟାଉନସିପଠାରେ ଥିବା ଗାୟତ୍ରୀ ପ୍ରଜ୍ଞାପୀଠ ଆନୁକୂଲ୍ୟରେ ବୁଧବାର ୨୪କୁଣ୍ଡିୟ ଶକ୍ତି ସମ୍ବର୍ଦ୍ଧନ ଗାୟତ୍ରୀ ମହାଯଜ୍ଞ ଆରମ୍ଭ କରାଯିବ। ଏହା ଶୁକ୍ରବାର ପର୍ଯ୍ୟନ୍ତ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ଡାକ୍ତର ରାହାସବିହାରୀ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ଏହି ପବିତ୍ର ଯଜ୍ଞୋତ୍ସବରେ ଶାନ୍ତିକୁଞ୍ଜ ହରିଦ୍ୱାର ପ୍ରତିନିଧିଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯିବ। ଏହି ଅବସରରେ ବିଭିନ୍ନ ସଂସ୍କାର ଯଥା ମୁଣ୍ଡନ, ନାମକରଣ, ଅନ୍ନପ୍ରସନ୍ନ, ବିଦ୍ୟାରମ୍ଭ ଯଜ୍ଞୋପବୀତ ଓ ବିବାହ ଆଦି ବିଭିନ୍ନ ପ୍ରକାର ସଂସ୍କାର ନିଃଶୁଳ୍କ କରାଯିବ ବୋଲି ମହାପାତ୍ର ଏଥିରେ ପ୍ରକାଶ କରିଛନ୍ତି। ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ନେଇ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକଙ୍କୁ ଗୋଟିଏ କରି ଚାରା ରୋପଣ କରାଯିବ ବୋଲି କୁହାଯାଇଛି।

### ନୂତନ ବାର୍ତ୍ତା ନେଇ ବିଜୁ ପଟ୍ଟନାୟକ ଗଣଦୌଡ଼

**ରାଉରକେଲା ଅଫିସ,୧।୧**-ସହରବାସୀଙ୍କ ପାଇଁ ନୂତନ ବାର୍ତ୍ତା ସ୍ୱଚ୍ଛ ପାନୀୟ, ସୁସ୍ଥ ମରିମଳ, ଦୁର୍ଘଟଣା ମୁକ୍ତ ସହର ଓ ପଲିଥିନମୁକ୍ତ ଲକ୍ଷ୍ୟ ନେଇ ନୂଆ ବର୍ଷ ମଙ୍ଗଳବାର ସକାଳୁ ରାଉରକେଲା ୱେଲଫେୟାର ସିଟିଜେନ ଫୋରମ ପକ୍ଷରୁ ବିଜୁ ପଟ୍ଟନାୟକ ଗଣ ଦୌଡ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ଯୁବକ ଯୋଗ ଦେଇଥିଲେ। ଗଣ ଦୌଡ ଉଦିତନଗର ଆମ୍ବେଦକର ଛକରୁ ବାହାରି ବିର୍ଶା ଛକ ପର୍ଯ୍ୟନ୍ତ ଆସିଥିଲା। ଏହି କାର୍ଯ୍ୟକ୍ରମକୁ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ଶୁଭାରମ୍ଭ କରିଥିବା ବେଳେ ଏଥିରେ ଅତିଥି ରୂପେ ଯୋଗ ଦେଇଥିଲେ ରାଉରକେଲା ଡିଏଫଓ ସଞ୍ଜୟ ସ୍ୱାଇଁ। ଅନୁଷ୍ଠାନର କର୍ମକର୍ତ୍ତା ଦେବ ସ୍ୱାଇଁଙ୍କ ସମେତ ପୂର୍ବତନ ବିଧାୟକ ରବି ଦେହୁରୀ, ମୁମତାଜ ଆଲମ, ଇମାମ ଖାନ, ଅନିରୁଦ୍ଧ ସ୍ୱାଇଁ ଅକ୍ଷୟ ବେହେରା, ଛତିଶ ଅଗ୍ରୱାଲ ଓ ସୁବୋଧ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

■ ବାହ୍ୟ ଶୌଚମୁକ୍ତ ହେଲା ରାଉରକେଲା ମହାନଗର ଅଞ୍ଚଳ

# ଗୋଷ୍ଠୀ ଶୌଚାଳୟ ପରିଚାଳନା ନେଇ ଏମ୍‌ଓୟୁ

**ରାଉରକେଲା ଅଫିସ,୧।୧**

**ରାଉରକେଲା ମହାନଗର ନିଗମ**

- ■୩ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି
- ■୪୨୯୦ଶୌଚାଳୟ ନିର୍ମାଣ ହୋଇଛି
- ■୫୧୮୬ ବ୍ୟକ୍ତିଗତ ଶୌଚାଳୟ ଲକ୍ଷ୍ୟ

ରାଉରକେଲା ମହାନଗର ନିଗମ ଅଞ୍ଚଳକୁ ବାହ୍ୟ ଶୌଚମୁକ୍ତ ଘୋଷଣା ନେଇ ସୋମବାର ଉଦିତନଗର ହାଇସ୍କୁଲ ସଭା ଗୃହଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାନଗର ନିଗମ କମିଶନର ରଶ୍ମିତା ପଣ୍ଡା ଉପସ୍ଥିତ ରହି ଗୋଷ୍ଠି ଶୌଚାଳୟ ପରିଚାଳନା ଓ ରକ୍ଷଣାବେକ୍ଷଣ ନେଇ ୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କ ସହ ଚୁକ୍ତି ସ୍ୱାକ୍ଷର କରାଯାଇଥିବା ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଆରଏମସି ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ୩ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ପାଖାପାଖି ୭୦ହଜାର ଘର ରହିଛି। ଏଥି ମଧ୍ୟରୁ ୫୧୮୬ଟି ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସେହି ଅନୁସାରେ ୪୨୯୦ଶୌଚାଳୟ ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଛି। ବାକି ଗୁଡିକର ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ରହିଛି ବୋଲି ପଣ୍ଡା ସୂଚନା ପ୍ରଦାନ କରିଥିଲେ। ଯେଉଁମାନେ ବ୍ୟକ୍ତିଗତ ଭାବେ ଏହି ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି ସେମାନେ ଏବେ ଗୋଷ୍ଠି ଶୌଚାଳୟ ବ୍ୟବହାର କରୁଛନ୍ତି ବୋଲି ପଣ୍ଡା କହିଥିଲେ। ମହାନଗର ନିଗମ ପକ୍ଷରୁ ବସ୍ତି ଅଞ୍ଚଳରେ ୬୪ଟି ଗୋଷ୍ଠି ଶୌଚାଳୟ ସ୍ଥାପନ କରାଯାଇଛି। ଏହା ବ୍ୟତୀତ ସହରର ପ୍ରମୁଖ ସ୍ଥାନରେ ୫୦ଟି ସର୍ବସାଧାରଣ ଶୌଚାଳୟ ନିର୍ମାଣ କରାଯାଇଛି ବୋଲି ପଣ୍ଡା ଏଥିରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ମହିଳା ସ୍ୱୟଂସହାୟକ ଗୋଷ୍ଠି ଓ ବସ୍ତିମାନଙ୍କରେ ଗଢା ଯାଇଥିବା ନିଗରାନି କମିଟି ଯୋଗୁ ଏପରି ସଫଳତା ମିଳି ପାରିଛି। ଏମାନେ ବାହ୍ୟ ମଳ ତ୍ୟାଗର ଭୟାବହତା ସମ୍ପର୍କରେ ବସ୍ତି ବାସିନ୍ଦାଙ୍କୁ ବୁଝାଇବାରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ବଡ ସଫଳତାରେ ଅନ୍ୟମାନଙ୍କର ମଧ୍ୟ ଭୂମିକା ରହିଛି ବୋଲି ପଣ୍ଡା ଏଥିରେ ମତ ପ୍ରକାଶ କରିଥିଲେ। ନିଗରାନି କମିଟି ଓ ଏସଏଚଜି ଗ୍ରୁପଙ୍କ ଯୋଗୁ ଏହି ସଫଳତା ମିଳିଥିବାରୁ ଉକ୍ତ କମିଟି ଏଣିକି ନିଜ ୱାର୍ଡରେ ପରିମଳ କମିଟି ରୂପେ କାର୍ଯ୍ୟ କରିବେ। ସେମାନେ ସମ୍ପୃକ୍ତ ୱାର୍ଡର ଯାବତୀୟ ପରିମଳ କାର୍ଯ୍ୟକ୍ରମ ତଦାରଖ କରିବା ସହ ଆଗାମୀ ଦିନରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରିବେ ବୋଲି କହିଥିଲେ। ଗୋଷ୍ଠି ଶୌଚାଳୟ ପରିଚାଳନାରେ ମହିଳାମାନେ ଭାଗିଦାର ହୋଇ ସ୍ୱାବଲମ୍ବି ହେବା ସହ ଗୋଷ୍ଠିଗତ କାର୍ଯ୍ୟ ନେଇ ଦକ୍ଷତା ତଥା ଅଭିଜ୍ଞତା ଅର୍ଜନ କରିବେ ବୋଲି କହିଥିଲେ ପଣ୍ଡା। ଆରଡିଏ ଅଧ୍ୟକ୍ଷ ସାରଦା ନାୟକ, ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଶାନ, କ୍ରୀଡାବିତ ମିନତୀ ମହାପାତ୍ର ପ୍ରମୁଖ ଏଥିରେ ଅତିଥି ରୂପେ ମଞ୍ଚାସୀନ ଥିଲେ। ଏହି ଅବସରରେ ଗୋଷ୍ଠି ଶୌଚାଳୟ ନେଇ ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାଙ୍କୁ କାର୍ଯ୍ୟଦେଶ ପତ୍ର ବଣ୍ଟନ କରାଯାଇଥିଲା। ବନ୍ଧମୁଣ୍ଡା ଅଞ୍ଚଳର ଶିକ୍ଷା ଏସଏଚଜି, ଭାବାନୀପୁର ଶିଖା ଏସଏଚଜି, କିଶାନଟୋଲା ଅଞ୍ଚଳର ଆର୍ଶିବାଦ ଏସଏଚଜି, ସୁଭଦ୍ରା ବସ୍ତିର ମା' ତାରିଣୀ ଏସଏଚଜି, ବାଂଲାଟୋଲା ଅଞ୍ଚଳର ବାହ୍ମଣୀ ଏସଏଚଜି, ଲେପର୍ସି କଲୋନୀର ମା' ତାରିଣୀ ଏସଏଚଜିକୁ ଏହି କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।



ଆରଏମ୍‌ସି ପକ୍ଷରୁ ଉଦିତ୍ ନଗର ହାଇସ୍କୁଲଠାରେ ବାହ୍ୟ ଶୌଚମୁକ୍ତ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## କଂଗ୍ରେସ ପକ୍ଷରୁ ନବବର୍ଷ ସମାବେଶ

**ରାଉରକେଲା ଅଫିସ,୧। ୧**

ଜିଲା କଂଗ୍ରେସ ପକ୍ଷରୁ ବାସୁ ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ସେକ୍ଟର-୨୧ କଂଗ୍ରେସ ଭବନଠାରେ ଏକ ସମାବେଶ ଆୟୋଜିତ ହୋଇଯାଇଛି । ଏଥିରେ ଉପସ୍ଥିତ ଜିଲା କଂଗ୍ରେସ ସଭାପତି ରବି ରାୟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଦଳୀୟ କର୍ମୀ ଶୁଭେଚ୍ଛା ଜ୍ଞାପନ କରିଥିଲେ। ରାୟ ତାଙ୍କ ବକ୍ତବ୍ୟରେ ନୂଆ ବର୍ଷ ସମସ୍ତ କର୍ମୀ ଓ ଦଳ ପାଇଁ ମଙ୍ଗଳମୟ ହେଉ ବୋଲି କାମନା କରିଥିଲେ। ସମସ୍ତ କାର୍ଯ୍ୟକର୍ତ୍ତା ମିଳିମିଶି ସମାଜର ଉତ୍‌ଥାନ ପାଇଁ କାମ କରନ୍ତୁ ବୋଲି ରାୟ ଏଥିରେ ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ଉପସ୍ଥିତ ବରିଷ୍ଠ ନେତୃମଣ୍ଡଳୀ ସମାବେଶରେ ବକ୍ତବ୍ୟ ପ୍ରଦାନ କରି ଆଗମୀ ଦିନରେ ଦଳକୁ ସଂଗଠିତ କରିବା ସହ ବହୁ ପ୍ରତିକ୍ଷିତ ସମ୍ଭାବନାକୁ ସାକାର କରିବାକୁ ସଂକଳ୍ପ ନେଇଥିଲେ। ଏଥିରେ ଅଜିତ ସାମଲ, ଦୀନବନ୍ଧୁ ଭୋଳ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପ୍ରମୋଦ ପ୍ରଧାନ, ରଶ୍ମିରଞ୍ଜନ ପାଢି, କୀର୍ତ୍ତନ ଦାସ, ଲତା ନାୟକ, ସୋମନାଥ ପଣ୍ଡା, ଗୋପାଳ ଦାସ, ଗଜେନ୍ଦ୍ର ତନ୍ତି, ଗିରିଜା ମିଶ୍ର, ମାନୁ ସାମଲ, ବିରୀନା ପ୍ରମୁଖ ଉପସ୍ଥିତ ଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

**ରାଉରକେଲା ଅଫିସ,୧।୧**

ନବ ବର୍ଷ ଉପଲକ୍ଷେ ବସ୍ତି ସୁରକ୍ଷା ସମିତି ପକ୍ଷରୁ ମାଲଗୋଦାମ, ମଧୁସୂଦନପାଲ୍ଲୀ, ରେଲୱେ କଲୋନୀ, ଗୋପବନ୍ଧୁପାଲ୍ଲୀ ଓ ଅମରନାଥ ବସ୍ତି ଅଞ୍ଚଳରେ ବସବାସ କରୁଥିବା ଅସହାୟ ଗରିବଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସଂଗଠନର କର୍ମକର୍ତ୍ତା ବୀରେନ ସେନାପତି ସ୍ଥାନୀୟ ବରିଷ୍ଠ ନାଗରିକଙ୍କୁ ଭେଟି ନବବର୍ଷର ଅଭିନନ୍ଦନ ଜଣାଇବା ସହ ସୁଖ ସମୃଦ୍ଧି କାମନା କରିଥିଲେ। ଏହି ଅବସରରେ ସେ ବସ୍ତି ବାସିନ୍ଦାଙ୍କ ସମସ୍ୟା ପଚାରି ବୁଝିବା ସହ ଅନ୍ୟ କେତକ ପ୍ରସଙ୍ଗରେ ମତ ବିନିମୟ କରିଥିଲେ। ବରିଷ୍ଠ ଉପଦେଷ୍ଟା ରାମାନନ୍ଦ ଶ୍ରୀଚନ୍ଦନ ନୂଆବର୍ଷରେ ବସ୍ତି ବାସିନ୍ଦାଙ୍କୁ ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ଏଥିରେ ୧୫୦ଜଣଙ୍କୁ କମ୍ବଳ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସନ୍ତୋଷ ବିଶ୍ୱାଳ, ଚିତ ମହାନ୍ତି, ରାମପୁକାର ସିଂ, ବିପିନ ଠାକୁର, ନିର୍ମଳା ମହାପାତ୍ର, ମମତା ଦତ, ରିଙ୍କୁ ଖାନ, ପପୁ ଖାନ, ଆବିଦ ହୁସେନ, ସିଦ୍ଧେଶ୍ୱର ମଲ୍ଲିକ ଓ ଶରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବଜାର ସଫା କଲେ ବ୍ୟବସାୟୀ

**ରାଉରକେଲା ଅଫିସ,୧।୧**

ପୁରୁଣା ବର୍ଷକୁ ବିଦାୟ ଜଣାଇବା ନେଇ ନାଚ ଗୀତ ପରବର୍ତ୍ତେ ବଜାର ପରିମଳ ଅବସ୍ଥାକୁ ସୁଧାରିବାକୁ ଗତ ସୋମବାର ସେକ୍ଟର-୧୮ ଡେଲି ମାର୍କେଟ ବ୍ୟବସାୟୀ ଉଚିତ ମଣିଥିଲେ। ନୂଆ ବର୍ଷ ୧ରୁ ଯେମିତି ମାର୍କେଟ ଅଞ୍ଚଳ ପରିଚ୍ଛନ୍ନ ରହେ ସେ ନେଇ ଏମାନେ ସମ୍ପୂର୍ଣ୍ଣ ପ୍ରଯତ୍ନ କରିଥିଲେ। ଆରଏସପି କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁ ଏହି ମାର୍କେଟର ପରିମଳ ଅବସ୍ଥା ଅସ୍ୱାସ୍ଥ୍ୟକର ହୋଇ ପଡିଥିବାବେଳେ ଡ୍ରେନ ସଫେଇ ହେଉ ନ ଥିଲା। ଦୀର୍ଘ ବର୍ଷ ହେବ ଏହି ଅବସ୍ଥା ଲାଗି ରହିଥିବାବେଳେ ଆବର୍ଜନା ଜଳ ନାଳରେ ଜମି ରହି ଦୁଷିତ ଅବସ୍ଥା ସୃଷ୍ଟି କରୁଥିଲା। ସମଗ୍ର ବଜାର ଭିତର ପାର୍ଶ୍ୱ ଗଳି ରାସ୍ତାରେ କୁଢ କୁଢ ଅଳିଆ ଜମା ହୋଇ ରହୁଥିଲା। ଏପରି ଅବସ୍ଥାରେ ମାର୍କେଟ କମିଟି ସଭାପତି ପ୍ରକାଶ ପୋଥାଳଙ୍କ ନେତୃତ୍ୱରେ ସଂଘ କର୍ମକର୍ତ୍ତା ମିଶି ଏହାକୁ ସଫା କରିଥିଲେ। ତାଙ୍କୁ ଉପସଭାପତି ରାଜକୁମାର ଗୁପ୍ତା, କୋଷାଧ୍ୟକ୍ଷ ରାଧାକାନ୍ତ ସୂତାର, ସମ୍ପାଦକ ରାକେଶ ପ୍ରସାଦଙ୍କ ସମେତ ବ୍ୟବସାୟୀ ଗୁଲଫାନ ହୁସେନ, ଗଣେଷ ମହାପାତ୍ର, ମୁକେଶ ଶର୍ମା, ସୌମ୍ୟରଞ୍ଜନ ଖୁଣ୍ଟିଆ ପ୍ରମୁଖ ମିଶି ବଜାର ପରିବେଶକୁ ପରିଷ୍କାର କରିଥିଲେ।



ନୂତନ ବାର୍ତ୍ତା ନେଇ ରାଉରକେଲା ସିଟିଜେନ୍ ଫୋରମ ପକ୍ଷରୁ ବିଜୁ ପଟ୍ଟନାୟକ ଗଣଦୌଡ।



ଲକ୍ଷେ ଘର ତନ୍ତୀ ପାତ୍ର ସମାଜ ପକ୍ଷରୁ ସେକ୍ଟର-୩ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ସମାବେଶ।

## ଲକ୍ଷେଘର ତନ୍ତୀ ପାତ୍ର ସମାଜ ପକ୍ଷରୁ ସମାବେଶ

**ରାଉରକେଲା ଅଫିସ,୧।୧**

ପୁରୁଣାକୁ ବିଦାୟ ଓ ନୂତନ ବର୍ଷକୁ ସ୍ୱାଗତ ନେଇ ଅଗ୍ରଣୀ ସାମାଜିକ ସଂଗଠନ ଲକ୍ଷେ ଘର ତନ୍ତି ପାତ୍ର ସମାଜ ସମନ୍ୱୟ ମଞ୍ଚ ପକ୍ଷରୁ ସୋମବାର ସଭାପତି ସୁରଥ ବାଗଙ୍କ ନେତୃତ୍ୱରେ ସେକ୍ଟର-୩ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁରେଶ ବାଦୀ ଓ ସନ୍ତୋଷ ମହାନନ୍ଦିଆ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇ ଘଟଣା ବହୁଳ ୨୦୧୮ବର୍ଷ ସମ୍ପର୍କରେ ଆଲୋଚନା କରିବା ସହ ୨୦୧୯ବର୍ଷ ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ ବୋଲି ଆଶା ବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଜେଠୁ ହରିପାଲ, ସମ୍ମାନିତ ଅତିଥି ଦୁର୍ଗା ତନ୍ତି, ହଳଧର ମହାନନ୍ଦ, ଜଗନ୍ନାଥ ଦାସଭାୟା, ହୃଷିକେଶ ତାଣ୍ଡିଆ ଓ ହୃଦାନନ୍ଦ ବୁଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସାମାଜିକ ସୌହାର୍ଦ୍ଦ, ଭାଇଚାରା ବଜାୟ ରଖିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଏକ ସୁସ୍ଥ ଶୃଙ୍ଖଳିତ ସମାଜ ଗଢିବାରେ ତନ୍ତି ପାତ୍ର ସମାଜ ଲୋକେ ଅଗ୍ରଣୀ ଭୂମିକା ତୁଲାଇବାକୁ ମଞ୍ଚାସୀନ ଅତିଥି ଆହ୍ୱାନ ଦେଇଥିଲେ। ଏଥିରେ ସମାଜର ୪୦ପରିବାର ଉପସ୍ଥିତ ରହି ବିଗତ ବର୍ଷର ଅନୁଭୂତି ବର୍ଣ୍ଣନା କରିଥିଲେ।

## ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ, ୧।୧ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ପ୍ରଶାସନ ଓ କେନ୍ଦ୍ର ସମବାୟ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ଭବାନୀ ଭବନ ପଡିଆରେ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁରେନ୍ଦ୍ର କୁମାର ମୀନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ତରଫରୁ ଜିଲାର କୃଷି ଓ କୃଷକଙ୍କ ଉନ୍ନତି ସହ ସ୍ୱୟଂ ସହାୟକ ଦଳଗୁଡିକୁ ଆତ୍ମନିର୍ଭରଶୀଳ କରିବାରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରି ଜିଲାର ବିକାଶରେ ବ୍ୟାଙ୍କର ସହଭାଗୀତା ରହିବାକୁ ଅନୁରୋଧ କରିଥିଲେ। ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଭବାନୀ ପ୍ରସାଦ ମାଝି ଏହି ଅବସରରେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ। ବ୍ୟାଙ୍କର ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ପଛରେ ଜିଲା ପ୍ରଶାସନର ସହଯୋଗର ପ୍ରତିଫଳନ ବୋଲି ସେ ପ୍ରକାଶ କରି ଆଗାମୀ ଦିନରେ ମଧ୍ୟ ଏହି ସହଯୋଗ ରହିବ ବୋଲି ଆଶା ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବ୍ୟାଙ୍କର ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନ୍ତି ବିବରଣୀ ପାଠ କରି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପରେ ଜିଲା କୃଷି ଉପନିର୍ଦ୍ଦେଶକ ରବିନାରାୟଣ ଶତପଥୀ, ଜିଲା ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କୁମାର କାଲୋ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସର୍ବେଶ୍ୱର ବାଗୁଡାଇ, ନାବାର୍ଡର ଡିଡିଏମ ଶକ୍ତିପ୍ରସନ୍ନ ମହାପାତ୍ର, ସୁନ୍ଦରଗଡ ପିଏଆଇଟିଡିଏ ବିଜୟ ପଟ୍ଟନାୟକ, ଡିଆରଏସଏସ ଜେରମ କେରକେଟାଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ଅଧିକାରୀମାନେ ନିଜ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ସରକାରୀ ସହାୟତା ସମ୍ବନ୍ଧରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ବ୍ୟାଙ୍କ ପରିଚାଳକ ପ୍ରଦ୍ୟୁମ୍ନ ନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାର ୩୯୧ଟି ଜେଏଲଜି (ମିଳିତ ଦେୟ ଗୋଷ୍ଠୀ), ୮୪ଟି ମହିଳା ସ୍ୱୟଂସହାୟକ ଦଳ ଓ କୃଷକମାନଙ୍କୁ ମୋଟ ୧୦କୋଟି ୪୪ଲକ୍ଷ ୬୮ହଜାର ଟଙ୍କା ଋଣ ବଣ୍ଟନ କରାଯାଇଥିଲା। ବ୍ୟାଙ୍କର ଏ.କେ ରାଉତ, ଏ.କେ. ପଶାୟତ, ବିଜୟ ପଣ୍ଡା, ଅମିତ ଓତା, ଏନ୍. କେ ସାହୁ, ଝରଣା ତାଜନ, ତନୁଶ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସମବାୟ ବ୍ୟାଙ୍କର କୃଷକ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ, ଅତିଥି।

■ ଷ୍ଟିଲ ସିଟିରେ ଶୀତ ଲହରି

## ବିଦ୍ୟାଳୟ ସମୟ ପରିବର୍ତ୍ତନ ନେଇ ଗୁରୁତ୍ୱାରୋପ

**ରାଉରକେଲା ଅଫିସ, ୧।୧**

ଷ୍ଟିଲ ସିଟିରେ ପ୍ରବଳ ଶୀତ ଲହରୀ ସାଙ୍ଗକୁ ଘନ କୁହୁଡି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ସକାଳ ୯ଟା ପର୍ଯ୍ୟନ୍ତ ଏହି ଅବସ୍ଥା ଲାଗି ରହୁଛି। ଷ୍ଟିଲ ଟାଉନସିପରେ ତାପମାତ୍ର

**ପୂର୍ବତନ ବିଧାୟକ ଦିଲୀପ ରାୟଙ୍କ ଉଦ୍‌ବେଗ**

୫ଡିଗ୍ରୀକୁ ଖସି ଆସୁଥିବାବେଳେ ସିଭିଲ ଟାଉନସିପ ଅଞ୍ଚଳରେ ଏହା ୬ରୁ ୭ଡିଗ୍ରୀ ରହୁଛି। ଏଭଳି ଅବସ୍ଥା ଆଉ କିଛି ଦିନ ଲାଗି ରହିବ ବୋଲି ପାଣିପାଗ ବିଭାଗ ସୂତ୍ରରୁ ଜଣା ପଡିଛି। ଏପରି ଅବସ୍ଥାରେ ପୂର୍ବତନ ବିଧାୟକ ଦିଲ୍ଲୀପ ରାୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସ୍କୁଲ ଯିବା ସମୟ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାକୁ ପରିବର୍ତ୍ତନ ନେଇ ସେ ଗୁରୁତ୍ୱାରୋପ କରିଛନ୍ତି। ଏ ନେଇ ତାଙ୍କ ପ୍ରତିନିଧି ରାଉରକେଲା ଏଡିଏମଙ୍କ ଅନୁପସ୍ଥିତିରେ କାର୍ଯ୍ୟ ତୁଲାଉଥିବା ପାନପୋଷ ଉପଜିଲାପାଳ ବିଶ୍ୱରଞ୍ଜନ ମହାପାତ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କୁହାଯାଇଛି ଯେ, ବୁଧବାର ସ୍କୁଲ ଖୋଲିବାକୁ ଯାଉଥିବାବେଳେ କୋମଳମତି ଶିଶୁମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେବେ। ସକାଳ ୭ଟା ସୁଦ୍ଧା ଅନେକ ବିଦ୍ୟାଳୟ ଆରମ୍ଭ ହେଉଥିବାରୁ ଛାତ୍ରୀଛାତ୍ର ଏ ନେଇ ନିଜକୁ ପ୍ରସ୍ତୁତ କରିବା ଅସମ୍ଭବ ହୋଇ ପଡିବ। କେବଳ ଏତିକି ନୁହେଁ ବିଦ୍ୟାଳୟ ନିର୍ଦ୍ଦେଶ ମତେ ପିଲାମାନେ ଯେଉଁ ହାଲୁକା ଜ୍ୟାକେଟ, ହାଫ ପ୍ୟାଣ୍ଟ ପରିଧାନ କରୁଛନ୍ତି ତାହା ଶୀତ ସମ୍ଭାଳିବା କଷ୍ଟକର ହେବ। ଅନେକ ଇଂଲିଶ ମାଧ୍ୟମ ବିଦ୍ୟାଳୟ ସହର ଠାରୁ ଦୂରରେ ରହିଥିବାବେଳେ ପିଲାଙ୍କୁ ବସ୍ ଧରିବାକୁ ହେଲେ ଭୋର ୫ଟାରୁ ଉଠିବାକୁ ହେବ। ପ୍ରବଳ ଶୀତ ଲହରୀକୁ ଛୋଟ ଶିଶୁ ସମ୍ମୁଖୀନ ହେବା ପର୍ବରୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଉ ବୋଲି ରାୟ ପରାମର୍ଶ ପ୍ରଦାନ କରିଛନ୍ତି। ଏ ନେଇ ପ୍ରତିନିଧି ମଣ୍ଡଳୀ ପକ୍ଷରୁ କୁହାଯାଇଛି ଯେ, ସକାଳ ୭ ପରିବର୍ତ୍ତେ ୮ଟାରେ ବିଦ୍ୟାଳୟ ଖୋଲାଗଲେ ହୁଏତ ଏହା ସବୁ ଦୃଷ୍ଟିରୁ ଗ୍ରାହଣୀୟ ହୋଇ ପାରିବ। ଏ ନଇ ମଙ୍ଗଳବାର ରାୟଙ୍କ ପ୍ରତିନିଧି ରମେଶ ବଳ, ରସିଦ ଆସଲମ, ଅବ୍ଦୁଲ ରବ, ଇର୍ସାଦ ଖାଁ, ଏମ ଆଦିଲ, ଏମଡି ଇଲିଆଶ, ମାନସ ମହାପାତ୍ର ପ୍ରମୁଖ ଉପଜିଲାପାଳ ମହାପାତ୍ରଙ୍କ ସମେତ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ଦାବି କରାଯାଇଛି।



ବିଦ୍ୟାଳୟ ସମୟ ପରିବର୍ତ୍ତନ ନେଇ ପୂର୍ବତନ ବିଧାୟକ ଦିଲୀପ ରାୟଙ୍କ ପକ୍ଷରୁ ପାନପୋଷ ଉପଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।